ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଅକ୍ଟୋବର ୧୯/୨୦୧୯ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, October 19/2019 | ★★★★
୪୫ଶ ଭାଗ ୩୨୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-

# ଗ୍ରାମାଞ୍ଚଳରେ ନିଷେଧ ହେବ ପ୍ଲାଷ୍ଟିକ

ଭୁବନେଶ୍ୱର, ୧୮।୧୦(ବ୍ୟୁରୋ)

ଆସନ୍ତାବର୍ଷରୁ ରାଜ୍ୟର ସମସ୍ତ ଗ୍ରାମାଞ୍ଚଳରେ ୫୦ ମାଇକ୍ରନରୁ କମ୍ ମୋଟେଇ ପଲିଥିନ ଓ ପ୍ଲାଷ୍ଟିକକୁ ନିଷେଧ କରାଯିବ। ଏ ନେଇ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗକୁ ପରିବେଶ ବିଭାଗ ପକ୍ଷରୁ ଜଣାଇ ଦିଆଯାଇଛି। ଶୁକ୍ରବାର ପରିବେଶ ନିର୍ଦ୍ଦେଶକ କେ. ମୁରୁଗେଶନ୍ ଗଣମାଧ୍ୟମକୁ ଏ ନେଇ ସୂଚନା ଦେଇଛନ୍ତି। ୨୦୧୮ରେ ରାଜ୍ୟକୁ ପଲିଥିନ ମୁକ୍ତ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୬ଟି ସହରରେ ପଲିଥିନ ବ୍ୟବହାରକୁ ନିଷେଧ କରାଯାଇଥିବା ବେଳେ ୨୦୧୯ ଅକ୍ଟୋବର ୨ ତାରିଖରୁ ସମସ୍ତ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନଏସି), ମ୍ୟୁନିସିପାଲିଟି ଏବଂ ମହାନଗର ନିଗମରେ

**ପଞ୍ଚାୟତିରାଜ ବିଭାଗକୁ ଜଣାଇଲା ପରିବେଶ ବିଭାଗ**

ପଲିଥିନ ବ୍ୟବହାର ଉପରେ ସମ୍ପୂର୍ଣ୍ଣ କଟକଣା ଜାରି କରାଯାଇଛି। ୨୦୧୯ ବିଜ୍ଞପ୍ତି ଅନୁଯାୟୀ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସମସ୍ତ ସହରରେ ଏହାକୁ କଡ଼ାକଡ଼ି କାର୍ଯ୍ୟକାରୀ କରିବାକୁ କୁହାଯାଇଛି। ନଗର ଉନ୍ନୟନ ବିଭାଗ ପଲିଥିନ ସଂଗ୍ରହ କରିବ । ଶିଳ୍ପ ବିଭାଗ ଏହାକୁ ପ୍ରକ୍ରିୟାକରଣ କରି ରାସ୍ତା ନିର୍ମାଣରେ ବ୍ୟବହାର କରିବାକୁ ପୂର୍ତ୍ତ ବିଭାଗକୁ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ନିର୍ଦ୍ଦେଶକ ମୁରୁଗେସେନ କହିଛନ୍ତି। ପଲିଥିନ ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ କରିବାକୁ ୧୦ଟି ସହରରେ ଓଡ଼ିଶା ପରିବେଶ ପରିଚାଳନା ପାଣ୍ଠିରୁ ଅର୍ଥ ଯୋଗାଇ ଦିଆଯିବ। ଗ୍ରାମାଞ୍ଚଳରେ ପଲିଥିନ କଟକଣା ଲାଗୁ ପାଇଁ ପ୍ରସ୍ତୁତି ଆରମ୍ଭ କରିବାକୁ ପରିବେଶ ବିଭାଗ ପକ୍ଷରୁ ପଞ୍ଚାୟତିରାଜ ବିଭାଗକୁ ଚିଠି ଲେଖି ଜଣାଇ ଦିଆଯାଇଛି ବୋଲି ସେ କହିଛନ୍ତି।

## ସଚିବାଳୟକୁ ନା

### ନିର୍ଦ୍ଦେଶ ନ ମାନିଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୧୮।୧୦(ବ୍ୟୁରୋ)-ବାରମ୍ବାର ଚିଠି ପରେ ମଧ୍ୟ ସଚିବାଳୟରେ କାର୍ଯ୍ୟରତ ଅଧିକାରୀ କିମ୍ବା କର୍ମଚାରୀ ପଲିଥିନ, ପ୍ଲାଷ୍ଟିକ ବ୍ୟବହାରକୁ ବନ୍ଦ କରୁନାହାନ୍ତି। ନିର୍ଦ୍ଦେଶ ନ ମାନିଲେ ଅଧିକାରୀ ଓ କର୍ମଚାରୀଙ୍କ ଉପରେ ହେବ କାର୍ଯ୍ୟାନୁଷ୍ଠାନ। ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ କ୍ରମେ ଜଙ୍ଗଲ ଓ ☞ପୃଷ୍ଠା-୪

# ଜଷ୍ଟିସ୍ ବୋବ୍‌ଡେ ପରବର୍ତ୍ତୀ ସିଜେଆଇ



ଏସ୍.ଏ. ବୋବ୍‌ଡେ

ନୂଆଦିଲ୍ଲୀ,୧୮।୧୦
(ପି.ଟି./ଆଇଏଏନ୍ଏସ୍)

ସୁପ୍ରିମକୋର୍ଟର ଦ୍ୱିତୀୟ ସର୍ବବରିଷ୍ଠ ବିଚାରପତି ଏସ୍.ଏ. ବୋବ୍‌ଡେ ଭାରତର ପରବର୍ତ୍ତୀ ପ୍ରଧାନ ବିଚାରପତି (ସିଜେଆଇ) ହେବାକୁ ଯାଉଛନ୍ତି। ସିଜେଆଇ ରଞ୍ଜନ ଗୋଗୋଇ ଶୁକ୍ରବାର କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରଣାଳୟକୁ ପତ୍ର ଲେଖି ଜଷ୍ଟିସ୍ ବୋବ୍‌ଡେଙ୍କୁ ତାଙ୍କ ଉତ୍ତରାଧିକାରୀ ଭାବେ ନିଯୁକ୍ତି ଦେବା ଲାଗି ସୁପାରିସ କରିଛନ୍ତି। ଦେଶର ୪୬ତମ ପ୍ରଧାନ ବିଚାରପତି ଭାବେ ୨୦୧୮ ଅକ୍ଟୋବର ୩ରେ ଶପଥ ନେଇଥିବା ଜଷ୍ଟିସ୍ ଗୋଗୋଇ ନଭେମ୍ବର ୧୭ରେ ଅବସର ଗ୍ରହଣ କରିବେ। ସାଧାରଣତଃ ପ୍ରଧାନ ବିଚାରପତି ଅବସର ନେବା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ନୀତି ସିଇଓଙ୍କ ଛାଟ**

■ ଏଫ୍ଆଇଏଚ୍ ଅଲିମ୍ପିକ୍ କ୍ୱାଲିଫାୟର୍ସ ହକି

# ଭାରତୀୟ ଦଳରେ ୪ ଓଡ଼ିଆ

ଭୁବନେଶ୍ୱର, ୧୮।୧୦
(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଏଫ୍ଆଇଏଚ୍ ଅଲିମ୍ପିକ୍ କ୍ୱାଲିଫାୟର୍ସ ହକି ନଭେମ୍ବର ୧ ଓ ୨ ତାରିଖରେ ଅନୁଷ୍ଠିତ ହେବ। ଏଥିରେ ଭାରତର ଉଭୟ ମହିଳା ଓ ପୁରୁଷ ଦଳ ଖେଳିବ। ପୁରୁଷ ଦଳ କଳିଙ୍ଗରେ ପୂର୍ବରୁ ଅନେକ ଟୁର୍ନାମେଣ୍ଟ ଖେଳି ସାରିଥିବାବେଳେ ମହିଳା ଦଳ ପ୍ରଥମଥର ପାଇଁ ଓଡ଼ିଶାରେ ଅନ୍ତର୍ଜାତୀୟ ମ୍ୟାଚ ଖେଳିବ। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ପାଇଁ ଶୁକ୍ରବାର ଭାରତୀୟ ମହିଳା ଓ ପୁରୁଷ ଦଳ ଘୋଷିତ ହୋଇଛି। ଓଡ଼ିଶାର ମୋଟ ୪ ଖେଳାଳି କ୍ୱାଲିଫାୟର୍ସ ଖେଳିବାକୁ ମନୋନୀତ ହୋଇଛନ୍ତି।



ଅମିତ ରୋହିଦାସ





ନମିତା ଟପ୍ପୋ, ଦୀପ୍ ଗ୍ରେସ୍ ଏକ୍କା, ଲିଲିମା ମିଞ୍ଜ

ମହିଳା ଦଳରେ ଦୀପ୍ ଗ୍ରେସ୍ ଏକ୍କା, ଲିଲିମା ମିଞ୍ଜ ଓ ନମିତା ଟପ୍ପୋ ସ୍ଥାନ ପାଇଥିବାବେଳେ ପୁରୁଷ ଦଳରେ ସାମିଲ ହୋଇଛନ୍ତି ଅମିତ ରୋହିଦାସ। କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା କ୍ୟାମ୍ପରେ ସାମିଲ ଥିବା ଅଭିଜ୍ଞ ବୀରେନ୍ଦ୍ର ଲାକ୍ରାଙ୍କୁ ୧୮ ଜଣିଆ ଦଳରୁ ବାଦ୍ ଦିଆଯାଇଛି। ମହିଳା ଦଳରେ ସ୍ଥାନ ପାଇଥିବା ୩ ଜଣ ଯାକ ଖେଳାଳି ଦୀପ୍ ଗ୍ରେସ, ଲିଲିମା ଓ ନମିତା ପୂର୍ବରୁ ୨୦୧୪ ଇଞ୍ଚିଅନ ଏସିଆନ ଗେମ୍ସରେ ବ୍ରୋଞ୍ଜ, ୨୦୧୮ ଜାକର୍ତ୍ତା ଏସିଆନ ଗେମ୍ସରେ ☞ପୃଷ୍ଠା-୪


Vencobb Fresh Chicken — Taste the difference!

18.10.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 66 | 114 | 124 |
| CTC | 65 | 113 | 123 |
| DKL | 65 | 113 | 123 |
| BDK | 65 | 113 | 123 |
| BLS | 66 | 114 | 124 |
| ANG | 67 | 115 | 125 |
| BHM | 64 | 111 | 121 |

*Conditions Apply

Issued in the Interest of Consumers








# ଦୁଇ ଘଣ୍ଟାରେ ଦୁଇ ସାଙ୍ଗଙ୍କ ଆତ୍ମହତ୍ୟା

## ପାରିବାରିକ କଳହ

ବାଲେଶ୍ୱର ଅଫିସ, ୧୮।୧୦

ପାରିବାରିକ କଳହକୁ କେନ୍ଦ୍ର କରି ତ୍ରିଲୋଚନ ଜେନା ନାମକ ଜଣେ ଯୁବକ ଆତ୍ମହତ୍ୟା କରିବା ଘଟଣାରେ ବ୍ୟଥିତ ହୋଇ ତାଙ୍କର ଜଣେ ବନ୍ଧୁ ଜୀବନ ହାରିଦେବା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ଏହା ଘଟିଛି ବାଲେଶ୍ୱର ସଦର ଥାନା ଅଧୀନ ସାହୁପଡ଼ାସ୍ଥିତ ସଦରପାଳ ଗାଁରେ। ଶୁକ୍ରବାର ଦୁଇ ଘଣ୍ଟା ବ୍ୟବଧାନରେ ଏହି ଦୁଇ ଯୁବବନ୍ଧୁଙ୍କ ଆତ୍ମହତ୍ୟା ଗାଁରେ ଶୋକାକୁଳ ପରିସ୍ଥିତି ସୃଷ୍ଟି କରିଛି। ପୋଲିସ ଦୁଇ ବନ୍ଧୁଙ୍କ ମୃତଦେହକୁ ଜବତ କରି ୨ଟି ପୃଥକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମଦ୍ୟପାନ ଓ ମଦ କାରବାରକୁ ନେଇ ପରିବାରରେ ଅଶାନ୍ତି ସୃଷ୍ଟି ଏହି ଦୁଇ ବନ୍ଧୁଙ୍କ ମୃତ୍ୟୁର କାରଣ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଥିବା ପୋଲିସ କହିଛି।

ଶୁକ୍ରବାର ମଧ୍ୟାହ୍ନରେ ସଦରପାଳ ଗାଁର ତ୍ରିଲୋଚନ (୪୫) ଘର ପଛପଟେ ଥିବା ଏକ ଗଛରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିଲେ। ତ୍ରିଲୋଚନଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସେହି ଗ୍ରାମର ତାଙ୍କ ବନ୍ଧୁ କ୍ରିତିଚନ୍ଦ୍ର ଜେନା (୩୭) ଦେଖିବାକୁ ଯାଇଥିଲେ। କ୍ରିତିଚନ୍ଦ୍ର ସେଠାରୁ ମର୍ମାହତ ହୋଇ ଘରକୁ ଫେରିବା ପରେ କୌଣସି କାରଣରୁ ଘରେ ଝଗଡ଼ା ହୋଇଥିଲା। ଏହାପରେ କ୍ରିତି କାହାରିକୁ କିଛି ନ କହି ଘର ଭିତରେ ପଶି ଯାଇ ଫ୍ୟାନ୍‌ରେ ଲୁଗା ଦେଇ ଆତ୍ମହତ୍ୟା କରିଥିଲେ। ସଦର ଥାନା ପୋଲିସ ମୃତଦେହ ଉଦ୍ଧାର କରି ତଦନ୍ତ କରିବା ପରେ ଜିଲା ମୁଖ୍ୟଚିକିତ୍ସାଳୟରେ ତ୍ରିଲୋଚନଙ୍କ ମୃତଦେହକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। କ୍ରିତିଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇ ନ ପାରିବାରୁ ଚିକିତ୍ସାଳୟରେ ରଖାଯାଇଛି।

# ବିଜେପୁର ଉପନିର୍ବାଚନ ଲାଗି ଛୁଟି ଘୋଷଣା

ଭୁବନେଶ୍ୱର, ୧୮।୧୦(ବ୍ୟୁରୋ)

ଆସନ୍ତା ୨୧ ତାରିଖରେ ହେବାକୁ ଥିବା ବିଜେପୁର ଉପନିର୍ବାଚନ ପାଇଁ ରାଜ୍ୟ ସରକାର ଛୁଟି ଘୋଷଣା କରିଛନ୍ତି। ସେହି ନିର୍ବାଚନ ମଣ୍ଡଳୀର ବାହାରେ ରହୁଥିବା ଭୋଟରମାନେ ନିର୍ବାଚନ ପୂର୍ବଦିନ, ନିର୍ବାଚନ ଦିନ ଓ ପରଦିନକୁ ମିଶାଇ ମୋଟ ୩ ଦିନ ଛୁଟି ନେଇ ପାରିବେ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ(ସ୍ୱରାଷ୍ଟ୍ର) ଘୋଷଣା କରିଛନ୍ତି।

ଏହାଛଡ଼ା ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥିବା କର୍ମଚାରୀମାନେ ତିନିଦିନରୁ ଅଧିକ ଦିନ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥିଲେ ସେମାନେ ମଧ୍ୟ ଗୋଟିଏ ଦିନ ସ୍ୱତନ୍ତ୍ର ଇଚ୍ଛାଧୀନ ଛୁଟି ନେଇ ପାରିବେ।




ବାବୁ ମହଲ: ମୋବାଇଲ ନିଶା
ଦେଖନ୍ତୁ ଭିଡିଓ
YouTube /dharitrilive




## ସ୍ୱାସ୍ଥ୍ୟ ବିଭାଗ ଓ ବିଜୁ ପଟ୍ଟନାୟକ ବିମାନବନ୍ଦର ମଧ୍ୟରେ ବୁଝାମଣା

# କ୍ୟାପିଟାଲ ହସ୍ପିଟାଲ, ନିଆଳି ସ୍ୱାସ୍ଥ୍ୟକେନ୍ଦ୍ରର ହେବ ବିକାଶ

ଭୁବନେଶ୍ୱର, ୧୮।୧୦(ବ୍ୟୁରୋ)

ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଓ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ମଧ୍ୟରେ ଶୁକ୍ରବାର ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ବୁଝାମଣାପତ୍ର ଅନୁଯାୟୀ ଜାତୀୟ ବିମାନବନ୍ଦର ପ୍ରାଧିକରଣ ଓ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦର ପକ୍ଷରୁ ସିଏସ୍‌ଆର ପାଣ୍ଠି ସହାୟତାରେ କ୍ୟାପିଟାଲ ହସ୍ପିଟାଲ ଏବଂ ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିକାଶ କରାଯିବ। ଏଥିପାଇଁ କ୍ୟାପିଟାଲ ହସ୍ପିଟାଲ ଓ ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୧୧କୋଟି ୪୮ଲକ୍ଷ ଟଙ୍କା ଦିଆଯିବ। ଲୋକସେବା ଭବନରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦାଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏଥିରେ ବିଭାଗର ସ୍ୱତନ୍ତ୍ର ସଚିବ ଡା. ହରପ୍ରସାଦ ପଟ୍ଟନାୟକ ଓ ବିମାନବନ୍ଦର ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ହୋତା ସ୍ୱାକ୍ଷର କରିଥିଲେ। ରାଜିନାମା ଅନୁଯାୟୀ, କ୍ୟାପିଟାଲ ହସ୍ପିଟାଲକୁ ବିମାନବନ୍ଦର କର୍ତ୍ତୃପକ୍ଷ ୪କୋଟି ୭୪ଲକ୍ଷ ଟଙ୍କା ଯୋଗାଇ ଦେବେ। ଏହି ଅର୍ଥରେ ହସ୍ପିଟାଲରେ ଦୁଇଟି ମଡ୍ୟୁଲାର ଅପରେଶନ ଗୃହ (ଓଟି) ସହିତ ଆଉ ଗୋଟିଏ ସାଧାରଣ ଓଟି ନିର୍ମାଣ ହେବ। ସେହିପରି ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କୋଠାର ସମ୍ପ୍ରସାରଣ କରାଯିବ। ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଅତ୍ୟାଧୁନିକ ଡାକ୍ତରୀ ଯନ୍ତ୍ରପାତି ଯୋଗାଣ ସହିତ ଏଠାରେ ନୂତନ ମହିଳା ଓ ଶିଶୁ ଚିକିତ୍ସା ଗୃହ ନିର୍ମାଣ ହେବ। ଏଥିପାଇଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ୬କୋଟି ୭୪ଲକ୍ଷ ଟଙ୍କା ମିଳିବ। ଏହି ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ ବିଭାଗର ଅତିରିକ୍ତ ସଚିବ ସୁଶାନ୍ତ ମହାପାତ୍ର, ଯୁଗ୍ମ ସଚିବ ସ୍ମିତା ବିଶ୍ୱାଳ, କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ, କଟକ ସିଡିଏମ୍‌ଓଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ସଂରକ୍ଷିତ ଜଙ୍ଗଲରେ ଦୃଶ୍ୟହେଲା ବାଘ ପାଦ ଚିହ୍ନ

ବୋଲଗଡ଼, ୧୮।୧୦ (ଡି.ଏନ.ଏ.)

ଖୋର୍ଦ୍ଧା ରେଞ୍ଜ ବୋଲଗଡ଼ ବନପାଳ କାର୍ଯ୍ୟାଳୟ ଅଧୀନ ନାଗାପଲ୍ଲୀ ସଂରକ୍ଷିତ ଜଙ୍ଗଲରେ ଶୁକ୍ରବାର ଏକ ବାଘର ପାଦଚିହ୍ନ ଦେଖିବାକୁ ମିଳିଛି। ଖବର ପାଇ ବନପାଳ ପ୍ରଦୀପ୍ତ କୁମାର ପଟ୍ଟନାୟକଙ୍କ ସମେତ ବନ କର୍ମଚାରୀମାନେ ଉକ୍ତ ଜଙ୍ଗଲକୁ ଯାଇଥିଲେ। ସେମାନେ ବୁଲୁଥିବା ବେଳେ ପାଟବନ୍ଧସ୍ଥିତ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିକଟରେ ହୋଇଥିବା ପ୍ଲାଣ୍ଟେସନ ଅଞ୍ଚଳରେ ବାଘର ପାଦଚିହ୍ନ ଦେଖିଥିଲେ। ବନପାଳ ପଟ୍ଟନାୟକ କହନ୍ତି, ଏହା କେଉଁ ପ୍ରଜାତିର ସ୍ପଷ୍ଟ ହୋଇ ନ ଥିଲେ ହେଁ କଲରାପତରିଆ ବାଘର ପାଦଚିହ୍ନ ବୋଲି ଅନୁମାନ କରାଯାଉଛି। ଏହାର ଫଟୋ ସହ ସେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିବା କହିଛନ୍ତି। ଖୋର୍ଦ୍ଧା ରେଞ୍ଜର ଉତ୍ତମ ଗଡନାୟକ କହନ୍ତି, ଉକ୍ତ ସଂରକ୍ଷିତ ଜଙ୍ଗଲରେ ଦେଖାଦେଇଥିବା ପାଦଚିହ୍ନ କଲରାପତରିଆ ବାଘର ହୋଇଥାଇପାରେ। ତଦନ୍ତ ପରେ ଏହା ସ୍ପଷ୍ଟ ହେବ। ସୂଚନାଯୋଗ୍ୟ କିଛିଦିନ ତଳେ ଅଞ୍ଚଳର ୩ଟି ଗାଈ ଜଙ୍ଗଲକୁ ଚରିବାକୁ ଯାଇ ଫେରି ନ ଥିଲେ। ଖୋଜାଖୋଜି ପରେ ଗାଈଗୁଡିକର କ୍ଷତବିକ୍ଷତ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ଗାଈଗୁଡିକୁ ବାଘ ଖାଇଥିବା ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଥିଲା।


ପାଟବନ୍ଧ ନିକଟ ଜଙ୍ଗଲରେ ଦେଖାଯାଇଥିବା ବାଘର ପାଦ ଚିହ୍ନ।

ସେହିପରି ପ୍ରାୟ ୨ବର୍ଷ ପୂର୍ବେ ଆରିକମାସ୍ଥିତ କୋଶଳାଶୁଣୀ ଜଙ୍ଗଲରେ ଏକ କଲରାପତରିଆ ବାଘର ପାଦ ଚିହ୍ନ ଦେଖିବାକୁ ମିଳିଥିଲା। ଖବର ଜଣାପଡିବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି।

# ସିବିଆଇ ଜାଲରେ ସହକାରୀ ପୋଷ୍ଟମାଷ୍ଟର

ଚିତ୍ରଡା, ୧୮।୧୦(ଡି.ଏନ୍.ଏ.)

କମିଶନି ଟଙ୍କା କରାଇଦେବାକୁ ଏଜେଣ୍ଟଙ୍କଠାରୁ ଲାଞ୍ଚ ନେବା ବେଳେ ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡା ଉପ ଡାକଘରର ସହକାରୀ ପୋଷ୍ଟମାଷ୍ଟର ଶୁକ୍ରବାର ସିବିଆଇ ହାତରେ ଧରାପଡ଼ିଛନ୍ତି। ଭୁବନେଶ୍ୱରରୁ ଆସିଥିବା ଏକ ୬ ଜଣିଆ ସିବିଆଇ ଟିମ୍ ତାଙ୍କୁ ଗିରଫ କରିଛି। ଗିରଫ ସହକାରୀ ପୋଷ୍ଟମାଷ୍ଟର ହେଲେ ସ୍ନେହାଶିଷ ପରିଡା। ତାଙ୍କ ଡାକ ସର୍କଲରେ କାମ କରୁଥିବା ଏଜେଣ୍ଟମାନଙ୍କ କମିଶନି ଟଙ୍କା କରାଇ ଦେବାକୁ ସେ ଲାଞ୍ଚ ନେଉଥିବା ଅଭିଯୋଗ ହେଉଥିଲା। ସନ୍ଧ୍ୟା ସମୟରେ ମୋରଡ଼ା ବ୍ଲକ ଅଧୀନ ଧାନସଲା ଗ୍ରାମର ବ୍ରଜ କିଶୋର ମହାନ୍ତଙ୍କଠାରୁ ସେ ୪୦୦୦ଟଙ୍କା ଲାଞ୍ଚ ନେଉଥିଲେ। ଏହି ସମୟରେ ସିବିଆଇ ଟିମ ଚଢ଼ାଉ କରି ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରିଥିବା ସିବିଆଇ ଟିମ୍‌ର ଇନ୍ସପେକ୍ଟର ପି. ସି. ସାହୁ କହିଛନ୍ତି। ସିବିଆଇ ଟିମ୍ ତାଙ୍କୁ ଗିରଫ କରି ଚିତ୍ରଡା ଫାଣ୍ଡିରେ ପଚରାଉଚରା ଚଳାଇଛି। ଉଲ୍ଲେଖଯୋଗ୍ୟ ଯେ, ବ୍ରଜ କିଶୋରଙ୍କ ସ୍ତ୍ରୀ କଳ୍ପନା ମହାନ୍ତ ଭୋଳାଗଡ଼ିଆ ଅଞ୍ଚଳର ପୋଷ୍ଟାଲ ଏଜେଣ୍ଟ ରହିଛନ୍ତି।




# କ୍ଷମତାର ଦୁରୁପଯୋଗ: ୩ ପୋଲିସ ଅଫିସର ବିଦା

**ଭୁବନେଶ୍ୱର, ୧୮।୧୦(ବ୍ୟୁରୋ):** ବିଦାହେଲେ ୩ ପୋଲିସ ଅଫିସର। କ୍ଷମତାର ଦୁରୁପଯୋଗ କରିବା ଅଭିଯୋଗରେ ସେମାନଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଥିବା ନେଇ ଟୁଇଟ୍ କରି ସୂଚନା ଦେଇଛନ୍ତି ପୋଲିସ ଡିଜି ବିଜୟ କୁମାର ଶର୍ମା। ସେମାନେ ହେଲେ ସବ୍‌ଇନ୍ସପେକ୍ଟର ବନମାଳୀ ନାୟକ, ଏଏସ୍‌ଆଇ ବୀରବର ଲେଙ୍କା ଓ କିଶୋର ବାଗ। ଓଡିଶା ସର୍ଭିସ୍ କୋଡ୍ ରୁଲ-୭୧ ଅନୁସାରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏହାପୂର୍ବରୁ ମଧ୍ୟ ଅନେକ ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କୁ ଚାକିରି କାଳ ସରିବା ପୂର୍ବରୁ ରାଜ୍ୟ ସରକାର ବାଧ୍ୟତାମୂଳକ ଅବସର ଦେଇ ବିଦା କରିଛନ୍ତି। ଗତ ୨ ତାରିଖରୁ ପ୍ରଥମ ପର୍ଯ୍ୟାୟରେ ପୋଲିସ ଓ ସ୍ୱାସ୍ଥ୍ୟ ବିଭାଗରେ 'ମୋ ସରକାର' କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ସରକାର '୫-ଟି' ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଯେଉଁମାନେ '୫-ଟି' ଅନୁସାରେ କାର୍ଯ୍ୟ କରୁନାହାନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ହସ୍ପିଟାଲ ପରିସର ଦଲାଲ ମୁକ୍ତ କରିବା ଏବଂ ଥାନାଗୁଡ଼ିକରେ ଅଭିଯୋଗକାରୀଙ୍କୁ ସମସ୍ତ ସୁବିଧା ଯୋଗାଇ ଦେବାକୁ ସରକାର ଗୁରୁତ୍ୱ ଦେଉଛନ୍ତି। ଦୁର୍ନୀତିଖୋର ଅଫିସର ଓ କର୍ମଚାରୀମାନଙ୍କୁ ସରକାର ଆଉ ବରଦାସ୍ତ କରିବେ ନାହିଁ। ଅଭିଯୋଗ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ। ପୂର୍ବରୁ ଆଉ ଜଣେ ପୋଲିସ ଅଫିସରଙ୍କୁ ସରକାର ବାଧ୍ୟତାମୂଳକ ଅବସର ଦେଇଥିଲେ। ବର୍ତ୍ତମାନ ସୁଦ୍ଧା ସରକାର ୪ଜଣ ପୋଲିସ ଅଫିସରଙ୍କୁ ବିଦା କଲେଣି।

**ବାଧ୍ୟତାମୂଳକ ଅବସର ଦିଆଯାଇଥିବା ନେଇ ଟୁଇଟ୍ କଲେ ଡିଜିପି**

# ମପାଯିବ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା

**ଭୁବନେଶ୍ୱର, ୧୮।୧୦ (ବ୍ୟୁରୋ):** ମୋ ସରକାର ଏବଂ ୫-ଟି କାର୍ଯ୍ୟକାରୀ କ୍ଷେତ୍ରରେ ସରକାରୀ କର୍ମଚାରୀ ଓ ଅଧିକାରୀମାନଙ୍କ କାର୍ଯ୍ୟଦକ୍ଷତା ମପାଯିବ। ଏ ନେଇ କର୍ମଚାରୀମାନଙ୍କର ବାର୍ଷିକ କାର୍ଯ୍ୟଦକ୍ଷତା ରିପୋର୍ଟ ବା ଆନୁଆଲ ପରଫର୍ମାନ୍ସ ଆପ୍ରେଜାଲ ରିପୋର୍ଟ (ପିଏଆର) ପ୍ରସ୍ତୁତ କରାଯିବ। ଶୁକ୍ରବାର ସମସ୍ତ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ସଚିବ, ସଚିବ, ବିଭାଗୀୟ ମୁଖ୍ୟ ଦପ୍ତର, ସମସ୍ତ ଆରଡିସି ଏବଂ ଜିଲାପାଳଙ୍କୁ ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଚିଠି ଲେଖାଯାଇଛି। ଉକ୍ତ ଚିଠିରେ ଦର୍ଶାଯାଇଛି ଯେ ରାଜ୍ୟ ସରକାର 'ମୋ ସରକାର' କାର୍ଯ୍ୟକ୍ରମ ଜରିଆରେ ଜନସାଧାରଣଙ୍କ ଠାରୁ ବିଭିନ୍ନ ଯୋଜନା ବାବଦରେ ମତାମତ ଲୋଡୁଛନ୍ତି। ପ୍ରଥମ ପର୍ଯ୍ୟାୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ପୋଲିସ ସଂଗଠନକୁ ଏହି କାର୍ଯ୍ୟକ୍ରମ ପରିସରଭୁକ୍ତ କରାଯାଇଛି। ଏହା ଅନ୍ୟ ବିଭାଗକୁ ମଧ୍ୟ ସମ୍ପ୍ରସାରିତ କରାଯିବ। ସର୍ବଭାରତୀୟ ପ୍ରଶାସନିକ ସେବା(ଏଆଇଏସ୍)ଅଧିକାରୀଙ୍କୁ ନିଜର କାର୍ଯ୍ୟଦକ୍ଷତା ପାଇଁ ବାର୍ଷିକ ୧୦ ନମ୍ବର ଦିଆଯିବାକୁ ଥିବା ବେଳେ ରାଜ୍ୟ ସରକାରୀ କର୍ମଚାରୀଙ୍କୁ ମୋ ସରକାର ଓ ୫-ଟି ପାଇଁ ୨୦ ପ୍ରତିଶତ ଅଗ୍ରାଧିକାର ଦେବାକୁ ନିଷ୍ପତ୍ତି ହୋଇଛି।

ଏଆଇଏସ୍ ଅଧିକାରୀଙ୍କୁ ୧୦ ମଧ୍ୟରୁ ୨ ନମ୍ବର ମୋ ସରକାର ଓ ୫-ଟି ପାଇଁ ପ୍ରଦାନ କରାଯିବ। ସେହିପରି ରାଜ୍ୟ ସରକାରଙ୍କ କର୍ମଚାରୀଙ୍କୁ ସେମାନଙ୍କ କାର୍ଯ୍ୟ ଦକ୍ଷତାର ୨୦ ପ୍ରତିଶତ ମଧ୍ୟରୁ ୫-ଟି ପାଇଁ ୧୫ ଓ ମୋ ସରକାର ପାଇଁ ୫ ପ୍ରତିଶତ ଅଗ୍ରାଧିକାର ମିଳିବ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

**'ମୋ ସରକାର', ୫-ଟିକୁ ଅଗ୍ରାଧିକାର**






**ଆଜିର ମନ୍ତବ୍ୟ**
ବିଶ୍ୱସ୍ତରରେ ଭାରତ ବିରୋଧୀ ପ୍ରସଙ୍ଗକୁ ଦୃଢ଼ କରିବା ପାଇଁ କଂଗ୍ରେସକୁ ବ୍ୟବହାର କରୁଛି ପାକିସ୍ତାନ। –ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

**କିଛି ତଥ୍ୟ**
ଦେଶରେ ବ୍ରଡବ୍ୟାଣ୍ଡ ସବସ୍କ୍ରାଇବରଙ୍କ ସଂଖ୍ୟାରେ ୧.୮୭% ବୃଦ୍ଧି ଘଟି ୬୧.୫୫ କୋଟି ଛୁଇଁଛି। – ଟ୍ରାଇ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଡୁଗୁ
ପରିବାରବର୍ଗ


ମାମାଲି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ହର୍ଷିତା ଚୌଧୁରୀ


ଅଂଶୁମାନ ପାଢ଼ୀ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

### ଅଲ୍ ଓଡ଼ିଶା ବାର୍ ଆସୋସିଏଶନ ବୈଠକ

# ଯୋଗଦେଲେ ୯୩ ବାର୍ ଆସୋସିଏଶନ କର୍ମକର୍ତ୍ତା

**୨୧ରେ ଅଦାଲତ ଅବମାନନା ମାମଲାରେ ଜବାବ ରଖିବ ହାଇକୋର୍ଟ ବାର୍ ଆସୋସିଏଶନ**

କଟକ ଅଫିସ, ୧୮।୧୦

ରାଜ୍ୟର ବିଭିନ୍ନ ଅଦାଲତରେ ଖାଲି ପଡ଼ିଥିବା ବିଚାରପତି ପଦବୀ ପୂରଣ, ହାଇକୋର୍ଟ ପକ୍ଷରୁ ରୁଜୁ ଅଦାଲତ ଅବମାନନା ମାମଲାକୁ ନେଇ ଶୁକ୍ରବାର ହାଇକୋର୍ଟ ବାର୍ ଆସୋସିଏଶନ ସମ୍ମିଳନୀ କକ୍ଷରେ ଅଲ୍ ଓଡ଼ିଶା ବାର୍ ଆସୋସିଏଶନର ବୈଠକ ଅନୁଷ୍ଠିତ ହୋଇଯାଇଛି। ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ଗୋପାଳକୃଷ୍ଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟର ୧୪୬ ବାର୍ ଆସୋସିଏଶନ ମଧ୍ୟରୁ ୯୩ଟିର କର୍ମକର୍ତ୍ତା ଯୋଗଦେଇଥିଲେ। ୧୩ ବାର୍ ଆସୋସିଏଶନ ପତ୍ର ମାଧ୍ୟମରେ ବୈଠକର ନିଷ୍ପତ୍ତିରେ ସହମତି ପ୍ରକାଶ କରିଛନ୍ତି।

ବାର୍ ଆସୋସିଏଶନଗୁଡ଼ିକ ପକ୍ଷରୁ ବିଭିନ୍ନ ସମୟରେ କୋର୍ଟ ବର୍ଜନ ଆନ୍ଦୋଳନ କରାଯାଉଥିବାରୁ ହାଇକୋର୍ଟଙ୍କ ରେଜିଷ୍ଟ୍ରାର ଜେନେରାଲଙ୍କ ପକ୍ଷରୁ ଅଦାଲତ ଅବମାନନା ମାମଲା ରୁଜୁ ହୋଇଥିଲା। ଗତ ୧୫ତାରିଖରେ ହାଇକୋର୍ଟଙ୍କ ଫୁଲ୍ ବେଞ୍ଚ ବସି ଏହି ମାମଲାର ଶୁଣାଣି କରି ୧୩୬ ପ୍ରତିପକ୍ଷଙ୍କୁ ନୋଟିସ ଜାରି କରିଥିଲେ। ଏଥିରେ ୬୮ ବାର୍ ଆସୋସିଏଶନ ରହିଛନ୍ତି। ଏହି ମାମଲାର ପରିଚାଳନା ପାଇଁ ବୈଠକରେ ହାଇକୋର୍ଟ ବାର୍ ଆସୋସିଏଶନର ଏକାଧିକ ବରିଷ୍ଠ ଆଇନଜୀବୀଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। ନୋଟିସ୍‌ର ଜବାବ ଦେବା ପାଇଁ ୩୭ ବାର୍ ଆସୋସିଏଶନ ସେମାନଙ୍କ ଓକିଲାତିନାମା ହାଇକୋର୍ଟ ବାର୍ ଆସୋସିଏଶନକୁ ପ୍ରଦାନ କରିଛନ୍ତି। ଆସନ୍ତା ୨୧ତାରିଖରେ ଉକ୍ତ ମାମଲାର ଜବାବ ରଖାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

ସେହିପରି ଖାଲି ପଡ଼ିଥିବା ବିଚାରପତି ପଦବୀଗୁଡ଼ିକ ପୂରଣ ପାଇଁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବା ନେଇ ବୈଠକରେ ଆଲୋଚନା କରାଯାଇଥିଲା। ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ରାଜ୍ୟର ସମସ୍ତ ବାର୍ ଆସୋସିଏଶନ ପକ୍ଷରୁ ବଡ଼ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଅନ୍ୟପକ୍ଷରେ ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ଯେଉଁ କୋର୍ଟ ବର୍ଜନ ଆନ୍ଦୋଳନ ଚାଲିଛି ତାହା ଆସନ୍ତା ୨୧ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ହାଇକୋର୍ଟ ସହ କଟକ ସହରର ବିଭିନ୍ନ ଅଦାଲତରେ ମଧ୍ୟ ଆଇନଜୀବୀମାନେ କାର୍ଯ୍ୟରେ ଯୋଗଦେବେ ନାହିଁ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ହାଇକୋର୍ଟ ବାର୍ ଆସୋସିଏଶନ ସମ୍ପାଦକ ସଞ୍ଜୟ କୁମାର ଦାସ, ସହ ସମ୍ପାଦିକା ପଦ୍ମାଳୟା ମହାପାତ୍ର, ଆହ୍ୱାନ କମିଟି ସଦସ୍ୟ ଗଣେଶ୍ୱର ରଥ, ଗଙ୍ଗାଧର ତ୍ରିପାଠୀ, ଅଶୋକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଧନାଧିପତିଙ୍କ ସ୍ୱଗୃହ ସଂସ୍ଥାନରୁ ଅର୍ଥନୈତିକ ଉତ୍କର୍ଷତା ମୁହଁରେ ହସ ଫୁଟାଇବ। କିନ୍ତୁ ଏମିତି କେତେକ କାମ ରହିଛି ଯାହାକି ମନ ଚାହୁଁଥିଲେ ମଧ୍ୟ ଆପଣ ଅସମର୍ଥ ହୋଇପଡ଼ିବେ। ପାରିବାରିକ ସୌଖ୍ୟ ସାଙ୍ଗକୁ ପୁତ୍ରକନ୍ୟାଙ୍କ ସମସ୍ୟାର ସମାଧାନ କରିବାରେ ସମର୍ଥ ହେବେ। ଆତ୍ମୀୟମାନେ ଅସୁବିଧାରେ ପକାଇବାକୁ ଚେଷ୍ଟା କରିପାରନ୍ତି।

**ବୃଷ**
ଚନ୍ଦ୍ରଙ୍କ ଶୁଭ ପ୍ରଭାବରେ ଅଶାନ୍ତି ଓ ଅର୍ଥାଭାବର ପରିସ୍ଥିତି କ୍ରମଶଃ ବଦଳିବାରେ ଲାଗିବ। ବନ୍ଧୁମାନେ ସାମୟିକ ସହଯୋଗକୁ ନିଜର ସ୍ୱାର୍ଥ ସାଧନ ଦିଗରେ ଲଗାଇପାରନ୍ତି। କିନ୍ତୁ ପରିବାରରେ ଭୁଲ୍ ବୁଝାମଣା କାରଣରୁ ଭାଇ କିମ୍ବା ଭଉଣୀଙ୍କ ସହ ସମ୍ପର୍କ ଭଲ ରହି ନ ପାରେ। ଆର୍ଥିକ ଅନଟନ ମଧ୍ୟରେ ଅଣନିଃଶ୍ୱାସୀ ହୋଇପାରନ୍ତି।

**ମିଥୁନ**
ରାଶିରେ ରାହୁ ଓ ଚନ୍ଦ୍ରଙ୍କ ସଂଯୋଗ ଆପଣଙ୍କ ଚିନ୍ତାଧାରାକୁ ବଦଳାଇ ଦେଇପାରେ। ତଥାପି ସ୍ତ୍ରୀଙ୍କ ଅନୁପ୍ରେରଣା, ପଡ଼ୋଶୀଙ୍କ ପ୍ରତ୍ୟକ୍ଷ ସହଯୋଗ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ସାହାଯ୍ୟ କରିବ। ପରିଭ୍ରମଣ, ନୂତନ ସ୍ଥାନ ପରିଦର୍ଶନ ସୁଯୋଗ ପାଇବେ। ସଭାସମିତି, ଜମିଜମା ଏବଂ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିଶେଷ ଭଲ ରହି ନ ପାରେ।

**କର୍କଟ**
ଏକାଦଶସ୍ଥ ଚନ୍ଦ୍ର ହେତୁ ଏକାଧାରରେ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଅତୁଟ ରହିବ। ବନ୍ଧୁଙ୍କ ସାହାଯ୍ୟ ଓ ବଦାନ୍ୟତା ଆପଣଙ୍କୁ ଅର୍ଥଲାଭ କରାଇଲେ ସୁଦ୍ଧା ଶନିଙ୍କ ପ୍ରଭାବରେ ପାରିବାରିକ କ୍ଷେତ୍ରକୁ ଅସ୍ଥିରତା ପ୍ରଦାନ କରିପାରନ୍ତି। ଆଲୋଚନା ପରିସରରେ ବିପକ୍ଷ ବ୍ୟକ୍ତିମାନଙ୍କ ଅକାଟ୍ୟ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ।

**ସିଂହ**
ଦିନଟିରେ ପରିବାର, କର୍ମକ୍ଷେତ୍ର, ଶିକ୍ଷା ତଥା ଗୁରୁତ୍ୱପୂର୍ଣ୍ଣ ଆଲୋଚନା କ୍ଷେତ୍ରକୁ ସରସ ସୁନ୍ଦର କରିବାରେ ସମର୍ଥହେବ। ଯେଉଁ ଜିନିଷ ପାଇବା ପାଇଁ ଚିନ୍ତା କରୁଥିଲେ ଆଜି ଅପରାହ୍ନରେ ତାହା ଟିକିଏ ବିଳମ୍ବରେ ପାଇବେ। ସଭାସମିତି, କଳା ସାହିତ୍ୟ, ରାଜନୀତି, ଜମିଜମା କାରବାର ତଥା ଗଠନମୂଳକ କାର୍ଯ୍ୟରେ କାମ କରି ଉଚ୍ଚ ପ୍ରଶଂସିତ ହେବେ।

**କନ୍ୟା**
କର୍ମକ୍ଷେତ୍ରରେ ଉଚ୍ଚ ବର୍ଗର ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସାହାଯ୍ୟ ଲାଭ କରି ଗଠନମୂଳକ କିମ୍ବା ସାମୂହିକ କାମରେ ନିଜର ପରିଆରା ଜାହିର କରିପାରିବେ। ରାଜନୈତିକ କ୍ଷେତ୍ରରେ ଲୋକସମ୍ପର୍କ ବୃଦ୍ଧି ପାଇବ ଏବଂ ସାମାଜିକ ପ୍ରତିଷ୍ଠା ମଧ୍ୟ ଅକ୍ଷୁଣ୍ଣ ରହିବ। ଶନିଙ୍କ ସୂତ୍ରରୁ ଋଣ ସୂତ୍ରରେ ଅର୍ଥଲାଭ କରିବେ ଏବଂ ସ୍ତ୍ରୀ, ପ୍ରତିଦ୍ୱନ୍ଦ୍ୱୀ, ବାଣିଜ୍ୟ ଓ ଯାତ୍ରା ସମ୍ପର୍କରେ ଚିନ୍ତା ବଢ଼ିବ।

**ତୁଳା**
ଆଜି ମନରେ ବହୁବିଧ ଭାବନା ଉଦ୍ରେକ ହେବ କିନ୍ତୁ ବେଶି ଆଶାକରି କିଛି ପାଇବେ ନାହିଁ। ନିଜର ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। ବହୁ ପୂର୍ବର ସୁପରିକଳ୍ପିତ ଯୋଜନାକୁ ବାସ୍ତବ ରୂପ ଦେବାରେ ସଫଳ ହେବେ। ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ, ତଥାପି ଜିନିଷପତ୍ର ହଜିଯିବାର ସମ୍ଭାବନା ରହିଛି।

**ବିଛା**
ଆଜି ଆପଣ ଯାହା କରନ୍ତୁନା କାହିଁକି କୌଣସି ଅସୁବିଧା ହେବନାହିଁ। ଅବଶ୍ୟ ଶନିଙ୍କ କୁପ୍ରଭାବରୁ ପ୍ରିୟଜନଙ୍କ ସହ ଏକ ସାଧାରଣ କିମ୍ବା ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ଅଫିସରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରି ପ୍ରଶଂସିତ ହେବେ। ବିବାଦୀୟ ଘଟଣା କିମ୍ବା ମାଲି ମକଦ୍ଦମା ଫଇସଲା ହେବାର ସମ୍ଭାବନା ରହିଛି।

**ଧନୁ**
ଆଜି ଆପଣଙ୍କ ପାଇଁ ଯିଏ ଖାଲ ଖୋଳିବ ସେଥିରେ ସେହି ବ୍ୟକ୍ତି ପଡ଼ିବାର ଖବର ପାଇବେ। ତଥାପି ସରଳ ଭାବେ ଅନ୍ୟମାନଙ୍କୁ ବିଶ୍ୱାସ କଲେ ହଇରାଣରେ ପଡ଼ିପାରନ୍ତି। ସନ୍ତାନମାନଙ୍କ ବୈବାହିକ କର୍ମ ସମ୍ପାଦନ ସକାଶେ ନୂତନ ବନ୍ଧୁ ପ୍ରସ୍ତାବ ସମ୍ପର୍କିତ ଆଲୋଚନା ଫଳପ୍ରଦ ହୋଇପାରେ। ଶାରୀରିକ ସୁସ୍ଥତା ଫେରିପାଇବେ।

**ମକର**
ଗଣତନ୍ତ୍ରର ପ୍ରତୀକ ଶନିଷ୍ଟର ଗଣମାଧ୍ୟମ ସମ୍ବନ୍ଧିତ ବ୍ୟକ୍ତିମାନଙ୍କ ସକାଶେ ଖୁସି ଖବର ପ୍ରଦାନ କରିବେ। ବୈରାଗ୍ୟକାରକ ହେତୁ ବୈଷୟିକ କ୍ଷେତ୍ରରେ ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟରେ ସମସ୍ୟା କ୍ରମଶଃ ଦୂରେଇଯିବ କିନ୍ତୁ କେତେକ କ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କୁମ୍ଭ**
କର୍ମକ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ କିନ୍ତୁ ମାନସିକ ସ୍ତରରେ ସମ୍ପୂର୍ଣ୍ଣ ଖୁସି ହୋଇପାରିବେ ନାହିଁ। ଆଗାମୀ ସମୟର ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ । ସାହିତ୍ୟ, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ଲାଗିରହିବ। ପ୍ଲଟିଂ କାରବାର, ପ୍ରଶାସନ ଓ ଆନୁଷ୍ଠାନିକ କାମରେ ସମସ୍ୟାର ସମାଧାନ କରିପାରିବେ।

**ମୀନ**
କର୍ମକ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହେବାର ଆଶଙ୍କା ରହିଛି। ପରିସ୍ଥିତି ଏପରି ହେବ ଯେ ଆଜି ଆପଣ କୌଣସି ଗୋଟିଏ ସ୍ଥାନରେ ଦୀର୍ଘ ସମୟ ରହିବା କଷ୍ଟପ୍ରଦ ହୋଇପାରେ। ଅବଶ୍ୟ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରତିଷ୍ଠା ସାଙ୍ଗକୁ ପ୍ରଶଂସିତ ହେବେ।

ଆଜି କାର୍ତ୍ତିକ କୃଷ୍ଣ ପଞ୍ଚମୀ ଯୁକ୍ତ ଷଷ୍ଠୀ ଶନିବାର, ଅକ୍ଟୋବର ୧୯ ତାରିଖ, ବିଶ୍ୱ ଶୌଚାଳୟ ଦିବସ, ରାଶି ନକ୍ଷତ୍ର–ମୃଗଶିରା/ବୃଷ, କନ୍ୟା ରାଶିର ଘାତଚନ୍ଦ୍ର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ସକାଳ ଘ୬।୩୨ମି. ମଧ୍ୟେ ଘ୭।୧୮ମି. ଗତେ, ଘ୯।୩୬ମି. ମଧ୍ୟେ ଘ୧୧।୫୪ମି. ଗତେ, ଘ୨।୫୮ମି. ମଧ୍ୟେ ଅମୃତବେଳା । ଦିବା ଘ୭।୧୧ମି. ଗତେ ଘ୮।୪୭ମି. ମଧ୍ୟେ ମାହେନ୍ଦ୍ରବେଳା । ଦିବା ଘ୮।୩୯ମି. ଗତେ ଘ୧୦।୦୫ମି. ମଧ୍ୟେ ରାହୁକାଳ।

## ସଚିବାଳୟକୁ ନା

ପରିବେଶ ବିଭାଗ ନିର୍ଦ୍ଦେଶକ ସମସ୍ତ ବିଭାଗର ଅଧିକାରୀଙ୍କୁ ଡାକି ଶୁକ୍ରବାର ଖାରବେଳ ଭବନରେ ଏକ ବୈଠକ କରିଛନ୍ତି। ବିଭାଗୀୟ ଅଧିକାରୀମାନଙ୍କୁ ପ୍ଲାଷ୍ଟିକ ସାମଗ୍ରୀ ବ୍ୟବହାର ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସଚିବାଳୟରେ କୌଣସି ପ୍ରକାର ପାଣିବୋତଲ, ପଲିଥିନ, ଫୋଲଡର, ଥର୍ମୋକୁଲ ନିର୍ମିତ କପ, ପ୍ଲେଟ, ସଜାଇବା ସାମଗ୍ରୀ, ବ୍ୟାନର କିମ୍ବା ପୋଷ୍ଟର ଭଳି ପ୍ଲାଷ୍ଟିକ ତିଆରି କୌଣସି ଜିନିଷ କାର୍ଯ୍ୟାଳୟରେ କିମ୍ବା ବୈଠକ ସମୟରେ ବ୍ୟବହାର କରାଯିବ ନାହିଁ। ବିଭିନ୍ନ ସମୟରେ ମୁଖ୍ୟ ଶାସନ ସଚିବ ସଚିବାଳୟରେ ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର ନ କରିବା ପାଇଁ ବିଭାଗୀୟ ସଚିବଙ୍କୁ ଜଣାଉଥିଲେ ମଧ୍ୟ ଏହାକୁ ଅଣଦେଖା କରାଯାଉଥିଲା। ବ୍ୟକ୍ତିଗତ ବ୍ୟବହାର କିମ୍ବା ବୈଠକରେ କୌଣସି କମ୍ପାନୀର ପାଣିବୋତଲକୁ ଅନୁମତି ଦିଆଯିବ ନାହିଁ। ବୈଠକରେ ଥର୍ମୋକୁଲ ନିର୍ମିତ କୌଣସି ସାମଗ୍ରୀ ବ୍ୟବହାର ହୋଇ ପାରିବ ନାହିଁ। ଅଧିକାରୀମାନେ କାର୍ଯ୍ୟାଳୟରେ ଥିବା ପାନୀୟ ଜଳକୁ ବ୍ୟବହାର କରିବେ। କୌଣସି ବିଭାଗ ପ୍ଲାଷ୍ଟିକ ବ୍ୟାନର ବ୍ୟବହାର କରିବେ ନାହିଁ। କପଡ଼ାରେ ତିଆରି ବ୍ୟାନର ବ୍ୟବହାର କରିବାକୁ ବିଭାଗଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତ୍ୟେକ ବିଭାଗର ଜଣେ ଅଧିକାରୀଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ନିଜ କାର୍ଯ୍ୟାଳୟରେ ପଲିଥିନ କିମ୍ବା ପ୍ଲାଷ୍ଟିକ ବ୍ୟବହାର ଯେପରି ନ ହେବ ତାହା ନିଶ୍ଚିତ କରିବେ। ସଚିବାଳୟରେ ସମ୍ପୂର୍ଣ୍ଣ ନିଷେଧ ହେବା ପରେ ଜିଲା ଓ ଅନ୍ୟାନ୍ୟ କାର୍ଯ୍ୟାଳୟରେ ପଲିଥିନ /ପ୍ଲାଷ୍ଟିକ ବ୍ୟବହାରକୁ ବନ୍ଦ କରିବାକୁ ବିଭାଗୀୟ ଅଧିକାରୀମାନେ ଚିଠି ଲେଖି ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ପଲିଥିନ ନିଷେଧ କରିବାକୁ ସରକାର ନିର୍ଦ୍ଦେଶନାମା ଜାରି କରୁଥିଲେ ମଧ୍ୟ ବାସ୍ତବ କ୍ଷେତ୍ରରେ ତାହା କାର୍ଯ୍ୟକାରୀ ହେବା ଭଳି ମନେ ହେଉ ନାହିଁ। ପୌରାଞ୍ଚଳଗୁଡିକରେ ପଲିଥିନ ବ୍ୟବହାର ଅବାଧରେ ଚାଲିଛି । କାଁ ଭାଁ ଜରିମାନା ଆଦାୟ କରି ପୌରାଞ୍ଚଳ କର୍ତ୍ତୃପକ୍ଷ ହାତବାନ୍ଧି ବସି ଯାଉଛନ୍ତି। ଫଳରେ କଟକଣା ସତ୍ତ୍ୱେ ବ୍ୟବସାୟୀଙ୍କ ଠାରୁ ଆରମ୍ଭ କରି ସାଧାରଣ ଲୋକମାନେ ପଲିଥିନ ବ୍ୟବହାରକୁ ନିଜଠାରୁ ଦୂରେଇ ପାରି ନାହାନ୍ତି। ପଲିଥିନ ପରବେଶ ପାଇଁ ବିପଜ୍ଜନକ। ଏହାକୁ କଡ଼ାକଡ଼ି ପାଳନ କରିବା ଦରକାର ବୋଲି ପରିବେଶବିତ ମତ ଦେଇଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ଜଷ୍ଟିସ୍ ବୋବ୍‌ଡେ ...

ପୂର୍ବରୁ ପରବର୍ତ୍ତୀ ବରିଷ୍ଠ ବିଚାରପତିଙ୍କୁ ତାଙ୍କ ଉତ୍ତରାଧିକାରୀ ନିଯୁକ୍ତି ଲାଗି ସୁପାରିସ କରିଥାନ୍ତି। ସିଜେଆଇ ଭାବେ ଜଷ୍ଟିସ୍ ଗୋଗୋଇଙ୍କ କାର୍ଯ୍ୟକାଳ ୧୩ ମାସ ୧୫ ଦିନ ଥିଲା। ଜଷ୍ଟିସ୍ ବୋବ୍‌ଡେ ଯଦି ନଭେମ୍ବର ୧୮ରେ ସିଜେଆଇ ଭାବେ ଶପଥ ନିଅନ୍ତି ତେବେ ସେ ଉକ୍ତ ପଦରେ ପ୍ରାୟ ୧୮ ମାସ ରହିବେ। ଉଚ୍ଚତର ବିଚାରାଳୟର ସଦସ୍ୟମାନଙ୍କ ନିଯୁକ୍ତି ପରିଚାଳନା କରୁଥିବା ମେମୋରେଣ୍ଡମ୍ ଅଫ ପ୍ରୋସିଜିଓର୍ ଅନୁଯାୟୀ ସୁପ୍ରିମକୋର୍ଟର ସର୍ବବରିଷ୍ଠ ବିଚାରପତିଙ୍କୁ ହିଁ ପ୍ରଧାନ ବିଚାରପତି ଭାବେ ନିଯୁକ୍ତି ଲାଗି ଉପଯୁକ୍ତ ବଛାଯାଇଥାଏ। ସେହି ପ୍ରକ୍ରିୟା ଅନୁଯାୟୀ ସିଜେଆଇଙ୍କ ସୁପାରିସକୁ ଆଇନ ମନ୍ତ୍ରଣାଳୟ ପ୍ରଧାନମନ୍ତ୍ରୀଙ୍କ ସମ୍ମୁଖରେ ରଖିବ। ପରବର୍ତ୍ତୀ ସିଜେଆଇ ନିଯୁକ୍ତି ନେଇ ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତିଙ୍କୁ ପରାମର୍ଶ ଦେବେ। ସମ୍ବିଧାନର ଅନୁଚ୍ଛେଦ ୧୨୪ ଅନ୍ତର୍ଗତ ଧାରା ୨ ଅନୁଯାୟୀ ରାଷ୍ଟ୍ରପତି ଭାରତର ପ୍ରଧାନ ବିଚାରପତିଙ୍କୁ ନିଯୁକ୍ତ କରିଥାନ୍ତି।

## ଭାରତୀୟ ଦଳରେ..

ରୌପ୍ୟ ଏବଂ ୨୦୧୭ରେ ଗିଫୁଠାରେ ଅନୁଷ୍ଠିତ ଏସିଆନ କପ୍‌ରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ଦଳର ସଦସ୍ୟା ଥିଲେ। ଅମିତ ୨୦୧୩ରେ ଇପୋଠାରେ ଅନୁଷ୍ଠିତ ଏସିଆ କପ୍‌ରେ ରୌପ୍ୟ, ୨୦୧୭ରେ ଢାକାରେ ଅନୁଷ୍ଠିତ ଏସିଆ କପ୍‌ରେ ସ୍ୱର୍ଣ୍ଣ, ୨୦୧୭ରେ ଭୁବନେଶ୍ୱରରେ ଅନୁଷ୍ଠିତ ହକି ୱାର୍ଲ୍ଡ ଲିଗ୍‌ରେ ବ୍ରୋଞ୍ଜ, ୨୦୧୮ ବ୍ରେଡା ଚାମ୍ପିୟନ୍ସ ଟ୍ରଫିରେ ରୌପ୍ୟ ଏବଂ ୨୦୧୮ ଜାକର୍ତ୍ତା ଏସିଆନ ଗେମ୍ସରେ ବ୍ରୋଞ୍ଜ ବିଜୟୀ ଭାରତୀୟ ଦଳ ପକ୍ଷରୁ ଖେଳିଥିଲେ।

**classifieds Everyday** 0674-2580101, 2549302

**automobile**

**SALE**

Commando bike 2years 3000km good conditions. 9090090045, 7077034138. D-14824

**real estate**

**SALE**

**Gharabari boundary plot Infocity-2 near 200ft. road side. Direct owner- 8144391451.** D-68403

2BHK simplex 26,00,000/- finishing Hanspal, Gharabari plot Atala, Bhingarpur- 8249125856. D-67088

**ଭୁବନେଶ୍ୱର Patrapada BDA yellowzone plot ଏବଂ Tamandoରେ plot କିଣନ୍ତୁ, 9348767829.** D-66795

Simplex @ 30Lakhs available at Anantpur, Nakhara (Back side of East College) Contact: 9937858998. D-14822

**Gated plotting project near Sum Hospital and Janla Infovally square. 7008818121.** D-66796

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-14726

1500sqft. gharabari plots with 30ft. road 8k.m from airport 2 k.m before OEC/ Xavier University, Bhubaneswar for sale. 9937162220. D-66197

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-14725

**ଭୁବନେଶ୍ୱର Patia Railway Stationରୁ 1.5k.m ବାସୋପଯୋଗୀ plot 50x30=1500sqft. 6,75,000/- immediate registration/ possession. 9937032327, 9583328312.** D-66788

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ 1200sqft. 2,16,000/-, ଅରଗୁଳ IIT ରେଲଷ୍ଟେସନ ପାଖରେ 1200ରୁ 2,00,000/- plot (outright/ installment) 8144706560, 9348817649. D-66800

**Mouza Krushnasaranpur- Ph(IV) Sqft. 450/, 1200 ବର୍ଗଫୁଟକୁ 5,40,000/-ରେ କିଣନ୍ତୁ। A.K. Swain- 9337028135.** D-68402

**2400Sqft. GA plot sale at Bharatpur (Sum Hospital) Bhubaneswar, Contact- Deepak- 9937329999 (Broker Excuse).** D-68017

4BHK duplex with Gated Community at Balianta (land1400 & construction- 2200@ 55,00,000/- 2600@ 65,00,000/-) Mplanets: 9938219397, 9861022055. D-14782

ନିଜସ୍ୱ ସ୍ଥିତିବାନ ବାସୋପଯୋଗୀ 60' ପିଚୁରାସ୍ତାକୁ ଲାଗି ହଂସପାଳ 9937816565, 9937568585. D-68133

30'road BDA Yellowzone 2nos. gharabari boundary plot near SUM Hospital, Kalinga Nagar DAV School (size-2024) sqft.1950/- 9437240766, 9937044887. D-68405

**PURCHASE**

Required urgently duplexes simplexes flats from direct owners Bhubaneswar, 7978736177. D-68205

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ
କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ)
ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**construction**

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-14823

**to-let**

1600sqft Duplex for rent Shreya Villa, Patrapada. Contact- 9437018686, 9937018686. D-14811

**healthcare**

Fully refreshed / relaxed body massage by expert therapist, Shastri Nagar. 7377984773. D-68107

Rejuvenate and ayurvedic full body massage by smart therapist. 9114402304. D-68108

Refresh your mind and soul with best therapy at Orchid Salon/ Spa. 9937287222. D-66977

Ayurvedic full body massage ladies/gents smart experts therapist- 8480939300 D-66979

Full body herbal massage with refreshment expert therapist. 7381239385, 06742540855. D-68138

Experience full body massage with us (expert). Call: 7377048581, 06742597822. D-68139

Herbal full body massage by smart / expert therapist. Contact: 8338067247. D-68140

Summer special mesmerizing offer expert therapeutic refreshing massage appointment. 9668374480. D-68141

**LOST**

I, Sri Santosh Kumar Pattnaik, aged about 52 years, S/o Sri Baikuntha Nath Nayak, At- Kendubila, P.O- Prataprudrapur, P.S- Balianta, Dist- Khurda do hereby declare that on Dt.15.10.19, original Regd. Sale Deed No. 5033 Dt. 24.08.05 a link deed relating to my property of Mouza- Malipada, Plot No. 318/991/1966, Area Ac.0.027 Dec., is missed somewhere while going to make xerox copy of the document and after through search,I could not find the same. In case any person find said document, hereby request to inform me at above address. D-14826

**AFFIDAVIT**

ମୁଁ ଶିବାନନ୍ଦ ପ୍ରଧାନ, ପିତା– ପୁରସ୍ତମ ପ୍ରଧାନ, ଗ୍ରାମ– ମାଧପୁର, କଲୋନୀ ସାହି, ପୋଷ୍ଟ– ମାଧପୁର, ଥାନା– ପୁରୁଣା କଟକ, ବ୍ଲକ– ହରଭଙ୍ଗା, ଜିଲ୍ଲା– ବଉଦ, ବଉଦ ନୋଟାରୀଙ୍କ ପାଖରେ ଘୋଷଣା କରୁଅଛି ଯେ, ମୋର ଏଲ୍‌ଆଇସି ନଂ. 587711543 ଏବଂ 849721987ରେ ମୋର ନାମ ଭୁଲ୍‌ବଶତଃ ସଦାଶିବ ପ୍ରଧାନ ଥିଲା। ମୋର ପ୍ରକୃତ ନାମ ଶିବାନନ୍ଦ ପ୍ରଧାନ। ଶିବାନନ୍ଦ ପ୍ରଧାନ ଓ ସଦାଶିବ ପ୍ରଧାନ ଏକ ଓ ଅଭିନ୍ନ ବ୍ୟକ୍ତି ଅଟନ୍ତି। ଧ–୧୪୮୨୫

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଯେତେଦିନ ପର୍ଯ୍ୟନ୍ତ ଦୁଃସ୍ଥ ଓ ଦୁର୍ଗତମାନେ ତୁମ ଚାରିପଟେ ଅଛନ୍ତି ସେମାନଙ୍କୁ ସାହାଯ୍ୟ କର । କିନ୍ତୁ ବୁଝି ଦେଖ- ତୁମକୁ ଚେଷ୍ଟା କରିବାକୁ ହେବ- ଯାହା ଫଳରେ କି ତୁମ ଚାରିପଟେ ଯେପରି ଗୋଟିଏ ସୁଦ୍ଧା ଦୁଃସ୍ଥ ମଣିଷ ତୁମ ସାହାଯ୍ୟ ପାଇବାକୁ ନ ଥାଏ । -ଶ୍ରୀଅରବିନ୍ଦ

# ନୀତି ସିଇଓଙ୍କ ଛାଟ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ରେଳଷ୍ଟେଶନଗୁଡ଼ିକର ଆଧୁନିକୀକରଣରେ ମନ୍ଥରତାକୁ ନେଇ ନୀତି ଆୟୋଗ ମୁଖ୍ୟ କାର୍ଯ୍ୟନିର୍ବାହୀ (ସିଇଓ) ଅମିତାଭ କାନ୍ତ କଟୁ ସମାଲୋଚନା କରିବା ପରେ ରେଳ ମନ୍ତ୍ରଣାଳୟ କାର୍ଯ୍ୟରେ ତତ୍ପରତା ପ୍ରକାଶ କରିଛି । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ବି ତାହା ହିଁ ଚାହେଁ । ରେଲ୍‌ୱେ ବୋର୍ଡ ଅଧ୍ୟକ୍ଷ ଭି.କେ. ଯାଦବଙ୍କୁ ଲେଖିଥିବା ଚିଠିରେ କାନ୍ତ ଗୋଟିଏ ଗୋଟିଏ ଷ୍ଟେଶନର ନବୀକରଣ କାର୍ଯ୍ୟ ବର୍ଷ ବର୍ଷ ଧରି ଚାଲୁଥିବା ନେଇ କ୍ଷୋଭ ପ୍ରକାଶ କରିଥିଲେ । ସେ ପ୍ରସ୍ତାବ ଦେଇଥିଲେ ଯେ, ସଚିବ ଓ ରେଳ ବାବୁମାନଙ୍କର ଏକ କ୍ଷମତାସମ୍ପନ୍ନ ଗୋଷ୍ଠୀ ଗଠନ କରାଯାଉ, ଯେଉଁମାନେ ଧାର୍ଯ୍ୟ ସମୟସୀମା ଭିତରେ ପ୍ରକଳ୍ପ କାର୍ଯ୍ୟ କିପରି ସରିବ ସେ ଦିଗରେ ସହାୟତା କରିବେ । ଷ୍ଟେଶନ ପ୍ରକଳ୍ପ ମାନେ ରେଳ ସମ୍ପତ୍ତିକୁ ଲିଜ୍‌ରେ ଦେବା । ପ୍ରାପ୍ତ ସୂଚନା ଅନୁସାରେ ଯାଦବଙ୍କୁ ଏକ କମିଟି ଗଠନ କରିବାକୁ କୁହାଯାଇଛି, ଯେଉଁଥିରେ କାନ୍ତ ଓ ଯାଦବଙ୍କ ସମେତ ଅର୍ଥ ବ୍ୟାପାର ସଚିବ, ଗୃହନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ସଚିବ ଏବଂ ରେଳ ବୋର୍ଡ ଫାଇନାନ୍‌ସିଆଲ କମିଶନର ସଦସ୍ୟ ରହିବେ । ଶେଷରେ ନୀତି ଆୟୋଗର କଟୁ ସମାଲୋଚନା ମନ୍ଥର ରେଳ ବାବୁମାନଙ୍କୁ ସକ୍ରିୟ ଓ ସଚେତନ କରିପାରିଛି । ସେମାନେ ଏବେ ତତ୍ପରତାର ସହ ମିଳିତ ଭାବେ କାର୍ଯ୍ୟ କରିବା ଦରକାର କାରଣ ସେମାନେ ଏବେ ଜାଣିସାରିଲେଣି ଯେ ସେମାନଙ୍କ କାର୍ଯ୍ୟକୁ ଉପରୁ ନିରୀକ୍ଷଣ କରାଯାଉଛି ।

## ସନ୍ଦେହରେ ବାବୁ

ଜମ୍ମୁ-କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରିବା ଲାଗି କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ରାଜ୍ୟର ଆଇଏଏସ୍, ଆଇପିଏସ୍ ଓ ଆଇଏଫ୍‌ଏସ୍ ବାବୁମାନଙ୍କ ଭବିଷ୍ୟତ ନେଇ ଅନିଶ୍ଚୟତା ଓ ସନ୍ଦେହ ସୃଷ୍ଟି କରିଛି । ବର୍ତ୍ତମାନ ଯେଉଁମାନେ ଜମ୍ମୁ-କଶ୍ମୀର କ୍ୟାଡରରେ କାର୍ଯ୍ୟ କରୁଛନ୍ତି, ସେମାନେ ବିନା ବାଧାରେ ତାହା କରିଚାଲିବେ । କିନ୍ତୁ ରାଜ୍ୟରେ କାର୍ଯ୍ୟ କରିବାକୁ ଥିବା ସର୍ବଭାରତୀୟ ସେବା ଅଧିକାରୀମାନେ ଏଜିଏମ୍‌ୟୁଟି କ୍ୟାଡର ଅଧିକାରୀ ଭାବେ ନିଯୁକ୍ତି ପାଇବେ, କାରଣ ଅକ୍ଟୋବର ୩୧ ପରେ ଜମ୍ମୁ-କଶ୍ମୀର ଏକ କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ ହେବ । ଜାଣିବା ଶୁଣିବା ମହଲର କହିବା ଅନୁସାରେ ବାବୁମାନେ ଏଣିକି ଦେଶର ଅନ୍ୟ ଅଂଶରେ ନିଯୁକ୍ତି ପାଇବେ କି କେବଳ ନବନିଯୁକ୍ତମାନେ ରାଜ୍ୟ ବାହାରେ ନିଯୁକ୍ତି ପାଇବାକୁ ଯୋଗ୍ୟ ବିବେଚିତ ହେବେ, ସେ ନେଇ ସେମାନେ ସନ୍ଦେହରେ ଅଛନ୍ତି । ବରିଷ୍ଠ ବାବୁମାନେ ରାଜ୍ୟ ବାହାରେ ନିଯୁକ୍ତି ପାଇବାର ସମ୍ଭାବନାକୁ ନେଇ ବିଶେଷ ଆଗ୍ରହୀ ନାହାନ୍ତି, ଯେଉଁଠାରେ ସେମାନେ ଅନେକ ବର୍ଷ ଧରି ସେବାରତ ଥିଲେ । ଜମ୍ମୁ-କଶ୍ମୀରର ବାବୁମାନଙ୍କୁ ବିଚଳିତ କରୁଥିବା ଅନ୍ୟ ପ୍ରସଙ୍ଗଟି ହେଉଛି ରାଜ୍ୟରେ ଦୀର୍ଘଦିନରୁ ଲାଗି ରହିଥିବା ବାବୁ ଅଭାବଜନିତ ସମସ୍ୟା । ଯାହା ଜଣାଯାଏ, ରାଜ୍ୟରେ ୧୩୭ ଜଣ ଆଇଏଏସ୍ ଅଫିସର ରହିବାର ବ୍ୟବସ୍ଥା ଥିବାବେଳେ ବର୍ତ୍ତମାନ ଅଛନ୍ତି ମାତ୍ର ୭୦ ଜଣ । ବାବୁମାନେ ଆଶା କରୁଛନ୍ତି ଏହି ଅଭାବକୁ ଦୂରକରିବା ଲାଗି ସରକାର ଜମ୍ମୁ-କଶ୍ମୀରକୁ ଅଧିକ ଏଜିଏମ୍‌ୟୁଟି କ୍ୟାଡର ବାବୁଙ୍କୁ ପଠାଇବେ । ତେବେ ଚଳିତ ମାସ ଶେଷ ସୁଦ୍ଧା ପ୍ରସ୍ତାବିତ ଏଜିଏମ୍‌ୟୁଟି କ୍ୟାଡରର ମିଶ୍ରଣ ଯଦି ହୁଏ, ତେବେ ଦୃଶ୍ୟପଟ ଅଧିକ ସ୍ୱଷ୍ଟ ହୋଇଯିବ ବୋଲି ଆଶା କରାଯାଉଛି ।

## ପୁନଶ୍ଚ ଦଂଶନ

ଥରକୁ ଥର ଉତ୍ତରପ୍ରଦେଶ ସରକାରଙ୍କୁ ଆତ୍ମସଂଯମ କୀଟ ଦଂଶନ କରୁଛି । ଗତବର୍ଷ ରାଜ୍ୟ ସରକାର ବିଦେଶ ଗସ୍ତ ଖର୍ଚ୍ଚ କମାଇବା, ଇକୋନୋମି ଶ୍ରେଣୀରେ ଯାତାୟାତ କରିବା ଏବଂ ପଞ୍ଚତାରକା ହୋଟେଲରେ ମିଟିଂ ନ କରିବା ଲାଗି ବାବୁମାନଙ୍କୁ ଆଦେଶ ଦେଇଥିଲେ । ପୁଣି ସରକାର କହିଲେ ଯେ, କେବଳ ମେଡିକାଲ ଓ ପୋଲିସ ବିଭାଗ ଛଡ଼ା ଅନ୍ୟ ବିଭାଗରେ ନୂତନ ନିଯୁକ୍ତିକୁ ମଞ୍ଜୁରି ମିଳିବ ନାହିଁ । ଏହି ଆଦେଶନାମା ସମସ୍ତ ସରକାରୀ ବିଭାଗ, କାର୍ଯ୍ୟାଳୟ, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏବଂ ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡ଼ିକ ଲାଗି ପ୍ରଯୁଜ୍ୟ ଥିଲା । ବର୍ତ୍ତମାନ ସରକାର ଅର୍ଥ ଓ ଆକାଉଣ୍ଟ୍ସ ବିଭାଗରୁ ୯୩ଟି ପଦବୀ ଉଚ୍ଛେଦ କରି ଏହାକୁ ଖର୍ଚ୍ଚକାଟ ଓ ଆତ୍ମସଂଯମମୂଳକ ପଦକ୍ଷେପ ବୋଲି ଉଲ୍ଲେଖ କରିଛନ୍ତି । ଏଗୁଡ଼ିକ ମଧ୍ୟରୁ ଅଧିକାଂଶ ପଦବୀ ହେଉଛି ଜିଲା ଗ୍ରାମାଞ୍ଚଳ ଉନ୍ନୟନ ସଂସ୍ଥା (ଡିଆର୍‌ଡିଏ), ଜଙ୍ଗଲ ବିଭାଗ ଓ ଦାରିଦ୍ର୍ୟ ନିରାକରଣ ବିଭାଗର । ଯାହା ଜଣାଯାଏ, ଡିଆର୍‌ଡିଏ ବାବୁମାନଙ୍କୁ ଗ୍ରାମାଞ୍ଚଳ ଉନ୍ନୟନ ବିଭାଗରେ ଥଇଥାନ କରାଯିବା ପରେ ଡିଆର୍‌ଡିଏ ବିଭାଗ ଏକପ୍ରକାର ମୃତ ପାଲଟି ଯାଇଥିଲା । ସେହିପରି ଏକ ଆଭ୍ୟନ୍ତରୀଣ ସର୍ଭେ ପରେ ଜଙ୍ଗଲ ଓ ଦାରିଦ୍ର୍ୟ ନିରାକରଣ ବିଭାଗରେ ଅନେକ ପଦ ଅତିରିକ୍ତ ରହିଥିବା ଜଣାପଡ଼ିଥିଲା, ଯାହା ରାଜ୍ୟ ରାଜକୋଷ ପାଇଁ ବୋଝ ହେଉଥିଲା । ତେଣୁ ରାଜ୍ୟ ସରକାର ଉକ୍ତ ପଦଗୁଡ଼ିକୁ ଉଚ୍ଛେଦ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ।

Email: dilipcherian@gmail.com

# ମୋ ସରକାର : ଚଳେଇପାରିଲେ ଭଲ



ବିପିନ ବିହାରୀ ମିଶ୍ର

ବର୍ତ୍ତମାନ 'ମୋ ସରକାର' କାର୍ଯ୍ୟକ୍ରମରେ ସରକାରୀ କଳ ବ୍ୟସ୍ତ । ଏହାର ଉଦ୍ଦେଶ୍ୟ ଭଲ । ଏଥିରେ ରାଜନୀତିର କାରସାଦି ଅଛି ବୋଲି କହିଲେ ଅନ୍ୟାୟ ହେବ । ଯଦି ସରକାରୀ କଳକୁ କୁହାଗଲା ଆହୁରି ସକ୍ରିୟ ହୁଅ, ସର୍ବସାଧାରଣଙ୍କୁ ଉପଯୁକ୍ତ ବ୍ୟବହାର କର, ଉପଯୁକ୍ତ ଚିକିତ୍ସା କର, କେସ୍‌ଗୁଡିକର ଶୀଘ୍ର ତଦନ୍ତ କର, ତେବେ ଭୁଲ୍ ରହିଲା କେଉଁଠି ? ଏହା ସର୍ବସାଧାରଣ ଓ ସରକାରୀ କଳ ମଧ୍ୟରେ ମାନସିକ ଦୂରତା କମେଇବ ଏବଂ ସରକାରୀ କଳର ମାନ୍ୟତା ବଢ଼ିବ । କିନ୍ତୁ ଯେ କୌଣସି କାର୍ଯ୍ୟକ୍ରମ କରିବା ପାଇଁ ଯେତେବେଳେ ଚିନ୍ତା କରାଯାଏ ତାହା କିପରି ତ୍ରୁଟିଶୂନ୍ୟ ହେବ ସେ ଦିଗ ପ୍ରତି ଦୃଷ୍ଟିଦେବା ଦରକାର । ମୋ ସରକାର କାର୍ଯ୍ୟକ୍ରମ କ୍ଷେତ୍ରରେ ୫-ଟି ମନ୍ତ୍ର ଦିଆଯାଇଛି । ମୁଖ୍ୟମନ୍ତ୍ରୀ ନିଜେ ଫୋନ୍ କରି ଲୋକଙ୍କର ସୁବିଧା ଅସୁବିଧା ବୁଝୁଛନ୍ତି ଓ ଆବଶ୍ୟକସ୍ଥଳେ ନିର୍ଦ୍ଦେଶ ଦେଉଛନ୍ତି । ଉଚ୍ଚପଦସ୍ଥ ଅଫିସରମାନେ ଗୋଟିଏ ଟିମ୍ ନେଇ ଜିଲାଗୁଡ଼ିକୁ ଯାଉଛନ୍ତି ଏବଂ ଦପ୍ତର ପରିଦର୍ଶନ କରୁଛନ୍ତି । ମଞ୍ଜି ପୋତାହେଲା, ଗଛ ହେବ ଓ ଫଳ ଫଳିବ । ସେଥିପାଇଁ ଧୈର୍ଯ୍ୟର ସହିତ ଅପେକ୍ଷା କରିବାକୁ ପଡ଼ିବ ।

ଏଇ ପରିପ୍ରେକ୍ଷୀରେ ସୁନ୍ଦରଗଡ଼ର ମୁଖ୍ୟ ଚିକିତ୍ସାଧିକାରୀ ଡା. ପଙ୍କଜ ପଟେଲଙ୍କୁ ଦିଆଯାଇଥିବା ନିଲମ୍ବନ ଆଦେଶ ଅନୁଧ୍ୟାନଯୋଗ୍ୟ । ତା' ସହ ଜିଲାପାଳ ନିଖିଲ ପଓ୍ବନ କଲ୍ୟାଣଙ୍କୁ କୈଫିୟତ ତଲବ ମଧ୍ୟ ଚର୍ଚ୍ଚାର ବିଷୟ । ଘଟଣାଟି ଏହିପରି । ଜଣେ ଦକ୍ଷ, ସଚ୍ଚୋଟ ଓ ଉଚ୍ଚ ସ୍ତରର ଆଇଏଏସ୍ ଅଫିସର ସୁରେଶ ମହାପାତ୍ର, ଆଉ ଜଣେ ବରିଷ୍ଠ ଆଇଏଏସ୍ ଅଫିସର ପାଣ୍ଡିଆନ ପ୍ରମୁଖ ସୁନ୍ଦରଗଡ଼ ସଦର ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି କେତେକ ତ୍ରୁଟି ଦେଖିଲେ ଓ ସାଙ୍ଗେ ସାଙ୍ଗେ ଗଣମାଧ୍ୟମ ପରିବେଷଣ କଲା ଯେ ମୁଖ୍ୟ ଚିକିତ୍ସାଧିକାରୀ ଡା. ପଟେଲଙ୍କୁ ଚାକିରିରୁ ନିଲମ୍ବିତ କରାଗଲା । ପଟେଲ ହେଉଛନ୍ତି ଜଣେ ପ୍ରଥମଶ୍ରେଣୀଭୁକ୍ତ କର୍ମଚାରୀ । ତାଙ୍କୁ ନିଲମ୍ବିତ କରିବାକୁ ହେଲେ ସ୍ୱାସ୍ଥ୍ୟବିଭାଗର ନିର୍ଦ୍ଦେଶକ ନିଜେ କିମ୍ବା ତାଙ୍କ ମାଧ୍ୟମରେ ପ୍ରସ୍ତାବ ଯିବ । ସେଥିରେ ମୁଖ୍ୟ ଶାସନ ସଚିବ ସମ୍ମତ ହେବେ । ସ୍ୱାସ୍ଥ୍ୟମନ୍ତ୍ରୀ ମଧ୍ୟ ସମ୍ମତି ଦେବେ ଓ ମୁଖ୍ୟମନ୍ତ୍ରୀ ତାହା ଅନୁମୋଦନ କରିବେ । ଏସବୁ ବିଦ୍ୟୁତ୍ ବେଗରେ ହୋଇଗଲା । ପଟେଲ ଆଦେଶ ପାଇବା ପୂର୍ବରୁ ଖବରକାଗଜରେ ପ୍ରକାଶିତ ହେଲା, ଟିଭିରେ ବାରମ୍ବାର କୁହାଗଲା । ଦୋଷ ଥାଉ କି ନ ଥାଉ ସେ ବର୍ତ୍ତମାନ ସାରା ରାଜ୍ୟରେ ନିନ୍ଦିତ ହେଲେ । ସେଇଭଳି କଲେକ୍ଟରଙ୍କ ଉପରେ ଅଙ୍ଗୁଳି ଉଠାଗଲା । ହସ୍ପିଟାଲ କିଭଳି ଚାଲିବ ତା'ର ଦାୟିତ୍ୱ ଜିଲାପାଳଙ୍କୁ ଦିଆଯାଇନାହିଁ । ସେ କ'ଣ କୈଫିୟତ ଦେବେ ? ସୁନ୍ଦରଗଡ଼ ଜିଲାରେ ୧୫୭ ଡାକ୍ତର ନାହାନ୍ତି । ସଦର ହସ୍ପିଟାଲରେ ୪୦ ଜଣ ଡାକ୍ତର ନାହାନ୍ତି । ସୁନ୍ଦରଗଡ଼ ଜିଲାରେ ୪୭୧ ଡାକ୍ତର ଏବଂ ଅର୍ଦ୍ଧଚିକିତ୍ସକ ନାହାନ୍ତି । ଘର ନାହିଁ, ଶଯ୍ୟା ନାହିଁ । ଯେତିକି ଶଯ୍ୟା ଅଛି ତା'ଠାରୁ ତିନି ଚାରିଗୁଣ ରୋଗୀ ଚିକିତ୍ସାଳୟରେ ରହୁଛନ୍ତି । ପ୍ରତ୍ୟେକ ରୋଗୀ ସାଙ୍ଗରେ ଜଣେ ଦୁଇଜଣ ସହାୟକ ଆସୁଛନ୍ତି । ତଳେ ଶୋଇଥିବା ରୋଗୀକୁ ଦେଖିବାକୁ ହେଲେ ଡାକ୍ତରଙ୍କୁ ତଳେ ବସି କିମ୍ବା ଆଣ୍ଠୁ ମାଡି ଦେଖିବାକୁ ପଡ଼େ । ରୋଗୀଙ୍କ ତୁଳନାରେ ଔଷଧ ନାହିଁ । ସମ୍ପୂର୍ଣ୍ଣ ରକ୍ତ ଇତ୍ୟାଦି ପରୀକ୍ଷା କରିବା ପାଇଁ ଲାବୋରେଟୋରିର ଶକ୍ତି ନାହିଁ । କୌଣସି ଯନ୍ତ୍ରପାତି ଖରାପ ହେଲେ ବର୍ଷ ବର୍ଷ ଧରି ମରାମତି ହୁଏ ନାହିଁ । ପାଇଖାନା ଖରାପ ହେଲେ କୌଣସି ପଦକ୍ଷେପ ନିଆଯାଏ ନାହିଁ । ଏସବୁର ନିରାକରଣ ପାଇଁ ଡାକ୍ତରଙ୍କୁ କୌଣସି ପ୍ରଶାସନିକ କ୍ଷମତା ଦିଆଯାଇ ନାହିଁ । ଦାୟୀ ହେଉଛି ସ୍ୱାସ୍ଥ୍ୟବିଭାଗ । କମିଟି ଦେଖନ୍ତୁ ଯେ ଚିକିତ୍ସା ବିଭାଗ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି କି, ଯଦି କରିଛନ୍ତି ତେବେ ଅର୍ଥ ବିଭାଗ କ'ଣ ପଦକ୍ଷେପ ନେଇଛନ୍ତି । ସରକାର ତ ବଳକା ବଜେଟ କରୁଛନ୍ତି ତେବେ ଅର୍ଥର ଅଭାବ ତ ରହିବା କଥା ନୁହେଁ । ଏସବୁ ଅବ୍ୟବସ୍ଥା ପାଇଁ ସିଡିଏମ୍‌ଓ, ସରକାର କେତେ ଦାୟୀ ଓ ସ୍ୱାସ୍ଥ୍ୟ ବିଭାଗ କେତେ ଦାୟୀ ? ୮୦ ଜଣ ଡାକ୍ତର ନ ଥିବା ହସ୍ପିଟାଲରେ ଡାକ୍ତରମାନେ କିଭଳି ସମସ୍ତ ରୋଗୀଙ୍କ ଜୀବନ ବଞ୍ଚେଇବେ କିମ୍ବା ସମସ୍ତଙ୍କୁ ସନ୍ତୁଷ୍ଟ କରିବେ ?

ଚିକିତ୍ସା, ଜଳଯୋଗାଣ, ପୋଲିସ, ଅଗ୍ନି ନିର୍ବାପକ- ଏଗୁଡ଼ିକ ଅତ୍ୟାବଶ୍ୟକ ବିଭାଗ । ଦେଶର ଭବିଷ୍ୟତ ଗଠନ ପାଇଁ ମୁଖ୍ୟ ଭୂମିକା ନିଭାଏ ଶିକ୍ଷା ବିଭାଗ ଏବଂ ତାକୁ ମଧ୍ୟ ଅତ୍ୟାବଶ୍ୟକ ବିଭାଗ କୁହାଯିବ । ଏ ସମସ୍ତ ବିଭାଗରେ ବର୍ଷ ବର୍ଷ ଧରି ବହୁ ସ୍ଥାନ ଖାଲି ପଡ଼ିଛି । ବଳକା ବଜେଟ ନ କରି ବରଂ ନିଅଣ୍ଟିଆ ବଜେଟ କରାଯାଉ କିନ୍ତୁ ଏଇ ବିଭାଗଗୁଡ଼ିକର ଭିତ୍ତିଭୂମିକୁ ମଜଭୁତ କରାଯାଉ । ଭାରତବର୍ଷରେ ଲକ୍ଷେ ଲୋକରେ ୧୨୫ ଜଣ ପୋଲିସ ଥାଆନ୍ତି କିନ୍ତୁ ଓଡ଼ିଶାରେ ଅଛନ୍ତି ୯୮ । ସେଥିରୁ ୧୫% ପଦବୀ ଖାଲି, ଅର୍ଥାତ୍ ଲକ୍ଷେ ଲୋକଙ୍କ କଥା ବୁଝିବେ ମାତ୍ର ୮୪ ଜଣ କର୍ମଚାରୀ । ସେଥିରେ କୁହାଯାଇଛି ଗାଡ଼ି ଧର, ଚୋରା ମଦ ବେପାର ବନ୍ଦ କର, କେସ୍‌ର ଫଇସଲା ତୁରନ୍ତ କର, ଆଇନଶୃଙ୍ଖଳା ରକ୍ଷାକର ଇତ୍ୟାଦି । ପୋଲିସରେ ଯେତିକି ସଂଖ୍ୟା ବଢ଼ାଯାଇଛି ତାହା ହେଉଛି ସଶସ୍ତ୍ର ବାହିନୀରେ । ସର୍ବସାଧାରଣ ଯାଆନ୍ତି ଥାନାକୁ, ସଶସ୍ତ୍ର ବାହିନୀ ପାଖକୁ ନୁହେଁ । ସେଇଭଳି ଅଗ୍ନି ନିର୍ବାପକ ବିଭାଗର ଭୂମିକା ଓ ଦାୟିତ୍ୱ ବହୁ ପରିମାଣରେ ବଢ଼ିଯାଇଛି, କିନ୍ତୁ ଭିତ୍ତିଭୂମିର ଉନ୍ନତି ସେଇ ପରିମାଣରେ ହୋଇପାରୁନି । ଟିମ୍ ଯେତେବେଳେ ଯାଉଛି ଲୋକଙ୍କ ଦୁଃଖଦୁର୍ଦ୍ଦଶା ବୁଝନ୍ତୁ କିନ୍ତୁ ତା' ସହ କି କି ଭିତ୍ତିଭୂମି ଓ କେତେ ମାନବସମ୍ବଳ ଦରକାର ତାହା ବି ବୁଝନ୍ତୁ ।

ସରକାରଙ୍କ କ୍ଷମତାର ଉତ୍ସ ଓ ମୁଖ୍ୟ ଦାୟିତ୍ୱର ସ୍ଥାନ ହେଉଛି ସଚିବାଳୟ, ଯାହା କି ମନ୍ତ୍ରିମଣ୍ଡଳ ଓ ସଚିବମାନଙ୍କର ନାକ ତଳେ ଅଛି । ଜଣେ ଡାକ୍ତର ରୋଗୀଙ୍କୁ ଠିକ୍ ଭାବରେ ନ ଦେଖିବା, ଜଣେ ପୋଲିସ ଉଚିତ ସମୟରେ ତଦନ୍ତ ନ କରିବା ଯେତିକି ଦୋଷାବହ, ସେକ୍ରେଟାରିଏଟର କର୍ମଚାରୀମାନେ ଫାଇଲ ମାଡ଼ି ବସିବା, କର୍ମଚାରୀମାନଙ୍କୁ ହଇରାଣ କରିବା ତତୋଽଧିକ ଦୋଷାବହ । ଯଦି ସରକାର ହିସାବ ନିଅନ୍ତି ତେବେ ଉପଲବ୍ଧି କରିବେ ଯେ, ପୋଲିସ ବିଭାଗରେ ସବୁଠାରୁ ବେଶି ଦଣ୍ଡ ଦିଆଯାଏ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ । ସଚିବାଳୟରେ ସବୁଠାରୁ କମ୍ । ସରକାର ପ୍ରଥମେ ସଚିବାଳୟକୁ ସଜାଡନ୍ତୁ । ସଜାଡିପାରିବେ କି ନାହିଁ ମୁଁ କହିପାରୁନି କାରଣ ଏଠାରେ ଜଣେ ଗଭର୍ନରଙ୍କୁ ଠେଲାପେଲା କରାଯାଇଛି (ସେତେବେଳେ ରାଷ୍ଟ୍ରପତି ଶାସନ ଥିଲା) । ସେହିପରି ଜଣେ ମୁଖ୍ୟମନ୍ତ୍ରୀଙ୍କୁ ଗୋଡ଼େଇଛନ୍ତି ପିଟିବା ପାଇଁ । ଜଣେ ଚିଫ୍ ସେକ୍ରେଟାରୀଙ୍କୁ ତିନି ମହଲାରୁ ତଳକୁ ଠେଲିବା ପାଇଁ ପ୍ରୟାସ କରାଗଲା ବେଳେ ପୋଲିସ ପହଞ୍ଚିବାରୁ ତାଙ୍କ ଜୀବନ ରକ୍ଷା ହୋଇଛି ଓ ଜଣେ ସେକ୍ରେଟାରୀଙ୍କୁ ଟେବୁଲ ଉପରେ ଠିଆହୋଇ କ୍ଷମା ମାଗିବାକୁ କୁହାଯାଇଛି । ବହୁଦିନ ତଳେ ଜଣେ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଲେ ସେକ୍ରେଟାରୀଙ୍କ ସମେତ ସମସ୍ତେ ୧୦ଟା ବେଳେ ଅଫିସ ଆସନ୍ତୁ । ଏହାକୁ ସମସ୍ତେ ସ୍ୱାଗତ କରିବା କଥା କିନ୍ତୁ କେତେଜଣ ସେକ୍ରେଟାରୀ ଅସନ୍ତୁଷ୍ଟ ହେଲେ । କର୍ମଚାରୀ ଅସନ୍ତୁଷ୍ଟ ହେବା ଦରକାର ନାହିଁ କାରଣ ସେମାନେ ଆଦେଶ ପାଳନ କରନ୍ତି ନାହିଁ । ୧୯୬୮ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଆଦେଶ ଦେଇଥିଲେ ଯେ ଜଣକ ପାଖରେ ତିନିଦିନରୁ ଅଧିକ ଫାଇଲ ରହିଲେ ସେ ନାଳିକାଳିରେ ଦସ୍ତଖତ କରିବେ । ସେ କ୍ଷମତାରୁ ଗଲେ ଓ ଆଦେଶ ମୃତ୍ୟୁବରଣ କଲା । ଏବେ ଯଦି ଆପଣ ନିରପେକ୍ଷ ଭାବେ ଦେଖିବେ ସଚିବାଳୟ ଅପେକ୍ଷା ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟର କର୍ମଚାରୀମାନେ ବେଶି କାର୍ଯ୍ୟ କରନ୍ତି । ତାଙ୍କଠାରୁ ଜିଲା ସ୍ତରର କାର୍ଯ୍ୟାଳୟର କର୍ମଚାରୀମାନେ ଆହୁରି ବେଶି କାର୍ଯ୍ୟ କରନ୍ତି । ଅଥଚ ସେମାନେ କମ୍ ଦରମା ପାଆନ୍ତି ଏବଂ ସବୁଠାରେ (ସଚିବାଳୟ ସମେତ) କର୍ମଚାରୀଙ୍କ ଅଭାବ । ଏଥିରେ ପ୍ରଶାସନର କେତେ କ୍ଷତି ହେଉଛି ତାହା ଅନୁଧ୍ୟାନଯୋଗ୍ୟ । ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ ଥରେ ବଜେଟର ପର୍ଯ୍ୟାଲୋଚନା କରି କହିଥିଲେ ଯେ, ବହୁ ପଦବୀ ଖାଲି ରଖି ବଳକା ବଜେଟ କରିବା ହେଉଛି ଆତ୍ମପ୍ରତାରଣା । ସେଇଭଳି ବହୁ ସ୍ଥାନ ଖାଲି ରଖି କାର୍ଯ୍ୟ ଆଦାୟ କରିବା ମସ୍ତବଡ଼ ଭୁଲ୍ । ସରକାରୀ କର୍ମଚାରୀଠାରୁ କାମ ଆଦାୟ କରାଯିବ । ଘୋଡ଼ାକୁ ଦାନା ଦିଆଯାଉ କିନ୍ତୁ ଘୋଡ଼ା ପିଠିରେ ତିନି ଜଣ ସବାର ନ ହୁଅନ୍ତୁ । ଟିକିଏ ଚିନ୍ତା କରାଯାଉ କି ଜଣେ ସିଡିଏମ୍‌ଓଙ୍କୁ କୈଫିୟତ ନ ମାଗି ସାଙ୍ଗରେ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକଙ୍କୁ ନ ନେଇ ସଙ୍ଗେ ସଙ୍ଗେ ନିଲମ୍ବିତ କରିବା ଦ୍ୱାରା ତାହାର କେତେ କୁପ୍ରଭାବ ତାଙ୍କ ଅଧୀନରେ ଥିବା ଡାକ୍ତର ଓ ଅନ୍ୟ କର୍ମଚାରୀଙ୍କ ଉପରେ ପଡ଼ିଥିବ । ଦୋଷୀକୁ ଦଣ୍ଡ ଦିଆଯାଉ କିନ୍ତୁ କୈଫିୟତ ମାଗିବା ପରେ । ମୋ ସରକାର ଭଳି ଏକ ପ୍ରଶଂସନୀୟ କାର୍ଯ୍ୟକ୍ରମକୁ ସକାରାତ୍ମକ ଭାବେ ପରିଚାଳନା କରାଯାଉ ।

ପୂର୍ବତନ ପୋଲିସ ଡିଜି,
ମୋ-୯୦୪୦୪୧୨୩୭୮

# ସଙ୍କୋଚନରୁ ପ୍ରସାରଣ



ଡ. ଶରତ ଚନ୍ଦ୍ର ରଥ

ବସ୍ତୁଠାରୁ ବାସ୍ତବତା ବଡ଼ । କାରଣ ବସ୍ତୁର ମୂଲ୍ୟ ଅଛି, ବାସ୍ତବତାର ମୂଲ୍ୟବୋଧ ଅଛି । ଧନଠାରୁ ମନ ବଡ଼ । କାରଣ ଧନର ମୂଲ୍ୟ ଅଛି, ମନର ମୂଲ୍ୟବୋଧ ଅଛି । କାମଠାରୁ ପ୍ରେମ ବଡ଼ । କାରଣ କାମରେ ନେବାର ମନୋଭାବ ଅଛି ମାତ୍ର ପ୍ରେମରେ ଦେବାର ମନୋବୃତ୍ତି ଅଛି । ଟିକିଏ ବିଶ୍ଲେଷଣ କଲେ ବୁଝି ହେବ ଯେ, ବସ୍ତୁ ଏକ ସୀମିତ କଥା, ଏହାର ଆବଶ୍ୟକତା ଅଛି, ଉପଯୋଗିତା ଅଛି, ବସ୍ତୁ ମାଧ୍ୟମରେ ବହୁ ପରିମାଣରେ ଅନ୍ତରର ଭାବ ଅଭିବ୍ୟକ୍ତ ହୁଏ । ବିଶ୍ୱରେ ସବୁକିଛି ବସ୍ତୁ, ଏପରିକି ବାୟୁ ମଧ୍ୟ । ଯାହାର ଆକାର, ପ୍ରକାର, ଚାପ, ଲମ୍ବ, ପ୍ରସ୍ଥ ଅଛି ସେସବୁ ବସ୍ତୁର ଅନ୍ତର୍ଗତ । ଆକାଶ ମଧ୍ୟ ଏକ ବସ୍ତୁ । ମାତ୍ର ବାସ୍ତବତା ହେଉଛି ଏକ ଅନୁଭୂତି ଯାହା କେତେକ ଅନୁଭବର ସାର ନିର୍ଯ୍ୟାସ । ସୁଖ, ଦୁଃଖ, ସୁବିଧା, ଅସୁବିଧା, ଲାଭ, କ୍ଷତି, ଜୟ, ପରାଜୟ ସବୁ କିଛି ଭିତରେ ଥିବା ଜୀବନାନୁଭୂତି ହିଁ ବାସ୍ତବତା । ଉଦାହରଣସ୍ୱରୂପ ଧନ ଏକ ବସ୍ତୁ ମାତ୍ର ଦାରିଦ୍ର୍ୟ ଏକ ବାସ୍ତବତା । ଧନ ଦ୍ୱାରା ଦରିଦ୍ର୍ୟ ଦୂର ହୋଇପାରେ । ନ ହୋଇପାରେ ମଧ୍ୟ । ବସ୍ତୁ ଦ୍ୱାରା ବାସ୍ତବତାର ଅଭାବ ପୂରଣ କରାଯାଇ ପାରେ, ନ ପାରେ ମଧ୍ୟ । କହିବାର ଅର୍ଥ ହେଉଛି ଦରିଦ୍ର୍ୟ କେବଳ ଧନାଭାବଜନିତ ନ ହୋଇପାରେ, ମନ ଅଭାବ ଜନିତ, ଜ୍ଞାନ ଅଭାବ ଜନିତ ମଧ୍ୟ ହୋଇପାରେ ।

ଧନଠାରୁ ମନ ବଡ଼ କଥାଟିକୁ ବିଶ୍ଳେଷଣ କଲେ ବୁଝିହେବ ଯେ, ଧନ ପୂରଣ କରେ ବାସ୍ତବ ଆବଶ୍ୟକତା, ବାହ୍ୟ ଆବଶ୍ୟକତା, ମାତ୍ର ମନ ପୂରଣ କରେ ଅନ୍ତର୍ନିହିତ ଆବଶ୍ୟକତା । ଉଚ୍ଚ ମନର ପଦେ ମିଠା କଥାର ମୂଲ୍ୟ କେତେ ଧନର ମୂଲ୍ୟଠାରୁ ମଧ୍ୟ ଅଧିକ । ସତରେ ମଧୁର କୋମଳ ବଚନର ସମକକ୍ଷ ଆଉ କିଛି ନାହିଁ । ଭଙ୍ଗାମନକୁ ଧନ ଯୋଡ଼ିପାରେ ନାହିଁ, ଟିକିଏ ହୁଏତ ତାଳି ପକାଇ କାମ ଚଳାଇ ଦେଇପାରେ ।

ପୁଣି କୁହାଯାଇଛି ଯେ, ସହାନୁଭୂତିଠାରୁ ସମାନୁଭୂତି ବଡ଼ । ସହାନୁଭୂତି ହେଉଛି ଅନ୍ୟର ଦୁଃଖ ଓ କଷ୍ଟକୁ ଅନୁମାନ କରି ପ୍ରତିକ୍ରିୟା ପ୍ରକାଶ କରିବା । ମାତ୍ର ସମାନୁଭୂତି କଥାଟି ଭିନ୍ନ । ସମାନୁଭୂତିରେ ଥାଏ ଏକାତ୍ମବୋଧ । ଅନ୍ୟ ଜାଗାରେ ନିଜକୁ ରଖି ଅନ୍ୟର ଶାରୀରିକ, ମାନସିକ ଯନ୍ତ୍ରଣାକୁ ଅନୁଭବ କରିବା ହିଁ ସମାନୁଭୂତିର ମୂଳମନ୍ତ୍ର । ଏହା ଅତ୍ୟନ୍ତ ଦୁର୍ଲଭ । ଏଥିପାଇଁ ଆବଶ୍ୟକ ମନର ପ୍ରଶସ୍ତତା ଓ ଉଚ୍ଚତା । ପାଖରେ କେବଳ ନୁହେଁ ଦୂରରେ ଥିଲେ ମଧ୍ୟ ଅନ୍ୟ ଜଣକର ଦୁଃଖ ଓ ସୁଖର ଅନୁଭବ ଏହା ଦ୍ୱାରା ଘଟିଥାଏ । ବିଶେଷତଃ ବଡ଼ ବଡ଼ ସାଧକମାନଙ୍କ କ୍ଷେତ୍ରରେ ଏହି ଅନୁଭବ ଘଟିଥାଏ । ବଳଦ ପିଠିରେ ହଳିଆର ପ୍ରହାର ଚିହ୍ନ ଶ୍ରୀରାମକୃଷ୍ଣଙ୍କ ପିଠିରେ ଦାଗ ହୋଇ ବସିଯାଇପାରେ । ଜିଇବା ବଡ଼ କଥା ମାତ୍ର ବଞ୍ଚିବା ତାହା ଅପେକ୍ଷା ଅଧିକ ବଡ଼ କଥା । ଜୀବନଧାରଣ କେବଳ ନିଜ ପାଇଁ ହେଲେ ଆମେ ତାକୁ ଜିଇବା କହିବା, ନିଜ ସହିତ ଅନ୍ୟ ପାଇଁ ହେଲେ ତାକୁ ଆମେ ବଞ୍ଚିବା କହିବା । ବଞ୍ଚିବାର କଳା ଓ କୌଶଳ ଅଛି । ମାକସିମ୍ ଗର୍କୀ କହିଛନ୍ତି, ''ମଣିଷ ଉଡ଼ିପାରେ ଆକାଶରେ ପକ୍ଷୀ ପରି, ବୁଡ଼ିପାରେ ପାଣିରେ ମାଛ ପରି ମାତ୍ର ପୃଥିବୀ ଉପରେ କିପରି ବଞ୍ଚିବାକୁ ହୁଏ ସେ ଜାଣେନାହିଁ ।'' ଜିଇବା ସହିତ ବଞ୍ଚିବା ଯେଉଁଠାରେ ଏକାଠି ଥାଏ, ସେ ଜୀବନକୁ ଯଥାର୍ଥ ଜୀବନ ଭାବରେ ଗଣାଯାଏ । ଜିଇବା ସହିତ ନୈତିକତା, ନିଃସ୍ୱାର୍ଥପରତା, ସରଳତା, ସରସତା ସର୍ବୋପରି ମାନବିକତା ମିଶିଲେ ବଞ୍ଚିବା ସମ୍ଭବ ହୁଏ ।

କାମର ସୃଷ୍ଟି କାମନାରୁ, ପାଇଯିବାର ଇଚ୍ଛାରୁ, କିଛି ନେଇଯିବାର ଇଚ୍ଛାରୁ । କାମକୁ ପଲ୍ଲୀକବି ନନ୍ଦକିଶୋର ନିଦାଘର ମଧ୍ୟାହ୍ନ ବୋଲି କହିବା ବେଳେ ପ୍ରେମକୁ ପୂର୍ଣ୍ଣିମାର ଜହ୍ନରାତି ବୋଲି ଉଲ୍ଲେଖ କରିଛନ୍ତି । କାମରେ ପ୍ରତିଦାନ ଅଛି ମାତ୍ର ପ୍ରେମରେ ପ୍ରତିଦାନ ନାହିଁ । କାମରେ ସହିଷ୍ଣୁତା ନାହିଁ ମାତ୍ର ପ୍ରେମରେ ସହିଷ୍ଣୁତା ଅଛି । କାମରେ ଛଳନା ଥାଇପାରେ ମାତ୍ର ପ୍ରେମରେ ଛଳନା ନାହିଁ । କାମରେ ଅସନ୍ତୋଷ ଥାଏ ମାତ୍ର ପ୍ରେମରେ ଅସନ୍ତୋଷ ନାହିଁ । ସ୍ୱାମୀ ବିବେକାନନ୍ଦଙ୍କ କଥାରେ ଆତ୍ମସଙ୍କୋଚନ ହିଁ କାମ ଏବଂ ଆତ୍ମପ୍ରସାରଣ ହିଁ ପ୍ରେମ । ନେବାରେ ଥାଏ ସୁଖ ଏବଂ ଦେବାରେ ଥାଏ ଆନନ୍ଦ । ଏହି ସୁଖପ୍ରାପ୍ତି ହିଁ କାମର ଲକ୍ଷ୍ୟ । ପ୍ରେମରେ ଥାଏ ଆନନ୍ଦ ଓ ବାସ୍ତବ ଉପଭୋଗ । ପ୍ରେମ ଏକ ପାରିଜାତ ଫୁଲ- ଯାହା ବର୍ଷମାସ ସବୁବେଳେ ଅମଉଳା ହୋଇ ରହିଥାଏ । ମାତ୍ର କାମ ସାଧାରଣ ଫୁଲଟିଏ, ଯାହା ସକାଳେ ଫୁଟି ସନ୍ଧ୍ୟାରେ ବା ସନ୍ଧ୍ୟାରେ ଫୁଟି ସକାଳକୁ ମଉଳି ଯାଇଥାଏ । କାମ କେବଳ ନିଜର ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ, ମାତ୍ର ପ୍ରେମ ପ୍ରେମାସ୍ପଦ ପାଇଁ, ଜାତି ପାଇଁ, ଦେଶ ପାଇଁ ତଥା ସମଗ୍ର ବିଶ୍ୱ ପାଇଁ ଉଦ୍ଦିଷ୍ଟ ହୋଇପାରେ ।

ଶ୍ରମ ହେଉଛି ବିନିମୟାତ୍ମକ ଏକ ମାଧ୍ୟମ ଅର୍ଥାତ୍ ଏହା ବିନିମୟରେ କିଛି ଧନ, ଯଶ, ପ୍ରଶଂସା, କ୍ଷମତା ମିଳିବାର ଆଶା ଥାଇପାରେ । ମାତ୍ର କର୍ମରେ କିଛି ପାଇବାର ଆଶା ନ ଥାଏ, ଥାଏ କେବଳ ଆତ୍ମସନ୍ତୋଷ । କର୍ତ୍ତବ୍ୟ ପାଳନ ଜନିତ ଆତ୍ମସନ୍ତୋଷ ହିଁ ଏଥିରେ ଉପଲବ୍ଧ ହୋଇଥାଏ । ଅନ୍ୟପ୍ରକାରେ କୁହାଯାଇପାରେ ଯେ ଫଳର ଆଶା ନ ଥାଏ କର୍ମରେ । ଶ୍ରମ ଦ୍ୱାରା ବ୍ୟକ୍ତିଗତ ଉନ୍ନତି ହୋଇପାରେ ମାତ୍ର କର୍ମ ଦ୍ୱାରା ସାମୂହିକ ଉନ୍ନତି ସାଧିତ ହୋଇପାରେ ।

ଏସବୁ କହିବା ଦ୍ୱାରା ବସ୍ତୁକୁ, ଧନକୁ, ସହାନୁଭୂତିକୁ, ଜିଇବାକୁ, କାମକୁ ଓ ଶ୍ରମକୁ ସାନ କରାଯାଉନାହିଁ । ବରଂ ଏତିକିରେ ସୀମିତ ନ ରହି ବସ୍ତୁଠାରୁ ବାସ୍ତବତା ପର୍ଯ୍ୟନ୍ତ, ଧନରୁ ମନ ପର୍ଯ୍ୟନ୍ତ, ସହାନୁଭୂତିରୁ ସମାନୁଭୂତି ପର୍ଯ୍ୟନ୍ତ, ଜିଇବାରୁ ବଞ୍ଚିବା ପର୍ଯ୍ୟନ୍ତ, କାମରୁ ପ୍ରେମ ପର୍ଯ୍ୟନ୍ତ ଓ ଶ୍ରମରୁ କର୍ମ ପର୍ଯ୍ୟନ୍ତ ପ୍ରସରି ଯିବା କଥା କୁହାଯାଉଛି । କାରଣ ପ୍ରସାରଣ ହିଁ ଯଥାର୍ଥ ଜୀବନ, ପ୍ରସାରଣ ହିଁ ମାନବବାଦର ଯଥାର୍ଥ ଜୟଗାନ ।

କେଦାରଗୌରୀ ଆପାର୍ଟମେଣ୍ଟ, ଭୁବନେଶ୍ୱର,
ମୋ-୯୪୩୭୭୫୬୨୪୦

## ଏଇ ଭାରତରେ

କରଓ୍ବାଚୌଥରେ ପ୍ରତ୍ୟେକ ମହିଳା ତାଙ୍କ ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରୁଥିବାବେଳେ ମଥୁରାର ଏକ ଗାଁରେ ମହିଳାମାନେ କରଓ୍ବାଚୌଥ ଦିନ ସ୍ୱାମୀଙ୍କ ପାଇଁ ବ୍ରତ ରଖନ୍ତିନି । ଏହା ପଛରେ କୌଣସି ବୈଜ୍ଞାନିକ ତର୍କ ନାହିଁ, କିନ୍ତୁ ସେଠାକାର ଲୋକକଥାକୁ ବିଶ୍ୱାସ କରି ସେମାନେ ଏହା କରୁଛନ୍ତି । ସେମାନଙ୍କ ମଧ୍ୟରେ ରହିଥିବା ଅଜବ ଭୟ ଯୋଗୁ ସେମାନେ କରଓ୍ବାଚୌଥଠାରୁ ପୂରା ଦୂରେଇ ଯାଇଛନ୍ତି । ଯଦି ସେମାନେ କରଓ୍ବାଚୌଥ ବ୍ରତ ପାଳନ କରନ୍ତି, ତେବେ ତାଙ୍କ ସ୍ୱାମୀଙ୍କ ଆୟୁଷ କମିଯିବ ବୋଲି ସେମାନଙ୍କ ମଧ୍ୟରେ ବିଶ୍ୱାସ ରହିଆସିଛି । ପ୍ରାୟ ୨୦୦ ବର୍ଷ ପୂର୍ବେ ରାମ ନଗଲା ଗାଁର ଜଣେ ବ୍ରାହ୍ମଣ ତାଙ୍କ ସ୍ତ୍ରୀଙ୍କୁ ନେଇ କରବାଚୌଥ ଦିନ ଯାଉଥିବାବେଳେ ରାସ୍ତାରେ କେତେଜଣ ଲୋକ ଚୋର ସନ୍ଦେହରେ ତାଙ୍କୁ ଅଟକାଇ ପିଟିପିଟି ମାରିଦେଇଥିଲେ । ଏହାପରେ ତାଙ୍କ ସ୍ତ୍ରୀ ଗାଁ ଲୋକଙ୍କୁ ଅଭିଶାପ ଦେଇ ସ୍ୱାମୀଙ୍କ ଚିତାରେ ଝାସ ଦେଇଥିଲେ । ଗାଁରେ ପୁରୁଷ ପୁରୁଷ ଧରି ଏହି ଅସାମୟିକ ମୃତ୍ୟୁରୁ ଏଭଳି ଅନ୍ଧବିଶ୍ୱାସ ଚଳିଆସୁଛି । ଏଣୁ ଗାଁର ମହିଳାମାନେ ଏହାକୁ ଆଜିଯାଏ ମାନି କରଓ୍ବାଚୌଥ ବ୍ରତ ରଖୁନାହାନ୍ତି । ମହିଳାମାନେ ବ୍ରତ ନ ରଖି କରଓ୍ବାଚୌଥ ଦିନ ଗାଁରେ ଥିବା ସତୀ ମନ୍ଦିର ଯାଇ ସ୍ୱାମୀଙ୍କ ପାଇଁ ଦୀର୍ଘ ଜୀବନ କାମନା କରନ୍ତି ।

## ଚିରନ୍ତନୀ

ବିଶ୍ୱ ପାରାବାର ତଳେ
ଲୁଚିଅଛି ଅସଂଖ୍ୟ ରତନ
ଉଦ୍ଧାରି ଆଣିବା ଆଶେ
ବେଳ ଥାଉଁ ହୁଅ ନିମଗନ । (ମହାଦୀପ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୯ ଅକ୍ଟୋବର ୧୯୯୪

- ଜର୍ମାନୀର ସାଧାରଣ ନିର୍ବାଚନରେ କ୍ଷମତାସୀନ ଖ୍ରୀଷ୍ଟିଆନ ଡେମୋକ୍ରାଟିକ ୟୁନିୟନ ପାର୍ଟିର ବିଜୟ ।
- ଭାରତୀୟ ରିଜର୍ଭ ବ୍ୟାଙ୍କର ନୂତନ ଋଣ ନୀତି ଅନୁଯାୟୀ ୨ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଋଣ ଉପରୁ ସର୍ବନିମ୍ନ ଋଣ ହାରକୁ ଉଚ୍ଛେଦ କରାଯାଇଛି ।

## sudoku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 1 | | B | | | | 7 | | | | | | 5 |
| | | | A | | 8 | | | | | | E | | B | 9 |
| B | | | | 6 | C | | 1 | 3 | A | | | E | | |
| | | | | | | D | | | | 0 | | | | |
| 5 | | | | 4 | E | 9 | | | 1 | 6 | | | 3 | |
| | 3 | | | | | | 4 | | E | | D | | 9 | |
| | | | 8 | | 5 | 6 | | | | | | | | A |
| | 5 | | | | | E | 2 | 8 | | 3 | 0 | | D | |
| 0 | | | | | | | | B | 7 | | | | | 4 |
| | | | | 7 | | 0 | 5 | D | C | | 9 | | | |
| 4 | | | 1 | A | | | 6 | 9 | | | 8 | | | |
| | B | 9 | 4 | 8 | | | | | 3 | | 6 | | A | 2 |
| | 2 | E | 9 | 3 | | | | | | | A | | 4 | 6 |
| D | 1 | | | E | | 7 | | | | | | | | |
| 6 | | | D | | | | E | C | B | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | 2 | 5 | E | 6 | 9 | 4 | 3 | 8 | 7 | D | 0 | 1 | B | A |
| 7 | 4 | 9 | A | 3 | 1 | C | 5 | B | E | 8 | 6 | 2 | 0 | D |
| 8 | 0 | D | B | 5 | C | E | 2 | 1 | 9 | 4 | A | 7 | 3 | 6 |
| A | E | 1 | 0 | D | 8 | 9 | 7 | 6 | B | 2 | 3 | 5 | C | 4 |
| 3 | 6 | B | 7 | 4 | 2 | D | 0 | A | 1 | C | 5 | 9 | 8 | E |
| E | A | 6 | 2 | 1 | 5 | 0 | 8 | 4 | 3 | 9 | D | C | 7 | B |
| 5 | 9 | 2 | 3 | A | 6 | B | C | 7 | 4 | E | 8 | D | 1 | 0 |
| B | 8 | 7 | D | 0 | 4 | 5 | 1 | 3 | 2 | A | C | E | 6 | 9 |
| 0 | C | 4 | 9 | B | E | 6 | D | 2 | 5 | 1 | 7 | 3 | A | 8 |
| 1 | D | 3 | 8 | C | 7 | A | 9 | E | 0 | 6 | B | 4 | 2 | 5 |
| 2 | B | 8 | 5 | 9 | 0 | 7 | E | D | A | 3 | 1 | 6 | 4 | C |
| D | 5 | A | C | 8 | 3 | 1 | 4 | 0 | 6 | 7 | E | B | 9 | 2 |
| 6 | 3 | C | 4 | 7 | A | 2 | B | 5 | D | 0 | 9 | 8 | E | 1 |
| 9 | 1 | E | 6 | 2 | D | 3 | A | C | 8 | B | 4 | 0 | 5 | 7 |
| 4 | 7 | 0 | 1 | E | B | 8 | 6 | 9 | C | 5 | 2 | A | D | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବ୍ରାଉନସୁଗାର କାରବାର

ମହାଶୟ,

ଧରିତ୍ରୀରେ ବ୍ରାଉନସୁଗାର ଚୋରା କାରବାର ଖବର ପ୍ରକାଶ ପାଇଛି । ଜଳପଥରେ, ମାଛଧରା ଡଙ୍ଗାରେ, ମାଛ ପେଟରେ ଏହାକୁ ଲୁଚାଇ ବେପାର କରାଯାଉଥିବା ବେଳେ ଏସ୍‌ଟିଏଫ ଦ୍ୱାରା ଧରାପଡିଛି । ବିଗତ ପ୍ରାୟ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ହେବ ବାଂଲାଦେଶୀମାନେ ଡଙ୍ଗାରେ ଆସି ରାଜନଗର ଆଦି ଅଞ୍ଚଳରେ ବେଆଇନ ଅନୁପ୍ରବେଶ କରି ନିଜକୁ ସ୍ଥାୟୀବାସିନ୍ଦା ରୂପେ କାଗଜାତ ହାସଲ କରି ଭୋଟ ଦେଉଥିଲେ ହେଁ ସରକାରଙ୍କ ଏପରି ବେଆଇନ ପ୍ରବେଶ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତି ନାହିଁ । ଫଳରେ ଏମାନଙ୍କ ସଂଖ୍ୟା କାଳକ୍ରମେ ୩୦,୦୦୦ରେ ପହଞ୍ଚି ଏକ ଦ୍ୱିତୀୟ ବାଂଲାଦେଶର ଭ୍ରମ ସୃଷ୍ଟି କଲାଣି । ସେମାନେ ନିଶାଦ୍ରବ୍ୟର ଅବାଧ ପ୍ରସାର ପାଇଁ ଓଡିଶା ହିଁ ଉପଯୁକ୍ତ କ୍ଷେତ୍ର ବୋଲି ଧରିନେଲେଣି । ସବୁ ଭୋଟ ମାୟାରେ ବାୟା । ନେତିଗୁଡ଼ କହୁଣିକୁ ବୋହିଯିବା ପୂର୍ବରୁ ବିହିତ କାର୍ଯ୍ୟାନୁଷ୍ଠାନ ବିଧେୟ ।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

### ଦଲାଲରାଜ

ଓଡ଼ିଶାର ବିଭିନ୍ନ ଦପ୍ତରରେ ଦଲାଲରାଜ ବଢ଼ି ଚାଲିଥିଲା । କିରାଣିଠାରୁ ଅଫିସର ପର୍ଯ୍ୟନ୍ତ ସମସ୍ତଙ୍କର ଏଥିରେ ସହଯୋଗ ଓ ଭାଗବଣ୍ଟା ରହିଥିଲା । ତା' ନ ହେଲେ ଦଲାଲଙ୍କ ହାତରେ ଯାଉଥିବା କାମ ଏତେ ଜଲ୍‌ଦି କେମିତି ହୋଇଯାଏ ? ଭିଜିଲାନ୍ସ ଡରରେ କିରାଣି ଓ ଅଫିସରମାନେ ଜାଣିଶୁଣି ଗୁଡ଼ିଏ ଦଲାଲ ସୃଷ୍ଟି କରିଥିଲେ । ସିଧାସଳଖ ଲୋକଙ୍କଠାରୁ ଲାଞ୍ଚ ନେବେ କାହିଁକି, ଭିଜିଲାନ୍ସ ହାତରେ ଧରାହୋଇ ଅପବାଦ ମୁଣ୍ଡେଇବେ କାହିଁକି ? ଏବେ ସରକାର ବିଭିନ୍ନ ଅଫିସରୁ ଦଲାଲମାନଙ୍କୁ ହଟାଇବା ପାଇଁ ଯେଉଁ ପଦକ୍ଷେପ ନେଇଛନ୍ତି, ତାହା ସ୍ୱାଗତଯୋଗ୍ୟ ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପ୍ରଚାର ସାରି ଫେରିଲେ ମୁଖ୍ୟମନ୍ତ୍ରୀ




ଗାଇସିଲେଟ୍ ବ୍ଲକରେ ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ

**ବରଗଡ଼ ଅଫିସ/ ଗାଇସିଲେଟ୍, ୧୮।୧୦**

- ଗାଇସିଲେଟ୍ ରୋଡ୍ ଶୋରେ ରୀତାଙ୍କୁ ଭୋଟ ଦେବାକୁ ନିବେଦନ
- ଗୁଡେରପାଲି ପଥପ୍ରାନ୍ତ ସଭାରେ ଯୋଗଦେଲେ

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନ ପାଇଁ ବିଜେଡି ପ୍ରାର୍ଥୀ ରୀତା ସାହୁଙ୍କ ପାଇଁ ପ୍ରଚାର ସାରି ଶୁକ୍ରବାର ଅପରାହ୍ନ ପ୍ରାୟ ୨ଟା ୧୫ମିନିଟ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱର ଫେରିଛନ୍ତି। ସେ ବରଗଡ଼ ପିଡବ୍ଲ୍ୟୁଡ଼ି ଡାକବଙ୍ଗଳାରେ ଗୁରୁବାର ରାତ୍ରିଯାପନ କରିଥିଲେ। ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୯ଟା ୪୫ମିନିଟ୍‌ରେ ସ୍ଥାନୀୟ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମର ଅସ୍ଥାୟୀ ହେଲିପ୍ୟାଡ଼ରୁ ହେଲିକପ୍ଟରରେ ଯାଇ ଗାଇସିଲେଟ୍ ବ୍ଲକ ଅନ୍ତର୍ଗତ ତାଲପାଲିରେ ପହଞ୍ଚିଥିଲେ। ସେଠାରେ ସ୍ୱତନ୍ତ୍ର ବସ୍ ଯୋଗେ ରୋଡ୍ ଶୋରେ ବାହାରିଥିଲେ। ଶେଷରେ ଗୁଦେରପାଲି ପଥପ୍ରାନ୍ତ ସଭାରେ ରୀତାଙ୍କୁ ଭୋଟ୍ ଦେବା ପାଇଁ ସମବେତ ଜନତାଙ୍କୁ ମୁଖ୍ୟମନ୍ତ୍ରୀ ନିବେଦନ କରିଥିଲେ। ପ୍ରଚାର ସାରିବା ପରେ ସେ ଜାମୁଟପାଲି ପଡ଼ିଆରୁ ହେଲିକପ୍ଟର ଯୋଗେ ଭୁବନେଶ୍ୱର ଫେରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ପ୍ରଚାର କାର୍ଯ୍ୟକ୍ରମରେ ଦଳୀୟ ପ୍ରାର୍ଥୀ ରୀତା ସାହୁଙ୍କ ସମେତ ମନ୍ତ୍ରୀ ନବକିଶୋର ଦାଶ, ପଦ୍ମନାଭ ବେହେରା, ପ୍ରଫୁଲ୍ଲ ମଲ୍ଲିକ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଟୁକୁନି ସାହୁ, ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ, ପଦ୍ମପୁର ବିଧାୟକ ବିଜୟ ରଞ୍ଜନ ସିଂ ବରିହା, ସ୍ନେହାଙ୍ଗିନୀ ଛୁରିଆ, ଦେବୀପ୍ରସାଦ ମିଶ୍ର, ଅନଙ୍ଗ ଉଦୟ ସିଂଦେଓ, ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେପୁର ଉପନିର୍ବାଚନୀ ସଭାରେ ଧର୍ମେନ୍ଦ୍ରଙ୍କ ଆହ୍ୱାନ

# ଦୁର୍ନୀତିମୁକ୍ତ ବିକାଶ ପାଇଁ ସୁଯୋଗ ଦିଅ

**ବିଜେପୁର/ବରପାଲି, ୧୮।୧୦ (ଡି.ଏନ.ଏ.)**

ବରଗଡ ଜିଲା ବିଜେପୁର ଉପନିର୍ବାଚନ ପାଇଁ ଶନିବାର ନିର୍ବାଚନ ପ୍ରଚାର ଶେଷ ହେବ। ଏଥିପାଇଁ ତିନି ପ୍ରମୁଖ ରାଜନୈତିକ ଦଳର ଷ୍ଟାର ପ୍ରଚାରକମାନେ ପ୍ରଚାରର ଶେଷ ସ୍ପର୍ଶ ଦେବାରେ ବ୍ୟସ୍ତ । ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗାଇସିଲେଟ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବିଜେପୁର, ବରପାଲିରେ ରୋଡ ଶୋ, ପଥପ୍ରାନ୍ତ ସଭା ଉପନିର୍ବାଚନର ପ୍ରଚାର ମାହୋଲକୁ ବେଶ୍ ସରଗରମ କରିଛି।

ଶୁକ୍ରବାର ମଧ୍ୟାହ୍ନ ୧୨ଟାରେ ବିଜେପୁର ଏନଏସି ସଦର ମହକୁମା ବସଷ୍ଟାଣ୍ଡରେ ଆୟୋଜିତ ପଥପ୍ରାନ୍ତ ସଭାରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଦୁର୍ନୀତି, ଭ୍ରଷ୍ଟାଚାରମୁକ୍ତ ବିକାଶ ପାଇଁ ଭାଜପା ପ୍ରାର୍ଥୀ ସନତ କୁମାର ଗଡତିଆଙ୍କୁ ବିଜୟୀ କରିବାକୁ ନିବେଦନ କରିଥିଲେ । କେନ୍ଦ୍ରମନ୍ତ୍ରୀ ରାଜ୍ୟ ସରକାରଙ୍କ ମୋ ସରକାର ଯୋଜନାର ସ୍ୱଚ୍ଛତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଥିଲେ । ଯିଏ ସ୍ୱଚ୍ଛ ଭ୍ରଷ୍ଟାଚାରମୁକ୍ତ କାମ କରୁଛି, ତାକୁ ହତ୍ୟା କରାଯାଉଛି। ବିଜେପୁର ବ୍ଲକ ସଂଯୋଜକ ତରଣୀସେନ ମହଲା ଓ ଧର୍ମଶାଳା ବ୍ଲକର ଭିଏଲ୍‌ଡବ୍ଲ୍ୟୁ ହତ୍ୟା ଘଟଣା ଏହାର ନମୁନା ବୋଲି ସେ କହିଥିଲେ। ବିକାଶର ନାରା ଦେଉଥିବା ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ ଏକ ବର୍ଷ ମଧ୍ୟରେ ଏଠି କ'ଣ ବିକାଶ ହେଉଛି ଦୁଇଦିନ ମଧ୍ୟରେ ଉତ୍ତର ରଖିବେ କି ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ ପ୍ରଶ୍ନ କରିଥିଲେ । ସଭାରେ ବରଗଡ ଏମ୍‌ପି ସୁରେଶ ପୂଜାରୀଙ୍କ ବଳଦ ଉପାଖ୍ୟାନ ଉପସ୍ଥିତ ଜନତାଙ୍କୁ ତାଜୁବ କରିଥିଲା। ପୂଜାରୀ କହିଥିଲେ, ବରଗଡ ଲୋକ ସଭା କ୍ଷେତ୍ରର ସମସ୍ତ ୭ଟି ଯାକ ବିଧାୟକ ପରାଜିତ ହେଲେ । ମୁଁ ଏକାକୀ ବିଜୟୀ ହେଲି। ମାତ୍ର ଜଣେ ବଳଦରେ ଚାଷ ହୋଇପାରେ କି । ଚାଷ ତଥା ବିକାଶ ପାଇଁ ଦୁଇଟି ବଳଦ ଆବଶ୍ୟକ। ତେଣୁ ଆଉ ଏକ ବଳଦ ପ୍ରାର୍ଥୀ ଗଡତିଆଙ୍କୁ ବିଜୟୀ କରିବାକୁ ଏମପି ପୂଜାରୀ ନିବେଦନ କରିଥିଲେ । ଜିଲା ସଭାପତି ଡା. ଅରୂପାନନ୍ଦ ସାହୁ ସଭା ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଭାପତି ବସନ୍ତ ପଣ୍ଡା, ବିଧାୟକ ଦଳ ନେତା ପ୍ରଦୀପ୍ତ ନାୟକ, ବିଧାୟକ ମୁକେଶ ମହାଲିଙ୍ଗ ଓ ନାଉରି ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି କେନ୍ଦ୍ରମନ୍ତ୍ରୀ ପ୍ରଧାନ ବରପାଲି ବ୍ଲକର ବନ୍ଧପାଲି, ଗୋପେଇପାଲି, ବରପାଲି ଏନଏସିରେ ରୋଡ ଶୋ କରି ପ୍ରାର୍ଥୀ ଗଡତିଆଙ୍କ ପାଇଁ ପ୍ରଚାର କରିଥିଲେ ।



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛନ୍ତି ।

# ସ୍ୱାଭିମାନ କଥା ଉଠାଇଲା କଂଗ୍ରେସ

**ବିଜେପୁର,୧୮।୧୦ (ଡି.ଏନ.ଏ)**

ବିଜେପୁର ଉପନିର୍ବାଚନରେ ପ୍ରଚାର ଦୌଡର ଅନ୍ତିମ ପର୍ଯ୍ୟାୟରେ କଂଗ୍ରେସ ଦଳ ମାରାଥନ ପ୍ରଚାର କରି ନିଜର ଶକ୍ତି ପ୍ରଦର୍ଶନ କରିଛି । ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ବିଧାୟକ ନରସିଂହ ମିଶ୍ର ଗାଇସିଲେଟବ୍ଲକରଗନିଆଁପାଲିରୁଶୁକ୍ରବାରନିର୍ବାଚନୀପ୍ରଚାରଆରମ୍ଭ କରି ବରପାଲି ବ୍ଲକର ଆଗଲପୁରରେ ପ୍ରଚାର ଶେଷ କରିଥିଲେ। ବିଜେପୁର ବ୍ଲକ ଟି. ଗଣ୍ଡପାଲିରେ ଜିଲା ସଭାପତି ସତ୍ୟଭୂଷଣ ସାହୁଙ୍କ ଅଧ୍ୟକ୍ଷତାରେ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା। ପିସିସି ସଭାପତି ପଟ୍ଟନାୟକ ଓ ବିଧାୟକ ମିଶ୍ର ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ କଟୁ ସମାଲୋଚନା କରି ଏହି ଅଞ୍ଚଳର ବିକାଶ ତଥା ସ୍ୱାଭିମାନ ରକ୍ଷା ପାଇଁ ମାଟିର ପୁଅ ଦିଲୀପ କୁମାର ପଣ୍ଡାଙ୍କୁ ବିଜୟୀ କରିବା ପାଇଁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ତାରାପ୍ରସାଦ ବାହିନୀପତି, ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ପ୍ରାର୍ଥୀ ଦିଲୀପ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବିଜେପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ସମ୍ପୃକ୍ତ ପଞ୍ଚାୟତର ପର୍ଯ୍ୟବେକ୍ଷକଙ୍କ ତତ୍ତ୍ୱାବଧାନରେ ନେତା, ମନ୍ତ୍ରୀ ଓ ବିଧାୟକମାନେ ଦଳୀୟ କର୍ମୀ ଓ ସଙ୍ଗଠକମାନଙ୍କ ସହିତ ତୁହାକୁ ତୁହା ବୈଠକ କରୁଥିବା ଜଣାପଡିଛି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.eT-M-PC-BBS-79-2019

**କାର୍ଯ୍ୟର ନାମ :** 01 ବର୍ଷ ସମୟାବଧି ନିମନ୍ତେ ଭୁବନେଶ୍ୱର ସ୍ଥିତ କୋଚିଙ୍ଗ୍ ଡିପୋର କୋଚ୍ ଏବଂ ରକ୍ଷଣାବେକ୍ଷଣ ଏରିଆରେ ପେଷ୍ଟ୍ (PEST) ଏବଂ ରୋଡେଣ୍ଟ୍ (RODENT) ନିୟନ୍ତ୍ରଣ ଉପଘର ।

**ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) :** 17,30,453/-, EMD (ଟଙ୍କାରେ) : 34,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 2,360/-, ଶେଷ ହେବା ଅବଧି : 12 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.22.10.2019 ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.05.11.2019 ରିଖ 1530 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ http://www.ireps.gov.in ରେ ଉପଲବ୍ଧ ହେବ ।

ସିନିୟର ଡିଭିଜନାଲ ମେକାନିକାଲ ଇଂଜିନିୟର
ଖୋର୍ଦ୍ଧା ରୋଡ଼
PR-442/K/19-20



**ଭାରତୀୟ ରିଜର୍ଭ ବ୍ୟାଙ୍କ୍**
**RESERVE BANK OF INDIA**
www.rbi.org.in

**୪ ବର୍ଷୀୟ ରାଜ୍ୟ ସରକାର ପ୍ରତିଭୂତି ନିଲାମୀ**

ଓଡ଼ିଶା ରାଜ୍ୟ ସରକାରଙ୍କ ସର୍ବମୋଟ ₹୫୦୦.୦୦ କୋଟି ଟଙ୍କା (ଅଙ୍କିତ ମୂଲ୍ୟ)ର ପ୍ରତିଭୂତି ନିଲାମ ପ୍ରକ୍ରିୟାରେ ବିକ୍ରି କରିବାର ପ୍ରସ୍ତାବ କରିଅଛନ୍ତି।

ଏକାଧିକ ମୂଲ୍ୟ ଫର୍ମାଟ୍ ଅନ୍ତର୍ଗତ ପ୍ରତିଫଳ (*yield*) ଏହି ନିଲାମ ଭାରତୀୟ ରିଜର୍ଭ ବ୍ୟାଙ୍କ୍‌ର କୋର୍ ବ୍ୟାଙ୍କିଙ୍ଗ୍ ସମାଧାନ (ଇ-କୁବେର) ମାଧ୍ୟମରେ ୨୨ ଅକ୍ଟୋବର ୨୦୧୯ (ମଙ୍ଗଳବାର) ଦିନ ଆୟୋଜନ କରାଯିବ । ଏ ସମ୍ପର୍କିତ ଅଧିକ ସୂଚନା ପାଇଁ, ଭାରତୀୟ ରିଜର୍ଭ ବ୍ୟାଙ୍କ୍‌ର ୱେବସାଇଟ୍ (**www.rbi.org.in**) ୧୭ ଅକ୍ଟୋବର ୨୦୧୯ (ଗୁରୁବାର)ରେ ପ୍ରକାଶିତ ଆର୍‌ବିଆଇ ପ୍ରେସ ବିଜ୍ଞପ୍ତି ଦେଖନ୍ତୁ।

"ଇ-ମେଲ୍/ଏସ୍.ଏମ୍.ଏସ୍./ଟେଲିଫୋନ୍ ମାଧ୍ୟମରେ ଅର୍ଥ ପ୍ରାପ୍ତିର ପ୍ରସ୍ତାବ ପାଇଁ ଠକାମୀରେ ପଡନ୍ତୁ ନାହିଁ"




## ଜିଲା ଟିଠି ଯାଜପୁର

# ଅସମାହିତ ଥଇଥାନ ନୀତି

ଦ୍ରୁତ ଶିଳ୍ପାୟନରେ ବିସ୍ଥାପିତ ଓ ଜମିହରାଙ୍କ ପୁନର୍ବାସ ଓ ଥଇଥାନ ସମସ୍ୟା ପ୍ରତିବନ୍ଧକ ହୋଇଥିବାରୁ ରାଜ୍ୟ ସରକାର ନୂଆ ପୁନର୍ବାସ ଓ ଥଇଥାନ ନୀତି ପ୍ରଣୟନ କରିଛନ୍ତି। ଏହି ନୀତିର ରୂପାୟନ ପାଇଁ ରାଜ୍ୟ ସରକାର ଶିଳ୍ପ ବହୁଳ ଜିଲାଗୁଡିକରେ ପ୍ରକଳ୍ପ ନିର୍ଦ୍ଦେଶକ (ପୁନର୍ବାସ ଓ ଥଇଥାନ) ଅଧିକାରୀ ପଦବୀ ସୃଷ୍ଟି କରି ଓଡିଶା ପ୍ରଶାସନିକ ସେବାର ଅଧିକାରୀଙ୍କୁ ଅବସ୍ଥାପିତ କରିଛନ୍ତି। ବିସ୍ଥାପିତ ଓ ଜମିହରାଙ୍କ ପୁନର୍ବାସ ଓ ଥଇଥାନକୁ ନେଇ ଶିଳ୍ପ ବହୁଳ ଯାଜପୁର ଜିଲାରେ ଅସନ୍ତୋଷ ଲାଗି ରହିଛି। କିନ୍ତୁ ରାଜ୍ୟ ସରକାରଙ୍କ ଉପରୋକ୍ତ ଥଇଥାନ ଓ ପୁନର୍ବାସ ନୀତି ଲାଗୁ କରିବାକୁ ଜିଲାରେ କେହି ଅଧିକାରୀ ନାହାନ୍ତି। କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ବ୍ୟାସନଗର ତହସିଲଦାରଙ୍କୁ ଏହି ପଦବୀରେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଜିଲାରେ ଟାଟା ଷ୍ଟିଲ, ନୀଳାଚଳ ଇସ୍ପାତ, ଭିସା ଷ୍ଟିଲ, ବିଆର୍‌ପିଏଲ୍, ମେସ୍କୋ ଷ୍ଟିଲ, ଜିନ୍ଦଲ ଷ୍ଟେନ୍‌ଲେସ ଷ୍ଟିଲ, ମଇଥାନ ଇସ୍ପାତ, ରୋହିତ ଫେରୋଟେକ, କେଜେ ଇସ୍ପାତ ଭଳି କାରଖାନା ରହିଥିବାବେଳେ ଏବେ ବିଭିନ୍ନ ସିମେଣ୍ଟ କମ୍ପାନୀର ଆଗମନ ହେଉଛି। ପୂର୍ବରୁ ଇଡ୍‌କୋ ଜରିଆରେ ଜମି ଅଧିଗ୍ରହଣ କରି ଏହି ସିମେଣ୍ଟ କମ୍ପାନୀଗୁଡ଼ିକୁ ଜମି ଆବଣ୍ଟିତ ହେଉଥିଲେ ହେଁ ସ୍ଥାନୀୟ ନିଯୁକ୍ତି ଓ ଅତିରିକ୍ତ କ୍ଷତିପୂରଣ ପ୍ରଦାନରେ ଅବହେଳା ହେଉଥିବା ମନେହେଉଛି। ଏଥିରେ ଶତାଧିକ ପରିବାର ବିସ୍ଥାପିତ ଓ ଜମିହରା ହୋଇଛନ୍ତି। ସେହିପରି ଅଧିଗୃହୀତ ସରକାରୀ ଜମିରେ ରହିଥିବା ଗ୍ରାମ୍ୟ ଜଙ୍ଗଲ ଓ ପତରା ଜଙ୍ଗଲରୁ କେନ୍ଦୁପତ୍ର ଓ ଅନ୍ୟାନ୍ୟ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ତଥା ରୟତଙ୍କ ଜମିରେ କୃଷି ଶ୍ରମିକ ଭାବରେ କାର୍ଯ୍ୟ କରି ଜୀବିକା ନିର୍ବାହ କରୁଥିବା ଭୂମିହୀନ ଲୋକେ କ୍ଷତିଗ୍ରସ୍ତ ହୋଇଛନ୍ତି। ଏମାନଙ୍କ ପୁନର୍ବାସ, ଥଇଥାନ ପାଇଁ ପ୍ରଣୀତ ନୀତି ଲାଗୁ କରିବାକୁ ପ୍ରଶାସନ ସେତେଟା ଆଗ୍ରହ ଦେଖାଉ ନ ଥିବା ମନେହେଉଛି। ଫଳରେ କଳିଙ୍ଗନଗରରେ ଅଶାନ୍ତି ବଳବତ୍ତର ରହି ବିଭିନ୍ନ ସମୟରେ ଆନ୍ଦୋଳନ, ରାସ୍ତାରୋକୋ, ଧାରଣା ହେଉଛି। ପ୍ରକଳ୍ପ ନିର୍ଦ୍ଦେଶକ ପଦବୀ ଖାଲିଥିବାରୁ ଉପରୋକ୍ତ ବିସ୍ଥାପିତ ଓ ଜମିହରାଙ୍କ ପୁନର୍ବାସ ଓ ଥଇଥାନରେ ଅନେକ ସମସ୍ୟା ଅସମାହିତ ହୋଇ ରହିଛି। ବିସ୍ଥାପିତ ଓ ଜମିହରାଙ୍କୁ ବୈଷୟିକ ପ୍ରଶିକ୍ଷଣ ଦେଇ ନିୟମିତ ନିଯୁକ୍ତି ଦେବା ପ୍ରତି କଳକାରଖାନାଗୁଡ଼ିକ ଆଗ୍ରହ ପ୍ରକାଶ କରୁନାହାନ୍ତି। ସେମାନଙ୍କୁ ମଜୁରିଆ ଭାବରେ ନିଯୁକ୍ତି ଦେଇ ଇପିଏଫ୍, ଇଏସ୍ଆଇ ପ୍ରଭୃତି ସୁବିଧାରୁ ବଞ୍ଚିତ କରୁଛନ୍ତି। କେତେକ କମ୍ପାନୀ ଜମି ଅଧିଗ୍ରହଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପୂର୍ବରୁ ଲୋକଙ୍କୁ ସେମାନଙ୍କ ଜମିରୁ ହଟାଇ କାରଖାନା ପ୍ରତିଷ୍ଠା କରିଛନ୍ତି ଓ କ୍ଷତିପୂରଣ ପୈଠକୁ ଜାଣିଶୁଣି ବିଳମ୍ବିତ କରାଉଛନ୍ତି। ବିସ୍ଥାପିତ ଓ ଜମିହରାଙ୍କ ପୁନର୍ବାସ ଓ ଥଇଥାନକୁ ନେଇ ଆର୍‌ଡିସିଙ୍କ ଅଧ୍ୟକ୍ଷତାରେ ପୁନର୍ବାସ ଓ ଥଇଥାନ ଉପଦେଷ୍ଟା କମିଟି(ଆର୍‌ପିଡିଏସି) ବୈଠକ ବି ହେଉନାହିଁ। ଏହା ବିସ୍ଥାପିତ ଓ ଜମିହରାଙ୍କ ପୁନର୍ବାସ ତଥା ଥଇଥାନ ଦିଗରେ ରାଜ୍ୟ ସରକାରଙ୍କ ଅଙ୍ଗୀକାର ପ୍ରତି ପ୍ରଶ୍ନ ଚିହ୍ନ ଲଗାଇଛି। **–ହର୍ଷବର୍ଦ୍ଧନ ବେହେରା**


**ପୂର୍ବ ତଟ ରେଳପଥ**
**'ଇ' କ୍ରୟ ପ୍ରଣାଳୀ**

ଟେଣ୍ଡର ବିଜ୍ଞପ୍ତି ସଂ.PCMM/EP/2019-20/03 ତା.15.10.2019ରିଖ

ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବସାଇଟ : www.ireps.gov.in ରେ ଅପଲୋଡ କରାଯାଇଛି ।

**କ୍ରମ ସଂ.01,** ଟେଣ୍ଡର ନଂ.03191664 : ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଡବଲ ଆକ୍ଟିଙ୍ଗ୍ ହାଇଡ୍ରୋଲିକ୍ ଶକ୍ (Hydraulic Shock) ଆବ୍‌ଜର୍ବର (Absorber) ଇତ୍ୟାଦି, ପରିମାଣ : 750 ଗୋଟି ।

**କ୍ରମ ସଂ.02,** ଟେଣ୍ଡର ନଂ.04195133 : ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଜଏଣ୍ଟଲେସ୍ ଗ୍ରୁଭଡ କପର କଣ୍ଟାକ୍ଟ ୱାୟର ଇତ୍ୟାଦି, ପରିମାଣ : T.S. ଅନୁସାରେ ।

**କ୍ରମ ସଂ.03,** ଟେଣ୍ଡର ନଂ.03191689 : ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ବଗି ମାଉଣ୍ଟେଡ୍ ବ୍ରେକ୍ ସିଲିଣ୍ଡର ଇତ୍ୟାଦି, ପରିମାଣ : 1296 ଗୋଟି ।

**କ୍ରମ ସଂ.04,** ଟେଣ୍ଡର ନଂ.03191030 : ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ହାଇ କାପାସିଟି ହାଇଟ୍ରେଲ୍ (Hytrel) ଅପର ୱାସର ଇତ୍ୟାଦି, ପରିମାଣ : 7000 ଗୋଟି ।

**କ୍ରମ ସଂ.05,** ଟେଣ୍ଡର ନଂ.06195043 : ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଆବର୍ଜନା ପ୍ରବନ୍ଧନ କାରଖାନାର ଯୋଗାଣ, ସଂସ୍ଥାପନ ଏବଂ ସମ୍ପାଦନ ଇତ୍ୟାଦି, ପରିମାଣ : 01 ଗୋଟି ।

ବନ୍ଦ ହେବା ତାରିଖ : କ୍ରମ ସଂ.01 ଏବଂ 02 ନିମନ୍ତେ ତା.11.11.2019ରିଖ, କ୍ରମ ସଂ.03 ନିମନ୍ତେ ତା.18.11.2019ରିଖ, କ୍ରମ ସଂ.04 ନିମନ୍ତେ ତା.25.11.2019ରିଖ ଏବଂ କ୍ରମ ସଂ.05 ନିମନ୍ତେ ତା.25.10.2019ରିଖ, ବନ୍ଦ ହେବା ସମୟ : ଉପରୋକ୍ତ ସମସ୍ତ ଟେଣ୍ଡରଗୁଡ଼ିକ ପାଇଁ 1500 ଘଟିକାରେ ।

ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ
ଭୁବନେଶ୍ୱର
PR-441/K/19-20



**ପୂର୍ବ ତଟ ରେଳପଥ**

ସଂ.G.274/KUR DIVN/Cycle/2Wheeler Stand/PURI/e-tender/19, ତା.16.10.2019 ରିଖ

**କାର୍ଯ୍ୟର ନାମ :** କାର୍ଯ୍ୟ ଆରମ୍ଭ ହେବା ତାରିଖ ଠାରୁ 03 (ତିନି) ବର୍ଷ ସମୟାବଧି ନିମନ୍ତେ ପୁରୀ ରେଳ ଷ୍ଟେସନ ଠାରେ ସାଇକେଲ/ଦୁଇ ଚକିଆ ପାର୍କିଙ୍ଗ୍ ଷ୍ଟାଣ୍ଡ ନିମନ୍ତେ ଚୁକ୍ତି ।

**03 (ତିନି) ବର୍ଷ ନିମନ୍ତେ ଆରକ୍ଷଣ ମୂଲ୍ୟ (ଟଙ୍କାରେ) :** 14,36,120/-, EMD (ଟଙ୍କାରେ) : 1,43,600/-, ଟେଣ୍ଡର ଫର୍ମର ମୂଲ୍ୟ (GST @ 18% ସହିତ)(ଟଙ୍କାରେ) : 2,360/-, ଶେଷ ହେବା ଅବଧି : 03 (ତିନି) ବର୍ଷ ।

**ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ :** ତା.04.12.2019 ରିଖ 1600 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ଭାବେ ପ୍ରେରଣ କରାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବକୁ ଫାର୍ମ (Firm) ର ଲେଟର ହେଡ ତଥା ଧାର୍ଯ୍ୟ ସମୟସୀମା ମଧ୍ୟରେ ଦାଖଲ କରାଯାଇଥିଲେ ମଧ୍ୟ ଗ୍ରହଣ କରାଯିବ ନାହିଁ । ସେହି ସବୁ ମାନୁଆଲ ପ୍ରସ୍ତାବ ଗୁଡ଼ିକୁ ଅବୈଧ ଭାବେ ଘୋଷଣା କରାଯିବ ତଥା ତା' ଉପରେ କୌଣସି ବିଚାର କରାନଯାଇ ନାକଚ କରି ଦିଆଯିବ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ଦଶ ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ମଣ୍ଡଳ ରେଳ ପ୍ରବନ୍ଧକ(ବାଣିଜ୍ୟ)
ଖୋର୍ଦ୍ଧା ରୋଡ଼
PR-444/K/19-20



**ପୂର୍ବ ତଟ ରେଳପଥ**
**ସଂକେତ ଓ ଦୂରସଂଚାର କାର୍ଯ୍ୟ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. STCONBBSeOTEIModKIS-SQQ12 ତା: 11.10.2019

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥ ଅନ୍ତର୍ଗତ ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ଭଦ୍ରକ - ନିର୍ଗୁଣ୍ଡି ମଧ୍ୟରେ ତୃତୀୟ ଲାଇନ୍ କାର୍ଯ୍ୟ ସମ୍ବନ୍ଧୀୟ କପିଳାସ ରୋଡ୍ ଠାରେ ବର୍ତ୍ତମାନ ଥିବା ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ (ମେସର୍ସ ସିମେନ୍‌ସ ନିର୍ମିତ) ର ପରିବର୍ତ୍ତନ ଏବଂ ନିର୍ଗୁଣ୍ଡି-ଶାଳଗାଁ ମଧ୍ୟରେ ଡ୍ରାଉନ୍ ଲାଇନ୍‌ରେ ଉଭୟ ଦିଗକୁ ଚଳାଚଳ କାର୍ଯ୍ୟ ସମ୍ବନ୍ଧୀୟ ଶାଳଗାଁ ଷ୍ଟେସନ ଠାରେ ବର୍ତ୍ତମାନ ଥିବା ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ (ମେସର୍ସ ସିମେନ୍‌ସ ନିର୍ମିତ) ର ପରିବର୍ତ୍ତନ ଓ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଗୁଡ଼ିକର ଯୋଗାଣ ଏବଂ ସଙ୍କେତ ଓ ଦୂରସଂଚାର କାର୍ଯ୍ୟଗୁଡ଼ିକର ସମ୍ପାଦନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹ 1,61,95,294.00, EMD : ₹ 2,31,000.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 5,900.00, ଇ-ଟେଣ୍ଡର ସମାପ୍ତିର ଅବଧି : 11(ଏଗାର) ମାସ।

ଇ-ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ : ତା 04.11.2019 ରିଖ 1200 ଘଟିକା, **ଇ-ଟେଣ୍ଡର ଖୋଲା ହେବାର ତାରିଖ ଓ ସମୟ :** ତା 04.11.2019 ରିଖ 1200 ଘଟିକା।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ।

ଡେପୁଟି ଚିଫ୍ ସିଗ୍‌ନାଲ୍ ଏବଂ ଟେଲିକମ୍ ଇଞ୍ଜିନିୟର/ ନିର୍ମାଣ/ଭୁବନେଶ୍ୱର
PR-62/CC/19-20










## ସଂକ୍ଷେପରେ

### ବିଧାନସଭା ବିଭାଗୀୟ ସ୍ଥାୟୀ କମିଟି(୮)ର ୫ମ ବୈଠକ

**ଭୁବନେଶ୍ୱର, ୧୮।୧୦ (ବ୍ୟୁରୋ):** ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବିଧାନସଭାର ବିଭାଗୀୟ ସ୍ଥାୟୀ କମିଟି-୮ର ପଞ୍ଚମ ବୈଠକ ବିଧାନସଭାସ୍ଥିତ ୫୫ନଂ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗର କାର୍ଯ୍ୟାବଳୀ ଓ ବଜେଟ୍ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ବିଧାୟକ ସୂର୍ଯ୍ୟମଣି ବୈଦ୍ୟ, ଚକ୍ରମଣି କହଁର, ମକରନ୍ଦ ମୁଦୁଲି ଏବଂ ନବଚରଣ ମାଝୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗର ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ, ବିଧାନସଭା ସଚିବ ଦାଶରଥୀ ଶତପଥୀ, ଶ୍ରମ କମିଶନର ନିରଞ୍ଜନ ସାହୁ, ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ୟୁ.କେ. ତ୍ରିପାଠୀ ଓ ଚନ୍ଦ୍ରା ମିଶ୍ର, ବିଭାଗୀୟ ଅତିରିକ୍ତ ଶାସନ ସଚିବ ସୁଧାକର ବୁର୍ଗୀ, ଇଏସ୍ଆଇର ନିର୍ଦ୍ଦେଶକ ରମେଶ ଚନ୍ଦ୍ର ରାଉତପ୍ରମୁଖ ଉପସ୍ଥିତ ଥିଲେ।

### ମୃତ ୨ ଶିଶୁଙ୍କ ପରିବାରକୁ ସହାୟତା



**ବାଲିକୁଦା,୧୮।୧୦(ସ୍ୱ.ପ୍ର.):** ବାଲିକୁଦା ଥାନା ମୂଳଗାଁ ପଞ୍ଚାୟତ ସିଙ୍ଗିରି(ମୁଣ୍ଡଳପଦା) ଗ୍ରାମରେ ପୋଖରୀରେ ବୁଡ଼ି ୨ଜଣ ଶିଶୁଙ୍କ ମୃତ୍ୟୁ ଘଟିଥିଲା। ସେମାନେ ହେଲେ ସରୋଜ ବିଶ୍ୱାଳଙ୍କ ପୁଅ ଓମପ୍ରକାଶ(୧୦) ଓ ପ୍ରତାପ ରାଉତଙ୍କ ପୁଅ ଆର୍ଯ୍ୟ(୯)। ଶୁକ୍ରବାର ୨ ଶିଶୁଙ୍କ ପରିବାରକୁ ସରକାରଙ୍କ ତରଫରୁ ୪ ଲକ୍ଷ ଟଙ୍କା ସହାୟତା ଦିଆଯାଇଛି। ତହସିଲଦାର ଦିପ୍ତୀରେଖା ପାତ୍ର ଉଭୟ ଶିଶୁଙ୍କ ବାପାଙ୍କୁ ଏହି ଟଙ୍କା ଚେକ୍ ଆକାରରେ ପ୍ରଦାନ କରିଛନ୍ତି।

### କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**କୁଜଙ୍ଗ,୧୮।୧୦(ସ୍ୱ.ପ୍ର):** କୁଜଙ୍ଗ ବ୍ଲକ ବୋରିଖି କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଶୁକ୍ରବାର ତରୁଡୁଠା ଉଚ୍ଚ ପ୍ରାଥମିକ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଛି। ସିଆର୍‌ସିସି ଗୁରୁଚରଣ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ କରୁଡୁଠାର ପ୍ରଧାନ ଶିକ୍ଷୟିତ୍ରୀ ମମତା ନାୟକ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ବିଦ୍ୟାଳୟର ୬୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି କାର୍ଯ୍ୟକରେ ଅଂଶଗ୍ରହଣ କରି ତର୍କ, ସଙ୍ଗୀତ, ନୃତ୍ୟ, କୁଇଜ୍, ଚିତ୍ରାଙ୍କନ ଆଦି କ୍ଷେତ୍ରରେ ନିଜ ଦକ୍ଷତାର ପରିଚୟ ଦେଇଥିଲେ। ସେମାନଙ୍କ ମଧ୍ୟରୁ ସଙ୍ଗୀତରେ ଦିବାକର ଓଝା, ପ୍ରବନ୍ଧରେ ରାହୁଲ ସାମନ୍ତରାୟ, ସିଦ୍ଧାର୍ଥ ଜେନା, ପୂଜାରାଣୀ ମୁଦୁଲି, ସତ୍ୟଜିତ୍ ଦଳାଇ, ଶିବ ପ୍ରସାଦ ସୂତାର, ବିଶ୍ୱରଞ୍ଜନ ନାୟକ, ଜୟ ପ୍ରକାଶ ସାମଲ, ସୃଜନାତ୍ମକ ଲେଖାରେ ଜ୍ୟୋତି ପ୍ରଜ୍ଞା ସାହୁ, ସ୍ମୃତି ସୁରଭି ନାୟକ, ଲିଜାରାଣୀ ସାହୁ ପ୍ରମୁଖ କୃତିତ୍ୱ ହାସଲ କରି ବ୍ଲକ୍‌ସ୍ତରକୁ ମନୋନିତ ହୋଇଥିଲେ। କାର୍ଯ୍ୟକ୍ରମରେ ସଞ୍ଜୁକ୍ତା ବେଉରା, ପ୍ରଦୀପ କୁମାର ସ୍ୱାଇଁ, କେଶବ ଚନ୍ଦ୍ର ଦଳାଇ, ଧୁନ ହାଂସଦା, ସୂର୍ଯ୍ୟକାନ୍ତ ମଲ୍ଲ, ସୁନିଲ ମହାରଣା, ଅନୀତା ଦାସ ପ୍ରମୁଖ ବିଚାରକ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ରୋଜାଲିନ୍ ଦାସ, ସୁପ୍ରିୟା ଶତପଥୀ, ସୁଷମା ନାୟକ ଓ ସସ୍ମିତା ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବିଜୁ ଯୁବବାହିନୀର ସବୁଜ ବନାନୀ କାର୍ଯ୍ୟକ୍ରମ

**ପାରାଦୀପ,୧୮।୧୦(ସ୍ୱ.ପ୍ର):** ପାରାଦୀପ ପୌରପାଳିକା ହାଇସ୍କୁଲ ପରିସରରେ ଶୁକ୍ରବାର ବିଜୁ ଯୁବବାହିନୀ ଗ୍ରୁପ୍ ୬ ପକ୍ଷରୁ ସବୁଜ ବନାନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ବିଦ୍ୟାଳୟ ପରିସର ସଫେଇ କରାଯିବା ସହ ଚାରୋରୋପଣ କରାଯାଇଥିଲା। ଏଥିରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଉପାଧ୍ୟକ୍ଷା ପ୍ରଭାତି ନାୟକ, ଶିକ୍ଷୟିତ୍ରୀ ଭାଗବତୀ, ଅଂଶୁ ରାୟ, ଯୁବବାହିନୀର ଆଶିଷ କୁମାର ମହାପାତ୍ର, ବିଜୟ ସେଠୀ, ସୁବ୍ରତ ବଳ, ତପନ ନାୟକ, ଶକ୍ତିରାଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

ବିଜେଡିର ଜନସମ୍ପର୍କ ପଦଯାତ୍ରା

# ଅଧିକ କ୍ରିୟାଶୀଳ ହୋଇଛି ସରକାରୀ କଳ

**ବିରିଡ଼ି/ବାଲିଆ,୧୮।୧୦(ଡି.ଏନ୍.ଏ.)**

ବିରିଡ଼ି ବ୍ଲକ ୨୨ ମୌଜା ବାସନ୍ଦରା ପଞ୍ଚାୟତରେ ଶୁକ୍ରବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଏଥିରେ ଜଗତସିଂହପୁର ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ, ଲୋକାଭିମୁଖୀ କାର୍ଯ୍ୟ ଓ ଉନ୍ନୟନ ଯୋଜନା ସମ୍ପର୍କରେ କହିଥିଲେ। ଏଥିସହ ଯୋଜନାର ସଫଳ ରୂପାୟନ ଓ ସରକାରୀ କଳକୁ କ୍ରିୟାଶୀଳ କରିବା ନିମନ୍ତେ ରାଜ୍ୟ ସରକାର କରିଥିବା ୫ଟି ସୂତ୍ର ଓ ମୋ ସରକାର କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର କୁମାର ରାଉଳ, ପୂର୍ବତନ ଉପାଧ୍ୟକ୍ଷ ଶିବ ପ୍ରସାଦ ଜେନା, ମହିଳା ସଭାନେତ୍ରୀ ମହେଶ୍ୱେତା ଜେନା, ସମିତି ସଭ୍ୟା ମିନତୀ ମଲ୍ଲିକ, ଜ୍ଞାନରଞ୍ଜନ ଜେନା, ସବିତା ଦାସ, ଗୟାଧାର ମହାନ୍ତି, ସରପଞ୍ଚ ପୁଷ୍ପ ପ୍ରକାଶ ପ୍ରଧାନ, ସମିତିସଭ୍ୟା ସୁନିତା ନାୟକ ପ୍ରମୁଖଙ୍କ ସହ ଏମ୍‌ପି ମଲ୍ଲିକ ବଗିକୂଳ ଭୋଇସାହି ନିକଟ ଶ୍ରୀରାମ ମନ୍ଦିରଠାରୁ ପଦଯାତ୍ରାରେ ଯାଇଥିଲେ। ଏହି ପଦଯାତ୍ରା ବାସନ୍ଦରା ଗଡସାହି ନିକଟରେ ଥିବା ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ଉଦ୍‌ଯାପିତ ହୋଇଥିଲା। ସରପଞ୍ଚ ସୁଭଦ୍ରା ଭୋଇ, ସ୍ୱର୍ଣ୍ଣଲତା ସେଠୀ, ପୁଷ୍ପପ୍ରକାଶ ପ୍ରଧାନ, ସମିତି ସଭ୍ୟ ରାଜକିଶୋର ଭୋଇ, ସଭ୍ୟା ସୁନିତା ନାୟକ, ଗୋପିନାଥପୁର ପଞ୍ଚାୟତ ସଭାପତି ଅରବିନ୍ଦ ସାହୁ, ଅଢଙ୍ଗଗଡ଼ ସଭାପତି ଅକ୍ଷୟ କୁମାର ଦାସ, ଉତ୍ତରଶାସନ ସଭାପତି ଦିବାକର ସାହୁ, ବୁଢ଼ାପଡ଼ା ସଭାପତି ନିହାର ରଞ୍ଜନ ସ୍ୱାଇଁ, ପୁରଣ ସଭାପତି ସୁକାନ୍ତ ବାରିକଙ୍କ ସମେତ ଶତାଧିକ କର୍ମୀ ଏଥିରେ ସାମିଲ ହୋଇଥିଲେ।



ପଦଯାତ୍ରାରେ ସାମିଲ ହୋଇଥିବା ଏମ୍‌ପି ରାଜଶ୍ରୀ ମଲିକ ଓ ବିଜେଡି କର୍ମକର୍ତ୍ତା।

## ବକେୟା ପ୍ରାପ୍ୟ ପାଇଁ ଶ୍ରମିକଙ୍କ ଦାବିପତ୍ର

**ପାରାଦୀପ,୧୮।୧୦(ସ୍ୱ.ପ୍ର)**

ପାରାଦୀପ, କୁଜଙ୍ଗ ଓ ତିର୍ତ୍ତୋଲ ବିଏସ୍‌ଏନ୍‌ଏଲ୍ ଅଧୀନରେ କାର୍ଯ୍ୟରତ ୩୦ ଜଣ ଠିକାଶ୍ରମିକ ଗତ ୪ ମାସ ହେଲା ଦରମା ପାଇନାହାନ୍ତି। ସେମାନଙ୍କୁ କାମରେ ଲଗାଇଥିବା ଠିକାଦାରଙ୍କ କାମ ଶେଷ ହେବା ପରେ ସେ ଧରାଛୁଆଁ ଦେଉନାହାନ୍ତି। ତାଙ୍କ ସ୍ଥାନରେ ଆଉ ଜଣେ ଠିକାଦାର କାମ କଲେଣି। ତେଣୁ ଶ୍ରମିକମାନେ ବକେୟା ପ୍ରାପ୍ୟ ଦାବିରେ ପାରାଦୀପ ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟ ଆଗରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରିଥିଷଲ। ଏଥିସହ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଏସ୍‌ଡିପିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସେମାନଙ୍କ ନେତୃତ୍ୱ ନେଇଥିଲେ ଶ୍ରମିକନେତା ଅଭୟ ସାହୁ।



ଶ୍ରମିକମାନେ ଏସ୍‌ଡିପିଓଙ୍କୁ ଦାବିପତ୍ର ଦେଉଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଲିପିଲେ ପୋଛିଲେ କୁଡ଼ ସୁନ୍ଦର**
**ଖାଇଲେ ପିଇଲେ ବୁଢ଼ ସୁନ୍ଦର।**

ବୁଢ଼ର ଅର୍ଥ ବୟୋବୃଦ୍ଧ ବ୍ୟକ୍ତି। ଉତ୍ତମ ଉପଚାର ସୌନ୍ଦର୍ଯ୍ୟ ବୃଦ୍ଧି କରେ। ଘର ଦୁଆରକୁ ଲିପାପୋଛା କରି ପରିଷ୍କାର ପରିଚ୍ଛନ୍ନ ରଖିଲେ ତାହା ଘରର ଶୋଭାକୁ ବଢ଼ାଇ ଦେଇଥାଏ। ସେହିପରି ଉତ୍ତମ ବା ସୁଷମ ଖାଦ୍ୟ ଏବଂ ପରିଧାନ ବୟସର ସୌନ୍ଦର୍ଯ୍ୟକୁ ଅଭିବୃଦ୍ଧି କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଲାଠି ବାଜିଲା,**
**ଲାଠି ବାଜିଲାରୁ ନିଦ ଭାଜିଲା ।**

ମାଡ଼ ପଡ଼ିଲେ ଆଖିରୁ ନିଦ ଛାଡ଼ିଯାଏ। ଦଣ୍ଡନୀତି ହିଁ କାର୍ଯ୍ୟକୁ ନିୟନ୍ତ୍ରିତ କରିଥାଏ। ମାଡ଼ଠାରୁ ପ୍ରତ୍ୟକ୍ଷ ଫଳପ୍ରଦ ଔଷଧ ନାହିଁ। ପରୋକ୍ଷରେ ବେଶାସନିଆ ବ୍ୟକ୍ତିକୁ ମାଡ଼ଦେଇ ବାଟକୁ ଅଣାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ୩୫ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ

**ରଘୁନାଥପୁର, ୧୮।୧୦ (ଡି.ଏନ.ଏ.):** ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତର ୩୫ ନୂତନ ହିତାଧିକାରୀଙ୍କୁ ୨ ମାସର ଭତ୍ତା ପ୍ରଦାନ କରାଯାଇଛି। ସରପଞ୍ଚ ସରୋଜ କୁମାର ଦାସ ଭତ୍ତା ଟଙ୍କା ପ୍ରଦାନ କରିଛନ୍ତି। ପିଇଓ ଅଭିଜିତ ଦାସ ଏଥିରେ ସହଯୋଗ କରିଥିଲେ। ଦୀଘଦିନ ଧରି ଭତ୍ତା ଅପେକ୍ଷାରେ ଥିବା ହିତାଧିକାରୀମାନେ ଭତ୍ତା ପ୍ରଦାନ କରାଯାଇଥିଲା।


**CUTTACK MUNICIPAL CORPORATION**
"e" PROCUREMENT NOTICE
Tender ID : 2019_ORULB_55256
Bid Reference No. MC(CMC)CTC_Div-I_No4/2019-20
Tender Call Notice No. 3647 (PW) Date. 18.10.2019

Name of Works : Civil Works
No of Works : 06 No
Bid Value : Rs. 3.28 Lakhs to Rs. 4.92 Lakhs
Period of Completion : Seven Days
Date and Time schedule :

| Start | End | Opening |
|---|---|---|
| 3.00 PM on dt. 19.10.2019 | 5.00 PM on dt.26.10.2019 | 11.00 A.M. on dt. 30.10.2019 |

Tender Details : can be seen from the procurement portal : www.tendersorissa.gov.in

Executive Engineer, City Division-I

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଦୀପାବଳି ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ମୁଦ୍ରା ଫାଇନାନ୍ସ
ଆପଣଙ୍କ ସ୍ୱପ୍ନଗୁଡ଼ିକୁ ସାକାର କରନ୍ତୁ
ମାର୍କଶିଟ୍ | ପ୍ରପର୍ଟି
ଆଧାରକାର୍ଡ | ପର୍ସନାଲ
ପଶୁପାଳନ | ଗୃହ ଋଣ
ବ୍ୟବସାୟ | ଗ୍ରୁପ୍ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
2% ସୁଧ - 50% ଛାଡ଼ ସହିତ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
ଠକମାନଙ୍କ ପ୍ରତି ସାବଧାନ
72899-99543
72899-48952
SCO-106, Second Floor, Vishal Tower, Cannaught Place, Delhi.

DIWALI DHAMAKA
NATIONAL FINANCE
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ହୋମ, ଇଟାଭାଟୀ ଋଣ ଘରେବସି ପାଆନ୍ତୁ
କମ୍ ସୁଧ ଅଧିକ ରିହାତୀ।
ଅଳ୍ପ ସମୟ ଓ ପୁରା ବିଶ୍ୱାସର ସହିତ
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
9896736154
7988366521

ଦୀପାବଳିର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
CAPITAL ONE FINANCE LTD. ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9354297908
H.No. 12, Sohana Distt. Mohali

JAYDEV LOAN
Immediate sanction New Project Loan, Industrial finance running or new maker Business Loan, Personal Loan for any type of Salary person, purchase of New flat or Duplex. Any kind of mortgage Loan also.
Contact No.-
9658805048
Add- Aska, Ganjam, Pin-761111

ASTROLOGY

BUSINESS

ଋଣ ଧମାକା!!! ଆଗେ ଆସନ୍ତୁ ଆଗେ ପାଆନ୍ତୁ
MAHINDRA FINANCE
ଭାରତର ନଂ.1 କମ୍ପାନୀ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
95181-86720, 93069-59483
ADDRESS: T-51, GAUTAMPURI, DELHI

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ
ସମସ୍ତ ପ୍ରକାର LOAN
BARSA FINANCE
ଯୋଗାଇ ଦେଉଛି। ସୁଧ=1%
M = 7656825259 7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

FINANCE
CASHBEN ଋଣ ନେଇ ଆସିଛି ସୁବର୍ଣ୍ଣ ସୁଯୋଗ
ଋଣ ପାଇବାର ସରଳ ରାସ୍ତା
କେବଳ ପ୍ୟାନ୍ କାର୍ଡ ଦ୍ୱାରା
ମାତ୍ର ୧% ସୁଧରେ ୨୦,୦୦୦-୨୦,୦୦,୦୦୦/- ପର୍ଯ୍ୟନ୍ତ
ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ
Plot No-14/524, Chandini Chowk, Kolkata
9614873540
8226890446

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

Tower Vision Network Company
ଦୟାକରି ଧ୍ୟାନ ଦିଅନ୍ତୁ Tower Vision କମ୍ପାନୀ ଦ୍ୱାରା ସହର ଓ ଗ୍ରାମାଞ୍ଚଳରେ ଖାଲିଥିବା ଜମି, ଛାତ ଓ କ୍ଷେତରେ 4G ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/-, ଭଡା 30,000/- ଟଙ୍କା ପାଆନ୍ତୁ
ଜଣକୁ ଚାକିରି ମିଳିବ। ଦରମା 18,000 + ଅନ୍ୟାନ ସୁବିଧା। ମହିଳା ମାନଙ୍କ ପାଇଁ ବିଶେଷ ରିହାତି।
B- 548, Sector-5, DLF City Centre Mall, MG Road, Gurgaon, Haryana, 122003.
9452940480
9813608775

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
9911473748
Add :- 41/14, Sec-1 Pushp Vihar, Delhi

ଦୀପାବଳି ଧମାକା
କୁପନ୍ ବାହାରିଲେ 5 ଲକ୍ଷ ପର୍ଯ୍ୟନ୍ତ ପାଆନ୍ତୁ କିମ୍ବା ଋଣ ପାଇଁ 1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ ଋଣର ସୁବିଧା ।
ସୁଧ 1% ବାର୍ଷିକ
ସବୁ ପ୍ରକାର ଋଣ ସୁବିଧା ପାଇଁ ଯୋଗାଯୋଗ କରନ୍ତୁ
ToofanFinance.in
7491845997
7079574972
New Ashok Nagar, East Delhi, Delhi

ନୋ ଫାଇଲ୍ ଚାର୍ଜ, ନୋ ଗ୍ୟାରେଣ୍ଟର
CITY FINANCE
24 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ବେରୋଜଗାର ଋଣ, ମହିଳାଙ୍କ ପାଇଁ ଋଣ 2% ସୁଧ, 35% ସବ୍‌ସିଡି।
Call Now:
8287944769
8287944965
Brahma Sahi, Nayagarh

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9453480851

ଦୀପାବଳିର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1988ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9415512879
B-34/7 A Block Vijay Enclave, Bururi, New Delhi

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday


### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୯ ଅକ୍ଟୋବର, ୨୦୧୯



ପର ନିନ୍ଦା, ପର ଚର୍ଚ୍ଚା, ପରର ଅନିଷ୍ଟ ଚିନ୍ତା, ଅନ୍ୟର ପ୍ରାଣରେ କଷ୍ଟ ଦେବା ମହାପାତକ ମଧ୍ୟରେ ଗଣ୍ୟ।
-ଶ୍ରୀଚୈତନ୍ୟ



## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଯୁବତୀଙ୍କ ମୃତ୍ୟୁ

**ରସୁଲପୁର,୧୮।୧୦(ଡିଏନଏ):** ରସୁଲପୁର ବ୍ଲକ ରାହାମ୍ଧା ପଞ୍ଚାୟତ ସଦାନନ୍ଦପୁର ଗ୍ରାମର ମଧୁସୂଦନ ସାହୁଙ୍କ ଝିଅ ଶୁଭସ୍ମିତା(୨୩)ଙ୍କର ଶୁକ୍ରବାର ବିଦ୍ୟୁତ ଆଘାତରେ ମୃତ୍ୟୁ ହୋଇଯାଇଛି। ଯୁବତୀଙ୍କ ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ ଜାରି ରଖିଛି। ପ୍ରକାଶ ଯେ, ଶୁକ୍ରବାର ସକାଳେ ଗାଧୋଇ ଆସି ପୋଷାକ ବଦଳାଉ ଥିବାବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସିଥିଲେ। ଯୁବତୀଙ୍କ ପୋଷାକ ଟେବୁଲ ଫ୍ୟାନରେ ପଶି ଯାଇଥିଲା। ପଙ୍ଖାରେ ବିଦ୍ୟୁତ ଆଘାତ ଲାଗି ଗୁରୁତର ହୋଇପଡିଥିଲେ । ତାଙ୍କୁ ପରିବାର ଲୋକେ ଚିକିତ୍ସା ପାଇଁ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କୁଆଖିଆ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ-୧୬/୧୯) ରୁଜୁ କରିଛି।

### ବ୍ରହ୍ମକମଳ ଦେଖିବା ପାଇଁ ଭିଡ଼



**ଯାଜପୁର, ଟାଉନ,୧୮।୧୦(ଡିଏନଏ):** ଯାଜପୁର ବ୍ଲକ ଯାହାନପୁର ପଞ୍ଚାୟତର ବାଛିଆରୀ ଗ୍ରାମ ଶ୍ରୀନାଥ ମହାନ୍ତିଙ୍କ ବଗିଚାରେ ଗୁରୁବାର ମଧ ରାତ୍ରିରେ ବିରଳ ବ୍ରହ୍ମକମଳ ଫୁଲ ଫୁଟିଛି। ଏହି ଫୁଲଟିର ଅପରୂପ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ତେବେ ମହାନ୍ତିଙ୍କ ବାଡ଼ିରେ ଚଳିତବର୍ଷ ବ୍ରହ୍ମକମଳ ଫୁଲ ଫୁଟିଥିବାରୁ ପରିବାର ଲୋକେ ମଧ ଖୁବ୍ ଆନନ୍ଦିତ ହୋଇପଡ଼ିଛନ୍ତି।

### 'କେହି ଜଣେ ନିଜର' ମ୍ୟୁଜିକ ସିଡୀ ଉନ୍ମୋଚିତ

**ଯାଜପୁର ଅଫିସ,୧୮।୧୦:** ଏକ ନୂତନ ରୋମାଣ୍ଟିକ ଗୀତର ସିଡି 'କେହି ଜଣେ ସବୁଠୁ ନିଜର' ଶୁକ୍ରବାର ଉନ୍ମୋଚିତ ହୋଇଯାଇଛି। ଜିଲାପାଳ ତଥା ଗୀତିକାର ରଞ୍ଜନ କୁମାର ଦାସଙ୍କ ରଚିତ ଏହି ସିଡିର ସମସ୍ତ ୮ଟି ଗୀତର ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ଦୀନେଶ ମଲ୍ଲିକ। ଏଥିରେ କଣ୍ଠଦାନ କରିଛନ୍ତି କଣ୍ଠଶିଳ୍ପୀ ପ୍ରଜ୍ଞା ହୋତା, କରୁଣାକର, ବିଷ୍ଣୁମୋହନ କବି, ଶୈଳଭାମା, ତପୁ ମିଶ୍ର, ରାଜନନ୍ଦିନୀ, ମାଧବ ଓ ପମି। ଶୁଭମ ମ୍ୟୁଜିକ ପକ୍ଷରୁ ଏହି ସିଡିର ଉନ୍ମୋଚନ ଭୁବନେଶ୍ୱରସ୍ଥିତ ସନରୋଜ ପାଲେସରେ ହୋଇଥିଲା। ଏଥିରେ ଜିଲାପାଳ ଦାସଙ୍କ ସହ ସିନେମା ନିର୍ଦ୍ଦେଶକ ଜିତ ରାଉତ, ଅଭିନେତା ବିରେନ ମିଶ୍ର, ଆଚିଭର୍ସ ଫାଉଣ୍ଡେସନର ନିର୍ଦ୍ଦେଶକ ଅରୁନ୍ଧତୀ ସୁନ୍ଦରାୟ, ପ୍ରଯୋଜକ ସଞ୍ଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ପିଇଓ ସ୍ମିତାରାଣୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା

# ବିତୁଛି ଦିନ, ବଢୁଛି ଅସନ୍ତୋଷ



*ରସୁଲପୁର/ଧର୍ମଶାଳା,୧୮।୧୦(ଡିଏନଏ): ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁରର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରିଣୀ(ପିଇଓ) ସ୍ମିତାରାଣୀ ବିଶ୍ୱାଳଙ୍କ ମୃତ୍ୟୁକୁ ୩ ଦିନ ବିତି ଗଲାଣି। ମାତ୍ର ଏଯାବତ୍ ପୋଲିସ କାହାରିକୁ ଗିରଫ କରିପାରି ନାହିଁ। ଏହି ଘଟଣାରେ ପୋଲିସ ତଦନ୍ତ ଆଳରେ ଦିନ ପରେ ଦିନ ଗଡ଼ାଇ ଚାଲିଥିବାବେଳେ ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଠିକ୍‌ଭାବେ ତଦନ୍ତ କରି ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ଦାବିରେ ଜୋର ଧରିଲାଣି ରାଜନୀତି। ଅପରପକ୍ଷରେ ଏଯାବତ୍ ପୋଷ୍ଟମର୍ଟମ ରିପୋର୍ଟ ମଧ ଆସିନାହିଁ। ପୋଲିସ ବ୍ୟବଚ୍ଛେଦ ଓ ସାଇଣ୍ଟିଫିକ୍ ଦଳର ରିପୋର୍ଟକୁ ଅପେକ୍ଷା କରିଛି। ଶନିବାର ସୁଦ୍ଧା ରିପୋର୍ଟ ଆସିବା ପରେ ଯାହାକିଛି ଜଣାପଡିବ ବୋଲି ତଦନ୍ତ ଅଧିକାରୀ ସାହୁ ସୂଚନା ଦେଉଛି।*

### କଂଗ୍ରେସର ମହମବତି ଶୋଭାଯାତ୍ରା, ଦାବିପତ୍ର ଦେଲା ପିଇଓ ସଂଘ



କଂଗ୍ରେସ ପକ୍ଷରୁ ନେତ୍ରୀ ସ୍ମୃତିରେଖା ପହିଙ୍କ ନେତୃତ୍ୱରେ ଶୁକ୍ରବାର ସନ୍ଧ୍ୟାରେ ଜାରକା ବଜାରରେ ମହମବତୀ ଶୋଭାଯାତ୍ରା କରାଯାଇଛି। ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ମିଳିବା ସହ ମୃତା ପିଇଓଙ୍କ ପରିବାରକୁ ନ୍ୟାୟ ପ୍ରଦାନ ପାଇଁ ଦାବି କରିଛନ୍ତି। ଧର୍ମଶାଳା ବ୍ଲକ ପିଇଓ ଓ ଜିଆରଏସ ସଂଘ ପକ୍ଷରୁ ନିରପେକ୍ଷ ତଦନ୍ତ ଦାବିକରି ବିଡିଓ ହେମନ୍ତ କୁମାର ସ୍ୱାଇଁଙ୍କ ଜରିଆରେ ଯାଜପୁର ଏସ୍‌ପି, ଜିଲାପାଳ, ମହିଳା କମିଶନରଙ୍କ ନିକଟକୁ ଅଭିଯୋଗପତ୍ର ପଠାଇଛନ୍ତି। ଏନେଇ ବ୍ଲକ କାର୍ଯ୍ୟାଳୟରେ ଏକ ନୀରବ ପ୍ରାର୍ଥନା କରାଯାଇଛି।

### ସିମେଣ୍ଟ କମ୍ପାନୀ ଅଧିକାରୀ ଫେରାର ଥିବା ଚର୍ଚ୍ଚା

ଘଟଣା ଦିନ ଅତିଥି ଭବନରେ ଉପସ୍ଥିତ ଥିବା ସମିତି ସଭ୍ୟ, ଧର୍ମଶାଳା ଅଞ୍ଚଳର ସିମେଣ୍ଟ କାରଖାନାର ବିରଷ୍ଠ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ପୋଲିସ ପହଞ୍ଚି ପାରିନାହିଁ। ତେବେ ଘଟଣା ପରଠାରୁ ଜଣେ ସିମେଣ୍ଟ କାରଖାନା ଅଧିକାରୀ ଫେରାର ଥିବା ଚର୍ଚ୍ଚା ହେଉଛି। ମାତ୍ର ପୋଲିସ ବଡ ମୁଣ୍ଡକୁ ଛାଡି ଅତିଥି ଭବନର କର୍ମଚାରୀଙ୍କ ମୁଣ୍ଡରେ ଦୋଷ ଲଦି ଦେବାକୁ ଯୋଜନା କରୁଥିବା କୁହାଯାଉଛି। ପୋଲିସ ଅତିଥି ଭବନରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରିଛି। ଅତିଥି ଭବନ ପରିସରରୁ ବହୁ ନାମୀଦାମୀ ବ୍ରାଣ୍ଡର ମଦ ବୋତଲ ଜବତ ହେବା ଘଟଣାକୁ ଭିନ୍ନ ମୋଡ ଦେଉଛି। ଘଟଣା ଦିନ କେଉଁ ଭିଆଇପି ଓ ଭିଭିଆଇମାନେ ଅତିଥି ଭବନ ଆସିଥିଲେ ତାହା ତଦନ୍ତ ପରିସରକୁ ଆସିବା ବାକି ରହିଛି।

### ସନ୍ଦେହରେ ପୋଲିସର ତଦନ୍ତ, ଅଜ୍ଞାତ ସ୍ଥାନରେ ପଚରାଉଚରା ଜାରି

ସ୍ମିତାଙ୍କ ମୃତ୍ୟୁକୁ ୩ଦିନ ବିତିଯାଇଥିବାବେଳେ ପୋଲିସ ଗୁରୁବାରଠାରୁ ସରପଞ୍ଚଙ୍କ ସ୍ୱାମୀ ସମେତ ୫ଜଣଙ୍କୁ ଏକ ଅଜ୍ଞାତ ସ୍ଥାନରେ ରଖି ଜେରା କରୁଛି। ଅପରପକ୍ଷରେ ସ୍ମିତାଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ବାପା ଓ ସ୍ୱାମୀ ସିଧାସଳଖ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ସବୁଠାରୁ ସନ୍ଦେହ ଘେରରେ ରହିଛନ୍ତି ହରିଦାସପୁର ସରପଞ୍ଚଙ୍କ ସ୍ୱାମୀ ରୁପେଶ ଭଦ୍ର। ଏହି ଘଟଣା ପରେ ବି ପୋଲିସ ଅତିଥି ଭବନକୁ ସିଲ ନ କରି ତାର ଚାବି ସରପଞ୍ଚଙ୍କ ପରିବାରକୁ ଟେକିଦେବା ଘଟଣା ପୋଲିସର କାର୍ଯ୍ୟକଳାପ ପ୍ରତି ସନ୍ଦେହ ସୃଷ୍ଟି କରୁଛି। ଏହାଛଡା ମୃତ ପିଇଓଙ୍କ ସ୍ୱାମୀ ବିରୋଧୀ ଦଳର ନେତାଙ୍କ ଆଗରେ ଦେଇଥିବା ବୟାନ ପୋଲିସ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ତାଙ୍କ ସ୍ତ୍ରୀଙ୍କ ଶରୀରରେ ଥିବା କ୍ଷତସ୍ଥାନ ଓ ଗୋଡରେ ପିନ୍ଧିଥିବା ଅଳଙ୍କାର ମିଳି ନାହିଁ। ଏ ହ । ଛ ଡ । ତାଙ୍କ ସ୍ତ୍ରୀକୁ ଅନେକ ସମୟରେ ପଞ୍ଚାୟତରେ ବହୁ ବେଆଇନ କାର୍ଯ୍ୟ କରିବାକୁ ବାଧ କରାଯାଉଥିଲା। ସେ ଏଥିରେ ରାଜି ହେଉ ନ ଥିଲେ। ସରପଞ୍ଚ ସ୍ୱାମୀଙ୍କ ଚାପର ବଶବର୍ତ୍ତି ହୋଇ ରହୁଥିଲେ। ଉକ୍ତ ପଞ୍ଚାୟତ ଦାୟିତ୍ୱ ଛାଡି ଦେବା ପାଇଁ ବିଡିଓଙ୍କୁ ଅନୁରୋଧ ବି କରିଥିଲେ ବୋଲି ସ୍ମିତାଙ୍କ ସ୍ୱାମୀ କହିଛନ୍ତି। ଏଭଳି ବୟାନ ପୋଲିସ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ ଏବେ ଲୁଚକାଳି ଖେଳିବା ଆରମ୍ଭ କରିଛି। ସମସ୍ତଙ୍କ ଦୃଷ୍ଟି ଆଢୁଆଳରେ ପୋଲିସ ରାତିଅଧିଆ ଘଟଣାସ୍ଥଳକୁ ଯାଇ ତଦନ୍ତ କରୁଛି। ହେଲେ ପୋଲିସର ତଦନ୍ତ ଧାରାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ତଦନ୍ତ ଅଧିକାରୀ ଏସଡିପିଓ କେଦାରନାଥ ସାହୁଙ୍କୁ ପଚାରିବାରେ, ସରପଞ୍ଚଙ୍କ ସ୍ୱାମୀ ଓ ଅତିଥି ଭବନରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ଜେରା କରାଯାଉଛି ବୋଲି କହିଛନ୍ତି।

## ଉଚ୍ଚସ୍ତରୀୟ ତଦନ୍ତ ଦାବି କଲା ରାଜ୍ୟ ଭାଜପା, କଂଗ୍ରେସ

ସ୍ମିତାଙ୍କ ମୃତ୍ୟୁ ଘଟଣାରେ ଶାସକ ବିଜେଡି ଏକ ପ୍ରକାର ନୀରବତା ଅବଲମ୍ବନ କରିଥିବାବେଳେ ଉଭୟ ବିରୋଧୀ ରାଜ୍ୟ ଭାଜପା ଓ କଂଗ୍ରେସ ନେତୃବୃନ୍ଦ ମୃତକଙ୍କ ପରିବାର ଓ ଏସ୍‌ପିଙ୍କୁ ଭେଟିଛନ୍ତି। ସ୍ମିତାଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ବାପା ଓ ସ୍ୱାମୀ ସିଧାସଳଖ ଅଭିଯୋଗ କରିଛନ୍ତି। କଂଗ୍ରେସର ବାରବାଟୀ କଟକ ବିଧାୟକ ମହମ୍ମଦ ମୋକିମଙ୍କ ନେତୃତ୍ୱରେ ପ୍ରଦେଶ କଂଗ୍ରେସ ମୁଖପାତ୍ର ସତ୍ୟପ୍ରକାଶ ନାୟକ, ନିକୁଞ୍ଜ ପଶାୟତ, ବଟକୃଷ୍ଣ ତ୍ରିପାଠୀ, ବିଶ୍ୱଜିତ ଦାସ, ସୁଦର୍ଶନ ଦାସ, ନିଶିକାନ୍ତ ମହାପାତ୍ର, ବନ୍ଦିତା ପରିଡା, ମନୋଜ ରାଉତ, ଉମେଶ ଜେନା, ସ୍ମୃତିରେଖା ପହି, ଶ୍ରୀନାଥ ମିଶ୍ର ପ୍ରମୁଖ ସ୍ମିତାଙ୍କ ଶାଶୁଘର ଭୁବନପୁର ଯାଇ ସମବେଦନା ଜଣାଇଥିଲେ। ସେହିପରି ରାଜ୍ୟ ଭାଜପା ପକ୍ଷରୁ ବିରୋଧୀ ଦଳ ଉପମୁଖ୍ୟ ସଚେତକ ଭାଜପା ନେତା ବିଷ୍ଣୁସେଠୀ, ପୂର୍ବତନ ପୋଲିସ ଡିଜି ତଥା ଭାଜପା ନେତା ପ୍ରକାଶ ମିଶ୍ର, ପୂର୍ବତନ ମନ୍ତ୍ରୀ ସୁରମା ପାଢୀ, ରାଜ୍ୟ ଭାଜପା ମହିଳା ସଭାନେତ୍ରୀ ପ୍ରଭାତୀ ପରିଡା, ମୁଖପାତ୍ର ଲେଖାଶ୍ରୀ ସାମନ୍ତସିଂହାର ପ୍ରମୁଖ ଏକ ପ୍ରତିନିଧି ଦଳ ସ୍ମିତାଙ୍କ ପରିବାରକୁ ଭେଟି ସମବେଦନା ଜ୍ଞାପନ କରିଥିଲେ।



## 'ଆତ୍ମହତ୍ୟା ପ୍ରବଣତା କମାଇଥାଏ ଆତ୍ମସନ୍ତୁଷ୍ଟି'

**ଯାଜପୁର, ଟାଉନ,୧୮।୧୦(ଡିଏନଏ)**

ଯାଜପୁରସ୍ଥିତ ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀଙ୍କ ସଭାପତିତ୍ୱରେ ଜିଲାପାଳ ରଞ୍ଜନ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଜଣେ ଯଦି ନିଜ କାର୍ଯ୍ୟରେ ଆତ୍ମସନ୍ତୋଷ ପାଏ ତେବେ ତାହାର ମାନସିକ ସ୍ଥିତି ଦୃଢ ହେବା ସହ ଆତ୍ମହତ୍ୟା ପ୍ରବଣତା ହ୍ରାସ କରିଥାଏ ବୋଲି କହିଥିଲେ। ନିରାଶା, ମାନସିକ ଚାପ, ହତୋତ୍ସାହ, ଆର୍ଥିକ ଦୁର୍ଗତି, ଇର୍ଷା, ଲୋଭ ଓ ପରଶ୍ରୀକାତରତା ମାନସିକ ରୋଗର ଗୋଟିଏ ଗୋଟିଏ ଲକ୍ଷଣ ବୋଲି କହିଥିଲେ। ପ୍ରତିଯୋଗିତାପୂର୍ଣ୍ଣ ମନୋଭାବ ନେଇ କାର୍ଯ୍ୟ କଲାବେଳେ ଅତ୍ୟଧିକ ଆବେଗ ଓ ଫଳପ୍ରାପ୍ତି ମଧ ମାନସିକ ଚାପ ବୃଦ୍ଧି କରୁଛି। ସାମ୍ପ୍ରତିକ ସମାଜରେ ଛୋଟ ପିଲା, ଯୁବ ସମାଜ ଅଧିକ ଚାପଗ୍ରସ୍ତ ହେବାର କାରଣ ସେମାନଙ୍କ ପରିବାର ତାଙ୍କ ସହିତ ସମୟ ନ ଦେବା। ଏଥିସହିତ ପିଲାଙ୍କ ଠାରୁ ପିତାମାତା ଓ ମୁରବୀ ଅଧିକ ଆଶା ରଖିବା ଯୋଗୁ ସେମାନଙ୍କ ମଧ୍ୟରୁ କେତେଜଣ ଚରମ ନିଷ୍ପତ୍ତି ନେବାକୁ ଆଗେଇ ଯାଉଛନ୍ତି। ଏଣୁ ପ୍ରତ୍ୟେକ ପିଲା, ଯୁବକ ଓ ବୟସ୍କ ମାନଙ୍କୁ ଉପଯୁକ୍ତ ପରାମର୍ଶର ଆବଶ୍ୟକତା ରହିଛି ବୋଲି ଜିଲାପାଳ ଦାସ କହିବା ସହିତ ବିଭିନ୍ନ ଉଦାହରଣର ଅବତାରଣା କରି ଶୃଙ୍ଖଳା, ଧୈର୍ଯ୍ୟ ଓ ଦକ୍ଷତା ବୃଦ୍ଧି ସମ୍ପର୍କରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଅରୁଣ କୁମାର ପାତ୍ର, ମାନସିକ ସ୍ୱାସ୍ଥ୍ୟ ପରାମର୍ଶଦାତା ମାନସୀ ଦାସ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ରଥ ପ୍ରାକ୍ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମକୁ କ୍ୟାସିୟର ବୈଦ୍ୟନାଥ ବିଶ୍ୱାସ, କର୍ମଚାରୀ ସୁଚିସ୍ମିତା ବେହେରା, ସୋମନାଥ ମଲ୍ଲିକ, ତାପସ ବେହେରା, ଅମର କୁମାର ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।




ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

**ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ**

## କୋର୍ଟ କାର୍ଯ୍ୟରୁ ନିବୃତ୍ତ ରହିଲେ ଆଇନଜୀବୀ

**ଯାଜପୁର, ଟାଉନ,୧୮।୧୦(ଡିଏନଏ)**

ହାଇକୋର୍ଟ ନିଷ୍ପତ୍ତି ବିରୋଧରେ ଶୁକ୍ରବାର ଯାଜପୁରର ସମସ୍ତ ଆଇନଜୀବୀ କୋର୍ଟ କାର୍ଯ୍ୟରୁ ନିବୃତ୍ତ ରହିଥିବା ଜଣାପଡିଛି। ଗତ ୧୬ ତାରିଖ ହାଇକୋର୍ଟ ଅବମାନନା କରିବା ୬୮ଟି ବାର ଆସୋସିଏସନ୍‌କୁ କାରଣ ଦର୍ଶାଅ ନୋଟିସ୍ ପ୍ରଦାନ କରିଥିଲେ। ଏହି କାରଣ ଦର୍ଶାଅ ନୋଟିସ୍ ବିରୋଧରେ ଯାଜପୁର ବାର ଆସୋସିଏଶନ, କ୍ରିମିନାଲ ବାର ଆସୋସିଏଶନର ଓ ଲୟର୍ସ ଆସୋସିଏଶନ୍‌ର ଆଇନ୍‌ଜୀବୀମାନେ ଶୁକ୍ରବାର କୋର୍ଟ କାର୍ଯ୍ୟ ନ କରିବା ପାଇଁ ନିଷ୍ପତ୍ତି କରିବା ଜିଲାଜଜ୍ ଙ୍କୁ ସେମାନଙ୍କର ପ୍ରତିବାଦ୍ ଲିଖିତ ଆକାରରେ ଜଣାଇ କୋର୍ଟକାର୍ଯ୍ୟରୁ ନିବୃତ୍ତି ରହିଥିଲେ। ଯାଜପୁର ବାର ଆସୋସିଏସନର ସଭାପତି ପ୍ରଫୁଲ୍ଲ କୁମାର ସାମଲ, ସଂପାଦକ ରଣଜିତ୍ ଧଳ, କ୍ରିମିନାଲ ବାର ଆସୋସିଏସନ୍‌ର ସଭାପତି ପ୍ରଦୀପ୍ତ କୁମାର ପଣ୍ଡା, କିଶୋର କୁମାର କର, ଲୟର୍ସ ଆସୋସିଏସନର ସଭାପତି କୁମାର କେଶରୀ ନାୟକ, ସଂପାଦକ ଆଲୋକ କୁମାର ପାଣିଙ୍କ ନେତୃତ୍ୱରେ ସମସ୍ତ ଓକିଲମାନେ କୋର୍ଟ କାର୍ଯ୍ୟରୁ ନିବୃତ୍ତି ରହି କୋର୍ଟବର୍ଜନ କରିଛନ୍ତି।

## ରାତି ଅଧରେ ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କଲେ ଜିଲାପାଳ

**ଯାଜପୁର, ଟାଉନ,୧୮।୧୦(ଡିଏନଏ)**

ମୋ ସରକାର ଯୋଜନା କେମିତି ଚାଲିଛି ତାହା ଦେଖିବା ପାଇଁ ୫ଦିନ ତଳେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ସଚିବଙ୍କ ନେତୃତ୍ୱରେ ଏକ ଟିମ୍ ଯାଜପୁର ଟାଉନସ୍ଥିତ ଜିଲା ସଦର ମହକୁମା ହସ୍ପିଟାଲ ପରିଦର୍ଶନ କରିଥିଲା। ଏହି ପ୍ରତିନିଧି ଦଳଙ୍କ ପରିଦର୍ଶନ ପୂର୍ବରୁ ପ୍ରାକ୍ ସୂଚନା ଥିବାରୁ ଡାକ୍ତରଖାନା ପରିସରଠାରୁ ଆରମ୍ଭ କରି ୱାର୍ଡ ଯାଏ ସବୁ ଚକାଚକ ହୋଇଯାଇଥିଲା। ଜଣେ ବି କର୍ମଚାରୀ ଅନୁପସ୍ଥିତ ନ ଥିଲେ। ଅନ୍ୟାନ୍ୟ ସମସ୍ତ ବ୍ୟବସ୍ଥା ଠିକ୍‌ଠାକ୍ ଥିବା ସଚିବ ଏବଂ ସେମାନଙ୍କ ଟିମ୍ ଦେଖିବା ପରେ ମେଡିକାଲରେ ସ୍ୱାସ୍ଥ୍ୟସେବା ଭଲ ଥିବା ରିପୋର୍ଟ କରିଥିଲେ। ଏହି ପ୍ରତିନିଧି ଦଳ ଗଲା ପରେ ମେଡିକାଲରେ ପୂର୍ବ ପରି ଅବସ୍ଥା ସୃଷ୍ଟି ହୋଇଥିଲା। ଜିଲାପାଳ ରଞ୍ଜନ କୁମାର ଦାସ କାହାକୁ କିଛି ନ ଜଣାଇ ଗୁରୁବାର ରାତି ୧୨ଟାରେ ହଠାତ୍ ମେଡିକାଲ ଭିତରକୁ ପଶି ଯାଇଥିଲେ। ତାଙ୍କ ସହିତ ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଡେପୁଟୀ କଲେକ୍ଟର କାଜଲ ପ୍ରଧାନ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ମଧ ସାମିଲ ଥିଲେ। ଜିଲାପାଳଙ୍କ ବିଳମ୍ବିତ ରାତ୍ରିର ପରିଦର୍ଶନବେଳେ ୱାର୍ଡରେ ଚିକିତ୍ସିତ ହେଉଥିବା କିଛି ରୋଗୀଙ୍କୁ ଠିକଣା ସେବା ଦିଆଯାଉ ନ ଥିବା ଦେଖି ଡାକ୍ତର ଓ କର୍ମଚାରୀଙ୍କୁ ତାଗିଦ କରିଥିଲେ। ଜିଲାପାଳ ପ୍ରଥମେ ସ୍ତ୍ରୀ ଓ ପ୍ରସୂତି ବିଭାଗରେ ପହଞ୍ଚି ଦାୟିତ୍ୱରେ ଥିବା ଡାକ୍ତର, ନର୍ସ ଓ ଅନ୍ୟାନ୍ୟ ସେବା କର୍ମଚାରୀଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିବା ସହିତ ହାଜିରା ଖାତାକୁ ଅନୁଧ୍ୟାନ କରିଥିଲେ। କିଛି କର୍ମଚାରୀ ନିର୍ଦ୍ଧାରିତ ଡ୍ରେସ ପିନ୍ଧି ନ ଥିବାରୁ ଜିଲାପାଳ ବିରକ୍ତି ପ୍ରକାଶ କରିବା ସହ ଏହାର ପୁନରାବୃତ୍ତି ନ ହେବାକୁ ତାଗିଦ କରିଥିଲେ। ଏହାପରେ ଅନ୍ୟ ସମସ୍ତ ବିଭାଗକୁ ପରିଦର୍ଶନ କରି ତଦାରଖ କରିଥିଲେ। ମୋ ସରକାର ବ୍ୟବସ୍ଥା ଅନ୍ତର୍ଭୁକ୍ତ କାର୍ଯ୍ୟ ନିରନ୍ତର ଭାବେ ଏହି ମେଡିକାଲ ସମେତ ଜିଲାର ସବୁ ଡାକ୍ତରଖାନାଗୁଡିକରେ ଚାଲିବ ବୋଲି ଜିଲାପାଳ କହିଛନ୍ତି।

## ଜେଲ ଗଲେ ନକଲି ଖବରଦାତା

**ବିଞ୍ଝାରପୁର ,୧୮।୧୦(ଡି.ଏନ.ଏ)**

ଖବରଦାତାର ପରିଚୟ ଦେଇ ଜଣେ ମହିଳାଙ୍କୁ ଚାନ୍ଦା ମାଗିବା ଓ ଚନ୍ଦା ନ ମିଳିବାରୁ ମହିଳାଙ୍କୁ ଆକ୍ରମଣ କରି ଜେଲ ଯିବା ଘଟଣା ବିଞ୍ଝାରପୁର ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଗୁରୁବାର ପୂର୍ବାହ୍ନରେ ବିଞ୍ଝାରପୁର ଥାନା ଅରେଇ ପଞ୍ଚାୟତର ଆକାଶ ମଲ୍ଲିକ (୨୪)ଓ ତାଙ୍କ ସହେଯାଗୀ ଶ୍ରୀନିବାସ ମଲ୍ଲିକ (୨୫) ଅଳକୁଣ୍ଡ ପଞ୍ଚାୟତ ଝିଙ୍କିରୀ ଗ୍ରାମର ଜଣେ ମହିଳାଙ୍କ ଘରେ ପହଞ୍ଚି ନିଜକୁ ଖବରଦାତାର ପରିଚୟ ଦେଇ ବେଆଇନ ବାଣ କାରବାର କାହିଁକି କରୁଛ କହି ମହିଳାଙ୍କୁ ଧମକ ଦେଇଥିଲେ। ଏହାପରେ ତାଙ୍କୁ ୬ହଜାର ଟଙ୍କା ଚାନ୍ଦା ମାଗିଥିଲେ। ମାତ୍ର ମହିଳା ଜଣଙ୍କ ଘରେ ବାଣ ବ୍ୟବସାୟ କରାଯାଉ ନ ଥିବା କହିଥିଲେ। ଏହାପରେ ଆକାଶ ତାଙ୍କ ସହିତ ଗଣ୍ଡଗୋଳ କରି ମହିଳାଙ୍କୁ ଠେଲି ଦେଇଥିଲେ। ଫଳରେ ମହିଳା ଜଣଙ୍କ ତଳେ ପଡ଼ିଯାଇଥିଲେ ଓ ତାଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ଏହା ଦେଖି କେତେଜଣ ପଡୋଶୀ ଆକାଶଙ୍କୁ ଅଟକାଇ ତାଙ୍କ ପରିଚୟ ପତ୍ର ମାଗିଥିଲେ। ମାତ୍ର ଆକାଶ ତାହା ଦେଖାଇ ପାରି ନ ଥିଲେ। ଖବରପାଇ ସ୍ଥାନୀୟ ଅଳକୁଣ୍ଡ ଫାଣ୍ଡି ଅଧିକାରୀ ଗଣେଶ ଚନ୍ଦ୍ର ଘଡେଇ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ଡାକ୍ତରଖାନା ପଠାଇବା ସହିତ ଆକାଶଙ୍କୁ ଥାନାକୁ ଆଣିଥିଲେ। ଏ ସମ୍ପର୍କରେ ମହିଳା ଥାନାରେ ଅଭିଯୋଗ କରିଥିଲେ। ବିଞ୍ଝାରପୁର ଥାନାଧିକାରୀ ଶିବଚରଣ ବେହେରା ଏକ ମାମଲା (ନଂ.୨୮୮/୧୯) ରୁଜୁ କରି ଆକାଶ ଓ ତାଙ୍କ ସହେଯାଗୀ ଶ୍ରୀନିବାଶଙ୍କୁ ଗିରଫ କରିଥିଲେ। ଉଭୟଙ୍କୁ ଶୁକ୍ରବାର କୋର୍ଟଚାଲାଣ କରଯାଇଥିଲା। ସୂଚନା ଥାଉକି, ପୂର୍ବରୁ ଆକାଶ ଓ ଶ୍ରୀନିବାଶ ଦଶରଥପୁର ବ୍ଲକର ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରକୁ ଯାଇ କର୍ମୀଙ୍କଠାରୁ ଟଙ୍କା ଆଦାୟ କରିଥିବା ମଙ୍ଗଳପୁର ଥାନାରେ ଅଭିଯୋଗ ହୋଇଥିଲା।

**ଚାନ୍ଦା ନ ଦେବାରୁ ମହିଳାଙ୍କୁ ଆକ୍ରମଣ**

## ଜଙ୍ଗଲ ଜମିରେ ବେଆଇନ ମୋରମ ଉତ୍ତୋଳନ ମାମଲା

# ରଫାଦଫା ପାଇଁ ପକାଯାଉଛି ଚାପ

**ଯାଜପୁର ରୋଡ,୧୮।୧୦(ନି.ପ୍ର.)**

ଯାଜପୁର ଜିଲା କୋରେଇ ଥାନା ଅର୍ନ୍ତଗତ କୋରାବନ୍ଦି ସଂରକ୍ଷିତ ଜଙ୍ଗଲ ଜମିରୁ ଗୁରୁବାର ବେଆଇନ ମୋରମ ଉତ୍ତୋଳନବେଳେ ଯାଜପୁରରୋଡ ବନ ବିଭାଗର ଚଢାଉ ଓ ଜବତ ମାମଲାକୁ ରଫାଦଫା କରିବାକୁ ଜୋରସୋର ପ୍ରୟାସ ଆରମ୍ଭ ହୋଇଛି। ଏଥିରେ ଏନ୍‌ଏଚ୍‌ଆଇ ସଂପ୍ରସାରଣ କାର୍ଯ୍ୟରେ ସମ୍ପୃକ୍ତ ଠିକାଦାର ଓ କେତେଜଣ ରାଜନୈତିକ ନେତୃବର୍ଗ ହସ୍ତକ୍ଷେପ କରୁଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ, ସେଠାରେ ମୋରମ ଲୋଡ କରିଥିବା ୫ଟି ହାଇୱା ଓ ଗୋଟିଏ ପ୍ରୋକଲିନ ମେଶିନକୁ ଜବତ କରାଯାଇଥିଲା। ଚଢାଉ ସମୟରେ ଲୋଡିଂ ପାଇଁ ଅପେକ୍ଷାରତ ୨ଟି ହାଇୱା ଗାଡିକୁ ଛାଡି ଦିଆଯାଇଥିଲା। ଏଥିରେ ଛାନିଆ ହୋଇ ଗାଡି ଚାଳକମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ତେବେ ଧରାପଡିଥିବା ଅନ୍ୟ ୨ ଜଣଙ୍କୁ ଜଙ୍ଗଲ ବିଭାଗ ଅଟକ ରଖି ପଚାରାଉଚୁରା କରୁଛି। ଅପରପକ୍ଷରେ ମୋରମ ଖନନରେ ବ୍ୟବହୃତ ଦେଢ଼ କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ପ୍ରୋକଲିନ ଓ ପ୍ରାୟ ୪୦ ଲକ୍ଷ ଟଙ୍କା ଲେଖାଏଁ ହାଇୱା ଭଳି ସମୁଦାୟ ପ୍ରାୟ ୪ କୋଟି ଟଙ୍କା ମୂଲ୍ୟର ଗାଡିଗୁଡିକୁ ଛାଡିଦେବା ପାଇଁ ବନ ବିଭାଗ ଉପରେ ପ୍ରବଳ ରାଜନୈତିକ ଚାପ ପଡିଥିବା କୁହାଯାଉଛି। ଫଳରେ ଡିଏଫ୍‌ଓ ଜରିମାନା ଆଦାୟ କରି ଗାଡିଗୁଡିକୁ ଛାଡି ଦେବାକୁ ପ୍ରସ୍ତୁତି କରୁଥିବା ଆଭାସ ମିଳିଛି। ଯେଉଁ ସରକାର ୨୫ ହଜାର ଟଙ୍କାରେ ପୁରୁଣା ଅଟୋ ରିକ୍ସା କିଣି ସଂସାର ଚଳାଇବାକୁ ଆଶା ରଖିଥିବା ବ୍ୟକ୍ତିଙ୍କୁ ୪୩ ହଜାର ଟଙ୍କାର ଜରିମାନା କରୁଛନ୍ତି, ରାଜ୍ୟରେ ୫-ଟି ପ୍ରଣୟନ କରି ସବୁ କ୍ଷେତ୍ରରେ ସ୍ୱଚ୍ଛତା ଆଣିବାର ଡିଣ୍ଡିମ ପିଟୁଛନ୍ତି ସେଭଳି ସରକାରୀ କଳ ଏହି ଘଟଣାରେ ମାଫିଆଙ୍କୁ ଖସାଇ ଦେବାର ବ୍ୟବସ୍ଥା କରି ନିଜର ଅସଲ ଚେହେରାର ପରିଚୟ ଦେଉଛନ୍ତି ବୋଲି ପରିବେଶବିତ ଦୁଷ୍ମନ୍ତ କୁମାର ରାଉତ ଅଭିଯୋଗ କରିଛନ୍ତି। ମୋରମ ମାଫିଆମାନେ ପାଣିକୋଇଲି-ରାଜାମୁଣ୍ଡା ରାଜପଥ ନିର୍ମାଣରେ ଏହି ଅଞ୍ଚଳରୁ ବ୍ୟାପକ ମୋରମ ଚାଲାଣ କରି ମାଲେମାଲ ହୋଇ ଅତୀତରେ ମଧ ଧରାପଡିଛନ୍ତି। ଏବେ ୫ ନମ୍ବର ଜାତୀୟ ରାଜପଥର ଚଣ୍ଡିଖୋଲ-ଭଦ୍ରକ ମଧ୍ୟରେ ରାସ୍ତା ସମ୍ପ୍ରସାରଣ କରାଯାଉଛି। ଏଥିରେ ଲକ୍ଷ ଲକ୍ଷ ଟ୍ରିପ ମୋରମ ଲାଗୁଛି। ଏହି ଅଞ୍ଚଳରୁ ମୋରମ ନେଇ ସାହାପୁର କ୍ୟାମ୍ପ ଅଧୀନ ପାଣିକୋଇଲି-ଷଠିପୁର ମଧ୍ୟରେ ଏବେ ମୋରମ ପକାଯାଉଛି। ଖବର ପାଇ ଜଙ୍ଗଲ ବିଭାଗ ଚଢ଼ାଉ କରି ସଂରକ୍ଷିତ ଜଙ୍ଗଲ ଇଲାକାରେ ଖନନରତ ପ୍ରୋକ୍‌ଲିନ ଓ ଲୋଡିଂ ନେଇଥିବା ହାଇୱାଗୁଡ଼ିକୁ ଜବତ କରିବା ସ୍ୱାଗତଯୋଗ୍ୟ। ମାତ୍ର ରାଜସ୍ୱ ବିଭାଗ ପାଖରେ ମୋରମ ଉତ୍ତୋଳନ ପାଇଁ ଆବେଦନ ପତ୍ର ପଡ଼ିରହିଛି। ଅନୁମତିପତ୍ର ମିଳି ନ ଥିବାବେଳେ ଏକ ପ୍ରକାରର ପ୍ରଶାସନର ଅଦୃଶ୍ୟ ନିର୍ଦ୍ଦେଶ ଥିଲା। ଯାହାକୁ ଆଳ କରି ଜନସାଧାରଣଙ୍କୁ ଅନୁମତି ଥିବା ହାଲ୍ଲା କରି ମାଫିଆମାନେ ବେପରୁଆଭାବେ ମୋରମ ତାଡୁଥିଲେ। ଯାହାକି ଏହି ଘଟଣାରୁ ସ୍ପଷ୍ଟ ଅନୁମେୟ। ମୋରମ ଉତ୍ତୋଳନକାରୀ ଗାଡି ମାଲିକମାନେ ଅନୁମତିପତ୍ର ନା ଆର-ଫର୍ମ ଜଙ୍ଗଲ ବିଭାଗକୁ ଦେଇ ପାରୁଛନ୍ତି। ଏହାଛଡା ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ କୌଣସି ପରିସ୍ଥିତିରେ ଅନୁମତି ମିଳିବାର ସରକାରୀ ବ୍ୟବସ୍ଥା ନାହିଁ। ତଥାପି ଏହି ବେଆଇନ କାର୍ଯ୍ୟକୁ ପରୋକ୍ଷରେ ସରକାର ପ୍ରୋତ୍ସାହନ ଦେଉଛନ୍ତି। କେତେକ ରାଜନୈତିକ ନେତୃବର୍ଗ ମଧ ଏହି ବେଆଇନ କାରବାରକୁ ସହଯୋଗ ଦେଉଥିବା ଆଶ୍ଚର୍ଯ୍ୟ କରୁଛି। ଏ ସଂକ୍ରାନ୍ତରେ ଯାଜପୁରରୋଡ ବନ ବିଭାଗର ରେଞ୍ଜର ଦେବେନ୍ଦ୍ର ପଟ୍ଟନାୟକଙ୍କୁ ପଚାରିବାରୁ, ୨ଟି ଗାଡି ଓ ପ୍ରୋକଲିନ ଜବତ ହୋଇଛି। ଏନେଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ଖାଲି ଗାଡିଗୁଡିକୁ ଛାଡି ଦିଆଯିବ ବୋଲି ସେ କହିଛନ୍ତି।



**ଜବତ ହୋଇଛି ପ୍ରାୟ ୪କୋଟି ଟଙ୍କାର ଗାଡ଼ି**



ଯେତେବେଳେ ଆମେ ଏକାଠି ହେଉ, କରିନା କପୁରଙ୍କ ଲୁକ୍ ଓ ତାଙ୍କ କଥା କହିବାର ଶୈଳୀ ମୋତେ ସବୁବେଳେ ଉତ୍ସାହିତ କରିଥାଏ।
- ରବିନା ଟଣ୍ଡନ, ବଲିଉଡ ଅଭିନେତ୍ରୀ

# ଆରମ୍ଭ ହେଲା ସର୍ବବୃହତ୍ ଫିଟ୍‌ନେସ୍ ଚ୍ୟାଲେଞ୍ଜ

**ଦୁବାଇ:** ଦୁବାଇ। ଲକ୍ଜ୍ୟୁରି ଶପିଂ, ଅଲଟ୍ରାମଡର୍ନ ଆର୍କିଟେକ୍ଚର ଏବଂ ନାଇଟ୍ ଲାଇଫ୍ ପାଇଁ ପ୍ରସିଦ୍ଧି ଅର୍ଜନ କରିଥିବା ସ୍ୱପ୍ନର ସହର। ମାତ୍ର ୫୦ ବର୍ଷ ଭିତରେ ପୃଥିବୀର ସମୃଦ୍ଧିଶାଳୀ ସହର ତାଲିକାରେ ନିଜ ନାମ ଯୋଡ଼ିପାରିଥିବା ଦୁବାଇରେ ରହିଛି ପର୍ଯ୍ୟଟନର ଅନନ୍ୟ ବିଭବ। ଆଉ ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଏଠାରେ ବର୍ଷତମାମ ଆୟୋଜିତ ହୋଇଥାଏ ବିଭିନ୍ନ କାର୍ଯ୍ୟକ୍ରମ। ଏହିକ୍ରମରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ଦୁନିଆର ସର୍ବବୃହତ୍ ସିଟି ୱାଇଡ୍ ଇଭେଣ୍ଟ ଦୁବାଇ ଫିଟ୍‌ନେସ୍ ଚ୍ୟାଲେଞ୍ଜ (ଡିଏଫ୍‌ସି-୨୦୧୯)। ଦୁବାଇକୁ ସ୍ୱାସ୍ଥ୍ୟବାନ୍ ଏବଂ ଏଠାକାର ଲୋକଙ୍କୁ ସକ୍ରିୟ କରି ଗଢ଼ିତୋଳିବା ଲକ୍ଷ୍ୟନେଇ ୨୦୧୭ରୁ ଆୟୋଜିତ ହେଉଥିବା ଏଭଳି ଅଭିନବ କାର୍ଯ୍ୟକ୍ରମର ଏହା ହେଉଛି ୩ୟ ସଂସ୍କରଣ। ଏଥିରେ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଜନସାଧାରଣ ଭାଗନେବେ। ଏହି ଉପଲକ୍ଷେ ବିଭିନ୍ନ ସ୍ଥାନରେ ଦୈନିକ ୩୦ ମିନିଟ୍‌ର ୱାର୍କ ଆଉଟ୍ ହେବ।

ଶୁକ୍ରବାରଠାରୁ ଆରମ୍ଭ ହୋଇଛି ଦୁନିଆର ସର୍ବବୃହତ୍ ସିଟି ୱାଇଡ୍ ଇଭେଣ୍ଟ ଦୁବାଇ ଫିଟ୍‌ନେସ୍ ଚ୍ୟାଲେଞ୍ଜ (ଡିଏଫ୍‌ସି-୨୦୧୯)। ଦୁବାଇକୁ ସ୍ୱାସ୍ଥ୍ୟବାନ୍ ଏବଂ ଏଠାକାର ଲୋକଙ୍କୁ ସକ୍ରିୟ କରି ଗଢ଼ିତୋଳିବା ଲକ୍ଷ୍ୟନେଇ ୨୦୧୭ରୁ ଆୟୋଜିତ ହେଉଥିବା ଏଭଳି ଅଭିନବ କାର୍ଯ୍ୟକ୍ରମର ଏହା ହେଉଛି ୩ୟ ସଂସ୍କରଣ। ଏଥିରେ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଜନସାଧାରଣ ଭାଗନେବେ। ଏହି ଉପଲକ୍ଷେ ବିଭିନ୍ନ ସ୍ଥାନରେ ଦୈନିକ ୩୦ ମିନିଟ୍‌ର ୱାର୍କ ଆଉଟ୍ ହେବ।



## ସ୍ୱାସ୍ଥ୍ୟପ୍ରଦ ଦୁବାଇ ପରିକଳ୍ପନା

୨୦୧୭ରେ ଦୁବାଇର ପ୍ରିନ୍ସ ମହମ୍ମଦ ରଶିଦ ଅଲ୍ ମକ୍‌ତୁମ୍‌ଙ୍କ ଉଦ୍ୟମରେ ପ୍ରଥମ ଥର ପାଇଁ ଏପରି ଏକ ନିଆରା ଅଭିଯାନ ଆରମ୍ଭ ହୋଇଥିଲା। ସେ ଚାହୁଁଥିଲେ ଦୁବାଇରେ ରହୁଥିବା ବାସିନ୍ଦା ଫିଟ୍‌ନେସ୍‌କୁ ଗୁରୁତ୍ୱ ଦିଅନ୍ତୁ। ପ୍ରିନ୍ସଙ୍କ ଉଦ୍ଦେଶ୍ୟକୁ ଫଳପ୍ରସୂ କରିବାକୁ ପ୍ରତିବର୍ଷ ମାସାଧିକ କାଳ ଏଠାରେ ଏକ୍ସରସାଇଜ ଇଭେଣ୍ଟ କରାଯାଉଛି। ଚଳିତବର୍ଷ ଇଭେଣ୍ଟକୁ ସୁରୁଖୁରୁରେ କରିବାକୁ କ୍ୟାଲେଣ୍ଡର ପ୍ରସ୍ତୁତ ହୋଇଛି। ଏଥିରେ ପର୍ଯ୍ୟଟକ ମଧ୍ୟ ଭାଗ ନେଇପାରିବେ। ଏହାକୁ ବାଦ୍ ଦେଲେ ସମୁଦ୍ର କୂଳରେ ଖେଳକୁଦ, ଯୋଗ, ଧ୍ୟାନ, ବକ୍ସିଂ, ମାର୍ଶାଲ ଆର୍ଟ ପ୍ରତିଯୋଗିତା ଆୟୋଜନ କରାଯାଉଛି। ଏହାକୁ ଆହୁରି ଆକର୍ଷଣୀୟ କରିବାକୁ ୨ଟି ଫିଟନେସ୍ ଭିଲେଜ ତିଆରି ହୋଇଛି। ଏଥିସହ ୪୦ ଇଭେଣ୍ଟ ଏବଂ ୫ ହଜାର ମାଗଣା ପ୍ରଶିକ୍ଷଣ କ୍ଲାସର ଆୟୋଜନ କରାଯାଇଛି।

ଏଥିରେ ଭାଗନେବାକୁ ଇଚ୍ଛୁକ ପ୍ରତିଯୋଗୀଙ୍କୁ ଯେପରି କୌଣସି ସମସ୍ୟା ନ ହୁଏ, ସେଥିଲାଗି ଆପ୍ ରହିଛି। କ୍ୟୁଆର୍ କୋଡ୍ ସ୍କାନ୍ କରିବା ପରେ ଏଥିରେ ସଙ୍ଗେ ସେଙ୍ଗ ଇଭେଣ୍ଟ ବିଷୟରେ ସବିଶେଷ ବିବରଣୀ ଉପଲବ୍ଧ ହୋଇଯିବ। ଏହାପରେ ଜଣେ ନିଜ ଇଚ୍ଛା ଅନୁସାରେ ଇଭେଣ୍ଟରେ ଭାଗ ନେଇପାରିବେ। ଅଭିଯାନର ପ୍ରଥମ ସଂସ୍କରଣରେ ୭.୮ ଲକ୍ଷ ଏବଂ ଦ୍ୱିତୀୟ ସଂସ୍କରଣରେ ୧୦ ଲକ୍ଷ ଜନସାଧାରଣ ଭାଗ ନେଇଥିଲେ।

# କାର୍ତ୍ତିକ-ସାରାଙ୍କ ବ୍ରେକ୍‌ଅପ୍

**ମୁମ୍ବାଇ:** ବଲିଉଡ୍ ଷ୍ଟାର୍ ସାରା ଅଲି ଖାନ୍ ଏବଂ କାର୍ତ୍ତିକ ଆର୍ଯ୍ୟନ୍‌ଙ୍କ ଫ୍ୟାନ୍ସଙ୍କ ପାଇଁ ଏକ ଦୁଃଖ ଖବର। ବଲିଉଡ୍‌ର ଏହି କ୍ୟୁଟ୍ ଲଭ୍-ବାର୍ଡଙ୍କ ବ୍ରେକ୍‌ଅପ୍ ହୋଇଯାଇଥିବା ଶୁଣାଯାଉଛି। ବ୍ୟସ୍ତତା ଓ ସମୟ ଅଭାବ କାରଣରୁ ଏମାନଙ୍କ ବ୍ରେକ୍‌ଅପ୍ ହୋଇଯାଇଥିବା ଜଣାପଡ଼ିଛି। ସାରା ଏକ ସାକ୍ଷାତ୍‌କାରରେ କାର୍ତ୍ତିକ ତାଙ୍କୁ ଅନ୍ୟମାନଙ୍କ ତୁଳନାରେ ଅଧିକ ପସନ୍ଦ ବୋଲି କହିବାପରେ କାର୍ତ୍ତିକ ମଧ୍ୟ ଏକ ସାକ୍ଷାତ୍‌କାରରେ ସାରା ତାଙ୍କୁ ପସନ୍ଦ ବୋଲି କହିଥିଲେ। ଏହାପରେ ବିଭିନ୍ନ ସ୍ଥାନରେ ଉଭୟଙ୍କୁ ଏକାଠି ଦେଖିବାକୁ ମିଳିଥିଲା। ଉଭୟଙ୍କ ରିଲେସନଶିପ୍ ଚର୍ଚ୍ଚା ମଧ୍ୟ ଜୋର୍ ଚାଲିଲା। ହେଲେ ଏବେ ନିଜ ନିଜର ବ୍ୟସ୍ତ ଜୀବନଶୈଳୀ ଯୋଗୁ ଉଭୟେ ଅଲଗା ହୋଇଯାଇଥିବା ଜଣାପଡ଼ିଛି। ତେବେ ବ୍ରେକ୍‌ଅପ୍ ପୂର୍ବରୁ ଉଭୟେ ରିଲେସନଶିପ୍ ବଜାୟ ରଖିବାକୁ ଚେଷ୍ଟା ମଧ୍ୟ କରିଥିଲେ। ଦୁହେଁ ପରସ୍ପରର ଶୁଟିଂ ସେଟ୍‌କୁ ଯାଇ ଦେଖା କରୁଥିଲେ। ବ୍ୟସ୍ତତା ମଧ୍ୟରେ ବି ପରସ୍ପର ପାଇଁ ସମୟ ବାହାର କରିବାକୁ ଚେଷ୍ଟା କରୁଥିଲେ। ହେଲେ ଏପରି କରିବା ଦ୍ୱାରା ସେମାନେ କ୍ୱାଲିଟି ଟାଇମ୍ ପାଇପାରିଲେ ନାହିଁ। ଏବେ ଏକ ସୂତ୍ରରୁ ଜଣାପଡ଼ିଛି, ଏଭଳି ରିଲେସନଶିପ୍‌ରେ ନ ରହି କେବଳ ବନ୍ଧୁ ହୋଇ ରହିବାକୁ ନିଷ୍ପତ୍ତି ନେଇଛନ୍ତି କାର୍ତ୍ତିକ-ସାରା। କୌଣସି ତିକ୍ତତା ନ ଥାଇ ପରସ୍ପର ସହ ବୁଝାମଣାରେ ଏହି ବ୍ରେକ୍‌ଅପ୍ ହୋଇଛି। ଆଗକୁ କେବଳ ବନ୍ଧୁ ହୋଇ ରହିବେ ଏବଂ କ୍ୟାରିୟର ପ୍ରତି ସମ୍ପୂର୍ଣ୍ଣ ଧ୍ୟାନ ଦେବାକୁ ନିଷ୍ପତ୍ତି ନେଇଛନ୍ତି କାର୍ତ୍ତିକ-ସାରା। ଅନ୍ୟପକ୍ଷରେ ଫିଲ୍ମ 'ଆଜ୍ କଲ୍'ରେ ଏମାନଙ୍କୁ ଏକାଠି ଦେଖିବାକୁ ମିଳିବ। ଫିଲ୍ମର ପ୍ରମୋଶନ ପାଇଁ ସେମାନେ ପ୍ରସ୍ତୁତ ହେଉଛନ୍ତି। ଏହାପରେ କାର୍ତ୍ତିକ ଫିଲ୍ମ 'ଦୋସ୍ତାନା-୨' ଓ ସାରା 'କୁଲି ନମ୍ବର ୧' ଫିଲ୍ମ ପାଇଁ ବ୍ୟସ୍ତ ରହିବେ।





## ହଷ୍ଟେଲରୁ ଖାଦ୍ୟ ଚୋରି

# ଛାତ୍ରଙ୍କୁ ୨୦ ହଜାର ଜରିମାନା

**ଲକ୍ଷ୍ନୌ :** ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟରେ ଘଟିଛି ଅଜବ ଘଟଣା। ଭୋକରେ ଥିବା ଜଣେ ଛାତ୍ର ହଷ୍ଟେଲରୁ ଖାଦ୍ୟ ଚୋରିକରି ଖାଇବାରୁ ତାଙ୍କୁ ୨୦ ହଜାର ଟଙ୍କା ଜରିମାନା ଲଗାଯାଇଛି। ବି.ଏ. ଦ୍ୱିତୀୟ ବର୍ଷରେ ପଢ଼ୁଥିବା ଆୟୁଷ ସିଂ ନାମକ ଛାତ୍ରଙ୍କୁ ଏଭଳି ଜରିମାନା ଲଗାଯାଇଥିବାବେଳେ ଏହାକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ବିଶ୍ୱବିଦ୍ୟାଳୟର ସେଣ୍ଟ୍ରାଲ ମେସ୍‌ରେ ବିଭିନ୍ନସମୟରେନାମବଦଳାଇଛାତ୍ରମାନେଅନ୍ୟରମିଲ୍ ଖାଉଥିବାବେଳେ ନିରୀକ୍ଷକ ଆୟୁଷଙ୍କ ଉପରେ ଏଭଳି ମୋଟା ଅଙ୍କର ଜରିମାନା ଲଗାଇଥିବା କୁହାଯାଉଛି।

ସେପ୍ଟେମ୍ବର ୩ରେ ଘଟିଛି ଏଭଳି ଅଜବ ଘଟଣା। ସେଣ୍ଟ୍ରାଲ ମେସ୍‌କୁ ଯାଇ ଭୋକିଲା ଥିବା ଆୟୁଷ ଲଞ୍ଚ୍ କରିଥିଲେ। କେବଳ ହଷ୍ଟେଲରେ ରହୁଥିବା ଛାତ୍ରୀଛାତ୍ରଙ୍କ ଲାଗି ଏଠାକାର ଖାଦ୍ୟ ଉଦ୍ଦିଷ୍ଟ ଥିବାବେଳେ ନିରୀକ୍ଷକ ଏନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଆୟୁଷ ନିଜର ଏଭଳି ଭୁଲ୍ ପାଇଁ କ୍ଷମା ମାଗିବା ସହ ଆଉ ଏମିତି କରିବେନି ବୋଲି କହିଥିଲେ ହେଁ ପେଟର ଭୋକ ଲାଗି ଏଭଳି ପଦକ୍ଷେପ ନେଇଥିବା ପ୍ରକାଶ କରିଥିଲେ। ତଥାପି ନିରୀକ୍ଷକ ପ୍ରଫେସର ବିନୋଦ କୁମାର ସିଂ ଏନେଇ ଏକ ନୋଟିସ ଜାରି କରି ସପ୍ତାହକ ମଧ୍ୟରେ ଜରିମାନା ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା କରା ନ ଗଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ତାଙ୍କ ବିରୋଧରେ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଥିଲେ। ସାମାନ୍ୟ ଭୁଲ ଲାଗି ଏତେ ପରିମାଣର ଜରିମାନାକୁ ନେଇ ଆୟୁଷଙ୍କ ସହପାଠୀମାନେ ସ୍ୱର ଉଠାଇଥିବା ଜଣାପଡ଼ିଛି।



## ପୁସ୍ତକ 'ଦି ଆବ୍‌ସେଣ୍ଟ ଡାଇଲଗ୍'ରେ ଯୁକ୍ତି

# ସଶସ୍ତ୍ର ବଳର ନେତୃତ୍ୱ ନେବାରେ ସକ୍ଷମ ନ ଥିଲେ ନେହେରୁ

**ନୂଆଦିଲ୍ଲୀ,୧୮।୧୦:** ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ସଶସ୍ତ୍ର ବଳର ନେତୃତ୍ୱ ନେବାକୁ ସକ୍ଷମ ନ ଥିଲେ ଅଥବା ତାକୁ ଦକ୍ଷତାର ପରିଚଳାନା କରି ନ ଥିଲେ ବୋଲି ଏକ ନୂଆ ପୁସ୍ତକରେ ଯୁକ୍ତି ବଢ଼ାଯାଇଛି। ଅଙ୍କିତ ମୁଖାର୍ଜୀଙ୍କ ଲିଖିତ ପୁସ୍ତକ 'ଦି ଆବ୍‌ସେଣ୍ଟ ଡାଇଲଗ୍' ଭାରତର ରାଜନେତା, ଅମଲାତନ୍ତ୍ରୀ ଓ ସେନା ମଧ୍ୟରେ ଥିବା ମାନସିକ ବ୍ୟବଧାନ ସମ୍ପର୍କରେ ଆଲୋକପାତ କରିଛି। ଉକ୍ତ ପୁସ୍ତକରେ ଉଲ୍ଲେଖ କରାଯାଇଛି ଯେ, ସେନା ସହ ନେହେରୁଙ୍କ ସମ୍ପର୍କ ଏବେ ବିତର୍କର ବିଷୟ। ସେନାରେ ଥିବା ଅନେକଙ୍କ ମତରେ ରାଷ୍ଟ୍ରନିର୍ମାଣରେ ସେମାନଙ୍କ ଅବଦାନକୁ ନ୍ୟୂନ କରିଦେବା ଲାଗି ନେହେରୁ ହିଁ ବ୍ୟକ୍ତିଗତ ଭାବେ ଦାୟୀ। ଏପରି କି ସେମାନଙ୍କୁ ରାଜନୀତିରେ ଭୂମିକା ଦେବା ପାଇଁ ନେହେରୁ ମନାକରିଦେଇଥିବାରୁ ୧୯୬୨ ଯୁଦ୍ଧରେ ଭାରତକୁ ଅପମାନଜନକ ପରାଜୟର ସ୍ୱାଦ ଚାଖିବାକୁ ମିଳିଥିଲା। ଏଥିଯୋଗୁ ନେହେରୁ ଅନେକ ସମୟରେ ଭାରତର ପ୍ରତିରକ୍ଷା ସମୁଦାୟର ତିରସ୍କାର ପାତ୍ର ହୋଇଥାନ୍ତି। ଏନେଇ ଉକ୍ତ ପୁସ୍ତକରେ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି।




# ମୋଟା ହେଲେ ଦେବାକୁ ପଡ଼େ ଜରିମାନା



**ଟୋକିଓ:** ଜାପାନରେ ମେଦବହୁଳ ହେବା ଏକ ଅପରାଧ। ଦେଶର ପ୍ରଚଳିତ ଆଇନ ଅନୁସାରେ ମୋଟା ବ୍ୟକ୍ତିଙ୍କ ପ୍ରତି ଦଣ୍ଡବିଧାନ କରାଯାଇଥାଏ। ଏଠାରେ ୪୦ ବର୍ଷରୁ ଅଧିକ ବୟସ୍କ ପୁରୁଷ ମାନଙ୍କ ଅଣ୍ଟା ୩୨ ଇଞ୍ଚ ଏବଂ ମହିଳା ମାନଙ୍କର ଅଣ୍ଟା ୩୬ ଇଞ୍ଚ ମଧ୍ୟରେ ରହିବା ପାଇଁ ନିୟମ ରହିଛି। ଅଣ୍ଟାର ଚଉଡ଼ା ଏହି ନିର୍ଦ୍ଦିଷ୍ଟ ମାପ କିମ୍ବା ଏଥିରୁ ଅଧିକ ହେଲେ ଏହା ଆଇନ ଅନୁଯାୟୀ ଅପରାଧ। ପତଳା ଓ ଫିଟ୍ ରହିବାକୁ ଏଠାରେ ସଭିଙ୍କୁ ପସନ୍ଦ କରାଯାଇଥାଏ। ଅଧିକ ଖାଦ୍ୟ ଖାଇଲେ ଦେଶର ସମ୍ପତ୍ତି ନଷ୍ଟ ହୋଇଥାଏ ବୋଲି ଏଠାକାର ଲୋକେ ବିଶ୍ୱାସ କରନ୍ତି। ଏଠାରେ ମୋଟା ଲୋକଙ୍କୁ ଜରିମାନା ଦେବାକୁ ପଡ଼ିଥାଏ।

# ଲାଳରୁ ଦୂର ହୁଏ ରୋଗ

**ନୂଆଦିଲ୍ଲୀ:** ଆମ ମୁଖ ଭିତରେ ଏକ ଲକ୍ଷରୁ ଅଧିକ ଲାଳଗ୍ରନ୍ଥି ରହିଛି। ଏହି ଗ୍ରନ୍ଥି ଦ୍ୱାରା ପାଟିରେ ଲାଳ ତିଆରି ହୁଏ। ଲାଳ ଯୋଗୁ ମଣିଷ ଶରୀରରେ ଦେଖାଦେଉଥିବା ଶହେରୁ ଅଧିକ ପ୍ରକାର ରୋଗ ଦୂର ହୋଇଥାଏ। ସକାଳେ ଉଠି ଅଧୁଆ ମୁହଁରେ ପୁରାତନ ଘା'ରେ ଲାଳ ଲଗାଇଲେ କିଛି ଦିନ ମଧ୍ୟରେ ଏହା ଭଲ ହୋଇଥାଏ। ସେହିପରି ଏହାକୁ ଆଖିରେ କଜଳ ପରି ଲଗାଇଲେ ସମସ୍ତ ପ୍ରକାର ଆଖି ସମସ୍ୟା ସହଜରେ ଦୂର ହୋଇଥାଏ ବୋଲି ଆୟୁର୍ବେଦରେ ଉଲ୍ଲେଖ ରହିଛି। ଲାଳ ଚର୍ମ ରୋଗ ପାଇଁ ବେଶ୍ ଉପକାରୀ। ମୁହଁ ଧୋଇବା ପୂର୍ବରୁ ଗୋଟେ ଗ୍ଲାସ୍ ପାଣି ପିଇଲେ ପାଟିରେ ଥିବା ଲାଳପେଟ ଭିତରକୁ ଯାଇଥାଏ। ଏହା ବିଭିନ୍ନ ପ୍ରକାର ପେଟ ସମସ୍ୟାକୁ ଦୂର କରି ଯୁବସୁଲଭ ଠାଣି ବଜାୟ ରଖେ ବୋଲି ଆୟୁର୍ବେଦରେ ପରାମର୍ଶ ଦିଆଯାଇଛି।



# ବଜାରକୁ ଆସିଲା 'ଇଟ୍ କପ୍'

## କଫି ପିଇ ସାରିଲେ କପ୍‌କୁ ଖାଇପାରିବେ

**ହାଇଦ୍ରାବାଦ:** ଦେଶବ୍ୟାପୀ ପ୍ଲାଷ୍ଟିକ୍ ବ୍ୟାନ୍ ହେବା ପରେ ପରିବେଶ ଉପଯୋଗୀ ବିଭିନ୍ନ ସାମଗ୍ରୀ ବଜାରରେ ଦେଖିବାକୁ ମିଳୁଛି। ବଜାରରେ ଏଭଳି ସାମଗ୍ରୀର ଚାହିଦା ମଧ୍ୟ ବଢ଼ୁଛି। ଏହାଭିତରେ ହାଇଦ୍ରାବାଦ୍‌ର ଏକ କମ୍ପାନୀ ଏଭଳି ଏକ କପ୍ ତିଆରି କରିଛି, ଯେଉଁଥିରେ ଥଣ୍ଡା କିମ୍ବା ଗରମ ପାନୀୟ ପିଇବା ପରେ କପ୍‌କୁ ଫୋପାଡ଼ିବା ବଦଳରେ ଖାଇହେବ। ମଞ୍ଜି ଜାତୀୟ ଶସ୍ୟରେ ତିଆରି ଏହି କପ୍‌ରେ ସବୁ ପ୍ରକାରର ପାନୀୟ ପଦାର୍ଥ ରଖିହେବ। ଲୋକେ ଏହାକୁ ବ୍ୟବହାର କରିବା ପରେ ଖାଇପାରିବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି କପ୍‌କୁ ନେଇ ସୋସିଆଲ ମିଡିଆରେ ବେଶ୍ ଚର୍ଚ୍ଚା ହେଉଛି। ହାଇଦ୍ରାବାଦର ଏକ ଘରୋଇ କମ୍ପାନୀ ପକ୍ଷରୁ ଏହି କପ୍ ତିଆରି କରାଯାଇଛି। କମ୍ପାନୀ କର୍ତ୍ତୃପକ୍ଷଙ୍କ କହିବା କଥା ହେଲା, ଖାଦ୍ୟ ପଦାର୍ଥ ରଖାଯାଉଥିବା ବା ଖାଇବାକୁ ଦିଆଯାଉଥିବା ଥଳୀକୁ ପରବର୍ତ୍ତୀ ସମୟରେ ଫୋପାଡ଼ିବାକୁ ପଡ଼ିଥାଏ। ଏହା ଆମ ସ୍ୱାସ୍ଥ୍ୟ ଓ ପ୍ରକୃତି ଉପରେ କୁପ୍ରଭାବ ପକାଇଥାଏ। କମ୍ପାନୀର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଅଶୋକ କୁମାର କୁହନ୍ତି, 'ଇଟ୍ କପ୍'କୁ ପ୍ରାକୃତିକ ବୀଜରେ ତିଆରି କରାଯାଇଛି। ଏହାକୁ ପ୍ଲାଷ୍ଟିକ୍ ଓ କାଗଜର ବିକଳ୍ପ ଭାବେ ବ୍ୟବହାର କରିହେବ।





ଭାରତ ପଡ଼ୋଶୀ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ଚାହେଁ। ତେବେ ବନ୍ଧୁରାଷ୍ଟ୍ର ପ୍ରତି କୌଣସି ପ୍ରକାର ବିପଦ ସୃଷ୍ଟି ହେଲେ ଭାରତୀୟ ସେନା ତାକୁ ସହଯୋଗ ଜାରି ରଖିବ।
-ଜେନେରାଲ ବିପିନ ରାୱତ୍,
ସ୍ଥଳସେନା ମୁଖ୍ୟ



# ହରିୟାଣାରେ ମୋଦି, ରାହୁଲ ମୁହାଁମୁହିଁ

## କଂଗ୍ରେସ ସହ ପାକିସ୍ତାନର ସମ୍ପର୍କ କ'ଣ

ଗୋହାନା,୧୮।୧୦(ପି.ଟି.)



କଂଗ୍ରେସର କୁଶାସନ ବେଳେ ଯବାନ ହୁଅନ୍ତୁ କି ଚାଷୀ ଅଥବା କ୍ରୀଡ଼ାବିତ୍ ଦେଶରେ କେହି ସୁରକ୍ଷିତ ନ ଥିଲେ। ଏହି ଦଳ ବାଲାକୋଟ ଏୟାର ଷ୍ଟ୍ରାଇକ୍ ହେଉ କି ଅନୁଚ୍ଛେଦ ୩୭୦ ଉଚ୍ଛେଦ କୌଣସି ଭଲ କାମକୁ ସମର୍ଥନ କରିନାହିଁ। ପାକିସ୍ତାନ ସହ କଂଗ୍ରେସର ସମ୍ପର୍କ କ'ଣ ବୋଲି ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଶ୍ନ କରିଛନ୍ତି।

୯୦ ଆସନ ବିଶିଷ୍ଟ ହରିୟାଣା ବିଧାନସଭା ନିର୍ବାଚନ ଆସନ୍ତା ୨୧ରେ ହେବ। ପ୍ରଧାନମନ୍ତ୍ରୀ ଏଥିପାଇଁ ପ୍ରଚାରରେ ଯାଇ କଂଗ୍ରେସ ଉପରେ ବର୍ଷିଛନ୍ତି। ସୋନେପଥ ଜିଲା ଗୋହନାରେ ଭାଜପାର ଏକ ସଭାକୁ ସମ୍ବୋଧିତ କରି ସେ କହିଛନ୍ତି, ପାକିସ୍ତାନ ଅନ୍ତର୍ଜାତୀୟ ମଞ୍ଚରେ ଭାରତ ବିରୋଧରେ ବିଭିନ୍ନ ପ୍ରସଙ୍ଗ ଉଠାଉଛି। ସେଗୁଡ଼ିକୁ ଦୃଢ଼ କରିବା ଲାଗି କଂଗ୍ରେସକୁ ବ୍ୟବହାର କରୁଛି। କାରଣ କଂଗ୍ରେସ ଜାତୀୟ ସ୍ୱାର୍ଥରେ ନିଆଯାଇଥିବା ନିଷ୍ପତ୍ତିକୁ ବିରୋଧ କରୁଛି। ଆମେ ଯେତେବେଳେ ବି ସ୍ୱଚ୍ଛ ଭାରତ କି ସର୍ଜିକାଲ ଷ୍ଟ୍ରାଇକ୍ କଥା କହୁ, କଂଗ୍ରେସର ପେଟବ୍ୟଥା ହୁଏ। ବାଲାକୋଟ କଥା କହିଲେ କଂଗ୍ରେସ ଯନ୍ତ୍ରଣାରେ ଡେଇଁବା ଆରମ୍ଭ କରେ। ସେହିପରି କଂଗ୍ରେସ ଏବେଠାରୁ ନିର୍ବାଚନରେ ପରାଜୟକୁ ସ୍ୱୀକାର କରିଛି ବୋଲି ସେ ହିସାରରେ ସମାଲୋଚନା କରିଛନ୍ତି।

## ମୋଦିଙ୍କ ଅର୍ଥନୀତି ଜ୍ଞାନ ନାହିଁ

ମହେନ୍ଦ୍ରଗଡ଼,୧୮।୧୦(ପି.ଟି.)



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅର୍ଥନୀତି ଜ୍ଞାନ ନାହିଁ। ଭାଜପାର ଲୋକଙ୍କୁ ପରସ୍ପର ସହ ଲଢ଼ାଇବା ରାଜନୀତିକୁ ନେଇ ବିଶ୍ୱ ସମୁଦାୟ ଭାରତକୁ ଉପହାସ କରୁଛି ବୋଲି ଶୁକ୍ରବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ ସମାଲୋଚନା କରିଛନ୍ତି। ହରିୟାଣା ବିଧାନସଭା ନିର୍ବାଚନ ପାଇଁ ପ୍ରଚାର ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ସେ ଆର୍ଥିକ ମାନ୍ଦାବସ୍ଥା, ବେକାରି ସମସ୍ୟା ଓ ଚାଷୀଙ୍କ ଦୁର୍ଦ୍ଦଶା ପ୍ରସଙ୍ଗ ଉଠାଇ ସରକାରଙ୍କୁ ଘେରିଛନ୍ତି।

ମହେନ୍ଦ୍ରଗଡ଼ରେ ଦଳର ଏକ ସଭାରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ବଦଳରେ ରାହୁଲ ଯୋଗଦେଇଛନ୍ତି। ସେ କହିଛନ୍ତି, ଚାପରେ ଥିବା ଗଣମାଧ୍ୟମର ବନ୍ଧୁମାନେ ୨୪ ଘଣ୍ଟା କେବଳ ମୋଦିଙ୍କ ଭାଷଣ ଦେଖାଉଛନ୍ତି। ମୋଦିଙ୍କ ମୁହଁ, ତାଙ୍କ ଭାଷଣ, ଅନୁଚ୍ଛେଦ ୩୭୦, ଚନ୍ଦ୍ରୟାନ ଆଦି ଟିଭିରେ ଦେଖିବାକୁ ମିଳୁଛି। ମିଡିଆ କହୁଛି, ସତ କ'ଣ ଆମେ ଜାଣିଛୁ। କିନ୍ତୁ ତାହା ଆମେ ଦେଖାଇପାରିବୁ ନାହିଁ। କାରଣ ଆମର ଚାକିରି ଚାଲିଯିବ। ଏବେ ଟିଭି ଚ୍ୟାନେଲ ଓ ଖବରକାଗଜଗୁଡ଼ିକ ୫ରୁ ୧୦ ଜଣ ବ୍ୟବସାୟୀଙ୍କ ହାତରେ ରହିଛି ବୋଲି ରାହୁଲ ଅଭିଯୋଗ କରିଛନ୍ତି। ସେ ଆହୁରି କହିଛନ୍ତି, ମୋଦିଙ୍କ କେବଳ ଗୋଟିଏ କାମ ହେଉଛି ପ୍ରକୃତ ପ୍ରସଙ୍ଗରୁ ଲୋକଙ୍କ ଧ୍ୟାନ ହଟାଇବା। ଏକଦା ବିଶ୍ୱକୁ ପ୍ରେମ, ବିକାଶ ଓ ସହାବସ୍ଥାନର ବାଟ ବତାଉଥିବା ଦେଶ ଭାରତରେ ଆଜି ଜାତି, ଧର୍ମକୁ ନେଇ ଲଢ଼େଇ ଚାଲିଛି। ମୋଦି ବିମୁଦ୍ରୀକରଣ ଓ ଗବ୍ବର ସିଂ ଟାକ୍ସ (ଜିଏସ୍‌ଟି) ଆଣି ଦେଶର ଅର୍ଥନୀତିକୁ ଧ୍ୱଂସ କରିଦେଲେଣି। ଏଥିଯୋଗୁ କ୍ଷୁଦ୍ର ଓ ମଧ୍ୟମ ସ୍ତରର ବ୍ୟବସାୟ ବନ୍ଦ ହୋଇଯାଉଛି। ବେକାରି ସମସ୍ୟା ୪୦ ବର୍ଷରେ ସର୍ବାଧିକ ସ୍ତରରେ ପହଞ୍ଚିଛି। ଚାଷୀ ଆତ୍ମହତ୍ୟା କରୁଛନ୍ତି ବୋଲି ରାହୁଲ ସମାଲୋଚନା କରିଛନ୍ତି।



ତୁର୍କୀ ରାଷ୍ଟ୍ରପତି ରେସେପ୍ ତେୟିପ୍ ଏର୍ଡୋଗାନ୍ ଶୁକ୍ରବାର ଇସ୍ତାନବୁଲରେ ବିଦେଶୀ ଗଣମାଧ୍ୟମକୁ ସମ୍ବୋଧିତ କରିଛନ୍ତି। ସିରିଆରେ ତୁର୍କୀର ସାମରିକ ଅପରେଶନ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କଠୋର ଭାଷାରେ ଲେଖିଥିବା ଚିଠିକୁ ତାଙ୍କ ଦେଶ କେବେହେଲେ ଭୁଲିପାରିବ ନାହିଁ ବୋଲି ସେ କହିଛନ୍ତି।

## ଆତଙ୍କବାଦ ବିରୋଧରେ ପଦକ୍ଷେପ ନ ନେଲେ କଳାତାଲିକାଭୁକ୍ତ ହେବ ପାକ୍

ପ୍ୟାରିସ୍,୧୮।୧୦(ପି.ଟି.)

**ଏଫ୍‌ଏଟିଏଫ୍‌ର ୪ ମାସିଆ ମହଲତ**

**ଫେବୃୟାରୀ ଯାଏ ଧୂସର ତାଲିକାରେ ରହିବ**

ଆତଙ୍କବାଦୀ ସଂଗଠନକୁ ପାଣ୍ଠି ଯୋଗାଣ ଉପରେ ନଜର ରଖିଥିବା ଫାଇନାନ୍‌ସିଆଲ୍ ଆକ୍ସନ ଟାସ୍କଫୋର୍ସ (ଏଫ୍‌ଏଟିଏଫ୍) ପାକିସ୍ତାନକୁ ୨୦୨୦ ଫେବୃୟାରୀ ପର୍ଯ୍ୟନ୍ତ ଧୂସର (ଗ୍ରେ) ତାଲିକାରେ ରଖିବାକୁ ନିଷ୍ପତ୍ତି ନେଇଛି। ଏହି ସମୟ ମଧ୍ୟରେ ଯଦି ଇସ୍‌ଲାମାବାଦ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ବନ୍ଦକରିବା ଲାଗି ଆବଶ୍ୟକ ପଦକ୍ଷେପ ଗ୍ରହଣ ନ କରେ ତେବେ ଏହାକୁ କଳା ତାଲିକାଭୁକ୍ତ କରାଯିବ ବୋଲି ଏଫ୍‌ଏଟିଏଫ୍ ଚେତାବନୀ ଦେଇଛି। ପ୍ୟାରିସ୍‌ରେ ୫ ଦିନ ଧରି ଚାଲିଥିବା ଏଫଏଟିଏଫ୍‌ର ମହାଧିବେଶନ ଶୁକ୍ରବାର ଶେଷ ହୋଇଥିଲାବେଳେ ସେଥିରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି।

ଭାରତରେ ଏକାଧିକ ଆକ୍ରମଣରେ ସମ୍ପୃକ୍ତ ଲଶ୍କର-ଇ-ତୋଇବା ଏବଂ ଜୈଶ୍-ଇ-ମହମ୍ମଦ ଭଳି ଆତଙ୍କବାଦୀ ସଂଗଠନଗୁଡ଼ିକୁ ପାଣ୍ଠି ଯୋଗାଣ ରୋକିବା ଲାଗି ଏଫ୍‌ଏଟିଏଫ୍ ପାକିସ୍ତାନକୁ ୨୭ଟି ପଦକ୍ଷେପ ନେବା ପାଇଁ କହିଥିଲା। ଏପର୍ଯ୍ୟନ୍ତ ସେଥିରୁ ମାତ୍ର ୫ଟିକୁ କାର୍ଯ୍ୟକାରୀ କରିଛି ଇସ୍‌ଲାମାବାଦ। ଆଗାମୀ ଫେବୃୟାରୀରେ ପାକିସ୍ତାନ ବିରୋଧରେ ଏଫ୍‌ଏଟିଏଫ୍ ଚୂଡ଼ାନ୍ତ ନିଷ୍ପତ୍ତି ନେବ। ଯଦି ପାକିସ୍ତାନ କ୍ରମାଗତ ଭାବେ ଧୂସର ତାଲିକାରେ ରୁହେ କିମ୍ବା କଳା ଧୂସର ତାଲିକାଭୁକ୍ତ ହୁଏ ତେବେ ଆଇଏମ୍‌ଏଫ୍, ବିଶ୍ୱବ୍ୟାଙ୍କ ଏବଂ ୟୁରୋପୀୟ ସଂଘରୁ ଆର୍ଥିକ ସହାୟତା ପାଇବା କଷ୍ଟକର ହୋଇପଡିବ। ପାକିସ୍ତାନର ବାଣିଜ୍ୟ ସମ୍ପର୍କ ଓ କାରବାର ଉପରେ ଅନ୍ତର୍ଜାତୀୟ ଫାଇନାନ୍‌ସିଆଲ ସଂସ୍ଥାଗୁଡିକର ସ୍ୱତନ୍ତ୍ର ନଜର ରହିବ। କଳା ତାଲିକାରେ ଥିବା ଇରାନ ପାଇଁ ଏହି ନିୟମ ଲାଗୁ ହେଉଛି।

ମନିଲଣ୍ଡରିଂ ଏବଂ ଆତଙ୍କବାଦୀ ସଂଗଠନକୁ ପାଣ୍ଠି ଯୋଗାଣ ରୋକିବା ତଥା ଅନ୍ୟାନ୍ୟ ଅନ୍ତର୍ଜାତୀୟ ଆର୍ଥିକ ବ୍ୟବସ୍ଥା ପ୍ରତି ବିପଦ ସୃଷ୍ଟି କରୁଥିବା କାର୍ଯ୍ୟକୁ ନିୟନ୍ତ୍ରଣ କରିବା ଲାଗି ୧୯୮୯ରେ ଏଫଏଟିଏଫ୍ ଗଠନ କରାଯାଇଥିଲା। ଗତବର୍ଷ ଜୁନ୍‌ରେ ଏହି ସଂସ୍ଥା ଇସ୍‌ଲାମାବାଦକୁ ଧୂସର ତାଲିକାଭୁକ୍ତ କରିଥିଲା ଏବଂ ୨୦୧୯ ଅକ୍ଟୋବର ସୁଦ୍ଧା ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ବନ୍ଦ ନେଇ ୨୭ଟି ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲା।

## ବେଙ୍ଗାଲୁରୁ, ମହୀଶୂରରେ ଆତଙ୍କବାଦୀ ସକ୍ରିୟ

**ବେଙ୍ଗାଲୁରୁ, ୧୮।୧୦(ପି.ଟି.) :** ବେଙ୍ଗାଲୁରୁ ଓ ମହୀଶୂରରେ ଆତଙ୍କବାଦୀ ସକ୍ରିୟ ଥିବା କର୍ଣାଟକ ଗୃହମନ୍ତ୍ରୀ ବାସବରାଜ ବୋମାଇ ଶୁକ୍ରବାର କହିଛନ୍ତି। ସେମାନଙ୍କ କାର୍ଯ୍ୟକଳାପ ଏବେ ଆରବ ସାଗର ଓ ବଙ୍ଗୋପସାଗର ଉପକୂଳ ଅଞ୍ଚଳକୁ ବ୍ୟାପୁଥିବା ସେ ସୂଚନା ଦେଇଛନ୍ତି। ମହୀଶୂରରେ ଖବରଦାତାଙ୍କୁ ସେ କହିଛନ୍ତି ଯେ, ବାଂଲାଦେଶର ଜମାତ୍-ଉଲ୍- ମୁଜାହିଦ୍ଦିନ(ଜେଏମ୍‌ବି) ଆତଙ୍କବାଦୀ କର୍ଣାଟକର ଉପକୂଳ ଓ ଆଭ୍ୟନ୍ତରୀଣ ଅଞ୍ଚଳରେ କାର୍ଯ୍ୟକଳାପ ଜାରି ରଖିଥିବା ସିବିଆଇ ସନ୍ଦେହ କରୁଛି। ଏଥିଲାଗି ସତର୍କତା ଅବଲମ୍ବନ କରିବା ସହ ପଦକ୍ଷେପ ଗ୍ରହଣ କରାଯିବା ଜରୁରୀ। ରାଜ୍ୟରେ ବାଂଲାଦେଶୀ ଶରଣାର୍ଥୀଙ୍କ ଅନୁପ୍ରବେଶ ଚିନ୍ତା ବଢ଼ାଇଥିବାବେଳେ ପୋଲିସ ବାହାନୀଙ୍କୁ ଏଥିଲାଗି ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବୋମାଇ କହିଛନ୍ତି।

## ଚିଦାମ୍ବରମ, କାର୍ତ୍ତିଙ୍କ ବିରୋଧରେ ସିବିଆଇ ଚାର୍ଜଶିଟ୍

**ନୂଆଦିଲ୍ଲୀ,୧୮।୧୦(ପି.ଟି.):** ଆଇଏନ୍‌ଏକ୍ସ ମିଡିଆ ଦୁର୍ନୀତି ମାମଲାରେ ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ, ତାଙ୍କ ପୁଅ କାର୍ତ୍ତି ଏବଂ କେତେକ କମ୍ପାନୀଙ୍କ ସମେତ ୧୫ ଅଭିଯୁକ୍ତଙ୍କ ବିରୋଧରେ ସିବିଆଇ ଚାର୍ଜଶିଟ୍ ଦାଖଲ କରିଥିବା ଶୁକ୍ରବାର ସୁପ୍ରିମକୋର୍ଟଙ୍କୁ ଜଣାଇଛି। ସିବିଆଇ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଜଷ୍ଟିସ୍ ଆର୍. ଭାନୁମଥୀଙ୍କ ନେତୃତ୍ୱାଧୀନ ଖଣ୍ଡପୀଠରେ ଉପସ୍ଥିତ ରହି ଚିଦାମ୍ବରମଙ୍କୁ ଜାମିନ



ଆବେଦନକୁ ବିରୋଧ କରିଥିଲେ। ଦୁର୍ନୀତିକୁ ବରଦାସ୍ତ କରାଯିବା ଉଚିତ ନୁହେଁ ବୋଲି ସେ କହିଥିଲେ। ଆଇଏନ୍‌ଏକ୍ସ ମିଡିଆ ଦୁର୍ନୀତି ମାମଲାରେ ତଦନ୍ତ ଜାରି ରହିଥିବା ସିବିଆଇ ଖଣ୍ଡପୀଠଙ୍କୁ ଜଣାଇଥିଲେ।

## କେନ୍ଦ୍ର, ଆସାମକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

# ଏନ୍‌ଆର୍‌ସି କୋଅର୍ଡିନେଟରଙ୍କୁ ମଧ୍ୟପ୍ରଦେଶ ବଦଳି କର

ନୂଆଦିଲ୍ଲୀ,୧୮।୧୦



ଆସାମ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) କୋଅର୍ଡିନେଟର ପ୍ରତୀକ୍ ହାଜେଲାଙ୍କୁ ମଧ୍ୟପ୍ରଦେଶ ବଦଳି କରିବା ଲାଗି ସୁପ୍ରିମକୋର୍ଟ ଶୁକ୍ରବାର କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ, ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେ ଏବଂ ଆର୍.ଏଫ୍. ନରିମାନଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଖଣ୍ଡପୀଠ ହାଜେଲାଙ୍କୁ ବଦଳି କରିବା ଲାଗି କହିଛନ୍ତି। ହାଜେଲାଙ୍କୁ ଡେପୁଟେଶନ୍‌ରେ ପଠାଇବା ପାଇଁ କୌଣସି କାରଣ ରହିଛି କି ବୋଲି ଆର୍ଟର୍ନି ଜେନେରାଲ କେ.କେ. ବେଣୁଗୋପାଳ ଖଣ୍ଡପୀଠଙ୍କଠାରୁ ଜାଣିବାକୁ ଚାହିଁଥିଲେ। ବିନା କାରଣରେ କୌଣସି ନିର୍ଦ୍ଦେଶନାମା ଜାରି ହୋଇପାରେ କି ବୋଲି ସିଜେଆଇ ପ୍ରଶ୍ନ କରିଥିଲେ। ତେବେ ବଦଳିର କାରଣ ସମ୍ପର୍କରେ ସିଜେଆଇ କିଛି କହି ନ ଥିଲେ। ସମ୍ଭବତଃ ହାଜେଲାଙ୍କ ଜୀବନ ପ୍ରତି ବିପଦ ଥିବା ନେଇ ଧମକ ପାଇପାରିଥାନ୍ତି ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଚୂଡ଼ାନ୍ତ ଆସାମ ଏନ୍‌ଆର୍‌ସି ପ୍ରକାଶ କରିବା ଦାୟିତ୍ୱ ହାଜେଲାଙ୍କୁ ଦିଆଯାଇଥିଲା। ଅଗଷ୍ଟ ୩୧ରେ ଏନ୍‌ଆର୍‌ସି ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇଥିଲା, ଯେଉଁଥିରୁ ୧୯,୦୬,୬୫୭ ଜଣ ଆବେଦନକାରୀ ବାଦ୍ ପଡ଼ିଥିଲେ।




ବେଲ୍‌ଜିୟମ୍ ରାଜଧାନୀ ବ୍ରସେଲ୍ସରେ ବ୍ରେକ୍‌ଜିଟ୍ ବିରୋଧୀ ବ୍ରିଟିଶ୍ ନାଗରିକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ପୂର୍ବତନ ଆତଙ୍କବାଦୀ ଗିରଫ

ଜମ୍ମୁ,୧୮।୧୦(ପି.ଟି.)

୧୯୯୦ ଜାନୁୟାରୀରେ ଭାରତୀୟ ବାୟୁସେନାର ସ୍କ୍ୱାଡ୍ରନ ଲିଡରଙ୍କ ସମେତ ୪ ଜଣଙ୍କୁ ହତ୍ୟା ଅଭିଯୋଗରେ ସମ୍ପୃକ୍ତ ପୂର୍ବତନ ଜେକେଏଲ୍‌ଏଫ୍ ଆତଙ୍କବାଦୀ ଜାଭେଦ ଅହମ୍ମଦ ମିର୍ ଓରଫ ଜାଭେଦ ନାଲ୍‌କାଙ୍କୁ ସିବିଆଇ ଗିରଫ କରିବା ପରେ ତାଙ୍କୁ ଜାମିନରେ ଛାଡ଼ି ଦିଆଯାଇଛି। ବୁଧବାର ତାଙ୍କୁ ଗିରଫ କରାଯିବା ପରେ ସିବିଆଇ ଅଦାଲତରେ ହାଜର କରାଯାଇଥିଲା। ୮୦ ଦଶକରେ ମିର୍ ଆତଙ୍କବାଦୀ ସଂଗଠନରେ ଯୋଗଦେଇଥିଲେ। ଏହା ପୂର୍ବରୁ ସେ କଶ୍ମୀରର ଜଳଯୋଗାଣ ବିଭାଗରେ କାର୍ଯ୍ୟ କରୁଥିଲେ। ୧୯୯୦ ଜାନୁୟାରୀ ୨୫ରେ ଶ୍ରୀନଗରର ରାୱଲପୋରାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ସ୍କ୍ୱାଡ୍ରନ୍ ଲିଡର ରବି ଖାନ୍ନାଙ୍କ ସମେତ ୪ ବାୟୁସେନା କର୍ମଚାରୀ ନିହତ ହେବା ସହ ୪୦ ଆହତ ହୋଇଥିଲେ। ଏହି ଆକ୍ରମଣ ଘଟଣାରେ ଜେକେଏଲ୍‌ଏଫ୍ ମୁଖ୍ୟ ୟାସିନ ମଲିକଙ୍କ ସମେତ ମିର୍ ଅଭିଯୁକ୍ତ ଥିଲେ।

# ହିନ୍ଦୁବାଦୀ ନେତାଙ୍କୁ ହତ୍ୟା

ଲକ୍ଷ୍ନୌ,୧୮।୧୦(ପି.ଟି.)

ହିନ୍ଦୁ ମହାସଭାର ପୂର୍ବତନ ନେତା ତଥା ହିନ୍ଦୁ ସମାଜ ଅଧ୍ୟକ୍ଷ କମଲେଶ ତିୱାରୀଙ୍କୁ ଲକ୍ଷ୍ନୌରେ ସ୍ପଷ୍ଟ ଦିବାଲୋକରେ ଗୁଳିକରି ହତ୍ୟା କରାଯାଇଛି। ଏହାକୁ ମିଶାଇ ୟୁପିରେ ଗତ ୧୦ ଦିନ ମଧ୍ୟରେ ୪ ଜଣ ଦକ୍ଷିଣପନ୍ଥୀ ନେତାଙ୍କୁ ହତ୍ୟା କରାଗଲାଣି।

 କମଲେଶ ଶୁକ୍ରବାର ନାକା ହିନ୍ଦୋଲା ଅଞ୍ଚଳସ୍ଥିତ ନିଜ ବାସଭବନରେ ଥିବାବେଳେ ୨ ଜଣ ଗେରୁଆ ବସ୍ତ୍ରଧାରୀ ଦୁର୍ବୃତ୍ତ ସେଠାକୁ ମିଷ୍ଟାନ୍ନ ଦେବା ବାହାନାରେ ଯାଇଥିଲେ। ସେମାନେ କମଲେଶଙ୍କ ସହ କଥା ହେବାବେଳେ ଏକ ବାକ୍ସ ଖୋଲିଥିଲେ। ସେଥିରୁ ବନ୍ଧୁକ ବାହାର କରି କମଲେଶଙ୍କ ଉପରକୁ ଆଖିବୁଜା ଗୁଳି ଚଳାଇଥିଲେ। ତାଙ୍କୁ ଏକ ହସ୍ପିଟାଲର ଟ୍ରମା ସେଣ୍ଟରରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ।



କମଲେଶ ତିୱାରୀ

ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହ ହତ୍ୟାକାରୀଙ୍କୁ ଧରିବା ପାଇଁ ଏକ ଟିମ୍ ଗଠନ କରିଥିବା ଲକ୍ଷ୍ନୌ ଏସ୍‌ପି କଳାନିଧି ନୈଥାନି ସୂଚନା ଦେଇଛନ୍ତି। ପୂର୍ବରୁ ହିନ୍ଦୁ ମହାସଭାର ନେତା ଥିବା କମଲେଶ ୨୦୧୭ ଜାନୁୟାରୀରେ ହିନ୍ଦୁ ସମାଜ ପାର୍ଟି ଗଠନ କରିଥିଲେ। ସେ ଅନେକ ସମୟରେ ବିବାଦୀୟ ମନ୍ତବ୍ୟ ଦେଇ ଚର୍ଚ୍ଚାରେ ରହୁଥିଲେ। ପ୍ରଫେଟ୍ ମହମ୍ମଦଙ୍କ ବିରୋଧରେ ଅରୁଚିକର ମନ୍ତବ୍ୟ ମଧ୍ୟ ଦେଇଥିବା ଅଭିଯୋଗ ହୋଇଥିଲା। ଜାତୀୟ ନିରାପତ୍ତା ଆଇନ (ଏନ୍‌ଏସ୍‌ଏ) ବଳରେ ତାଙ୍କୁ ଗିରଫ ମଧ୍ୟ କରାଯାଇଥିଲା। ନିକଟରେ ଆଲ୍ଲାହାବାଦ ହାଇକୋର୍ଟର ଲକ୍ଷ୍ନୌ ବେଞ୍ଚ ତାଙ୍କ ବିରୋଧରେ ଏନ୍‌ଏସ୍‌ଏ ପ୍ରତ୍ୟାହାର କରିଥିଲେ। ଉତ୍ତରପ୍ରଦେଶରେ ଚଳିତମାସରେ ଏହା ହେଉଛି ଚତୁର୍ଥ ଦକ୍ଷିଣପନ୍ଥୀ ନେତାଙ୍କ ହତ୍ୟା। ଅକ୍ଟୋବର ୮ରେ ଭାଜପା ନେତା ୟଶପାଲ ସିଂଙ୍କୁ ଦେଓବନ୍ଦରେ ସମାନ ଶୈଳୀରେ ହତ୍ୟା କରାଯାଇଥିଲା। ୧୦ ତାରିଖରେ କବୀର ତିୱାରୀ ନାମକ ଜଣେ ଭାଜପା ନେତାଙ୍କୁ ବସ୍ତିରେ ଗୁଳିକରି ହତ୍ୟା କରାଯାଇଥିଲା। ସେହିପରି ୧୩ ତାରିଖରେ ଦେଓବନ୍ଦରେ ଅଜ୍ଞାତ ବନ୍ଧୁକଧାରୀଙ୍କ ଗୁଳିମାଡ଼ରେ ଭାଜପା କର୍ପୋରେଟର ଧାରା ସିଂ ଟଳିପଡ଼ିଥିଲେ।

# ମସ୍‌ଜିଦରେ ବିସ୍ଫୋରଣ: ୨୯ ନିହତ

**ଜଲାଲାବାଦ,୧୮।୧୦(ଏଏଫ୍‌ପି):** ଆଫଗାନିସ୍ତାନର ଏକ ମସ୍‌ଜିଦରେ ଶୁକ୍ରବାର ଆତଙ୍କବାଦୀଙ୍କ ଆକ୍ରମଣରେ ୨୯ ଶ୍ରଦ୍ଧାଳୁ ନିହତ ହୋଇଛନ୍ତି। ଏହାସହ ଶତାଧିକ ଆହତ ହୋଇଛନ୍ତି। ନଙ୍ଗରହାର ପ୍ରଦେଶର ହସ୍କା ମିନା ଜିଲାସ୍ଥିତ ମସ୍‌ଜିଦରେ ନମାଜପାଠ ପାଇଁ ବହୁସଂଖ୍ୟକ ଶ୍ରଦ୍ଧାଳୁ ଏକତ୍ରିତ ହୋଇଥିବାବେଳେ ହଠାତ୍ ବିସ୍ଫୋରଣରେ ଏହାର ଛାତ ଉଡ଼ିଯାଇଥିଲା। ଆକ୍ରମଣରେ ୨୯ ନିହତ ହୋଇଥିବାବେଳେ ମୃତ୍ୟୁସଂଖ୍ୟା ବଢ଼ିବା ନେଇ ଆଶଙ୍କା କରାଯାଉଛି। ଆଫଗାନିସ୍ତାନ ହିଂସାକୁ ନେଇ ଜାତିସଂଘ ଚିନ୍ତାବ୍ୟକ୍ତ କରିବା ଦିନକ ପରେ ମସ୍‌ଜିଦକୁ ଟାର୍ଗେଟ କରାଯାଇଛି।

## [ଇତିହାସର ଆଇନାରେ]

### ଅକ୍ଟୋବର ୧୯ର ପ୍ରମୁଖ ଘଟଣା

୨୦୦୫ ଅକ୍ଟୋବର ୧୯ରେ ଇରାକର ତତ୍କାଳୀନ ରାଷ୍ଟ୍ରପତି ସଦ୍ଦାମ ହୁସେନ୍‌ଙ୍କ ବିରୋଧରେ ବାଗ୍‌ଦାଦସ୍ଥିତ କୋର୍ଟହାଉସ୍‌ରେ ଶୁଣାଣି ଆରମ୍ଭ ହୋଇଥିଲା। ଆମେରିକା ଦ୍ୱାରା ଗିରଫ ହେବା ପରେ ଇରାକ-ଇରାନ ଯୁଦ୍ଧ, କୁର୍ଦ୍ଦଙ୍କ ବିରୋଧରେ ସଂଘର୍ଷ ଓ ମାନବବାଦ ବିରୋଧରେ ସେ କରିଥିବା ଅପରାଧ ଲାଗି ତାଙ୍କୁ ଦଣ୍ଡ ମିଳିଥିଲା।

୨୦୧୨ ଅକ୍ଟୋବର ୧୯ରେ ଲେବାନନ୍‌ର ବେରୁଟରେ ଏକ କାର୍ ବୋମା ବିସ୍ଫୋରଣ ହେବାରୁ ଏଥିରେ ଲେବାନନ୍ ଆଇଏସ୍‌ଏଫ୍‌ର ବ୍ରିଗେଡିୟର ଜେନେରାଲ ୱିସାମ୍ ଅଲ୍ ହାସନ୍‌ଙ୍କ ସମେତ ୮ ଜଣ ପ୍ରାଣ ହରାଇଥିଲେ। ଏହି ବିସ୍ଫୋରଣ ପଛରେ ସିରିଆର ହାତ ଥିବା ସନ୍ଦେହ କରାଯାଇଥିଲା। ଏହି ବିସ୍ଫୋରଣରେ ୧୧୦ ଜଣ ଆହତ ହୋଇଥିଲେ।

# ବାଚସ୍ପତିଙ୍କୁ ୬ ମାସ ଜେଲ

ନୂଆଦିଲ୍ଲୀ,୧୮।୧୦(ପି.ଟି.)



ଦିଲ୍ଲୀ ବିଧାନସଭା ବାଚସ୍ପତି ରାମନିବାସ ଗୋଏଲ୍‌ଙ୍କୁ ଶୁକ୍ରବାର ଏକ ଅଦାଲତ ୬ ମାସ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ୨୦୧୫ରେ ପୂର୍ବଦିଲ୍ଲୀ କଲୋନୀରେ ଥିବା ଜଣେ ରିଏଲ୍‌ଟରଙ୍କ ଘରେ ଅନଧିକାର ପ୍ରବେଶ କରିବା ଅଭିଯୋଗରେ ଗୋଏଲ ଓ ଅନ୍ୟ ୪ ଜଣଙ୍କୁ ଅତିରିକ୍ତ ମୁଖ୍ୟ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ୍ ସମର ବିଶାଲ ଦୋଷୀସାବ୍ୟସ୍ତ କରିବା ସହ ଉପରୋକ୍ତ ଦଣ୍ଡବିଧାନ କରିଛନ୍ତି। ଏଥିସହିତ ପ୍ରତ୍ୟେକଙ୍କୁ ୧୦୦୦ ଟଙ୍କା ଲେଖାଏ ଜରିମାନା କରାଯାଇଛି। ରାୟ ବିରୋଧରେ ଉଚ୍ଚ ଅଦାଲତକୁ ଯିବା ଲାଗି ଅଭିଯୁକ୍ତମାନଙ୍କୁ ଲକ୍ଷେ ଟଙ୍କା ଲେଖାଏ ବ୍ୟକ୍ତିଗତ ବଣ୍ଡରେ ଜାମିନରେ ଛଡ଼ାଯାଇଛି। ମନୀଷ୍ ଘାଇ ନାମକ ବିଲ୍ଡର ଗୋଏଲଙ୍କ ବିରୋଧରେ ଏତଲା ଦେଇଥିଲେ। ଏତଲା ଅନୁଯାୟୀ ୨୦୧୫ ଦିଲ୍ଲୀ ବିଧାନସଭା ନିର୍ବାଚନର ଦିନକ ପୂର୍ବରୁ ଅର୍ଥାତ୍ ଫେବୃୟାରୀ ୬ ରାତିରେ ଗୋଏଲ ଓ ତାଙ୍କ ସମର୍ଥକମାନେ ଘାଇଙ୍କ ବିବେକ ବିହାରସ୍ଥିତ ବାସଭବନ ଉପରେ ଚଢ଼ାଉ କରିଥିଲେ। ଘାଇ ଭୋଟରଙ୍କ ମଧ୍ୟରେ ବାଣ୍ଟିବା ଲାଗି ମଦ ଓ କମ୍ବଳ ଗଚ୍ଛିତ ରଖିଥିବା ସେମାନେ ଅଭିଯୋଗ କରିଥିଲେ।

# ସୈନିକ ସ୍କୁଲରେ ପଢ଼ିବେ ଛାତ୍ରୀ

ମୁମ୍ବାଇ,୧୮।୧୦




**ପ୍ରସ୍ତାବକୁ ପ୍ରତିରକ୍ଷାମନ୍ତ୍ରୀଙ୍କ ମଞ୍ଜୁରୀ**

ଆଗାମୀ ୨୦୨୧-୨୨ ଶିକ୍ଷାବର୍ଷରୁ ପର୍ଯ୍ୟାୟକ୍ରମେ ଦେଶର ସୈନିକ ସ୍କୁଲ୍‌ଗୁଡ଼ିକରେ ଝିଅମାନେ ପଢ଼ିବାର ସୁଯୋଗ ପାଇବେ। ସୈନିକ ସ୍କୁଲ୍‌ରେ ଝିଅଙ୍କ ନାମଲେଖା ପ୍ରସ୍ତାବକୁ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଅନୁମୋଦନ କରିଛନ୍ତି। ଦୁଇବର୍ଷ ପୂର୍ବେ ମିଜୋରାମର ଛିଙ୍ଗ୍‌ଛିପ୍ ସୈନିକ ସ୍କୁଲରେ ଝିଅମାନଙ୍କ ନାମଲେଖା ପାଇଁ ପ୍ରତିରକ୍ଷା ମନ୍ତ୍ରଣାଳୟ ଆରମ୍ଭ କରିଥିବା ପାଇଲଟ ପ୍ରକଳ୍ପ ସଫଳ ହେବା ପରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ଆବଶ୍ୟକ ଭିତ୍ତିଭୂମି ବ୍ୟବସ୍ଥା କରିବା ସହ ସୈନିକ ସ୍କୁଲ୍‌ଗୁଡ଼ିକରେ ପର୍ଯ୍ୟାପ୍ତ ମହିଳା କର୍ମଚାରୀଙ୍କୁ ନିୟୋଜିତ କରିବା ଲାଗି ପ୍ରତିରକ୍ଷା ମନ୍ତ୍ରୀ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ସରକାର ଅନ୍ତର୍ଭୁକ୍ତୀକରଣକୁ ବଢ଼ାଇବା ସହ ଲିଙ୍ଗଗତ ସମାନତା, ସଶସ୍ତ୍ର ବଳରେ ମହିଳାମାନଙ୍କ ଯୋଗଦାନ ବୃଦ୍ଧି ଏବଂ ବେଟୀ ବଚାଓ ବେଟୀ ପଢ଼ାଓ ନୀତିକୁ ଅଧିକ ସୁଦୃଢ଼ କରିବାକୁ ଚାହୁଁଥିବାରୁ ଏଭଳି ନିଷ୍ପତ୍ତି ନେଇଛନ୍ତି। ଭାରତର 'ବେଟୀ ବଚାଓ ବେଟୀ ପଢ଼ାଓ' ପଦକ୍ଷେପ ସାରା ବିଶ୍ୱରେ ପ୍ରଶଂସିତ ହୋଇଛି।

ସଶସ୍ତ୍ର ବଳ ପାଇଁ କ୍ୟାଡେଟ୍ ପ୍ରସ୍ତୁତ କରିବାରେ ସୈନିକ ସ୍କୁଲ୍‌ଗୁଡିକ୍ ଫିଡର ଅନୁଷ୍ଠାନ ଭାବେ କାର୍ଯ୍ୟ କରୁଥିଲାବେଳେ ଏଥିରେ କେବଳ ପୁଅମାନେ ପଢ଼ିବାର ସୁଯୋଗ ପାଉଥିଲେ। ଝିଅମାନଙ୍କୁ ସେଠାରେ ପଢ଼ାଇବାର ସୁଯୋଗ ଦେବା ଲାଗି ଦୀର୍ଘଦିନରୁ ଦାବି ହୋଇଆସୁଥିଲା। ଶେଷରେ କେନ୍ଦ୍ର ସରକାର ଏଥିପାଇଁ ଅନୁମତି ପ୍ରଦାନ କରିଥିବାରୁ ଏହା ଏକ ଐତିହାସିକ ପରିବର୍ତ୍ତନ ବୋଲି କୁହାଯାଉଛି। ରାଜ୍ୟ ସରକାର ମଧ୍ୟ ସୈନିକ ସ୍କୁଲଗୁଡ଼ିକୁ ଭିତ୍ତିଭୂମିର ବିକାଶ ଲାଗି କହିସାରିଲେଣି। ଆବଶ୍ୟକ ଭିତ୍ତିଭୂମି ବ୍ୟବସ୍ଥା ହୋଇଯିବା ପରେ ଝିଅମାନଙ୍କ ନାମଲେଖା ପ୍ରକ୍ରିୟା ଆରମ୍ଭ ହେବ।



ଏ ମାଟିର ଶରୀର ଦିନେ ମାଟିରେ ମିଶିବ, ଅର୍ଥାତ୍ ଆମକୁ ମରିବାକୁ ହେବ। ସେଥିପାଇଁ ପୂର୍ବରୁ ଅକ୍ଷୟ କୀର୍ତ୍ତି ଅର୍ଜନ, ସାଧୁସେବା ଏବଂ ଭଗବତ୍ ଭଜନ କରିବା ଉଚିତ।
- ସନ୍ଥ କବୀର



## ସଂକ୍ଷେପରେ

### ମା' ଶ୍ୟାମାକାଳୀ ପୂଜା ପ୍ରସ୍ତୁତି ବୈଠକ

**ବିଞ୍ଝାରପୁର,୧୮।୧୦(ଡି.ଏନ୍.ଏ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଗୌଡ଼ସାହି ବ୍ଲକ ଛକ ପୂଜା ମଣ୍ଡପରେ ଚଳିତ ବର୍ଷ ଅନୁଷ୍ଠିତ ହେବାକୁ ଥିବା ମା' ଶ୍ୟାମାକାଳୀ ପୂଜା ପାଇଁ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମାଁସଡା ସରପଞ୍ଚ ତଥା ପୂଜାମଣ୍ଡପର ପ୍ରତିଷ୍ଠାତା ସଦସ୍ୟ ରାମଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମା' ଙ୍କ ପୂଜା ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯିବା ସହ ପୂଜାକୁ ସରସ ସୁନ୍ଦର ଓ ଶୃଙ୍ଖଳିତ କରିବା ଦିଗରେ ମତପ୍ରକାଶ ପାଇଛି। ଯୁବ ସଂଗଠକ ଶ୍ୟାମସୁନ୍ଦର ବେହେରାଙ୍କ ତତ୍ତ୍ୱାବଧାନରେ ବୈଠକ ପରିଚାଳନା କରାଯାଇଥିଲା। ସଭାପତି ରମେଶ ମିଶ୍ର, ସମ୍ପାଦକ ଗଣେଶ ମିଶ୍ର,କୋଷାଧକ୍ଷ ପ୍ରଶାନ୍ତ ମିଶ୍ର, ଅକ୍ଷୟ ବେହେରା, ଉତ୍କଳ କୁମାର ଦାଶ, ବରୁଣ ସ୍ୱାଇଁ, ରାଜକୃଷ୍ଣ ମିଶ୍ର, ଗୁରୁଚରଣ ବେହେରା,ସମ୍ବିତ ଦାଶ, ଶିବପ୍ରସାଦ ବେହେରା, ବ୍ରଜକିଶୋର ବେହେରା, ପ୍ରମୋଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ପିଇଓଙ୍କ ମୃତ୍ୟୁର ତଦନ୍ତ ଦାବି

**ବିଞ୍ଝାରପୁର,୧୮।୧୦(ଡି.ଏନ୍.ଏ):** ଧର୍ମଶାଳା ବ୍ଲକ ହରିଦାସପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟରତ ପିଇଓ ସ୍ମିତାରାଣୀ ବିଶ୍ୱାଳଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ଶୁକ୍ରବାର ବିଞ୍ଝାରପୁର ବ୍ଲକ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ବିଞ୍ଝାରପୁର ପିଇଓ ସଂଘର ସଭାପତି ରମେଶ ମହାପାତ୍ରଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ଏବିଡିଓ ଜ୍ଞାନେନ୍ଦ୍ର ଲେଙ୍କା, ବରିଷ୍ଠ କିରାଣି ନାରାୟଣ ଚନ୍ଦ୍ର ମହାନ୍ତି , ଜିପିଓ ସତ୍ୟ ମିଶ୍ର, ଶଶୀଭୂଷଣ ଦାସଙ୍କ ସମେତ ବ୍ଲକର ସମସ୍ତ ଗ୍ରାମପଞ୍ଚାୟତର ପିଇଓ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱର୍ଗତା ପିଇଓଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିସହ ସଂଘର ସଭାପତି ସ୍ୱର୍ଗତା ବିଶ୍ୱାଳଙ୍କ ମୃତ୍ୟୁ ଘଟଣାର ନିରପେକ୍ଷ ତଦନ୍ତ କରିବା ପାଇଁ ଜିଲା ଆରକ୍ଷୀ ନିରୀକ୍ଷକଙ୍କ ନିକଟରେ ଦାବି କରିଥିଲେ।

### ମଦ ଜବତ, ବ୍ୟବସାୟୀ କୋର୍ଟ ଚାଲାଣ

**ଜେନାପୁର,୧୮।୧୦(ଡି.ଏନ୍.ଏ.):** ଜେନାପୁର ଥାନା ପୋଲିସ ଶୁକ୍ରବାର ୨ ଜଣ ମଦ ବ୍ୟବସାୟୀଙ୍କୁ କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ଦ୍ୱୟ ହେଲେ ଢେଙ୍କାନାଳ ଭୁବନ ଥାନା ଅଁଳା ଝରୀ ଗ୍ରାମର ବିଭୁ ମୁଣ୍ଡା (୨୮) ଓ ସୁକିନ୍ଦା ଥାନା ଅନ୍ତର୍ଗତ ଖାଇଡ଼ା ବାଡ଼ି ଗ୍ରାମର ବିକାଶ ତିରିଆ (୨୫)। ବ୍ରାହ୍ମଣୀ ବ୍ରିଜ୍‌ଠାରୁ ନଦୀବନ୍ଧ ରାସ୍ତାରେ ଗୁରୁବାର ବିଭୁ ଏବଂ ବିକାଶ ବାଇକ୍‌ରେ ଦେଶୀ ମଦ ନେଇ ଆସୁଥିଲେ। ଏହି ସମୟରେ ଚଢ଼ାଉ କରି ପୋଲିସ ସେମାନଙ୍କୁ ଗିରଫ କରିବା ସହ ୧୫ ଲିଟର ଦେଶୀ ମଦ ଓ ବାଇକ୍ ଜବତ କରିଥିଲା। ପୋଲିସ ଏକ ମାମଲା (ନଂ. ୨୪୬/୧୯) ରୁଜୁକରି ଉଭୟଙ୍କୁ କୋର୍ଟ ଚାଲାଣ କରିଛି।

### ପିଇଓଙ୍କ ବିୟୋଗରେ ଶୋକସଭା

**ଧର୍ମଶାଳା,୧୮।୧୦(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ହରିଦାସପୁର ଗ୍ରାମ ପଞ୍ଚାୟତ ପିଇଓ ସ୍ମିତାରାଣୀ ବିଶ୍ୱାଳଙ୍କ ମୃତ୍ୟୁକୁ ନେଇ ଶୁକ୍ରବାର ଧର୍ମଶାଳା ପଞ୍ଚାୟତ ସମିତି ସଭାକକ୍ଷରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପିଇଓ ସ୍ମିତାରାଣୀଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ବିଡିଓ ହେମନ୍ତ କୁମାର ସ୍ୱାଇଁ, ଅତିରିକ୍ତ ବିଡିଓ ଉପେନ୍ଦ୍ର କୁମାର ଜେନା, ବ୍ଲକର ସମସ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଯୋଗଦେଇ ମୃତ ସ୍ମିତାରାଣୀ ଜଣେ ସଚ୍ଚୋଟ ଏବଂ କର୍ତ୍ତବ୍ୟନିଷ୍ଠା ଅଧିକାରୀ ଥିଲେ। ସେ ଆତ୍ମହତ୍ୟା କରି ନ ଥିବେ ବୋଲି କହିଥିଲେ। ଏଥିସହ ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଗ୍ରାମ ରୋଜଗାର ସେବା ସଂଘ ସଭାପତି ନିର୍ମଳ ଚନ୍ଦ୍ର ପଣ୍ଡା, ଦୁଷ୍ମନ୍ତ ଗୋଚ୍ଛାୟତ, ମହେଶ୍ୱର ମହାନ୍ତି, ପ୍ରଜ୍ଞାପରମିତା ମଲ୍ଲିକ, ଜୟଲକ୍ଷ୍ମୀ ସ୍ୱାଇଁ, ନବୀନ କୁମାର ପରିଡା, ମହେଶ୍ୱର ପାତ୍ର, ଉମେଶ ଚନ୍ଦ୍ର ସାହୁ, ବିଜୟ କୁମାର ବସ୍ତିଆ ପ୍ରମୁଖ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

## ■ ଭିନ୍ନକ୍ଷମଙ୍କୁ ମିଳୁନି ଆବାସ ଯୋଜନାରେ ଘର

# ତଦନ୍ତ ନିର୍ଦ୍ଦେଶ ଦେଲେ ଏସ୍‌ଏସ୍‌ପିଡିର ଉପସଚିବ

**ଯାଜପୁର ଅଫିସ,୧୮।୧୦**

ଯାଜପୁର ଜିଲାରେ କେତେଜଣ ଥିଲାବାଲାଙ୍କୁ ପ୍ରଧାନମନ୍ତ୍ରୀ ଆବାସ, ମୋ କୁଡିଆ ଓ ବିଜୁ ପକ୍କାଘର ଯୋଜନାରେ ସାମିଲ କରାଯାଉଥିବା ବିଭିନ୍ନ ସମୟରେ ଅଭିଯୋଗ ହୋଇଛି। କିନ୍ତୁ ବିଡମ୍ବନା ଯେ, ଭିନ୍ନକ୍ଷମଙ୍କୁ ଏହି ଜନହିତକର ଯୋଜନାରେ ପକ୍କା ଘର ମିଳୁନାହିଁ। ଜିଲାର ଅନେକ ଭିନ୍ନକ୍ଷମ ପକ୍କାଘରଟିଏ ପାଇଁ ପ୍ରଶାସନର ଦ୍ୱାରସ୍ଥ ହେଉଥିଲେ ବି କିଛି ସୁଫଳ ମିଳୁନାହିଁ। ବଡଚଣା ବ୍ଲକ ଅମରାବତୀପାଟନା ଗ୍ରାମର ଭିନ୍ନକ୍ଷମ ଶରତ ବଳ ଓ ବିଞ୍ଝାରପୁର ବ୍ଲକ ମାଁସଡା ଗ୍ରାମର ବଲ୍ଲଭ ନାୟକଙ୍କୁ ଏହାର ଉଦାହରଣ ଭାବେ ନିଆଯାଇପାରେ। ଏହି ଦୁଇଜଣ ଭିନ୍ନକ୍ଷମ ବଳ ଓ ନାୟକ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଯାଜପୁର ଜିଲାପାଳଙ୍କୁ ଆବଶ୍ୟକ ତଦନ୍ତ କରି ବିହିତ ପଦକ୍ଷେପ ନେବାକୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ(ଏସଏସପିଡି) ବିଭାଗର ଉପସଚିବ ନିର୍ଦ୍ଦେଶ ଜାରି କରିଛନ୍ତି।

ଭିନ୍ନକ୍ଷମ ଓ ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଥିବା ସର୍ବହରାଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ଆବାସ, ମୋ କୁଡିଆ ଓ ବିଜୁ ପକ୍କାଘର ଯୋଜନା ପ୍ରଣୀତ ହୋଇଛି। କିନ୍ତୁ ଏହା ଯାଜପୁର ଜିଲାରେ ଲକ୍ଷ୍ୟଭ୍ରଷ୍ଟ ହୋଇଛି। ବହୁ ଯୋଗ୍ୟ ହିତାଧିକାରୀଙ୍କୁ ବାଦ ଦିଆଯାଉଥିବାବେଳେ କେତେଜଣ ପ୍ରଭାବଶାଳୀ ନେତା ଓ ତାଙ୍କ ସମର୍ଥକ ସ୍ୱଚ୍ଛଳ ବର୍ଗର ହୋଇ ବି ପକ୍କାଘର ଯୋଜନାରେ ସାମିଲ ହୋଇଛନ୍ତି। ୨୦୧୯-୨୦ ଆର୍ଥିକ ବର୍ଷରେ ଜିଲାର ୧୦ଟି ବ୍ଲକରେ ୧୪,୧୩୧ଟି ପ୍ରଧାନମନ୍ତ୍ରୀ ଆବାସ ଯୋଜନା କରିବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ସେଥିରୁ ୧୦,୯୦୨ଟି ପଞ୍ଜୀକରଣ ହୋଇଥିବାବେଳେ ୯୭୯୪ଟି ଘର ମଞ୍ଜୁର ହୋଇଛି। ଏଥିରେ ୬୪୮୦ ହିତାଧିକାରୀଙ୍କୁ ପ୍ରଥମକିସ୍ତି, ୪୬୯ ଜଣଙ୍କୁ ୨ୟ କିସ୍ତି, ୧୦୩ ଜଣଙ୍କୁ ୩ୟ କିସ୍ତି ଓ ୧୩ ଜଣଙ୍କୁ ସମ୍ପୂର୍ଣ୍ଣ ବିଲ ପ୍ରଦାନ କରାଯାଇଛି। ତେବେ ପୂର୍ବ ୩ ବର୍ଷରେ ୬୮୬୭ ଟି ଘର ଅସମ୍ପୂର୍ଣ୍ଣ ରହିଛି। ଏଥିରେ ୨୦୧୬-୧୭ ବର୍ଷରେ ୧୯୮୦, ୨୦୧୭-୧୮ ବର୍ଷରେ ୨୨୮୮, ୨୦୧୮-୧୯ ବର୍ଷରେ ୨୫୯୯ଟି ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡିରହିଛି। ଏହି ଯୋଜନା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ହିତାଧିକାରୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇ ଆସୁଛନ୍ତି। ବିଭାଗୀୟ ଅଧିକାରୀ ଚଞ୍ଚକତା କରି ଆବାସ ପିଛା ୧୦ରୁ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ନେଉଥିବା ଅଭିଯୋଗ ହେଉଛି। ବିଞ୍ଝାରପୁର ବ୍ଲକରେ ଗ୍ରାମୀଣ ଆବାସ ଦୁର୍ନୀତି ସମ୍ପର୍କରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପୂର୍ବତନ ସରପଞ୍ଚ ଅବଦୁଲ କାଦିର ଖାଁ ପ୍ରମାଣ ତଥ୍ୟ ସହ ମୁଖ୍ୟମନ୍ତ୍ରୀ, ରାଜ୍ୟ ପଞ୍ଚାୟତ ପ୍ରମୁଖ ସଚିବ, ରାଜ୍ୟ ଭିଜିଲାନ୍ସ ବିଭାଗ ଓ ଜିଲାପାଳଙ୍କୁ ଲିଖିତଭାବେ ୨୦୧୭ ନଭେମ୍ବର ୧୨ରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ପ୍ରାୟ ୨ବର୍ଷ ବିତି ଯାଇଥିଲେ ମଧ କାର୍ଯ୍ୟାନୁଷ୍ଠାନ ହେବାର ଦୂରର କଥା ଏପର୍ଯ୍ୟନ୍ତ ତଦନ୍ତ ରିପୋର୍ଟ ଦାଖଲ ହୋଇପାରି ନାହିଁ। ଏପରିକି ଦୁର୍ନୀତିରେ ସମ୍ପୃକ୍ତ ଅଧିକାରୀଙ୍କୁ ନେଇ ତଦନ୍ତକାରୀ କମିଟି ଗଠନ ହୋଇଛି। ଏପରିକି ଏହି ଯୋଜନା ହାତେଇବା ପାଇଁ ସ୍ୱାମୀ ଓ ବାପାଙ୍କ ନାମ ମଧ ବଦଳାଇ ଦିଆଯାଇଥିବା ଜଣାପଡିଛି। ସୟଦପୁର ଓ ବିଞ୍ଝାରପୁର ପଞ୍ଚାୟତରେ ଜାଲ କାଗଜପତ୍ର ଜରିଆରେ ୫୦ରୁ ଊର୍ଦ୍ଧ୍ୱ ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀ ଉପକୃତ ହୋଇଛନ୍ତି। ଅନେକ ଏକାଧିକ ଥର ପ୍ରଧାନମନ୍ତ୍ରୀ ଆବାସ ହାତେଇ ଥିବା ଅଭିଯୋଗ ପ୍ରମାଣିତ ହୋଇଛି। ଏହିସବୁ ଦୁର୍ନୀତି ଉପରେ ୨୦୧୮ ଜାନୁୟାରୀରେ ତଦନ୍ତ ନିର୍ଦ୍ଦେଶ ହୋଇଥିଲା। ତତ୍କାଳୀନ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଏହାର ତଦନ୍ତ କରି ତୁରନ୍ତ ରିପୋର୍ଟ ଦାଖଲ କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ତାହା ଚପି ଯାଇଛି। ଏବେ ସେହି ବ୍ଲକର ଭିନ୍ନକ୍ଷମ ବଲ୍ଲଭ ନାୟକ ଆବାସ ଘରଟିଏ ପାଇବାକୁ ବାରଦୁଆର ହେଉଛନ୍ତି। ସେ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ସଚିବଙ୍କୁ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସେ ଦୃଷ୍ଟିଶକ୍ତି ହରାଇଛନ୍ତି। ତାଙ୍କର ଘରଟିଏ ନ ଥିବାରୁ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜରି ପକାଇ ଜୀବନ ଅତିବାହିତ କରୁଛନ୍ତି। ପକ୍କା ଘରଟିଏ ପାଇଁ ସମସ୍ତଙ୍କୁ ଗୁହାରି କରିଥିଲେ ବି କିଛି ସୁଫଳ ମିଳିନାହିଁ। ସେହିପରି ଅମରାବତୀପାଟଣା ଗ୍ରାମର ଶରତ ବଳ ଜଣେ ଅର୍କମଣ୍ୟ ବ୍ୟକ୍ତି। ସିଡିଏମଓ ଭୁଲ ପ୍ରମାଣପତ୍ର ଦେଇଥିବାରୁ ସେ ପକ୍କା ଘରଟିଏ ପାଇବାରୁ ବଞ୍ଚିତ ହୋଇଛନ୍ତି। ତେଣୁ ସେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଯାଜପୁର ଜିଲାରେ ୫-ଟି ଆଇନ ଯଦି ଉପଯୁକ୍ତ ଭାବେ କାର୍ଯ୍ୟକାରୀ ହେଉଛି ତେବେ ନିଶ୍ଚିତ ଭାବେ ଭିନ୍ନକ୍ଷମମାନେ ପକ୍କାଘର ପାଇବାରୁ ବଞ୍ଚିତ ହେବା କଥା ନୁହେଁ ବୋଲି ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣର ଉପସଚିବ ଅମ୍ବିକା ପ୍ରସାଦ ପଟ୍ଟନାୟକ ଯାଜପୁର ଜିଲାପାଳଙ୍କୁ ଆବଶ୍ୟକ ତଦନ୍ତ କରି ବିହିତ ପଦକ୍ଷେପ ନେବା ସହିତ ଅଭିଯୋଗକାରୀ ଭିନ୍ନକ୍ଷମଙ୍କୁ ସୂଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

■ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଦୁଇଜଣ ଭିନ୍ନକ୍ଷମ

■ ଚପିଯାଇଛି ଆବାସ ଯୋଜନାର ତଦନ୍ତ

## ଖଣି ଶ୍ରମିକଙ୍କ ମିଶ୍ରଣ ପର୍ବ



ମିଶ୍ରଣ ପର୍ବରେ ଯୋଗଦେଇଥିବା ଶ୍ରମିକ।

**କାଳିଆପାଣି,୧୮।୧୦(ଡି.ଏନ୍.ଏ.)**

ଯାଜପୁର ଜିଲା ସୁକିନ୍ଦା ବ୍ଲକ କଣସ ପଞ୍ଚାୟତ ତୈଳଙ୍ଗୀ ଗ୍ରାମରେ ଶୁକ୍ରବାର ଖଣି ଶ୍ରମିକଙ୍କ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ସୁକିନ୍ଦା ରିଜିୟନ କ୍ରୋମାଇଟ୍ ମଜଦୁର ସଂଘ (ଏସ୍‌ଆରସିକେଏମ୍‌ଏସ୍‌ର)ତୈଳଙ୍ଗୀ ଶାଖା ପକ୍ଷରୁ ମିଶ୍ରଣ ପର୍ବ ଆୟୋଜିତ ହୋଇଥିଲା। ଏଥିରେ ସଂଘର ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀରଙ୍କ ନେତୃତ୍ୱରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇଙ୍କ ଦ୍ୱାରା ପରିଚାଳିତ ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର ସଂଘ ସହିତ ଶତାଧିକ ଆଇଡିସି ଲୋଡିଂ ଶ୍ରମିକ ସାମିଲ ହୋଇଥିବା ଜଣାପଡିଛି। ଏହି ଅବସରରେ ଲୋଡିଂ ଶ୍ରମିକମାନଙ୍କର ସମସ୍ତ ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରାଯିବା ସହ ବନ୍ଦ ଖଣିକୁ ତୁରନ୍ତ ଖୋଲିବା ପାଇଁ ସରକାରୀସ୍ତରରେ ଉଦ୍ୟମ ଜାରି ରହିଥିବାବେଳେ ଖୁବ୍‌ଶୀଘ୍ର ଖଣି ଖୋଲାଯିବାର ପ୍ରଚେଷ୍ଟା ଚାଲିଛି ବୋଲି ସାଧାରଣ ସମ୍ପାଦକ ଧୀର କହିଥିଲେ। ତୈଳଙ୍ଗୀ ଖଣିର ଲୋଡିଂ ଶ୍ରମିକମାନଙ୍କୁ ଖଣି ଉତ୍ତୋଳନ କାର୍ଯ୍ୟ ଆରମ୍ଭ ହେଲେ ନିୟମିତ କାର୍ଯ୍ୟ ଯୋଗାଇଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମିଶ୍ରଣ ପର୍ବରେ ଜିଲା ବିଜେଡି ଉପସଭାପତି ପବିତ୍ର ମୋହନ ମହାପାତ୍ର, ଯୁବ ଜନତା ଉପସଭାପତି ନରୋତ୍ତମ ବେହେରା, ଯୁଗ୍ମ ସମ୍ପାଦକ ଭରତ ଚନ୍ଦ୍ର ମହାନ୍ତ, ପରିବହନ ଠିକାଦାର ଅମଳେନ୍ଦୁ ବେହୁରା, ସରପଞ୍ଚ ଦ୍ୱାରିକାନାଥ ଦାସ, ପଞ୍ଚାନନ ଜେନା, ସୁରେଶ ମହାନ୍ତ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଲୋଡିଂ ଶ୍ରମିକମାନଙ୍କ ପକ୍ଷରୁ ନାରାୟଣ ଜେନା, ପ୍ରଫୁଲ୍ଲ ମହାନ୍ତ, ବୈକୁଣ୍ଠ ପାତ୍ର, ଚିତ୍ତ ଦେହୁରୀ ପ୍ରମୁଖ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ।

## ■ ରେଳପଥ ପାଇଁ ପ୍ରଭାବିତ ହେଉଛି ଚାଷଜମି

# ଜିଲାପାଳଙ୍କ ହସ୍ତକ୍ଷେପ ଲୋଡ଼ିଲେ କ୍ଷତିଗ୍ରସ୍ତ ଚାଷୀ



ବୈଠକରେ ଯୋଗଦେଇଥିବା କ୍ଷତିଗ୍ରସ୍ତ ଚାଷୀ।

**ଡୁବୁରୀ/ସୁକିନ୍ଦା, ୧୮।୧୦(ଡି.ଏନ୍.ଏ.)**

ସୁକିନ୍ଦା-ଅନୁଗୋଳ-ଡୁବୁରୀ ରେଳ ପ୍ରକଳ୍ପ ନିର୍ମାଣ ଯୋଗୁ ଦାନଗନୀ ବ୍ଲକ ଅନ୍ତର୍ଗତ ବାଘୁଆପାଳ ଓ ବାଲିଆପାଳ ମୌଜାର ଶହଶହ ହେକ୍ଟର ଚାଷ ଜମି ମରୁଡି କବଳିତ ହୋଇଛି। ଏ ଦିଗରେ ବହୁବାର ଅଭିଯୋଗ ପରେ ମଧ କୌଣସି ସୁଫଳ ମିଳିପାରୁ ନାହିଁ। ଏହାକୁ ନେଇ ଶୁକ୍ରବାର ଶତାଧିକ କ୍ଷତିଗ୍ରସ୍ତ ଚାଷୀଙ୍କ ପକ୍ଷରୁ ବାଘୁଆପାଳ ରେଳପଥ ରାସ୍ତା ନିକଟରେ ବୈଠକ ହୋଇଥିଲା। ଏହି ଅବସରରେ ରେଳ ପ୍ରକଳ୍ପ ଯୋଗୁ ଦେଖାଦେଇଥିବା ସମସ୍ୟାରା ସମାଧାନ ପାଇଁ ପୋଷ୍ଟାଲ ମାଧ୍ୟମରେ ଶତାଧିକ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିବା ଜଣାପଡିଛି। ଏ ଦିଗରେ ୭ ଦିନ ମଧରେ କୌଣସି ସମାଧାନ କରା ନ ଗଲେ ରାଜ ରାସ୍ତାରେ ଆନ୍ଦୋଳନ କରାଯିବା ନେଇ କ୍ଷତିଗ୍ରସ୍ତଚାଷୀ ଚେତାବନୀ ଦେଇଛନ୍ତି। ବାଘୁଆପାଳଠାରୁ ଅନୁଗୋଳ ପର୍ଯ୍ୟନ୍ତ ରେଳପଥ ନିର୍ମାଣ କାମ କରାଯାଉଛି। ରେଳପଥ ଯୋଗୁ ବାଘୁଆପାଳ ଜଙ୍କଶନଠାରୁ ରାମଠେଙ୍ଗା ପର୍ଯ୍ୟନ୍ତ ୩ କିମି ପର୍ଯ୍ୟନ୍ତ ୯୦ ଫୁଟ ଗଭୀର ଓ ଶହେ ଫୁଟ ଓସାରର ବିଶାଳ ଲାଇନ ଖୋଳାଯାଇଛି। ଫଳରେ ଅଞ୍ଚଳର ଜଳପତ୍ତନ କମିବାରେ ଲାଗିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ସୁକିନ୍ଦା, ଦାନଗଦୀ ବ୍ଲକର ଶତାଧିକ ଚାଷୀ ଝରଣା ସହ ବର୍ଷାଜଳ ଉପରେ ଚାଷ କାର୍ଯ୍ୟ ପାଇଁ ନିର୍ଭର କରୁଥିଲେ। ମାତ୍ର ବାଲିଆପାଳ ମୌଜାରେ ରେଳପଥ ନିର୍ମାଣ ହେବା ଦ୍ୱାରା ବାଲିଆପାଳ ପାତ୍ରସାହି, ମଣ୍ଡପଡ଼ା, ଶଗଡ଼ଗୋଳା, ଓଲିବେଡା, ବାଘୁଆପାଳ, କାଣ୍ଡେସାହି ପ୍ରଭୃତି ଅଞ୍ଚଳର ଶତାଧିକ ଚାଷୀଙ୍କ ଚାଷ ଜମି ଗଭୀର ପ୍ରଭାବ ପଡିଛି। ହେଲେ ଚାଷକରି ବର୍ଷ ବର୍ଷ ଧରି ନିଜର ଜୀବିକା ନିର୍ବାହ କରୁଥିବା କ୍ଷତିଗ୍ରସ୍ତ ଚାଷୀଙ୍କ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବା ସାଧାରଣରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସଞ୍ଜୟ ବାନରା, କୁସୁନୁ ସାମ୍ବାଡ, ବିରସିଂ ହେସା, ରାମ ଚନ୍ଦ୍ର ଗାଗରାଇ, ରାଜୋ ଜାମୁଣ୍ଡା, ବଳରାମ ମହାନ୍ତ, ରାମଚନ୍ଦ୍ର ଜାମୁଦା, ସତୀଶ ଜାମୁଦା, ସମବାରୀ ଗାଗରାଇ, ନନ୍ଦିନିଜାମୁଦାଙ୍କ ସହ ବହୁ କ୍ଷତିଗ୍ରସ୍ତ ଚାଷୀ ବୈଠକରେ ଯୋଗ ଦେଇଥିଲେ।

## ଶଶୁରଘରେ ନିଆଁ ଲଗାଇ ଜ୍ୱାଇଁ ଫେରାର

**କଳିଙ୍ଗନଗର,୧୮।୧୦(ଡି.ଏନ୍.ଏ.)**

ଦାନଗଦୀ ଫାଣ୍ଡି ଅର୍ନ୍ତଗତ ଓଳଲ ପଞ୍ଚାୟତରେ ଗୁରୁବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ଫଳରେ ଗ୍ରାମର ଶଶୁରଘର ସମେତ ୧୬ ବଖରା ଘର ଜଳିଯାଇଛି। ଶୁକ୍ରବାର ଦାନଗଦୀ ତହସିଲ ପକ୍ଷରୁ ୯ ଜଣ ପରିବାରକୁ ପାଲ ଯୋଗାଇ ଦିଆଯାଇଛି। ଶନିବାର ଅନ୍ୟମାନଙ୍କୁ ପାଲ ଯୋଗାଇ ଦିଆଯିବ ବୋଲି ତହସିଲଦାର ବୁଲବୁଲ ବେହେରା କହିଛନ୍ତି। ଗ୍ରାମରେ ଘରଜୋଆଁ ରହୁଥିବା ଜଣେ ଯୁବକ ଶଶୁର ଘରେ ନିଆଁ ଲଗାଇ ଫେରାର ହୋଇଯାଇଥିଲା। ଏହି ନିଆଁ ଅନ୍ୟଘରକୁ ବ୍ୟାପିଥିଲା। ଏ ନେଇ ପରିବାର ପକ୍ଷରୁ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୩୩୫/୧୯) ରୁଜୁ କରି ତଦନ୍ତ ଚଳାଇଛି। ଓଳଲ ପଞ୍ଚାୟତର ଶରତ ଜେନାଙ୍କ ଝିଅଙ୍କୁ ୧୫ ବର୍ଷ ତଳେ ହାତୀବାରୀ ଅଞ୍ଚଳର ଦୀଲିପ ମଳିକ ବିବାହ କରିଥିଲେ। ବିବାହ ପରଠାରୁ ଦିଲୀପ ଘରଜୋଆଁ ଭାବେ ରହୁଥିଲେ। ଅଧିକାଂଶ ଦିନରେ ଦିଲୀପ ନିଶାସେବନ କରି ଘରେ ଗାଳିଗୁଲଜ କରିବା ସହ ସ୍ତ୍ରୀଙ୍କୁ ମାଡ ମାରିଥାନ୍ତି। ଗୁରୁବାର ରାତିରେ ଏହା ଉଗ୍ରରୂପ ନେଇଥିଲା। ଦିଲୀପ ନିଶାସେବନ କରି ଆସିବାରୁ ଶରତ ତାଙ୍କୁ ବିରୋଧ କରିଥିଲେ। ଏଥିରେ ଦିଲୀପ ରାଗିଯାଇ ଘରେ ତାଙ୍କ ସ୍ତ୍ରୀ ସମେତ ସମସ୍ତେ ଶୋଇଥିବାବେଳେ ବିଳମ୍ବିତ ରାତିରେ କିରୋସିନ ଢାଳି ନିଆଁ ଲଗାଇ ଫେରାର ହୋଇଯାଇଥିଲେ। ଦାନଗଦୀ ଦମକଳ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲା।



ଅଗ୍ନିକାଣ୍ଡରେ ଜଳି ଯାଇଥିବା ଘର।

## ହୋମଗାର୍ଡଙ୍କୁ ଭେଟିଲା ଆମ୍ବେଦକର ବିକାଶ ପରିଷଦ

**ରତ୍ନଗିରି,୧୮।୧୦(ଡି.ଏନ୍.ଏ.)**

ବରୀ ବ୍ଲକ ଅଚିରା ପଞ୍ଚାୟତର ଓଡପଡା ଗ୍ରାମ ହୋମଗାର୍ଡ ରଞ୍ଜନ କୁମାର ମଲ୍ଲିକଙ୍କୁ ଶୁକ୍ରବାର ଆମ୍ବେଦକର ବିକାଶ ପରିଷଦର ସଦସ୍ୟ ଭେଟିଛନ୍ତି। ଗତ ୯।୧୦।୧୯ରେ ହୋମଗାର୍ଡ ରଞ୍ଜନଙ୍କୁ ବରୀ ବିଧାୟିକାଙ୍କ ସ୍ୱାମୀଙ୍କ ସମେତ ଅନ୍ୟ ଦୁଇ ସହଯୋଗୀ ବ୍ୟାନର ଚିରାଘଟଣାକୁ ନେଇ ଜାତିଆଣ ମନ୍ତବ୍ୟ ଏବଂ ହତ୍ୟା ଧମକ ଦେଇଥିଲେ। ଏ ନେଇ ରଞ୍ଜନ ବରୀ ରାମ ଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ନେଇ ଥାନରେ ମାମଲା ରୁଜୁ ହୋଇଥିଲେ ମଧ କାର୍ଯ୍ୟାନୁଷ୍ଠାନ ହୋଇପାରି ନାହିଁ। ଏ ନେଇ ଆମ୍ବେଦକର ବିକାଶ ପରିଷଦ ସମସ୍ତ ସଭ୍ୟ ହୋମଗାର୍ଡ ରଞ୍ଜନଙ୍କୁ ଭେଟି ଥାନା ପକ୍ଷରୁ କାର୍ଯ୍ୟାନୁଷ୍ଠାନ ବିଳମ୍ବ ଘଟଣାର ଦୃଢ ନିନ୍ଦା କରିବା ସହ ତୁରନ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏ ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଥାନା ଘେରାଉ ସହିତ ରାଜରାସ୍ତାରେ ଆନ୍ଦୋଳନ ପାଇଁ ପରିଷଦ ପକ୍ଷରୁ କୁହାଯାଇଛି। ରବୀନ୍ଦ୍ର ମଲ୍ଲିକ, ଅଭିମନ୍ୟୁ ମଲ୍ଲିକ, ପ୍ରଶାନ୍ତ ମଲ୍ଲିକ, ଗମ୍ଭୁ ସମିତି ସଭ୍ୟ ଅଙ୍କୁର ମଲ୍ଲିକ, ସରପଞ୍ଚ ସମୀର ମଲ୍ଲିକ, ସରପଞ୍ଚ ରମାକାନ୍ତ ମଲ୍ଲିକଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ।

# ଇ-ବାଇକ୍ ଶୋ ରୁମ୍ ଉଦ୍‌ଘାଟିତ

**ବରୀ, ୧୮।୧୦(ସ୍ୱ.ପ୍ର.)**

ବରୀ ବଜାର ମହାନ୍ତି ମାର୍କେଟ୍ କମ୍ପ୍ଲେକ୍ସରେ ପ୍ରଥମ ଥର ପାଇଁ ଗୁରୁବାର ଇ-ବାଇକ୍ (ବିଦ୍ୟୁତ୍ ଚାଳିତ ଗାଡି) ଶୋ ରୁମ୍ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଆନୁଷ୍ଠାନିକ ଭାବେ ଫିତାକାଟି ରାଜ୍ୟ ଭାଜପା ପଛୁଆବର୍ଗ ସେଲ୍ ଉପସଭାପତି ଆଶୁତୋଷ ପରିଡା ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅନିଲ କୁମାର ମହାନ୍ତି, ଷ୍ଟେଟ୍ ବ୍ୟାଙ୍କ୍ ଶାଖା ପରିଚାଳକ ମାନସ ରଞ୍ଜନ ସାହୁ, ପ୍ରୋପ୍ରାଇଟର ସନ୍ତୋଷ କୁମାର ରଥ ପ୍ରମୁଖ ଉପସ୍ଥିତ ଥିଲେ। ବାହୁବଳୀ କମ୍ପାନୀ ପକ୍ଷରୁ ଏହି ସୋ-ରୁମ୍ ଖୋଲାଯାଇଛି। ବି-୧୦,୨୦,୩୦ ଓ ଇ-ରିକ୍ସା ଏହି ସୋମ ରୁମ୍‌ରେ ଉପଲବ୍ଧ ହେବ। କମ୍ ଦାମରେ ଏହି ବାଇକ୍ ଗ୍ରାହକମାନଙ୍କୁ ଗାଡି ଯୋଗାଇଦିଆଯିବ। ଦୀପାବଳି ପାଇଁ ବାଇକ୍ ସାଙ୍ଗରେ ହେଲ୍‌ମେଟ୍ ଫ୍ରି ମିଳିବ ବୋଲି ପ୍ରୋପ୍ରାଇଟର ରଥ କହିଛନ୍ତି। ଏଥି ସହିତ ୧ବର୍ଷ ଗ୍ୟାରେଣ୍ଟି ଦିଆଯାଉଛି। ବ୍ୟାଙ୍କ ଋଣ ମାଧ୍ୟମରେ ଏହି ବାଇକ୍ କିଣି ପାରିବେ ବୋଲି କହିଛନ୍ତି।



ମହାନ୍ତି ମାର୍କେଟ୍ କମ୍ପ୍ଲେକ୍ସଠାରେ ଇ-ବାଇକ୍ ଶୋ ରୁମ୍ ଉଦ୍‌ଘାଟନ କରାଯାଉଛି।

## ■ ଦ୍ୱିତୀୟ ଦିନରେ ଭିଜିଲାନ୍ସ ତଦନ୍ତ

# ଦୁର୍ନୀତି ଉପରୁ ହଟୁଛି ପରଦା

**ବରୀ,୧୮।୧୦(ସ୍ୱ.ପ୍ର.)**

ବରୀ ବ୍ଲକର ବିକାଶମୂଳକ କାର୍ଯ୍ୟରେ ହୋଇଥିବା ଅନିୟମିତତାକୁ ନେଇ ଭିଜିଲାନ୍ସ ତଦନ୍ତ ଶୁକ୍ରବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଗୋଟିଏ ପ୍ରକଳ୍ପ ପାଇଁ ଦୁଇଥର ଅର୍ଥ ମଞ୍ଜୁର ହୋଇଥିବା ଦ୍ୱିତୀୟ ଦିନ ତଦନ୍ତ ବେଳେ ଭିଜିଲାନ୍ସ ଜାଣିବାକୁ ପାଇଛି। ଅଭିଯୋଗ ହୋଇଥିବା ୧୯ଟି ପ୍ରକଳ୍ପ ଉପରେ ଭିଜିଲାନ୍ସ ବିଭାଗ ତଦନ୍ତ କରିବ ବୋଲି ସୂଚନା ଦେଇଛି। ଏଥି ସହିତ ୫୦ଟି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ହୋଇଛି। ନିରପେକ୍ଷଭାବେ ତଦନ୍ତ କରାଯାଇ ରିପୋର୍ଟ ଉଚ୍ଚ ପଦାଧିକାରୀଙ୍କୁ ହସ୍ତାନ୍ତର କରାଯିବ ବୋଲି ଭିଜିଲାନ୍ସ ଡିଏସ୍‌ପି ବନମାଳୀ ଧଳ କହିଛନ୍ତି। ଅପରପକ୍ଷେ ବରୀରେ ଭିଜିଲାନ୍ସ ତଦନ୍ତ ନେଇ ଦୁର୍ନୀତିଖୋର ଠିକାଦାର, ଯନ୍ତ୍ରୀ, କୁଜି ନେତାଙ୍କ ଭିତରେ ଆତଙ୍କ ଖେଳିଯାଇଛି। ଦ୍ୱିତୀୟ ଦନିରେ ଭିଜିଲାନ୍ସ ଡିଏସ୍‌ପି ଧଳଙ୍କ ନେତୃତ୍ୱରେ ବିଭାଗୀୟ ବୈଷୟିକ ଯନ୍ତ୍ରୀ ଜ୍ୟୋତି ପ୍ରକାଶ ସାମଲ, ଜଗନ୍ନାଥ ସାହୁ, ପ୍ରଦୀପ୍ ପତି, ଶ୍ରୀକାନ୍ତ ନାୟକ ପ୍ରମୁଖ ସାମିଲ ହୋଇଥିଲେ। ଏହି ଅବସରରେ କିମ୍ବୀରିଆପାଳ ପଞ୍ଚାୟତର ଏମ୍‌ଡିଆର୍ ୧୪୦ଠାରୁ କଣ୍ଟିବାଙ୍କ ପର୍ଯ୍ୟନ୍ତ ଢଳାଇ ରାସ୍ତା ସ୍ୱତନ୍ତ୍ର ସମସ୍ୟା ପାଣ୍ଠିରୁ ୨୦୧୭ରେ ୯ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ସେହି ବର୍ଷ ଏହି ରାସ୍ତାର ନାମ ପରିବର୍ତ୍ତନ କରାଯାଇ, କଣ୍ଟିବାଙ୍କଠାରୁ କେ.ବି.କେ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ନାମରେ ପୁନର୍ବାର ମିଥ୍ୟା ବିଲ୍ କରାଯାଇ ହରିଲୁଟ୍ ହୋଇଥିବା ଭିଜିଲାନ୍ସ ଦଳ ଜାଣିବାକୁ ପାଇଛି। ତତ୍କାଳୀନ ବରୀ ବ୍ଲକ୍ କନିଷ୍ଠ ଯନ୍ତ୍ରୀ ଅଶୋକ କୁମାର ରାୟ, ରାମ ପ୍ରସାଦ କାବୁ ଓ ସହକାରୀ ଯନ୍ତ୍ରୀ ଶୀତଲ କୁମାର ସାହୁ ତଦନ୍ତରେ ସହଯୋଗ କରିଥିଲେ। ଏହି ସମୟରେ ଠିକାଦାର ସେକ୍ ମଜବୁର (ଟୁଆଁ) ଉପସ୍ଥିତ ରହି ଭିଜିଲାନ୍ସ ଦଳକୁ ପ୍ରଭାବିତ କରିବାକୁ ଚେଷ୍ଟା କରୁଥିବା ଚର୍ଚ୍ଚା ହେଉଛି। ଗୁରୁବାର ତଦନ୍ତ ବେଳେ ବରୀ ପଞ୍ଚାୟତର ଜଲାଉଦ୍ଦିନ୍ ପ୍ରାଥମିକ ବିଦ୍ୟାଳୟ ପୂର୍ଣ୍ଣାଙ୍ଗ ନିମନ୍ତେ ୨୦୧୫-୧୬ରେ ୧ଲକ୍ଷ ୮୦ହଜାର ଟଙ୍କା ବିଲ୍ ହୋଇଛି। ପୁନର୍ବାର ଏହି ସ୍କୁଲ୍ ପୂର୍ଣ୍ଣାଙ୍ଗ ପାଇଁ ୨୦୧୫/୧୬ ରେ ୮ଲକ୍ଷ ଖର୍ଚ୍ଚ କରାଯାଇଥିବା ଜଣାପଡ଼ିଛି। ୨୦୧୨-୧୩ରେ ୨ଲକ୍ଷ ଟଙ୍କା ଏହିପରି ୨୦୧୨/୧୩, ୨୦୧୫/୧୬ ମଧ୍ୟରେ ୩ଥର ବିଲ୍ କରାଯାଇ ୧୧ଲକ୍ଷ ୮୦ଟଙ୍କା ହରିଲୁଟ୍ କରାଯାଇଥିବା ନେଇ ତତ୍କାଳୀନ ବ୍ଲକ ଅଧକ୍ଷା ତଥା ବର୍ତ୍ତମାନର ବିଧାୟିକା ସୁନନ୍ଦା ଦାସ ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ। ସେହିପରି ୨୦୧୫/୧୬ରେ ଚନ୍ଦନପୁର ପଞ୍ଚାୟତର ହାଟଘରଠାରୁ ପଞ୍ଚାୟତ ସମିତି ରୋଡ ଓ ସେହି ରାସ୍ତାକୁ ପୁରୁଣା ଫାଣ୍ଡି ପର୍ଯ୍ୟନ୍ତ ୨ଟି ନାମରେ ୨ଥର ୧୦ଲକ୍ଷ ଟଙ୍କା ହିସାବରେ ୨୦ଲକ୍ଷ ଟଙ୍କା ତତ୍କାଳୀନ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ଢଳାଇ ରାସ୍ତା ନାମରେ ଖର୍ଚ୍ଚ କରାଯାଇଥିବା ଅଭିଯୋଗ ହୋଇଥିଲା। ଈଶାଣପୁର ପଞ୍ଚାୟତରେ ବ୍ୟାପକ ଜାଲିଆତି କରାଯାଇ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ କରାଯାଇଥିବା ମଧ୍ୟ ଅଭିଯୋଗ ହୋଇଥିଲା। ଏ ନେଇ ୨୫।୧୦।୧୮ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଭିଜିଲାନ୍ସ ବିଭାଗ ତତ୍ପର ହୋଇଥିଲା।



ଭିଜିଲାନ୍ସ ପକ୍ଷରୁ ତଦନ୍ତ କରାଯାଉଛି।

■ ଗୋଟିଏ ପ୍ରକଳ୍ପ ପାଇଁ ଦୁଇଥର ଅର୍ଥ ମଞ୍ଜୁର

■ ନିରପେକ୍ଷଭାବେ ତଦନ୍ତ କରାଯିବ-ଭିଜିଲାନ୍ସ

## ସଂକ୍ଷେପରେ

### ଜନାପାଳ, ଅରଖିଆରେ ଜମୁଛି ଗଜଲକ୍ଷ୍ମୀ ପୂଜା

କୁଜଙ୍ଗ,୧୮।୧୦(ସ୍ୱ.ପ୍ର.): କୁଜଙ୍ଗ ବ୍ଲକ ପଙ୍କପାଳ ପଞ୍ଚାୟତ ଜନାପାଳ ଛକରେ ମା' ଗଜଲକ୍ଷ୍ମୀ ସାଂସ୍କୃତିକ ପରିଷଦ ଗଜଲକ୍ଷ୍ମୀ ପୂଜା ଉତ୍ସବ ଆୟୋଜନ କରାଯାଇଛି। ଗ୍ରାମର ଯୁବକମାନେ କଳସ ଯାତ୍ରା କରି ପୂଜାମଣ୍ଡପରେ ସ୍ଥାପନ କରିଥିଲେ। ପ୍ରତ୍ୟହ ସନ୍ଧ୍ୟାରେ ପାଲା, ଭଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଛି। ଅକ୍ଷୟ ଦାସ, ଅଶୋକ ଦାସ, ନିକୁ କିଶୋର ଚୌଧୁରୀ, ଫକୀର ଦାସ, ତାପସ ମଲ୍ଲ, ସନ୍ତୋଷ ଦାସ, ପ୍ରଦୀପ୍ତ ପ୍ରଧାନ, ଧିରେନ୍ଦ୍ର ଦାସ, ଦେବେନ୍ଦ୍ର ପ୍ରଧାନ, ଅକ୍ଷୟ ସାହୁ, ବାବୁ ଦାସ, ଅକ୍ଷୟ ଦାସ, ଶରତ ଦାସ, ରମେଶ ପ୍ରଧାନ, ଗଗନ ସାହୁ, ଜିତେନ୍ଦ୍ର ପ୍ରଧାନ ପ୍ରମୁଖ ପୂଜା ପରିଚାଳନା କରୁଛନ୍ତି। ସେହିପରି ମହ୍ଲାସାହି ପଞ୍ଚାୟତର ଅରଖିଆ ଗ୍ରାମରେ ୪୩ତମ ବାର୍ଷିକ ଗଜଲକ୍ଷ୍ମୀ ପୂଜା ପାଳନ କରାଯାଉଛି। ଦୀର୍ଘ ୬ ଦିନ ଧରି ଅନୁଷ୍ଠିତ ହେଉଥିବା ଏହି ପୂଜାରେ ସ୍ଥାନୀୟ ଅଂଚଳର ବହୁ ଶ୍ରଦ୍ଧାଳୁ ଯୋଗ ଦେଉଛନ୍ତି। ପୂଜା କମିଟି ସଭାପତି ବିକାଶ ଭୋଳ, ଉପସଭାପତି ଦେବୀପ୍ରସାଦ ଦାଶ, କୋଷାଧକ୍ଷ ଆଲୋକ ରଞ୍ଜନ ବିଶ୍ୱାଳ, ସହ କୋଷାଧକ୍ଷ ଶୈଳେନ୍ଦ୍ର ସେଠୀ, ସୁଧୀର ବିଶ୍ୱାଳ, ଭାସ୍କର ବିଶ୍ୱାଳ, ସନ୍ତୋଷ ବେହେରା ପ୍ରମୁଖ ପୂଜା ପରିଚାଳନା କରୁଛନ୍ତି।

### ଗଜଲକ୍ଷ୍ମୀ ପୂଜା କମିଟିର ସମ୍ବର୍ଦ୍ଧନା ଉତ୍ସବ



ନାଉଗାଁ,୧୮।୧୦(ସ୍ୱ.ପ୍ର.): ନାଉଗାଁ ବ୍ଲକ ଗଙ୍ଗଦା-ପାଇକସାହି ଗ୍ରାମରେ ଗଜଲକ୍ଷ୍ମୀ ପୂଜାର ଉଦ୍‌ଯାପନ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ ହୋଇଥିଲା। ଏଥିରେ ସବୁରି ମା'ସମ୍ମାନରେ ତିହୁଡ଼ାସ୍ଥିତ କଳା ବିକାଶ କେନ୍ଦ୍ରର ପୃଷ୍ଠପୋଷକ ତଥା ଗାରୋଇ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସୁକାନ୍ତ ଲେଙ୍କାଙ୍କ ସ୍ତ୍ରୀ ଝୁନିବାଳା ଲେଙ୍କାଙ୍କୁ ସମ୍ମାନିତ କରାଯାଇଥିଲା। ସଭାରେ ଶିକ୍ଷକ ନିରଞ୍ଜନ ମହାନ୍ତି ମୁଖ୍ୟଅତିଥି, ସାମାଜିକ କର୍ମୀ ବିଚିତ୍ରାନନ୍ଦ ପଣ୍ଡା, ସର୍ବେଶ୍ୱର ମହାରଣା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଝୁନିବାଳାଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ।

# କାଗଜପତ୍ରରେ ସୀମିତ ଭାରିଯାନ ଚଳାଚଳ କଟକଣା

ଜଗତ୍‌ସିଂହପୁର ଅଫିସ, ୧୮।୧୦

- ଭାରିଯାନ ଚଳାଚଳ ଯୋଗୁ ସୃଷ୍ଟି ହେଉଛି ଟ୍ରାଫିକ ସମସ୍ୟା
- ନିୟମ କାର୍ଯ୍ୟକାରୀ କରିବାରେ ପୋଲିସ ଓ ପ୍ରଶାସନ ପକ୍ଷରୁ ପ୍ରକାଶ ପାଉନି ଆନ୍ତରିକତା

ପ୍ରତି ମାସରେ ଜଗତ୍‌ସିଂହପୁର ଜିଲାରେ ଭାରି ଯାନ ଚଳାଚଳ ଉପରେ କଟକଣା ଲଗାଯାଉଛି। କିନ୍ତୁ ବାସ୍ତବରେ ଏହି କଟକଣା କେବଳ କାଗଜପତ୍ରରେ ସୀମିତ ରହୁଛି। ଯଦ୍ୱାରା ରାସ୍ତା ଖରାପ ହେବା ସାଙ୍ଗକୁ ଯାତାୟାତରେ ବାଧା ଉପୁଜୁଛି। ଏପରି କି ଦୁର୍ଘଟଣା ମଧ୍ୟ ହେଉଛି। ତେଣୁ ଜିଲାପାଳ ୧୧।୧୦।୧୯ରୁ ୧୦।୧୧।୧୯ ପର୍ଯ୍ୟନ୍ତ ଲଗାଇଥିବା କଟକଣା ଯେପରି ଠିକ୍ ଭାବେ ଲାଗୁ ହେବ ସେଥିପ୍ରତି ପୋଲିସ, ପରିବହନ ବିଭାଗ ଓ ତହସିଲ କର୍ତ୍ତୃପକ୍ଷ ମିଳିତ ଉଦ୍ୟମ କରିବାକୁ ସାଧାରଣରେ ଦାବି ହେଉଛି।

ଜଗତ୍‌ସିଂହପୁର-ଜଇପୁର ରାସ୍ତାର ଥାନା ଛକଠାରୁ ଏକ ଡ୍ରେସ୍ ହାଉସ ଏବଂ ଥାନା ଛକରୁ ଟାଉନ ହଲ ଛକ ପର୍ଯ୍ୟନ୍ତ ରାସ୍ତାର ବାମପାର୍ଶ୍ୱକୁ ନୋ ପାର୍କିଂ ଜୋନ କରାଯାଇଛି। ଏହି ସ୍ଥାନରେ ଯାନବାହାନ ରଖିବା ଦ୍ୱାରା ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବାରୁ ବର୍ଷାଧିକ କାଳ ହେବ ଜିଲାପାଳ କଟକଣା ଲଗାଇ ଆସୁଛନ୍ତି। ବର୍ତ୍ତମାନର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ମଧ୍ୟ ଉକ୍ତ ରାସ୍ତା ପାର୍ଶ୍ୱରେ ଗାଡ଼ି ମୋଟର ରଖିବା ଉପରେ ଅଙ୍କୁଶ ଲଗାଇଛନ୍ତି। ଏଥିସହ ଜନସାଧାରଣଙ୍କ ଗମନାଗମନ ଓ ସୁରକ୍ଷା ଦୃଷ୍ଟିରୁ ଜଗତ୍‌ସିଂହପୁର ବସଷ୍ଟପଠାରୁ ମେଡିକାଲ ଛକ ପର୍ଯ୍ୟନ୍ତ ଓ ଥାନା ଛକରୁ ଚର୍ଚ୍ଚିକା ବଜାର ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ି ରଖିବା ଉପରେ ନିଷେଧାଦେଶ ଜାରି କରିଛନ୍ତି। ସେହିପରି ଆଳିପିଙ୍ଗଳଠାରେ ଦେବୀ ନଦୀ ବନ୍ଧ ଉପରେ ଟ୍ରକ, ଟିପ୍ପର, ଟ୍ରେଲର ଓ ୬ ଚକିଆ ଯାନ ବାଲି, ଲୁହା ପଥର, କ୍ରୋମ ପଥର, କୋଇଲା ଆଦି ପରିବହନ କରୁଥିବାରୁ ସମସ୍ୟା ସୃଷ୍ଟି ହେଉଛି। ବିଶେଷକରି ଆଳିପିଙ୍ଗଳ ପୋଲ ପ୍ରତି ବିପଦ ସୃଷ୍ଟି କରୁଛି। ଏହି ପୋଲଟି ଦୁର୍ବଳ ଥିବା ଏବଂ ମରାମତି ଅବସ୍ଥାରେ ଥିବାରୁ ଭାରିଯାନ ଚଳାଚଳ ଉପରେ ଜିଲାପାଳ କଟକଣା ଲଗାଇଛନ୍ତି। ଜଗତ୍‌ସିଂହପୁର ପୌରାଞ୍ଚଳ ମଧ୍ୟରେ ମାଲ ପରିବହନ କରୁଥିବା ଭାରିଯାନ ଚଳାଚଳ ଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ତେଣୁ ଉପରୋକ୍ତ ଯାନଗୁଡିକ ଚଳପ୍ରଚଳ ଉପରେ ମୋଟର ଯାନ ଆଇନ ୧୯୮୮ ଧାରା ୧୧୫ ଅନୁଯାୟୀ ଜିଲାପାଳ ନିଷେଧାଦେଶ ଜାରି କରିଛନ୍ତି। ଏହି ଭାରିଯାନଗୁଡ଼ିକ ସକାଳ ୬ରୁ ପୂର୍ବାହ୍ନ ୧୧ଟା ଓ ଅପରାହ୍ନ ୫ଟାରୁ ରାତି ୮ଟା ମଧ୍ୟରେ ପୌରାଞ୍ଚଳରେ ଚଳପ୍ରଚଳ କରିପାରିବ ନାହିଁ। ଜଗତ୍‌ସିଂହପୁର-ଆଳିପିଙ୍ଗଳ ରାସ୍ତାରେ ଟ୍ରକ୍, ଟିପ୍ପର, ଟ୍ରେଲର ଓ ୬ ଚକିଆ ଯାନଗୁଡିକ ବାଲି, ଲୁହା ପଥର, କ୍ରୋମ ପଥର ଆଦି ପରିବହନ କରିବା ଦ୍ୱାରା ଯାତାୟାତ

ବାଧାପ୍ରାପ୍ତ ହେବା ସହ ଦୁର୍ଘଟଣା ଘଟୁଛି। ତେଣୁ ଏସବୁ ଯାନ ଚଳାଚଳ ଉପରେ ଜିଲାପାଳ କଟକଣା ଲଗାଇଛନ୍ତି। ଅର୍ଥାତ୍ ଜଗତ୍‌ସିଂହପୁର-ଆଳିପିଙ୍ଗଳ ରାସ୍ତାରେ ସକାଳ ୫ରୁ ରାତି ୧୧ଟା ପର୍ଯ୍ୟନ୍ତ ଭାରିଯାନ ଚଳାଚଳ କରିପାରିବ ନାହିଁ। ଏହାବାଦ୍ ଏହି ରାସ୍ତାରେ ଅତ୍ୟଧିକ ଲୋଡ ଥିବା ବଡ଼ଗାଡ଼ି ତଥା ୨୮,୦୦୦ କିଲୋଗ୍ରାମ ବା ତଦୁର୍ଦ୍ଧ୍ୱ ଓଜନ ବହନ କରୁଥିବା ଗାଡ଼ି ଚଳାଚଳ ଉପରେ ସବୁ ସମୟ ପାଇଁ ନିଷେଧାଦେଶ ଜାରି କରାଯାଇଛି। କଟକ-ପାରାଦୀପ ରାଜ୍ୟ ରାଜପଥ-୧୨ରେ ମଧ୍ୟ ଅବାଧରେ ଭାରିଯାନ ଚଳାଚଳ କରୁଛି। ଏଥିଯୋଗୁ ନାହିଁ ନ ଥିବା ସମସ୍ୟା ସୃଷ୍ଟି ହେଉଛି। ତେଣୁ ଜିଲାପାଳ ଏହି ରାସ୍ତାରେ ଗାଡ଼ି ଚଳାଚଳ ଉପରେ କଟକଣା ଲଗାଇଛନ୍ତି। ପାରାଦୀପର ରାଜ୍ୟ ଅଏଲ ଟର୍ମିନାଲଠାରୁ କାର୍ଗିଲ ଛକ ମଧ୍ୟରେ ଅଏଲ ଟ୍ୟାଙ୍କର ଚଳାଚଳ ଦ୍ୱାରା ଟ୍ରାଫିକ ସମସ୍ୟା ଉପୁଜୁଛି। ତେଣୁ ଉପରୋକ୍ତ ଟ୍ୟାଙ୍କର ଚଳାଚଳ ଉପରେ ଜିଲାପାଳ ନିଷେଧାଦେଶ ଜାରି କରିଛନ୍ତି। ତୈଳଶୂନ୍ୟ ଅଏଲ ଟ୍ୟାଙ୍କରଗୁଡିକ କାରଗିଲ ଛକ ଦେଇ ଚଳାଚଳ କରିପାରିବେ ଓ ତୈଳପୂର୍ଣ୍ଣ ହେଲାପରେ ପିପିଏଲ୍ ଜଙ୍କସନ୍ ଦେଇ ପିପିଏଲ୍ ଛକ ବାଟେ ଚଳାଚଳ କରିପାରିବେ। ପାରାଦୀପ ଜିରୋ ପଏଣ୍ଟରୁ ଅଠରବାଙ୍କୀ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଭାରିଯାନ ରଖିବା ଯୋଗୁ ଟ୍ରାଫିକ ସମସ୍ୟା, ଜନସାଧାରଣଙ୍କ ଗମନାଗମନରେ ଅସୁବିଧା ହେଉଛି। ତେଣୁ ଏହି ରାସ୍ତାର ଉଭୟ ପାର୍ଶ୍ୱରେ ଭାରିଯାନ ରଖିବା ଉପରେ କଟକଣାସ୍ୱରୂପ ଜିଲାପାଳ ନୋ ପାର୍କିଂ ଜୋନ ଘୋଷଣା କରିଛନ୍ତି।

### କଠିନ ବର୍ଜ୍ୟବସ୍ତୁ ପରିଚାଳନା କର୍ମଶାଳା

କୁଜଙ୍ଗ,୧୮।୧୦(ସ୍ୱ.ପ୍ର.)

ଜିଲା ଜଳ ଓ ପରିମଳ ମିଶନ ପକ୍ଷରୁ କୁଜଙ୍ଗ ଗୋଷ୍ଠୀ ସୂଚନା କେନ୍ଦ୍ର ପରିସରରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ମଣ୍ଡଳ ଉନ୍ନୟନ ଅଧିକାରୀ କିଶୋର ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗ୍ରାମାଞ୍ଚଳରେ ସ୍ୱଚ୍ଛତା ଓ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କରେ ବିଭିନ୍ନ ପରାମର୍ଶ ଦେଇଥିଲେ। ଗ୍ରାମାଞ୍ଚଳବାସୀଙ୍କୁ ସରକାର ଶୌଚାଳୟ ନିର୍ମାଣ ପାଇଁ ସହାୟତା ଯୋଗାଇ ଦେଉଥିବାରୁ ବାହାରେ ମଳତ୍ୟାଗ ବନ୍ଦ କରିବା ପାଇଁ ସେ କହିଥିଲେ। କର୍ମଶାଳାରେ ବିଭାଗୀୟ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ଅଭିମନ୍ୟୁ ଦାସ, ୟୁନିସେଫ ପରାମର୍ଶଦାତା ଗଣେଶରାମ ପଣ୍ଡା, ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସ୍ମିତା ମାଝୀ, କନିଷ୍ଠ ଯନ୍ତ୍ରୀ ମାନସୀ ବେହେରା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସମସ୍ତ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି, ପଞ୍ଚାୟତ ନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ।

## ଯୌତୁକ ନିର୍ଯାତନା ଅଭିଯୋଗ
## ଥାନାର ଦ୍ୱାରସ୍ଥ ହେଲେ ମହିଳା

ନାଉଗାଁ,୧୮।୧୦(ସ୍ୱ.ପ୍ର.)

ନାଉଗାଁ ବ୍ଲକ ଓଷକଣା ପଞ୍ଚାୟତ ଭଟଣା ଗ୍ରାମର ଜଣେ ମହିଳାଙ୍କୁ ଶାଶୁଘର ଲୋକେ ଯୌତୁକ ନିର୍ଯାତନା ଦେବା ସହ ଜୀବନରୁ ମାରିଦେବାକୁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି। ଏନେଇ ସମ୍ପୃକ୍ତ ମହିଳା ଗୁରୁବାର ନାଉଗାଁ ଥାନାରେ ଅଭିଯୋଗ କରିଛନ୍ତି। ସେ ହେଲେ ଗ୍ରାମର ଦୀପକ ନାୟକଙ୍କ ସ୍ତ୍ରୀ ଝୁନିଲତା ନାୟକ। ଅଭିଯୋଗ ଅନୁଯାୟୀ, ୬ ମେ ୨୦୧୫ରେ ନିଆଳିର ଝୁନିଲତାଙ୍କୁ ଦୀପକ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ରାସ୍ତା ଖର୍ଚ୍ଚ, ସୁନାଗହଣା ଓ ଅନ୍ୟାନ୍ୟ ଯୌତୁକ ସାମଗ୍ରୀ ଦିଆଯାଇଥିଲା। ମାତ୍ର କିଛିଦିନ ପରେ ଶାଶୁଘର ଲୋକେ ଅଧିକ ୧ଲକ୍ଷ ଟଙ୍କା ଓ ଦୀପକଙ୍କ ପାଇଁ ସୁନାର ବ୍ରେସଲେଟ୍ ଆଣିବା ପାଇଁ ଝୁନିଲତାଙ୍କୁ କହିଥିଲେ। ବାପଘରର ଆର୍ଥିକ ସ୍ଥିତି ଖରାପ ଥିଲେ ମଧ୍ୟ ସେ ଏ ବିଷୟରେ ବାପାଙ୍କୁ ବାରମ୍ବାର ଅବଗତ କରାଇଥିଲେ। ତାଙ୍କ ବାପା ଏ ସମ୍ପର୍କରେ ଶାଶୁଘର ଲୋକଙ୍କୁ ବୁଝାଶୁଝା କରି ଝିଅକୁ ରଖିବା ପାଇଁ ଅନୁରୋଧ କରିଥିଲେ। ଝୁନିଲତାଙ୍କର ୩ ବର୍ଷର ଏକ ଶିଶୁପୁତ୍ର ରହିଛି। ପୁଅ ଦେହ ଖରାପ ହେଲେ ଶାଶୁଘର ଲୋକେ ଯତ୍ନ ନେଉ ନ ଥିବା ଓ ଡାକ୍ତର ଦେଖାଉ ନ ଥିବା ଝୁନିଲତା ଅଭିଯୋଗ କରିଛନ୍ତି। ଅଧିକ ଯୌତୁକ ପାଇଁ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଥିଲା। ଅକ୍ଟୋବର ୧୪ ତାରିଖରେ ତାଙ୍କ ବାପା ଓ ଭାଇ ଆସି ଶାଶୁଘର ଲୋକଙ୍କୁ ବୁଝାସୁଝା କରି ଯାଇଥିଲେ। ମାତ୍ର ସେମାନେ ଯିବା ପରେ ସ୍ୱାମୀ, ଶାଶୁ ଓ ଶ୍ୱଶୁର ଝୁନିଲତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଦେବା ସହ ଛୁରି ଧରି ମାରିବାକୁ ଉଦ୍ୟମ କରିଥିଲେ। ସେ ଜୀବନ ବିକଳରେ ବାପଘରୁ ଟଙ୍କା ଆଣି ଦେବାକୁ ପ୍ରତିଶ୍ରୁତି ଦେବା ପରେ ତାଙ୍କୁ ଛାଡ଼ି ଦେଇଥିଲେ। ଏ ସମ୍ପର୍କରେ ସେ ବାପଘରକୁ ଖବର ଦେବା ପରେ ତାଙ୍କ ପିଉସା ଆସି ଶାଶୁ, ଶ୍ୱଶୁରଙ୍କୁ ବୁଝାଇଥିଲେ। ଅକ୍ଟୋବର ୧୫ରେ ସେ ବୁଝାସୁଝା କରି ଯିବା ପରେ ୧୭ ତାରିଖ ସକାଳେ ଝୁନିଲତାଙ୍କୁ ତାଙ୍କ ଶାଶୁ ଏକ ପନିକି ଧରି ମାରିବାକୁ ଗୋଡ଼ାଇଥିଲେ। ତାଙ୍କ ସ୍ୱାମୀ କିରୋସିନ ଢାଳି ପୋଡ଼ିଦେବାକୁ ଉଦ୍ୟମ କରିଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ତେବେ ସେ ଚିତ୍କାର କରିବାରୁ ତାଙ୍କୁ ଏକ ଘର ମଧ୍ୟରେ ପୁରାଇ ରଖିଥିଲେ। ଏ ସମ୍ପର୍କରେ ସେ ଘରକୁ ଫୋନ କରି କହିବାରୁ ତାଙ୍କ ବାପା ଆସି ପୋଲିସ ସହାୟତାରେ ତାଙ୍କୁ ଉଦ୍ଧାର କରିଥିଲେ ବୋଲି ଝୁନିଲତା ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ଏନେଇ ଏକ ମାମଲା ନଂ. ୧୫୬/୧୯ ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ବୋଲି ଥାନା ଅଧିକାରୀ ପ୍ରଜ୍ଞା ରିତାମ୍ବର କର କହିଛନ୍ତି।

## ଏସ୍‌ଏଚ୍‌ଜି ମହିଳାଙ୍କୁ ମାଛଚାଷ ତାଲିମ

ବିରିଡ଼ି/ବାଲିଆ,୧୮।୧୦(ଡି.ଏନ.ଏ.)

ମିଶନ ଶକ୍ତି ଓ ୱାର୍ଲ୍ଡ ଫିସ ସହାୟତାରେ ଜଗତ୍‌ସିଂହପୁର ଜିଲା ମତ୍ସ୍ୟ ଅଧିକାରୀଙ୍କ ପକ୍ଷରୁ ଶୁକ୍ରବାର ବିରିଡ଼ି ଓ ରଘୁନାଥପୁର ବ୍ଲକର ୧୧ଟି ସ୍ୱୟଂସହାୟିକା ଗୋଷ୍ଠୀ (ଏସଏଚଜି)ର ୩୩ ଜଣ ସଭ୍ୟାଙ୍କ ମାଛଚାଷ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଛି। ସଢେଇଶାସନ ପଞ୍ଚାୟତ କାର୍ଯ୍ୟାଳୟଠାରେ ଏହି ତାଲିମ କାର୍ଯ୍ୟକ୍ରମ ହୋଇଥିଲା। ଏହାକୁ ବ୍ଲକ ଅଧ୍ୟକ୍ଷ ପଦ୍ମନାଭ ଭୋଇ ଉଦ୍‌ଘାଟନ କରିଥିଲେ। ଏବିଡିଓ ଗିରିଜା ପ୍ରସାଦ ବାରିକ, ସିଡିପିଓ ଗୌରୀ ଦେଈ, ସରପଞ୍ଚ ଅମିତ ରାଉଳ, ଜିଲା ମତ୍ସ୍ୟ ଅଧିକାରୀ ସୁବ୍ରତ ଦାସ, ୱାର୍ଲ୍ଡ ଫିସର ଜେନେରାଲ ମ୍ୟାନେଜର ସୌରଭ ବିଶ୍ୱାଳ, ମିଶନ ଶକ୍ତି ସଂଯୋଜକ ଅଭିଜିତ ନାରାୟଣ, ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ମୋନାଲିସା ମଲ୍ଲିକ, ମିଶନ ଶକ୍ତି ଜିଲା ସଂଯୋଜକ କ୍ରୀଷ୍ଣା ରାଉତ, ମତ୍ସ୍ୟ ସହାୟକ ଜୟନ୍ତ କୁମାର ନାୟକ, ରଘୁନାଥପୁରର ଅଭୟ କୁମାର ଦାଶ, ସହକାରୀ ମତ୍ସ୍ୟ ଅଧିକାରୀ ମିରାରାଣୀ ବିଶ୍ୱାଳ, କନିଷ୍ଠ ମତ୍ସ୍ୟ ସହାୟକ ପ୍ରଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମାଞ୍ଚଳର ଏସଏଚଜି ମହିଳାମାନେ ପଞ୍ଚାୟତ ପୋଖରୀରେ ଉନ୍ନତ କିସମର ମାଛଚାଷ କରି କିପରି ଲାଭବାନ ହେବେ ସେ ସମ୍ବନ୍ଧରେ ବିଭିନ୍ନ କୌଶଳ ତାଲିମ ଦିଆଯାଇଥିଲା। ପ୍ରତି ମହିଳାଙ୍କୁ କିଟ୍ ପ୍ରଦାନ କରାଯାଇଥିଲା। ଶନିବାର ସେମାନଙ୍କୁ ତୁଳଙ୍ଗଠାରେ ଥିବା ମତ୍ସ୍ୟଫାର୍ମକୁ କ୍ଷେତ୍ର ପରିଦର୍ଶନ ନିମନ୍ତେ ନିଆଯିବାର କାର୍ଯ୍ୟକ୍ରମ ରହିଛି ବୋଲି ଜିଲା ମତ୍ସ୍ୟ ଅଧିକାରୀ ଦାସ ସୂଚନା ଦେଇଛନ୍ତି।

## ବାଇକ ଦୁର୍ଘଟଣାରେ ବୃଦ୍ଧଙ୍କ ମୃତ୍ୟୁ
# ମୃତଦେହ ରଖି ଗ୍ରାମବାସୀଙ୍କ ରାସ୍ତାରୋକୋ



କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଥିବା ଗ୍ରାମବାସୀ।

ବାଲିକୁଦା,୧୮।୧୦(ସ୍ୱ.ପ୍ର.)

କଟକ-ନୂଆଗାଁ ୫୫ ନମ୍ବର ଜାତୀୟ ରାଜାପଥର ବାଲିକୁଦାସ୍ଥିତ ଇଣ୍ଡିଆନ ଅଏଲ ପେଟ୍ରୋଲ ପମ୍ପଠାରେ ଗୁରୁବାର ଏକ ବାଇକ୍ ଧକ୍କାରେ ସ୍ଥାନୀୟ ଗୋଛାୟତ ସାହିର ଦ୍ୱୀଜବର ଗୋଛାୟତ(୭୪)ଙ୍କ ମୃତ୍ୟୁ ଘଟିଥିଲା। ଶୁକ୍ରବାର ସକାଳେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ଗ୍ରାମକୁ ଅଣାଯାଇଥିଲା। ଏହି ସମୟରେ ଗ୍ରାମବାସୀ କ୍ଷତିପୂରଣ ଦାବିରେ ଦୁର୍ଘଟଣାସ୍ଥଳରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ଦୀର୍ଘ ସମୟ ଧରି ରାସ୍ତାରୋକୋ ହେବା ପରେ ପୋଲିସ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲା। ହେଲେ ଆନ୍ଦୋଳନକାରୀ ଧାରଣାରୁ ଓହରି ନ ଥିଲେ।

ପରେ ଅଖିଳ ଭାରତ କଂଗ୍ରେସ କମିଟି ମାନବାଧିକାର ସଂଯୋଜକ ସୁଶାନ୍ତ କୁମାର କାନୁନ୍‌ଗୋ ଥାନାଧିକାରୀ ସର୍ବେଶ୍ୱର ବେହେରାଙ୍କ ସହ ଆଲୋଚନା କରିଥିଲେ। ଥାନାଧିକାରୀ ବେହେରା ଘଟଣାସ୍ଥଳରେ ପହଞ୍ଚି ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ଫୋନରେ ଆଲୋଚନା କରିବା ପରେ ମୃତକଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ସହାୟତା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ରାସ୍ତାରୋକୋ ପ୍ରତ୍ୟାହାର ହୋଇଥିଲା। ସୂଚନାଯୋଗ୍ୟ, ଦ୍ୱୀଜବର ସକାଳ ପ୍ରାୟ ସାଢେ ୬ଟାରେ ଘରକୁ ଯାଉଥିବାବେଳେ ମାଛଗାଁ ପଟୁ କଟକ ଅଭିମୁଖେ ଯାଉଥିବା ଜଣେ ବାଇକ ଆରୋହୀ ତାଙ୍କ ସହ ଧକ୍କା ହୋଇଥିଲେ। ଫଳରେ ଦ୍ୱୀଜବର ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପ୍ରଥମେ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ମାତ୍ର ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଉଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ବାବଦରେ ଦ୍ୱୀଜବରଙ୍କ ପୁଅ ଦୀପକ ବାଲିକୁଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ପୌରପାଳିକାରେ ସାମିଲହେବାକୁ କସରତ



ପାରାଦୀପ,୧୮।୧୦(ସ୍ୱ.ପ୍ର)

ପାରାଦୀପର ଇଫ୍‌କୋ ଖାରଖାନା ସଂଲଗ୍ନ ଓ କାଉଡ଼ିଆ ନଦୀକୂଳରେ ରହିଛି ବିଜୟଚାନ୍ଦପୁର ବସ୍ତି। ୨୦୦୦ରୁ ଅଧିକ ଲୋକ ଓ ୬୫୦ ଭୋଟର ଥିବା ଏହି ବସ୍ତି ଏବେ ଚର୍ଚ୍ଚାରେ। କାରଣ ଏହି ବସ୍ତିର କେତେକ ବାସିନ୍ଦା ପାରାଦୀପ ପୌରପାଳିକାରେ ମିଶିବା ପାଇଁ ଗତ ସପ୍ତାହେ ହେଲା କସରତ ଚଳାଇଛନ୍ତି। ତେବେ ସେମାନଙ୍କୁ ବସ୍ତିର ଅନ୍ୟ କିଛି ଲୋକ ଓ ପଞ୍ଚାୟତର ଜନପ୍ରତିନିଧିମାନେ ବିରୋଧ କରୁଛନ୍ତି। ଏଭଳି ସ୍ଥିତିରେ ରାଜ୍ୟ ସରକାରଙ୍କ ପକ୍ଷରୁ ମିଶ୍ରଣ ପାଇଁ ଗତ ଅଗଷ୍ଟ ମାସରୁ ପ୍ରଶାସନିକ ପ୍ରକ୍ରିୟା ଆରମ୍ଭ ହୋଇଛି। ନଗର ଉନ୍ନୟନ ବିଭାଗ ଚିଠି (ନଂ.୧୪୯୧୫/୨୯-୦୮-୧୯), ପଞ୍ଚାୟତ ଅଧିକାରୀଙ୍କ ଚିଠି (ନଂ.୬୮୪/୫-୯-୧୯) ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଚିଠି (ନଂ.୩୦୪୮/୫-୯-୧୯) ଅନୁଯାୟୀ, ପଞ୍ଚାୟତ ଅଞ୍ଚଳରେ ଥିବା କେତେକ ଗ୍ରାମ ଓ ଶିଳ୍ପ ସଂସ୍ଥା ପୌରପାଳିକା ଅଧୀନକୁ ଯିବାକୁ ନିର୍ଦ୍ଦେଶ ହୋଇଛି। ଏହାକୁ ନେଇ ଏବେ ବିବାଦ ମୁଣ୍ଡ ଟେକିଛି। ସୂଚନାଯୋଗ୍ୟ, ୨୦୦୯ରୁ ପୌରପାଳିକା ସମ୍ପ୍ରସାରଣ ପାଇଁ ସରକାରୀ ଭାବେ ଉଦ୍ୟମ ଚାଲିଛି। ଏବେ ସୁଦ୍ଧା ଇଫ୍‌କୋ, ଏସାର ଷ୍ଟିଲ, ବିଜୟଚାନ୍ଦପୁର, ଲକ୍‌ପଡ଼ା ବସ୍ତିର କିଛି ଅଂଶ, ଉଦୟବିହାର, ଗୋଆକାର୍ବନ, କଳିଙ୍ଗ କାଲସିନର କାର୍ବନ କମ୍ପାନୀ ଓ ତୈଳ ବିଶୋଧନାଗାର ପୌରପାଳିକା ଅଧୀନରେ ସାମିଲ ହୋଇନାହିଁ। ଏଥିଯୋଗୁ କେତେକ ବସ୍ତି ଓ କଲୋନୀ ବାସିନ୍ଦା ପ୍ରଶାସନିକ ସୁବିଧା ଓ ସରକାରୀ ସହାୟତାରୁ ବଞ୍ଚିତ ହେଉଛନ୍ତି। ଯେପରି କି ପିପିଏଲ ଛକଠାରୁ ଦୋଛକି ପର୍ଯ୍ୟନ୍ତ ସୀମା ମଧ୍ୟରେ ଥିବା ଉଦୟ ବିହାର ବାସିନ୍ଦା ସମସ୍ତ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ସେମାନେ ପଞ୍ଚାୟତ ଓ ପୌରକାଳିକାରେ ସାମିଲ ହୋଇପାରୁନାହାନ୍ତି। ସେପଟେ ବିଜୟଚନ୍ଦ୍ରପୁର, ତଳପଡ଼ା ବସ୍ତିବାସିନ୍ଦା ଓ ତାଳଦଣ୍ଡା କେନାଲ ରାସ୍ତା ଉପରେ ଥିବା ଲକ୍‌ପଡ଼ା ବାସିନ୍ଦା ଦ୍ୱୈତ ଶାସନର ଫାଇଦା ନେଉଛନ୍ତି। ସେମାନେ ପଞ୍ଚାୟତ ଓ ପୌର ପାଳିକାରେ ଭୋଟ ଦେଉଛନ୍ତି। ଦୁଇଟି ସ୍ଥାନରୁ ସରକାରୀ ସୁବିଧା ପାଉଛନ୍ତି।

### ବିଜୟଚାନ୍ଦପୁର ବସ୍ତିର ସୃଷ୍ଟି

ବିଜୟଚାନ୍ଦପୁର ବସ୍ତି ବେଶିଦିନର ନୁହେଁ। ୧୯୯୮-୯୯ରେ ବନ୍ଦର ସମ୍ପ୍ରସାରଣ ବେଳେ ଘନଗଳିଆ ଓ ଇନ୍ଦିରା ପାର୍କ ନାଁରେ ଥିବା ଦୁଇଟି ବଡ଼ ବସ୍ତିକୁ ଉଚ୍ଛେଦ କରାଯାଇଥିଲା। ସେହି ଲୋକଙ୍କୁ ଭିତରଗଡ଼ ମୌଜାର ଉଦୟବଟ ଧାମ ସୀମାରେ ଥଇଥାନ କରାଯାଇଥିଲା। କିନ୍ତୁ ସେମାନେ ବନ୍ଦର ପକ୍ଷରୁ ମିଳିଥିବା ପ୍ଲଟ ବିକ୍ରି କରି ଗୋଟିକ ପରେ ଗୋଟିଏ କାଉଡ଼ିଆ ନଦୀ କୂଳରେ ବସତିସ୍ଥାପନ କଲେ। ସେତେବେଳେ ସେହି ଅଞ୍ଚଳ ନୂଆଗଡ଼ ପଞ୍ଚାୟତରେ ଥିବାରୁ ସେଥିରେ ସାମିଲ ହୋଇଗଲେ। ଏବେ ସେଠାରେ ବିଶାଳ ବସ୍ତି ବିଜୟଚାନ୍ଦପୁର ସୃଷ୍ଟି ହୋଇଛି। ଏଠାରେ ୨୦୦୦ରୁ ଅଧିକ ଲୋକ ରହିଲେଣି। ସେମାନଙ୍କ ମଧ୍ୟରେ ଅଧିକାଂଶ ବାଂଲାଭାଷୀ।

### ଦୁଇଆଡୁ ମିଳୁଛି ଫାଇଦା

ଏହି ବସ୍ତିର ୬୫୦ ଭୋଟର ନୂଆଗଡ଼ ପଞ୍ଚାୟତ ଓ ୧୫୦ ଭୋଟର ପୌରପାଳିକା ଅଧୀନରେ ଅଛନ୍ତି। ପୌରପାଳିକାର ୨ନଂ. ୱାର୍ଡଠାରୁ ମାତ୍ର ୨୦୦ ମିଟର ବ୍ୟବଧାନରେ ଏହି ବସ୍ତି ଅଛି। ସେପଟେ ଏଠାରୁ ପଞ୍ଚାୟତର ବ୍ୟବଧାନ ୧୧ କିମି। ଏଠାରେ ୨୦୧୧ ଜନଗଣନା ଓ ସାମାଜିକ ଅର୍ଥନୈତିକ ଗଣନା ପୌରପାଳିକା ପକ୍ଷରୁ କରାଯାଇଥିଲା। କିନ୍ତୁ ୨୦୦୭ରେ ପଞ୍ଚାୟତ ପକ୍ଷରୁ ସେଠାରେ ସରକାରୀ ସ୍କୁଲ ଖୋଲାଯାଇଛି। ଅଙ୍ଗନୱାଡି କେନ୍ଦ୍ର ମଧ୍ୟ କରାଯାଇଛି। ପକ୍କାରାସ୍ତା, ବିଦ୍ୟୁତ, ପାନୀୟଜଳ ଇଫ୍‌କୋ କମ୍ପାନୀ କରିଛି। ସମସ୍ତ ରାଶନକାର୍ଡଧାରୀମାନେ ପୌରପାଳିକାରୁ ଖାଦ୍ୟ ସାମଗ୍ରୀ ପାଉଛନ୍ତି। କିନ୍ତୁ ଭତ୍ତା ପାଉଛନ୍ତି ପଞ୍ଚାୟତ ଅଫିସରୁ। ଏପରିକି କେତେକ ଲୋକଙ୍କ ନାମରେ ଦୁଇଟି ସ୍ଥାନରେ ଭୋଟର ଲିଷ୍ଟରେ ନାମ ଥିବା ଜଣାଯାଏ କିନ୍ତୁ ସମସ୍ତେ ରହୁଛନ୍ତି ସରକାରୀ ଜାଗାରେ। ସୁବିଧା ପାଉଛନ୍ତି ଦୁଇଆଡୁ।

### ଆଶଙ୍କାରେ ପୌରପାଳିକା ମାନ୍ୟତା

ନିୟମ ଅନୁଯାୟୀ ଯେଉଁ ସହରର ଜନସଂଖ୍ୟା ୫୦ ହଜାରରୁ ଅଧିକ ତାକୁ ପୌରପାଳିକା ମାନ୍ୟତା ମିଳିଥାଏ। ଏହି ସଂଖ୍ୟା ୫୦ହଜାରରୁ କମିଲେ ପୌରପାଳିକା ମାନ୍ୟତା କଟି ଏନଏସି ମାନ୍ୟତା ମିଳିବ। ସେପଟେ ପାରାଦୀପ ପୌରପାଳିକାରେ ଦିନକୁ ଦିନ ଜନସଂଖ୍ୟା କମିବାରେ ଲାଗିଛି। କାରଣ ୨୦୦୧ ଜନଗଣନା ଅନୁଯାୟୀ, ଏଠାରେ ୭୩,୬୨୫ ଲୋକ ଥିବାବେଳେ ୨୦୧୧ ଜନଗଣନାବେଳକୁ ତାହା ହ୍ରାସ ପାଇ ୬୮,୩୧୦ରେ ପହଞ୍ଚିଥିଲା। ଏବେ ୨୦୨୧ ଜନଗଣନାରେ ଯଦି ଆହୁରି ହ୍ରାସ ପାଇ ୫୦ ହଜାର ତଳକୁ ଆସେ ତେବେ ପୌରପାଳିକା ମାନ୍ୟତା ଚାଲିଯିବ। ତେଣୁ ପୌରପାଳିକା ସମ୍ପ୍ରସାରଣ ଜରୁରୀ ହୋଇପଡ଼ିଛି।

### ଶିଳ୍ପ ସଂସ୍ଥାକୁ ହୋଲ୍ଡିଂ ଟିକସ ଭୟ

ପୌରପାଳିକା ଅଧୀନରେ ନ ଥିବା ଉପରୋକ୍ତ ଶିଳ୍ପସଂସ୍ଥାଗୁଡିକ ପଞ୍ଚାୟତ ଅଞ୍ଚଳରେ ରହିଛନ୍ତି। ଏଥିପାଇଁ ସେମାନେ ରାଜସ୍ୱ କ୍ଷେତ୍ରରେ ଅଧିକ ସୁବିଧା ପାଉଛନ୍ତି। ପୌରପାଳିକାରେ ସାମିଲ ହେଲେ ପୌର ଆଇନ୍ ଅନୁଯାୟୀ ସେମାନଙ୍କ ଉପରେ ହୋଲ୍ଡିଂ ଟିକସ ଲାଗିବ। ଏହାର ମୂଲ୍ୟ ପଞ୍ଚାୟତ ନିୟମଠାରୁ ଯଥେଷ୍ଟ କମ୍। ଉଦାହରଣତଃ ଏକ ଶିଳ୍ପ ସଂସ୍ଥାର ୧୭୧୦ ଏକର ଜାଗା ପଞ୍ଚାୟତ ଅଞ୍ଚଳରେ ରହିଛି। ପଞ୍ଚାୟତ ନିୟମ ଅନୁଯାୟୀ ଏହି ଶିଳ୍ପସଂସ୍ଥା ବାର୍ଷିକ ଟିକସ ଏକର ପିଛା ମାତ୍ର ୯୫ ଟଙ୍କାରୁ ସାମାନ୍ୟ ଅଧିକ ଦେଉଛି। ସେହି ଜାଗା ପୌରପାଳିକା ଅଧୀନକୁ ଗଲେ ହୋଲ୍ଡିଂ ଟିକସ ବାବଦରେ ବାର୍ଷିକ ୪୦ଲକ୍ଷ ଟଙ୍କାରୁ ଅଧିକ ଦେବାକୁ ପଡ଼ିବ। ଏଥିପାଇଁ ଶିଳ୍ପସଂସ୍ଥାମାନେ ସ୍ଥାନୀୟ ଜନପ୍ରତିନିଧିଙ୍କୁ ହାତବାରିଶି କରି ପଞ୍ଚାୟତରେ ରହିବା ପାଇଁ ସମସ୍ତ ପ୍ରକାର ଉଦ୍ୟମ ଚଳାଇଛନ୍ତି ବୋଲି କୁହାଯାଉଛି। ତେଣୁ ପଞ୍ଚାୟତ ପ୍ରତିନିଧିଙ୍କ ବାରଣ ଯୋଗୁ ପୌର ପାଳିକା ସମ୍ପ୍ରସାରଣ ହୋଇପାରୁନି।

### କ'ଣ କୁହନ୍ତି ବସ୍ତି ବାସିନ୍ଦା

ବିଜୟଚାନ୍ଦପୁର ତଳପଡ଼ା ବସ୍ତିର କମିଟି ସଭାପତି ନିରାପଦ ମଣ୍ଡଳ, ସମ୍ପାଦକ ଯାମିନୀ ମିଦ୍ଧା, ହାରାମଣି ଓଝା, ସୁଶାନ୍ତ ମାଇତି, ଜଗନ୍ନାଥ ହାଲଦାର, ତପନ ଝା ପ୍ରମୁଖ କହିଛନ୍ତି ଯେ, ବସ୍ତି ବାସିନ୍ଦା ପୌର ପାଳିକାରେ ସାମିଲ ହେବାକୁ ଚାହୁଁଛନ୍ତି। ଏଥିପାଇଁ ସେମାନେ ଲିଖିତ ଭାବେ ଜିଲାପାଳଙ୍କୁ ଜଣାଇଛନ୍ତି। କିନ୍ତୁ ସେମାନଙ୍କୁ କେତେକ ଲୋକ ବିରୋଧ କରି ବସ୍ତିରେ ଖାତା ବୁଲାଇ ଦସ୍ତଖତ କରୁଛନ୍ତି। ପୌରପାଳିକାର ୨ନଂ. ୱାର୍ଡ କାଉନ୍‌ସିଲର ଅଜୟ କୁମାର ନାୟକ କହିଛନ୍ତି ଯେ, ସମସ୍ତ ବସ୍ତିବାସିନ୍ଦାଙ୍କୁ ଆମେ ସେବା ଯୋଗାଉଛୁ। ସେମାନେ ମିଶିବା ଦରକାର। ଆମେ ସରକାରଙ୍କ ପ୍ରସ୍ତାବକୁ ସମର୍ଥନ କରୁଛୁ। ଅନ୍ୟପକ୍ଷରେ ନୂଆଗଡ଼ ପଞ୍ଚାୟତର ସରପଞ୍ଚ ବବିତା ସେଠୀ କହିଛନ୍ତି ଯେ, ଆମ ପଞ୍ଚାୟତର ଅଧିକାଂଶ ଜମି ଇଫକୋ, ଏସାର ଷ୍ଟିଲରେ ଯାଇଛି। ଲୋକେ କ୍ଷତିପୂରଣ ପାଇନାହାନ୍ତି। ପୌରପାଳିକାରେ ସାମିଲ ହେଲେ ଏଥିରେ ଅସୁବିଧା ହେବ। ବସ୍ତିର ଅଧିକାଂଶ ଲୋକ ପଞ୍ଚାୟତରେ ରହିବାକୁ ଚାହୁଁଛନ୍ତି। ସରକାରଙ୍କ ନିଷ୍ପତ୍ତିକୁ ଆମେ ବିରୋଧ କରୁଛୁ। ମିଶ୍ରଣ ପାଇଁ ଗ୍ରାମସଭା କରାଯାଉ ଓ ଲୋକଙ୍କ ମତ ନେଇ ନିଷ୍ପତ୍ତି କରାଯାଉ।

## ସଂକ୍ଷେପରେ

### ସରକାରୀ ମଦ ଦୋକାନ ଶଟର ଭାଙ୍ଗି ମଦ, ଟଙ୍କା ଲୁଟ

ଆଳି,୧୮।୧୦(ଡି.ଏନ୍.ଏ.):ଆଳି ବ୍ଲକ ଅନ୍ତର୍ଗତ ଭୂଇଁପୁର ଛକ ନିକଟରେ ଥିବା ଏକ ସରକାରୀ ଲାଇସେନ୍ସପ୍ରାପ୍ତ ମଦ ଦୋକାନରୁ ଗୁରୁବାର ବିଳମ୍ବିତ ରାତିରେ ଶଟର ଭାଙ୍ଗି ମଦ ଓ ଟଙ୍କା ଲୁଟ୍ କରାଯାଇଛି। ଏ ନେଇ ଶୁକ୍ରବାର ଆଳି ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, କଟକ-ଚାନ୍ଦବାଲି ରାସ୍ତାର ଭୂଇଁପୁର ଛକରୁ ମାନପୁରକୁ ଯାଇଥିବା ରାସ୍ତା କଡ଼ରେ ଏହି ମଦ ଦୋକାନ ରହିଛି। ଗୁରୁବାର ରାତି ୧୧ଟାରେ ଦୋକାନକୁ ଏହାର କର୍ମଚାରୀମାନେ ବନ୍ଦ କରିଥିଲେ। ଶୁକ୍ରବାର ସକାଳେ ଦୋକାନ ଖୋଲିବାକୁ ଆସି ଶଟର ତଡ଼ାଯାଇଥିବା ଦେଖିଥିଲେ। ଦୁର୍ବୃତ୍ତମାନେ ଦୋକାନର ଶଟର ତାଡ଼ି ଗ୍ରିଲ୍, ଦୋକାନ ତାଲା କାଟି ଭିତରେ ପଶି ବାକ୍ସରୁ ଟଙ୍କା ନେଇଯାଇଥିଲେ। ଦୋକାନର ଗୋଦାମ ଘର ତାଡ଼ି ମଦ ବୋତଲ ଲୁଟି ନେଇଥିଲେ। ଏଥିସହ ଦୋକାନରେ ଲାଗିଥିବା ସିସିଟିଭିର ହାର୍ଡ ଡିସ୍କକୁ ମଧ୍ୟ ନେଇଯାଇଛନ୍ତି। ଏ ନେଇ ଦୋକାନ ମାଲିକ ଭାବଗ୍ରାହୀ ପଣ୍ଡା ଆଳି ଥାନାରେ ଅଭିଯୋଗ କରିବା ପରେ ମାମଲା (ନଂ.୧୮୫/୧୯) ରୁଜୁ କରାଯାଇଛି। ଥାନା ଏସ୍ଆଇ ସୌମ୍ୟରଞ୍ଜନ ପାଣିଗ୍ରାହୀ ଓ ଏଏସ୍ଆଇ ପ୍ରମୋଦ ଲେଙ୍କା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପରେ ଏସ୍ଆଇ ମମତା ବିଶ୍ୱାଳ ସାଇଣ୍ଟିଫିକ୍ ଟିମ୍ ସହ ସେଠାରେ ପହଞ୍ଚି ବିଭିନ୍ନ ପ୍ରକାର ନମୁନା ସଂଗ୍ରହ କରିଛନ୍ତି।

### କେନ୍ଦ୍ରାପଡ଼ା ଏମ୍‌ପିଙ୍କ ୨ ପ୍ରତିନିଧି ନିଯୁକ୍ତ

ଆଳି,୧୮।୧୦: କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତି ଆଳି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ୨ ଜଣଙ୍କୁ ତାଙ୍କ ପ୍ରତିନିଧି ଭାବେ ନିଯୁକ୍ତି ଦେଇଛନ୍ତି। ସେମାନେ ହେଲେ ରାଜକନିକା ବ୍ଲକର ନୂଆପଡା ସରପଞ୍ଚ ପବିତ୍ର ମୋହନ ରାଉତ ଓ ଆଳି ବ୍ଲକର ନିର୍ମଳ ବେହେରା। ଏହି ଦୁଇ ଯୁବନେତା ଦୀର୍ଘବର୍ଷ ଧରି ବିଜେଡିରେ କାର୍ଯ୍ୟ କରିଆସୁଛନ୍ତି। ଏହି ନିଯୁକ୍ତି ପତ୍ର ମିଳିବା ପରେ ଉଭୟ ଏମ୍‌ପି ମହାନ୍ତିଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ମିଳିଥିବା ଦାୟିତ୍ୱକୁ ସୂଚାରୁଭାବେ ତୁଲାଇବାକୁ ଯଥାସମ୍ଭବ ଚେଷ୍ଟା କରିବେ ପ୍ରକାଶ କରିଛନ୍ତି।

### ଗ୍ୟାସ୍ ଟାଙ୍କି ଫାଟି ଚାଟ୍ ଦୋକାନୀ ଆହତ

ରାଜକନିକା,୧୮।୧୦ (ଡି.ଏନ୍.ଏ.): ରାଜକନିକା ଥାନା ଅନ୍ତର୍ଗତ ନହୁଲିଆ ଛକରେ ଏକ ଗ୍ୟାସ ଟାଙ୍କି ଫାଟି ଯିବାରୁ ଜଣେ ଚାଟ୍ ଦୋକାନୀ ଆହତ ହୋଇଛନ୍ତି। ସେ ହେଲେ ରାଜକନିକା ବ୍ଲକ ଅନ୍ତର୍ଗତ କାଳିସିପଡା ଗ୍ରାମର ମହେଶ୍ୱର ରାଉତ (୫୪)। ତାଙ୍କର ନହୁଲିଆ ଛକରେ ଏକ ଠେଲା ଚାଟ୍ ଦୋକାନ ରହିଛି। ସେ ଠେଲା ଗାଡିରେ ଚାଟ୍ ରାନ୍ଧୁଥିବା ଅବସ୍ଥାରେ ନହୁଲିଆ ଛକରୁ ଉକ୍ତ ଗାଡିକୁ ନେଇ ଆୟତନ ଛକକୁ ଯାଉଥିଲେ। ଏହି ସମୟରେ ଗ୍ୟାସ ଟାଙ୍କି ହଲିଯିବାରୁ ବିସ୍ଫୋରଣ ଘଟିଥିଲା। ଏଥିରେ ଠେଲା ଗାଡିଟି ଜଳିଯାଇଥିବା ବେଳେ ମହେଶ୍ୱର ସାମାନ୍ୟ ଆହତ ହୋଇଛନ୍ତି। ଏହାପରେ ସେ ରାଜକନିକା ଚିକିତ୍ସାଳୟରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।



ଛତାହାଟ (ଡେରାବିଶ)



ବାଘିଲୋବାବନପୁର (ଡେରାବିଶ)



ବଳଭଦ୍ରପୁର (ଡେରାବିଶ)



ମାର୍ଶାଘାଇ ଗାଁ

■ ଡେରାବିଶରେ ଗଜଲକ୍ଷ୍ମୀ ପୂଜା

# ଆଲୋକମାଳାରେ ଝଲସୁଛି ପୂଜାମଣ୍ଡପ

ଡେରାବିଶ, ୧୮।୧୦ (ସ୍ୱ.ପ୍ର.)

ଗଜଲକ୍ଷ୍ମୀ ପୂଜାର ଷଷ୍ଠ ଦିନରେ ଡେରାବିଶ ବ୍ଲକର ବିଭିନ୍ନ ପୂଜା ମଣ୍ଡପରେ ବହୁ ଜନଗହଳି ଦେଖିବାକୁ ମିଳିଥିଲା। ବ୍ଲକ ଅଞ୍ଚଳର ପ୍ରାୟ ୬୦ଟି ପୂର୍ଜ ମଣ୍ଡପରେ ମା'ଙ୍କ ପୂଜାର୍ଚ୍ଚନା ଚାଲିଥିବା ବେଳେ ପ୍ରତ୍ୟେ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଶତାଧିକ ଲୋକଙ୍କ ଭିଡ଼ ଜମୁଛି। ରଙ୍ଗବେରଙ୍ଗର ଆଲୋକମାଳା ସହ ସୁସଜ୍ଜିତ ତୋରଣ ସ୍ଥାନୀୟ ଅଞ୍ଚଳକୁ ଆହୁରି ଭକ୍ତିମୟ କରୁଛି। ବ୍ଲକ ଅଧୀନ



ବିଧାୟିକା ସାବିତ୍ରୀ ଅଗ୍ରୱାଲ ସମର୍ଥକଙ୍କ ସହ ପୂଜା ମଣ୍ଡପ ବୁଲି ମା'ଙ୍କ ଦର୍ଶନ କରୁଛନ୍ତି।

ବଳଭଦ୍ରପୁର, ଲକ୍ଷ୍ମୀନାରାୟଣପୁର, ଫକୀରାବାଦ, ମନ୍ତ୍ରୀପଡା, ନୂଆଗାଁ ଓ ଛତା ପୂଜା ମଣ୍ଡପରେ ନିକଟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ୫ ନଂ. (କ) ଜାତୀୟ ରାଜପଥର ଓଲଡ଼ି ଛକ ପୂଜା ମଣ୍ଡପରେ ଚାନ୍ଦିମେଢ଼ରେ ମା'ଙ୍କୁ ଦର୍ଶନ କରିବାକୁ ପ୍ରତି ସନ୍ଧ୍ୟାରେ ଭିଡ଼ ଜମୁଛି। ଶୁକ୍ରବାର ସନ୍ଧ୍ୟାରେ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ ସମର୍ଥକଙ୍କ ସହ ବିଭିନ୍ନ ପୂଜା ମଣ୍ଡପ ବୁଲି ମା'ଙ୍କ ଦର୍ଶନ କରିଛନ୍ତି। ବିଧାୟିକାଙ୍କ ସହ ବିଜେଡି ନେତା ସଞ୍ଜୟ ଅଗ୍ରୱାଲ, ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟ, ଜିଲା ପରିଷଦ ସଦସ୍ୟା ପୂର୍ଣ୍ଣିମା ମଲ୍ଲ, ମନୋରମା ସାହୁ ପ୍ରମୁଖ ସାମିଲ ହୋଇଥିଲେ।

# ଗାନ୍ଧୀ ସଂକଳ୍ପ ପଦଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡା ଅଫିସ, ୧୮।୧୦

କେନ୍ଦ୍ରାପଡ଼ା ସହରର ଗୋପସ୍ଥିତ କମଳ ଭବନ ପରିସରରେ ମହାକାଳପଡା ଭାଜପା ପକ୍ଷରୁ ଗାନ୍ଧୀ ସଂକଳ୍ପ ପଦଯାତ୍ରା ପାଇଁ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଉପସଭାପତି ଭୁବନ ମୋହନ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ୨୩ରୁ ପଦଯାତ୍ରା ଆରମ୍ଭ ହେବ ବୋଲି ନିଷ୍ପତ୍ତି ହୋଇଛି । ଗାନ୍ଧିଜୀଙ୍କ ଜୀବନାଦର୍ଶକୁ ନେଇ ପଦଯାତ୍ରା ଆୟୋଜନ କରାଯାଉଛି। ଏହି ପଦଯାତ୍ରା ବେଳେ ନିଶାମୁକ୍ତି ସମାଜ, ଅହିଂସା ଆଚରଣ, ରାଷ୍ଟ୍ର ପ୍ରତି ସାଧାରଣ ନାଗରିକଙ୍କ ଦାୟିତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବ ବୋଲି ଜିଲା କର୍ମକର୍ତ୍ତା ଉମା ନାୟକ, ହେମନ୍ତ କୁମାର ପରିଡା, ପବିତ୍ର ପରିଡା, ପ୍ରସନ୍ନ ପରିଡା ପ୍ରମୁଖ ପ୍ରସ୍ତାବ ଆଗତ କରିଥିଲେ। ପଦଯାତ୍ରାରେ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, ବରିଷ୍ଠ ନେତା ବିଜୟ ପ୍ରଧାନ, ଜିଲା ସଭାପତି ଦୁର୍ଯ୍ୟୋଧନ ସାହୁ, ରାଜ୍ୟ ପ୍ରବକ୍ତା ଗୋଲକ ଚନ୍ଦ୍ର ମହାପାତ୍ର ସାମିଲ ହେବେ ବୋଲି ସୂଚନା ଦିଆଯାଇଥିଲା । ବୈଠକରେ ସରସ୍ୱତୀ ମଣ୍ଡଳ, ପ୍ରଦୀପ ମହାପାତ୍ର, ଆଶିଷ ଖଟୁଆ, ଅଧିର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ଶିଳିପୁରରେ ଭାଗବତ କଥାମୃତ

ମାର୍ଶାଘାଇ, ୧୮।୧୦ (ଡି.ଏନ୍.ଏ.)

ମାର୍ଶାଘାଇ ବ୍ଲକ ଶିଳିପୁର ପଞ୍ଚାୟତ ଶିଳିପୁର ଗ୍ରାମର ମା'ଖରାଖାଇ ଠାକୁରାଣୀପୀଠରେ ୩ ଦିନ ଧରି ଚାଲିଥିବା ଭାଗବତ କଥାମୃତ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ନାଥପୁଅ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ରହ୍ମଚାରୀ ବଂଶୀବଦନ ଦାସ ପ୍ରବଚନ ପ୍ରଦାନ କରିଥିଲେ। ସେ କହିଥିଲେ, ସବୁ ପୁରାଣ ଭିତରେ ଭାଗବତ ଶ୍ରେଷ୍ଠ। ଏହାର ତତ୍ତ୍ୱ ମଣିଷ ଜୀବନର ପ୍ରତିକ୍ଷେତ୍ରରେ ମୁକ୍ତିର ବାଟ ଦେଖାଇଥାଏ। ଭାଗବତ ପାଠ ଓ ନାମସଂକୀର୍ତ୍ତନ କୁପଥଗାମୀ ମଣିଷକୁ ଉଚିତ ମାର୍ଗ ଦେଖାଇଥାଏ। ଫଳରେ ମଣିଷ ଜୀବନ ସାର୍ଥକ ହୋଇଥାଏ ବୋଲି ବ୍ରହ୍ମଚାରୀ ପ୍ରବଚନରେ କହିଥିଲେ। ଗ୍ରାମର ନାଥପୁଅ ସଂଗଠନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରରେ ସଂଗଠନର କର୍ମକର୍ତ୍ତାମାନଙ୍କୁ ବ୍ରହ୍ମଚାରୀ ସାଧୁବାଦ ଜଣାଇଥିଲେ। ମାର୍ଶାଘାଇ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିଳିପୁର ସରପଞ୍ଚ ଯୁଗଳ କିଶୋର ଦାସ, ନୃସିଂହ ଚରଣ ବେହେରା, ବିଜୟ କୁମାର ଦାସ, ଉମେଶଚନ୍ଦ୍ର ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଅଗ୍ନିକାଣ୍ଡରେ ୨ ବଖରା ଜଳିଗଲା

ରାଜନଗର, ୧୮।୧୦ (ଡି.ଏନ୍.ଏ.)

ରାଜନଗର ବ୍ଲକ ଅଧୀନ ଘଡିଆମାଳ ପଞ୍ଚାୟତ ଜୁଣଗଡି ଗ୍ରାମରେ ଶୁକ୍ରବାର ଅପରାହ୍ନ ୩ଟା ବେଳେ ଅଗ୍ନିକାଣ୍ଡ ଘଟି ବନମାଳୀ ପ୍ରଧାନଙ୍କ ୨ ବଖରା ଜଳିଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନ ଥିବା ବେଳେ ଏଥିରେ ବର୍ଷକର ଖାଦ୍ୟ ସାମଗ୍ରୀ ଓ ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଗ୍ରାମବାସୀ ନିଆଁକୁ ଆୟତ୍ତ କରିଛନ୍ତି। ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ରାଜକନିକା କପ୍ ଫୁଟବଲ ଉଦ୍‌ଘାଟିତ

ରାଜକନିକା, ୧୮।୧୦ (ଡି.ଏନ୍.ଏ.)

ରାଜକନିକା ଆଥଲେଟିକ୍ ଆସୋସିଏଶନ ପକ୍ଷରୁ ଆୟୋଜିତ ସର୍ବଭାରତୀୟ ରାଜକନିକା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ରାଜକନିକା ଆର.ଏନ୍. ହାଇସ୍କୁଲ ମିନି ଷ୍ଟାଡିୟମ୍‌ଠାରେ ଆୟୋଜିତ ଏହି ଉଦ୍‌ଘାଟନୀ ମ୍ୟାଚରେ ହୁଗୁଳି ଫୁଟ୍‌ବଲ ଏକାଡେମୀ(କୋଲକାତା) ଟାଇବ୍ରେକରରେ କ୍ରୀଡ଼ା ଛାତ୍ରାବାସ (କଟକ)କୁ ୪-୩ ଗୋଲରେ ହରାଇଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ପୂର୍ବ ବର୍ଷର ଚାମ୍ପିୟନ କ୍ରୀଡ଼ା ଛାତ୍ରାବାସର ଭାଗୀରଥି ପଢିହାରୀ ଗୋଟିଏ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ ରଖିଥିବା ବେଳେ, ହୁଗୁଳି ଦଳର ସାହେବ ମୁର୍ମୁ ଶେଷ ମୁହୂର୍ତ୍ତରେ ଗୋଲ ସ୍କୋର କରି ଖେଳକୁ ସମାନସ୍ଥିତିକୁ ଆଣିଥିଲେ। ଫଳରେ ଟାଇବ୍ରେକର ଜରିଆରେ ଖେଳର ଫଳାଫଳ ନିର୍ଣ୍ଣୟ କରାଯାଇଥିଲା। ଉଦ୍‌ଘାଟନୀ ମ୍ୟାଚ୍‌କୁ ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା ଉଦ୍‌ଘାଟନ କରିଥିଲେ। ଏଥିରେ ପ୍ରାକ୍ତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପରିଡ଼ା, ବରିଷ୍ଠ କଂଗ୍ରେସ ନେତା ବିକ୍ରମ ଚନ୍ଦ୍ର ଦାସ, ପ୍ରଦୀପ କୁମାର ପଲାଇ ଓ ଇଂ. ଶିବନାରାୟଣ ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ରେଫ୍ରି ଭାବେ ସୁଜିତ୍ କୁମାର ପାତ୍ର, ଜ୍ୟୋତିରଞ୍ଜନ ସ୍ୱାଇଁ, ସୁବ୍ରତ ପୁରୋହିତ, ଶରତ କୁମାର ଜେନା, ଗୋଲକ ବିହାରୀ ମଲ୍ଲିକ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ଆସୋସିଏଶନର ଉପ-ସଭାପତି ବୈକୁଣ୍ଠନାଥ ପରିଡ଼ାଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ଡ. ମିଥିଳା ଦାସ, ଶାନ୍ତନୁ ଦାସ, ଉପଦେଷ୍ଟା କପିଳେନ୍ଦ୍ର ମଲ୍ଲିକ୍, ଉପ-ସଭାପତି ସଞ୍ଜୟ ଦାସ, ଡ. ଫକୀର ପ୍ରଧାନ, କୋଷାଧ୍ୟକ୍ଷ ଦେବେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥଲେ।

# କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ରାଜକନିକା,୧୮।୧୦ (ଡି.ଏନ୍.ଏ.)

ରାଜକନିକା ବ୍ଲକ ଅନ୍ତର୍ଗତ ପଣସଗଣ୍ଡ ନୋଡାଲ ଉପ୍ରା ବିଦ୍ୟାଳୟ କ୍ଲଷ୍ଟର ଅଧୀନ ୧୩ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶୁକ୍ରବାର ଶିଶୁ ମହୋତ୍ସବ ସୁରଭି-୨୦୧୯ ଅନୁଷ୍ଠିତ ହୋଇଯାଇଛି। ପଧାନପଡ଼ା ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୩୦ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏହି ଅବସରରେ ସଙ୍ଗୀତ, ନୃତ୍ୟ, ପ୍ରବନ୍ଧ, ଶ୍ରୁତଲିଖନ ଓ କୁଇଜ୍ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମା' କୁଞ୍ଜକାଳିକା ହାଇସ୍କୁଲର ପ୍ରଧାନଶିକ୍ଷକ ବସନ୍ତ କୁମାର ମଲ୍ଲିକ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରାକ୍ତନ ସିଆର୍‌ସିସି ବିନୋଦ ବିହାରୀ ସେଠୀ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ପଧାନପଡା



ସୁରଭି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

ପଞ୍ଚାୟତର ସରପଞ୍ଚ ପ୍ରବୀଣା ଦାସ, ମୁଖ୍ୟବକ୍ତା ପୂର୍ବତନ ସରପଞ୍ଚ ବୈଷ୍ଣବ ମିଶ୍ର, ସମ୍ମାନିତ ଅତିଥି ସିଆର୍‌ସିସି ପ୍ରଦୀପ୍ତ କୁମାର ମଲ୍ଲିକ, ପ୍ରାକ୍ତନ ସିଆର୍‌ସିସି କୁଳମଣି ସାହୁ, ରତିକାନ୍ତ ଦାସ ଓ ପଦ୍ମଲୋଚନ ଦାସ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମାଞ୍ଚଳ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ସୁପ୍ତ ପ୍ରତିଭା ଲୋକଲୋଚନକୁ ଆସିପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମକୁ ଶିକ୍ଷକ ସୌମିକ ବେଉରିଆ, ଗୌରହରି ସାହୁ, ସରୋଜକାନ୍ତ ଦାସ, ରବୀନ୍ଦ୍ର ପାଣ୍ଡବ ଓ ଶରତ ଚନ୍ଦ୍ର ସାହୁ ପ୍ରମୁଖ ପରିଚାଳନା କରିଥିଲେ । ଶେଷରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

# ଆଇନଜୀବୀଙ୍କ କୋର୍ଟ ବର୍ଜନ

ରାଜନଗର, ୧୮।୧୦ (ଡି.ଏନ୍.ଏ.)

ହାଇକୋର୍ଟ ବାର୍ ଆସୋସିଏଶନ ଆନ୍ଦୋଳନକୁ ସମର୍ଥନ ଜଣାଇ ଶୁକ୍ରବାର ରାଜନଗର ଓକିଲ ସଂଘ ପକ୍ଷରୁ କୋର୍ଟ କାର୍ଯ୍ୟ ବର୍ଜନ କରାଯାଇଥିଲା। ରାଜନଗରସ୍ଥିତ ଗ୍ରାମ୍ୟ ନ୍ୟାୟାଳୟ କମ୍ ଜେଏମ୍‌ଏଫ୍‌ସି କୋର୍ଟ ଓ ତହସିଲଦାରଙ୍କ କୋର୍ଟରେ ସମସ୍ତ କାର୍ଯ୍ୟକୁ ଆଇନଜୀବୀମାନେ ବର୍ଜନ କରିଛନ୍ତି। ରାଜନଗର ଓକିଲ ସଂଘ ସଭାପତି ପ୍ରଦୀପ କୁମାର ଦାସ, ସମ୍ପାଦକ ଉମେଶ ଚନ୍ଦ୍ର ଦାସ, ଆଇନଜୀବୀ ମନ୍ମଥ ରାଉତ, ମହେଶ୍ୱର ସେଠୀ, ବିଶ୍ୱନାଥ ବାରିକ, ଦିଲ୍ଲୀପ ଦାସ, ସୁଶାନ୍ତ କୁମାର ଜେନା, ତ୍ରୈଲୋକ୍ୟ ସ୍ୱାଇଁ, ରଞ୍ଜନ କୁମାର ସେଠୀ, ଲକ୍ଷ୍ମଣ କୁମାର ରାଉତ, ମନୋରଞ୍ଜନ କବି, ମୁକେଶ ପାତ୍ର ପ୍ରମୁଖ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇଥିଲେ।

# ମତ୍ସ୍ୟଜୀବୀଙ୍କୁ ସରକାରୀ ସହାୟତା



ମତ୍ସ୍ୟଜୀବୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଉଛି।

ପଟ୍ଟାମୁଣ୍ଡାଇ, ୧୮।୧୦ (ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳର ମତ୍ସ୍ୟଜୀବୀମାନଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଶୁକ୍ରବାର ସହାୟତା ରାଶି ପ୍ରଦାନ କରାଯାଇଛି। ପଟ୍ଟାମୁଣ୍ଡାଇ ବ୍ଲକର ଡାମରପୁର ମତ୍ସ୍ୟଜୀବୀ ସଂଘକୁ ବିଡିଓ ଏହି ସହାୟତା ପ୍ରଦାନ କରିଥିବା ବେଳେ ସଂଘ ପକ୍ଷରୁ ମତ୍ସ୍ୟଜୀବୀଙ୍କୁ ଏହି ରାଶି ବଣ୍ଟନ କରାଯାଇଛି। ସଂଘ ସମ୍ପାଦକ ସର୍ବେଶ୍ୱର ସେଠୀ ୧୫ ଜଣ ମତ୍ସ୍ୟଜୀବୀଙ୍କୁ ୫ହଜାର ଟଙ୍କା ଲେଖାଏଁ ସହାୟତା ବଣ୍ଟନ କରିଛନ୍ତି। ଏହି ସହାୟତା ରାଶି ବଣ୍ଟନ ସମୟରେ ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ଜୟପ୍ରକାଶ ମହାରଣା ଉପସ୍ଥିତ ଥିଲେ। ମତ୍ସ୍ୟଜୀବୀ ସଂଘ ସଦସ୍ୟ ବନମାଳୀ ତରାଇ, ପ୍ରଭାତ ସେଠୀ, ସତ୍ୟବ୍ରତ ବେହେରା, ସଙ୍ଗୀତା ତରାଇ, ବିଜୟ ବେହେରାଙ୍କ ସମେତ ୨୦ ଜଣଙ୍କୁ ଅର୍ଥ ପ୍ରଦାନ କରାଯାଇଥିଲା। ଫନୀ ବାତ୍ୟାରେ ମତ୍ସ୍ୟଜୀବୀମାନଙ୍କ ଜାଲ ଓ ଡଙ୍ଗି ନଷ୍ଟ ହୋଇଯାଇଥିବାରୁ ସେମାନଙ୍କ ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିବା ପାଇଁ ସରକାରଙ୍କ ପକ୍ଷରୁ ଏହି ରାଶି ପ୍ରଦାନ କରାଯାଇଛି।

# କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ

ରାଜନଗର, ୧୮।୧୦ (ଡି.ଏନ୍.ଏ.)

ରାଜନଗର ବ୍ଲକ ବାରଗାଁ ମାଟିଆମଙ୍ଗଳା କ୍ଲଷ୍ଟରର ଶିଶୁ ମହୋତ୍ସବ ଚାରିପୋଖରିଆସ୍ଥିତ ପଞ୍ଚୁବରାହୀ ନୋଡାଲ ଉ.ପ୍ରା. ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଅକ୍ଷୟ କୁମାର ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭିତରଗଡ଼ ସରପଞ୍ଚ ସଙ୍ଗୀତା ବଳ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ଭିତରଗଡ ସମିତିସଭ୍ୟ ପ୍ରେମଲତା ରାଉଳ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମଗୁଲି ବାରିକ, ସିଆରସିସି ଅମର କୁମାର ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ସେହିପରି ସପନେଶ୍ୱର ନୋଡାଲ ହାଇସ୍କୁଲ ପରିସରରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ସଞ୍ଜୟ କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ପ୍ରତିନିଧି ଅଶୋକ କୁମାର ପ୍ରତିହାରୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ସିଆରସିସି ମନୋରଞ୍ଜନ ପାରମାଣିକ, ଉମେଶ ଚନ୍ଦ୍ର ଜେନା, ହେମନ୍ତ କୁମାର ରାଉତ, ପରିଚାଳନା କମିଟି ସଭାପତି ସଞ୍ଜୟ କୁମାର ଖଣ୍ଡୁଆଳ ପ୍ରମୁଖ ଯୋଗଦେଇଥିଲେ। ସେହିପରି ରାଜନଗରସ୍ଥିତ ଶୈଳେନ୍ଦ୍ର ନାରାୟଣ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସିଆରସିସି ମଧୁସୂଦନ ସାହୁଙ୍କ ସଭାପତିତ୍ୱରେ ଏହି ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜନଗର ସରପଞ୍ଚ ପ୍ରଭାତ ଚନ୍ଦ୍ର ମିଶ୍ର, ସମିତିସଭ୍ୟ ସତ୍ୟବାନ ସେଠୀ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ସୁବାସ ଚନ୍ଦ୍ର ମହାନ୍ତି, ଏବିଇଓ ନନ୍ଦ କିଶୋର ସ୍ୱାଇଁ, ଗାଳ୍ପିକ ପ୍ରଦୀପ ନାୟକ ପ୍ରମୁଖ ଯୋଗଦେଇଥିଲେ।

# ଶିଳାନ୍ୟାସକୁ ୩ ବର୍ଷ ପୂରିବ, ଟେଣ୍ଡରରେ ଅଟକିଛି ପ୍ରକଳ୍ପ

କେନ୍ଦ୍ରାପଡ଼ା ଅଫିସ, ୧୮।୧୦

ରାଜ୍ୟର ସର୍ବପୁରାତନ ମ୍ୟୁନିସିପାଲିଟି ଭାବେ କେନ୍ଦ୍ରାପଡ଼ା ସହରବାସୀ ୧୫୦ ବର୍ଷ ପୂରଣ କରିଛନ୍ତି। ଏହି ସହରରେ ୫୧ ହଜାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଥିଲେ ମଧ୍ୟ ସେମାନଙ୍କ ଚଳାଚଳ ପାଇଁ ରାସ୍ତା ନାହିଁ। ଏହାକୁ ଦୃଷ୍ଟିରେ ରଖି ଗତ ୨୦୧୬ ନଭେମ୍ବର ୮ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୋବରୀ କୂଳପଥ ଦେଇ ୨ୟ ବାଇପାସ୍ ରାସ୍ତା ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ଇତିମଧ୍ୟରେ ଶିଳାନ୍ୟାସକୁ ୩ ବର୍ଷ ପୂରିବାକୁ ଥିବା ବେଳେ ଏହାର ନିର୍ମାଣ କାର୍ଯ୍ୟ ଆଗେଇ ପାରୁନାହିଁ। ୩୧ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପଟି ଟେଣ୍ଡର ସମସ୍ୟା ଯୋଗୁ ଲଟକି ରହିଛି । ଏ ନେଇ ସହରବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ପ୍ରଶାସନ ଓ ରାଜନେତାଙ୍କ ଅପାରଗତାର ଏହା ଏକ ନମୁନା ବୋଲି ସେମାନେ କହିଛନ୍ତି। ସହର ସମ୍ପର୍କରେ ପୂର୍ବତନ କାଉନ୍‌ସିଲର ହିରଣ୍ୟ କୁମାର ପଣ୍ଡା କୁହନ୍ତି, ୧୮୬୯ରେ ୧୪ଟି ପଡ଼ାର ସମ୍ମିଶ୍ରଣରେ ଏହି ମ୍ୟୁନିସିପାଲିଟି ଗଠନ ହୋଇଥିଲା । ୧୯୮୯ରେ ୨୭ଟି ରାଜସ୍ୱ ଗ୍ରାମକୁ ନେଇ ୨୧ ୱାର୍ଡରେ ବିଭକ୍ତ କରାଯାଇଛି। ଉତ୍ତରରେ ଗୋବରୀ ନଦୀ, ପୂର୍ବରେ ଓସ୍ତପୁର, ବିରସ୍ୱତୀ, ଜାଗୁଲାଇପଡା, ଶାମଗୁଡିଆ, ଦକ୍ଷିଣରେ ଶ୍ୟାମସୁନ୍ଦରପୁର, ଦୁତିଆଳ, ତୁଣପୁର, ବଡ଼ନାଇପୁର, ୫ ନଂ(କ) ଜାତୀୟ ରାଜପଥ ଓ ଦକ୍ଷିଣରେ ଗୁଆଳସିଂ ଓ ମରଡପୁର ଆଦି ଗ୍ରାମ ଏହି ପୌରାଞ୍ଚଳର ସୀମାରେ ରହିଛି । ଏହି ସୀମାକ୍ଷେତ୍ରରେ ଜନସଂଖ୍ୟା ବଢୁଥିବାରୁ ଯାତାୟାତ ଏବେ ଚିନ୍ତାର କାରଣ ହୋଇଛି। ଏହାକୁ ସୁଚିନ୍ତିତ

## ଗୋବରୀ ୨ୟ ବାଇପାସ୍ ରାସ୍ତା

ଭାବେ ଗଢ଼ାଯାଇ ନ ଥିବାରୁ ରାସ୍ତାର ଚଉଡ଼ା କମିଯାଇଛି। ୨୦୧୧ ଜନଗଣନା ଅନୁଯାୟୀ, ଏହି ପୌରାଞ୍ଚଳରେ ମୋଟ ୪୭,୦୦୬ ଜଣ ବସବାସ କରୁଥିବା ବେଳେ ସଂପ୍ରତି ଏହି ସଂଖ୍ୟା ୫୨ ହଜାରକୁ ଟପିଛି । ସହରବାସୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ୨ୟ ବାଇପାସ୍ ରାସ୍ତାର ଶିଳାନ୍ୟାସ କରିବା ସହ ଅର୍ଥ ମଞ୍ଜୁର କରିଥିଲେ, ଯାହା ଏପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ ବୋଲି ସେ ପ୍ରକାଶ କରିଛନ୍ତି । ସେହିପରି ଫକିରାବାଦର ସେକ୍ ଜାମିଲ ଅହମ୍ମଦ କୁହନ୍ତି, ସହରର ଜନସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଯାତାୟାତ ପାଇଁ ଯେଉଁ ୨ଟି ରାସ୍ତା ଅଛି, ସେଥିରୁ ପୁରୁଣା ବସ୍‌ଷ୍ଟାଣ୍ଡରୁ ନୂଆ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ସର୍ବଦା ଭିଡ଼ ରହୁଛି । ଟ୍ରାଫିକ୍ ଜାମ୍ ଫଳରେ ଲୋକମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ମାତ୍ର ଦେଢ଼ କିଲୋମିଟର ରାସ୍ତା ଅତିକ୍ରମ କରିବାକୁ ଅଧଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଲାଗିଯାଉଛି। ଦୋକାନ ସମ୍ମୁଖ ରାସ୍ତାରେ ଗ୍ରାହକମାନେ ବାଇକ୍ ରଖି ସାମଗ୍ରୀ କିଣୁଥିବାରୁ ଏପରି ଅବ୍ୟବସ୍ଥା ହେଉଛି । ୨ୟ ବାଇପାସ୍ ନିର୍ମାଣ ହେବା ପରେ ସମସ୍ୟାର ସମାଧାନ ବାଟ ବାହାରିପାରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

ସେହିପରି ପୂର୍ବତନ କାଉନ୍‌ସିଲର ଶରତ ବେହୁରା କୁହନ୍ତି, ସହର ମଧ୍ୟରେ ଯାତାୟାତ ସମସ୍ୟାକୁ ଦୃଷ୍ଟିରେ ରଖି ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଭାଗବତ ମହାନ୍ତି ନୂଆ ବସ୍‌ଷ୍ଟାଣ୍ଡଠାରୁ କୋଟ୍ ପର୍ଯ୍ୟନ୍ତ ଗୋବରୀ ନଦୀକୂଳରେ ବାଇପାସ ନିର୍ମାଣ କରିଥିଲେ, ଯାହା ଏବେ ସହରବାସୀଙ୍କ ପାଇଁ ବେଶ୍ ଉପଯୋଗୀ ହୋଇଛି। ସହର ମଧ୍ୟକୁ ୨ୟ ବାଇପାସ୍ ରାସ୍ତା ନିର୍ମାଣ ହେଲେ ସହରରେ ଟ୍ରାଫିକ ସମସ୍ୟା ଦୂର ହୋଇପାରନ୍ତା ବୋଲି ସେ ମତ ଦେଇଛନ୍ତି । ଏ ସମ୍ପର୍କରେ ପୂର୍ତ୍ତ ନିର୍ବାହୀ ଯନ୍ତ୍ରୀ ପ୍ରଦୀପ ମହାନ୍ତି କୁହନ୍ତି ଯେ, ଏହି ପ୍ରକଳ୍ପ ପାଇଁ ପୂର୍ବରୁ ୫ଥର ଟେଣ୍ଡର ହୋଇଛି। ପ୍ରଥମ ଟେଣ୍ଡର କୌଣସି ସଂସ୍ଥା ଭରି ନ ଥିବା ବେଳେ ପର ୪ ଥର ଲାଗି ଜଣେ ଲେଖାଏଁ ଟେଣ୍ଡର ଭରିଥିଲେ । ଏଥିପାଇଁ ଶେଷ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଟେଣ୍ଡର ପେପର ଖୋଲାଯାଇ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଖୁବ୍‌ଶୀଘ୍ର ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ ବୋଲି ନିର୍ବାହୀଯନ୍ତ୍ରୀ ମହାନ୍ତି ପ୍ରକାଶ କରିଛନ୍ତି ।

## ସଂକ୍ଷେପରେ

### ଆର୍ଥିକ ସହାୟତା ପାଇଲେ ପଦ୍ମଶ୍ରୀ ଦୈତାରି ନାଏକ

**ଭୁବନେଶ୍ୱର,୧୮।୧୦(ବ୍ୟୁରୋ):** ଓଡ଼ିଶାର ମାଉଣ୍ଟେନ୍‌ମ୍ୟାନ୍ ଭାବେ ପରିଚିତ ପଦ୍ମଶ୍ରୀ ଦୈତାରି ନାଏକଙ୍କୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଗତ ଜୁଲାଇ ୮ତାରିଖରେ ରାଜ୍ୟ ସରକାର ଆର୍ଥିକ ଅନଟନରେ ଥିବା ପଦ୍ମଶ୍ରୀ ସମ୍ମାନପ୍ରାପ୍ତ ବ୍ୟକ୍ତିଙ୍କୁ ମାସିକ ୧୦ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଦେବାକୁ ଘୋଷଣା କରିଥିଲେ। ଏହିକ୍ରମରେ କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ତଳ ବୈତରଣୀ ଗାଁର ଦୈତାରୀ ନାଏକଙ୍କୁ ମାସିକ ୧୦ହଜାର ଟଙ୍କା ଲେଖାଏଁ ଜୁଲାଇ, ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ମୋଟ ୩୦ହଜାର ଟଙ୍କା ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ପୈଠ କରାଯାଇଛି। ନାଏକଙ୍କ ସମେତ ରାଜ୍ୟର ଅନ୍ୟ ୫ଜଣ ପଦ୍ମଶ୍ରୀ ସମ୍ମାନପ୍ରାପ୍ତ ବ୍ୟକ୍ତିଙ୍କୁ ମଧ ଜୁଲାଇ, ଅଗଷ୍ଟ ଓ ସେପ୍ଟେମ୍ବର ମାସର ସହାୟତା ରାଶି ପ୍ରଦାନ କରାଯାଇଛି ବୋଲି ଶୁକ୍ରବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

### ଆଜି ଅନୁଗୋଳ ପଦଯାତ୍ରାରେ ଯୋଗଦେବେ ଧର୍ମେନ୍ଦ୍ର

**ଭୁବନେଶ୍ୱର, ୧୮।୧୦(ବ୍ୟୁରୋ):** ଗତ ଅକ୍ଟୋବର ୨ତାରିଖ ୧୫୦ତମ ଗାନ୍ଧୀ ଜୟନ୍ତୀରୁ ଭାଜପା ପକ୍ଷରୁ ଦେଶବ୍ୟାପୀ ଗାନ୍ଧୀ ସଂକଳ୍ପ ଯାତ୍ରା ଆରମ୍ଭ ହୋଇଛି । ରାଜ୍ୟରେ ଏହି ପଦଯାତ୍ରାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କଟକ ଜିଲା ତେଲେଙ୍ଗାପେଣ୍ଠରୁ ଶୁଭାରମ୍ଭ କରିଥିଲେ। ଏହି ପଦଯାତ୍ରା ରାଜ୍ୟରେ ସମସ୍ତ ସଂସଦୀୟ ଓ ବିଧାନସଭା କ୍ଷେତ୍ରରେ ଅନୁଷ୍ଠିତ ହେଉଛି। ଶନିବାର ସକାଳ ୯ଟାରେ ଧର୍ମେନ୍ଦ୍ର ପ୍ରଧାନ ଅନୁଗୋଳ ଜିଲା ଅନୁଗୋଳ ବ୍ଲକ ଅନ୍ତର୍ଗତ ଧକୁଟା ଗ୍ରାମର ଶିବ ମନ୍ଦିରରୁ ପଦଯାତ୍ରା ଆରମ୍ଭ କରିବେ। ଏହି ପଦଯାତ୍ରା ପୁଖୁରୁଆଁ, ଶଙ୍କରପୁର ଛକ ଦେଇ ଦଳଯାତ୍ରା ପଡିଆରେ ସମାପ୍ତ ହେବ।

### ରାଜ୍ୟପାଳଙ୍କ ଏସ୍କର୍ଟ ଗାଡ଼ି ଦୁର୍ଘଟଣାଗ୍ରସ୍ତ



**ବାରିପଦା ଅଫିସ,୧୮।୧୦:** ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଶୁକ୍ରବାର ଦୁଇଦିନିଆ ମୟୂରଭଞ୍ଜ ଜିଲା ଗସ୍ତରେ ଅଛନ୍ତି। ରାଜ୍ୟପାଳ ଉଦଳା ଧାନଘେରା ସ୍ଥିତ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୋଗଦେଇ ଶୁକ୍ରବାର ବାରିପଦା ଫେରିବା ବେଳେ ତାଙ୍କର ଏସ୍କର୍ଟ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ଖୁଣ୍ଟା ନିକଟସ୍ଥ ପୁରୁଣାପାଣି ଛକଠାରେ ଅପରାହ୍ନ ୨ଟା ବେଳେ ଏହି ଦୁର୍ଘଟଣା ଘଟିଛି। ଗାଡ଼ିରେ ଥିବା ପ୍ରାୟ ୭ ଜଣ ସୁରକ୍ଷା କର୍ମଚାରୀ ଓ ଡ୍ରାଇଭର ଆହତ ହୋଇଥିବା ଜଣାପଡିଛି। ସୂଚନା ଅନୁଯାୟୀ,ଏସ୍କର୍ଟ-୧ ଗାଡ଼ି ସମ୍ମୁଖକୁ ହଠାତ୍ ଜଣେ ସାଇକଲ ଚାଳକ ଚାଲି ଆସିବାରୁ ଡ୍ରାଇଭର ବ୍ରେକ୍ ମାରିଥିଲେ। ଫଳରେ ପଛରେ ଥିବା ଏସ୍କର୍ଟ-୨ ଗାଡ଼ି ପଛପଟୁ ଏସ୍କର୍ଟ-୧ ଗାଡ଼ିକୁ ଧକ୍କା ଦେଇଥିଲା। ଦୁର୍ଘଟଣାଗ୍ରସ୍ତ ଦୁଇଟି ଗାଡ଼ିକୁ ଡୁକୁରା ଫାଣ୍ଡିରେ ରଖାଯାଇଛି। ଉଲ୍ଲେଖଯୋଗ୍ୟ, ରାଜ୍ୟପାଳ ଶୁକ୍ରବାର ବାରିପଦାରେ ରାତ୍ରିଯାପନ କରିବେ ଓ ପୁଣି ଶନିବାର ପୂର୍ବାହ୍ନରେ କରଞ୍ଜିଆସ୍ଥିତ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦୁଝର ଜିଲା ଗସ୍ତ କରିବେ।

# ଡାକ୍ତରଖାନା ପରିସରରୁ ଶିଶୁକନ୍ୟା ମୃତଦେହ ଉଦ୍ଧାର

**ଅନୁଗୋଳ ଅଫିସ, ୧୮।୧୦**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରୁ ଶୁକ୍ରବାର ଭୋର ସମୟରେ ଜଣେ ନବଜାତ ଶିଶୁକନ୍ୟାର ମୃତଦେହ ଉଦ୍ଧାର କରାଯାଇଛି। ଶିଶୁର ଦେହରେ ନାଭି ଲାଗିଥିବାବେଳେ କେହି କପଡାରେ ଗୁଡାଇ ମେଡିକାଲର ପୁରୁଣା ଓଟି(ଏମ୍‌ଆରଆଇ ପାର୍ଶ୍ୱରେ ଥିବା ଔଷଧ ବିତରଣ କେନ୍ଦ୍ର) ସମ୍ମୁଖରେ ଫିଙ୍ଗି ଦେଇଥିବା ଜଣାପଡିଛି। ତେବେ ଶିଶୁକନ୍ୟା ସେଠାକୁ କିପରି ଆସିଲା, କିଏ ଏପରି ଅବସ୍ଥାରେ ଶିଶୁଟିକୁ ଛାଡିଥିବା ସମ୍ପର୍କରେ ମେଡିକାଲ ପ୍ରଶାସନ ନିକଟରେ ଖବର ନ ଥିବା ସାଧାରଣରେ ପ୍ରଶ୍ନ ସୃଷ୍ଟି କରିଛି।

ସୂଚନା ମୁତାବକ, ଭୋର ପ୍ରାୟ ସାଢେ ୪ଟାରୁ ସାଢେ ୫ଟା ସମୟରେ ମେଡିକାଲର ସଫେଇ କର୍ମଚାରୀମାନେ ଔଷଧ ବିତରଣ କେନ୍ଦ୍ର ନିକଟରେ ନବଜାତ ଶିଶୁକନ୍ୟାର ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ସକାଳ ପ୍ରାୟ ୬ଟା ବେଳେ ମୃତଦେହକୁ ସଫେଇ କର୍ମଚାରୀମାନେ ଉଠାଇ ନେଇଥିବା ଜଣାପଡିଛି। ହେଲେ ଏ ସଂକ୍ରାନ୍ତରେ ମେଡିକାଲ ସୁପରଭାଇଜର ସାନ୍ତନୁ କୁମାର ସ୍ୱାଇଁଙ୍କୁ ପଚାରିବାରେ ଏଭଳି କିଛି ଘଟଣା ଡାକ୍ତରଖାନାରେ ଘଟି ନ ଥିବା କହିଛନ୍ତି। ଶିଶୁର ମୃତଦେହକୁ ବାୟୋବର୍ଜ୍ୟ ପରିଚାଳନା ସ୍ଥାନରେ ପକାଯାଇଥିବା ଚର୍ଚ୍ଚା ହେଉଛି। ଘଟଣା ସମ୍ପର୍କରେ ଏଡିଏମ୍‌ଓ (ମେଡିକାଲ)ଲକ୍ଷ୍ମୀନାରାୟଣ ବିଶୋଇଙ୍କୁ ପଚାରିବାରେ, ଡାକ୍ତରଖାନା ପରିସରରେ ଏଭଳି ଘଟଣା ଘଟିଥିବା ସମ୍ପର୍କରେ ଗଣମାଧ୍ୟମ ନିକଟରୁ ଖବର ପାଇଥିବା ସେ କହିଥିଲେ। କିପରି ମେଡିକାଲ ପରିସରକୁ ମୃତଦେହ ଆସିଲା ସେ ସମ୍ପର୍କରେ ତଦନ୍ତ କରାଯିବ। ମେଡିକାଲରେ ଲାଗିଥିବା ସିସିଟିଭି କ୍ୟାମେରା ଯାଞ୍ଚ କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଏଡିଏମ୍‌ଓ କହିଛନ୍ତି। ଡାକ୍ତରଖାନା ପରିସରରୁ ଶିଶୁକନ୍ୟା ମୃତଦେହ ଉଦ୍ଧାର କରାଯିବା ଓ ସେଠାରୁ ସଫେଇ କର୍ମଚାରୀମାନେ ମୃତଦେହ ସ୍ଥାନାନ୍ତର କରିବା ଘଟଣା କିପରି ଖୋଦ ମେଡିକାଲ କର୍ତ୍ତୃପକ୍ଷ ଜାଣିପାରିଲେ ନାହିଁ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



- ମେଡିକାଲ ପ୍ରଶାସନ ନିକଟରେ ଖବର ନାହିଁ
- ମୃତଦେହ ଉଠାଇଲେ ସଫେଇ କର୍ମଚାରୀ
- ଏଡିଏମ୍‌ଓ କହିଲେ ତଦନ୍ତ ହେବ

## ଓଡ଼ିଶା ଟ୍ରାଭେଲ ବଜାର

# ୫୩ ଷ୍ଟଲ୍‌ରେ ଓଡ଼ିଶା ପର୍ଯ୍ୟଟନ ଉତ୍ପାଦ

**ଭୁବନେଶ୍ୱର,୧୮।୧୦(ବ୍ୟୁରୋ)**

ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଫିକି ସହଯୋଗରେ ଭୁବନେଶ୍ୱରରେ ୩ୟ ଥର ପାଇଁ ଚାଲିଥିବା ଓଡ଼ିଶା ଟ୍ରାଭେଲ ବଜାର ଆନୁକୂଲ୍ୟରେ ୫୩ଟି ଷ୍ଟଲ ଖୋଲା ଯାଇଛି। ଶୁକ୍ରବାର ଏହି ଷ୍ଟଲ୍‌ଗୁଡ଼ିକୁ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଉଦ୍‌ଘାଟନ କରିଛନ୍ତି। ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍‌ଠାରେ ଆୟୋଜିତ ଏହି ଷ୍ଟଲ୍‌ଗୁଡ଼ିକୁ ମନ୍ତ୍ରୀ ପାଣିଗ୍ରାହୀ ବୁଲି ଦେଖିବା ସହ ଓଡ଼ିଶାର ପର୍ଯ୍ୟଟନ ସାମଗ୍ରୀ ବିପଣନରେ ନିୟୋଜିତ ବିଭିନ୍ନ ଅନୁଷ୍ଠାନ ଓ ସଂସ୍ଥାଗୁଡ଼ିକର କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିଥିଲେ। ଏହି ଅବସରରେ ସେ ଓଡ଼ିଶା ପର୍ଯ୍ୟଟନର ବ୍ୟାପକ ଅଭିବୃଦ୍ଧି ଦିଗରେ ଉଦ୍ୟମ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ଭାରତର ବିଭିନ୍ନ ରାଜ୍ୟରୁ ୬୦ଜଣ ଆଗଧାଡ଼ିର ଟୁର ଅପରେଟରଙ୍କ ସହ ୨୫ ବିଦେଶୀ ଟୁର୍ ଅପରେଟର ଓଡ଼ିଶା ଟ୍ରାଭେଲ୍ ବଜାରର ତୃତୀୟ ସଂସ୍କରଣରେ ଯୋଗଦେଇଛନ୍ତି। ଓଡ଼ିଶାର ପର୍ଯ୍ୟଟନ ସାମଗ୍ରୀକୁ ବିଶ୍ୱ ଦରବାରରେ ଉପସ୍ଥାପନ କରିବା ପାଇଁ ବିଭିନ୍ନ ସଂସ୍ଥା ପକ୍ଷରୁ ଷ୍ଟଲ୍ ଖୋଲାଯାଇଛି। ରାଜ୍ୟର ଟ୍ରାଭେଲ୍ ଏଜେନ୍ସି, ଟୁର୍ ଅପରେଟର, ହୋଟେଲିୟର ଏବଂ ହସ୍‌ପିଟାଲିଟି ସଂସ୍ଥା ମଧ ସେମାନଙ୍କ ଉତ୍ପାଦକୁ ପ୍ରଦର୍ଶନ କରୁଛନ୍ତି। ଶୁକ୍ରବାରଠାରୁ ଦୁଇଦିନ ଧରି ଦେଶର ଟୁର ଅପରେଟରମାନଙ୍କ ସହିତ ବ୍ୟବସାୟିକ ଓ ବୈଷୟିକ ଆଲୋଚନା ତଥା 'ବି-ଟୁ-ବି' (ବିଜ୍‌ନେସ୍ ଟୁ ବିଜ୍‌ନେସ୍) ବୈଠକ ଆରମ୍ଭ ହୋଇଛି। ୨୦ ତାରିଖରେ ବିଦେଶର ଟୁର୍ ଅପରେଟରମାନେ ଟ୍ରାଭେଲ୍ ବଜାରରେ ଯୋଗଦେବେ। ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନ ବିଭବ ପରିଦର୍ଶନ କରିବା ଲାଗି ବିଦେଶୀ ଟୁର ଅପରେଟରମାନଙ୍କୁ ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳୀକୁ ଫ୍ୟାମ୍ ଟ୍ରିପ୍‌ରେ ନିଆଯାଇଛି। ଶୁକ୍ରବାର ଅନୁଷ୍ଠିତ ବ୍ୟବସାୟିକ ଓ ବୈଷୟିକ ଆଲୋଚନାରେ ମନ୍ତ୍ରୀ ପାଣିଗ୍ରାହୀଙ୍କ ସମେତ ହୋଟେଲ୍ ଆଣ୍ଡ ରେଷ୍ଟୁରାଣ୍ଟ ଆସୋସିଏଶନ୍ ଅଫ୍ ଓଡ଼ିଶାର ଅଧ୍ୟକ୍ଷ ଜେ.କେ. ମହାନ୍ତି, ଭାରତୀୟ ବାଣିଜ୍ୟ ମହାସଂଘ (ଫିକି)ର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।



ଓଡ଼ିଶା ଟ୍ରାଭେଲ ବଜାର ଆନୁକୂଲ୍ୟରେ ଖୋଲିଥିବା ଷ୍ଟଲକୁ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଉଦ୍‌ଘାଟନ କରୁଛନ୍ତି।

### ଆରମ୍ଭ ହେଲା ବି ଟୁ ବି ବୈଠକ

## ପିଇଓ ସ୍ମିତାରାଣୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା

# ସିବିଆଇ ତଦନ୍ତ ଦାବିକଲା କଂଗ୍ରେସ

**ଭୁବନେଶ୍ୱର, ୧୮।୧୦(ବ୍ୟୁରୋ)**

ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁରର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ସ୍ମିତାରାଣୀ ବିଶ୍ୱାଳଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ କଂଗ୍ରେସ ପକ୍ଷରୁ ସିବିଆଇ ତଦନ୍ତ ଦାବି କରାଯାଇଛି। କଂଗ୍ରେସ ଭବନଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତା ସତ୍ୟ ପ୍ରକାଶ ନାୟକ କହିଛନ୍ତି, ସ୍ଥାନୀୟ ପୋଲିସ ସ୍ମିତାରାଣୀଙ୍କ ମୃତ୍ୟୁ ଘଟଣାରେ ଯେଭଳି ତଦନ୍ତ କରୁଛି ତାହା ସନ୍ଦେହପୂର୍ଣ୍ଣ। ପୋଲିସର କାର୍ଯ୍ୟକଳାପ ମୁଖ୍ୟ ଅଭିଯୁକ୍ତଙ୍କୁ ଖସାଇ ଦେବା ଏବଂ ତଥ୍ୟ ପ୍ରମାଣକୁ ନଷ୍ଟ କଲାଭଳି ପ୍ରତୀୟମାନ ହେଉଛି। କାହିଁକି ଏପର୍ଯ୍ୟନ୍ତ ହରିଦାସପୁର ପଞ୍ଚାୟତ ସରପଞ୍ଚଙ୍କ ସ୍ୱାମୀ ଏବଂ ଅନ୍ୟ ୫ ଜଣଙ୍କୁ ପୋଲିସ ଗିରଫ ନ କରି ଅଟକ ରଖିଛି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ସ୍ମିତାରାଣୀଙ୍କ ସନ୍ଦେହଜନକ ମୃତ୍ୟୁକୁ ଯେଭଳିଭାବେ ଆତ୍ମହତ୍ୟାର ରୂପ ଦିଆଯାଉଛି, ଏହା ପଛରେ ଶାସକ ଦଳର ନେତା ଏବଂ ମାଫିଆଙ୍କ ହାତ ରହିଛି। ମୁଖ୍ୟ ଅଭିଯୁକ୍ତ ଅର୍ଥ ଓ ବାହୁବଳ ଲଗାଇ ତଦନ୍ତକୁ ବାଟବଣା କରିବାକୁ ପ୍ରୟାସ କରୁଥିବା ସାଧାରଣରେ ଅଭିଯୋଗ ହେଉଛି ବୋଲି ସତ୍ୟପ୍ରକାଶ କହିଛନ୍ତି।

ସ୍ମିତାରାଣୀଙ୍କୁ ହତ୍ୟା କରାଯାଇଥିବା ତାଙ୍କ ବାପା ଓ ସ୍ୱାମୀ ଅଭିଯୋଗ କରିଥିବାବେଳେ ସେମାନଙ୍କୁ ରାଜ୍ୟ ଭାଜପା ଓ କଂଗ୍ରେସ ପକ୍ଷରୁ ପୃଥକ୍ ଟିମ୍ ଭେଟି ସମବେଦନା ଜଣାଇଛନ୍ତି। ଏହାସହ ଭାଜପା ଓ କଂଗ୍ରେସ ଟିମ୍ ଯାଜପୁର ଏସ୍‌ପିଙ୍କୁ ଭେଟି ତଦନ୍ତ ସମ୍ପର୍କରେ ପଚାରି ବୁଝିଛନ୍ତି।

# କୋଟିପତି ସଂସ୍କୃତି ଅଧିକାରୀ

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

- ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ଜାରି
- ୧.୨ କୋଟି ଟଙ୍କାର ସମ୍ପତ୍ତି ଠାବ

**ଢେଙ୍କାନାଳ ଅଫିସ/ ବ୍ରହ୍ମପୁର ଅଫିସ, ୧୮।୧୦**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଜାଲରେ ଫସିଛନ୍ତି ଢେଙ୍କାନାଳ ଜିଲା ସଂସ୍କୃତି ଅଧିକାରୀ ଶୁକ୍ରୁ ସ୍ୱାଇଁ। ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତିଙ୍କ ଦ୍ୱାରା ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ଶୁକ୍ରବାର ଜିଲା ସଂସ୍କୃତି କାର୍ଯ୍ୟାଳୟ ସମେତ ଭୁବନେଶ୍ୱର ଏବଂ ବ୍ରହ୍ମପୁରର ୬ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଖବର ଲେଖାଯିବା ସୁଦ୍ଧା ମୋଟ ୧ କୋଟି ୨ଲକ୍ଷ ୭ହଜାର ୧୨୫ ଟଙ୍କାର ସମ୍ପତ୍ତି ଠାବ ହୋଇଛି। ଖୋଳତାଡ଼ ଜାରି ରହିଥିବାରୁ ଏହାର ପରିମାଣ ଆହୁରି ବଢ଼ିବା ସମ୍ଭାବନା ରହିଛି।

ଢେଙ୍କାନାଳସ୍ଥିତ ସଂସ୍କୃତି କାର୍ଯ୍ୟାଳୟ, ସେ ରହୁଥିବା ଲୋକକଳା କାର୍ଯ୍ୟାଳୟରେ ଭିଜିଲାନ୍ସ ଅଧିକାରୀମାନେ ଚଢ଼ାଉ କରି କାଗଜପତ୍ର, ବ୍ୟାଙ୍କ ପାସ୍‌ବୁକ୍ ଯାଞ୍ଚ କରିଛନ୍ତି। ଭୁବନେଶ୍ୱର ଶିଶୁପାଳଗଡ଼ସ୍ଥିତ ୩ ମହଲା ବିଶିଷ୍ଟ କୋଠାର ମୂଲ୍ୟ ୩୬ଲକ୍ଷ ୯୫ହଜାର ୫୦୦ ଟଙ୍କା ଏବଂ ଶକ୍ତିନଗରରେ ଥିବା ଘରର ମୂଲ୍ୟ ୨୫ଲକ୍ଷ ୯୪ହଜାର ୬୫୮ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଉଭୟ କୋଠା ତାଙ୍କ ସ୍ତ୍ରୀଙ୍କ ନାମରେ ରହିଛି। ସେହିପରି ଭୁବନେଶ୍ୱର ଶିଶୁପାଳଗଡ଼ ଗଡ଼ମହାବୀର ଅଞ୍ଚଳରେ ଥିବା ଗ୍ୟାଲାକ୍ସି କମ୍ପ୍ୟୁଟର ସେଣ୍ଟର, ଭୁବନେଶ୍ୱର ଉତ୍ତରା ଶାସନରେ ସ୍ତ୍ରୀଙ୍କ ନାମରେ ୧୭ଲକ୍ଷ ୪୫ ହଜାର ଟଙ୍କାର ଜମି ସହିତ ଭୁବନେଶ୍ୱର ଏବଂ ବ୍ରହ୍ମପୁରରେ ୪ଟି ଜାଗା ରହିଛି। ଠାବ କରାଯାଇଥିବା ସମସ୍ତ ମୂଲ୍ୟବାନ ଉପକରଣ ଏବଂ ୩ ବାଇକ୍‌ର ମୂଲ୍ୟ ୮ ଲକ୍ଷ ୮୦ ହଜାର ଟଙ୍କା ହେବ। ଏଥିସହ ୧୭୫ ଗ୍ରାମ ସୁନା ଏବଂ ୪୭୦ ଗ୍ରାମ୍ ରୁପା ଅଳଙ୍କାର ମିଳିଛି। ୧୭୨ ଗ୍ରାମ୍ ସୁନା ଛତ୍ରପୁର ଏସ୍‌ବିଆଇ ଶାଖାରେ ଋଣ ପାଇଁ ବନ୍ଧା ପଡ଼ିଛି। ଏହାକୁ ବାଦ୍ ଦେଲେ ବିଭିନ୍ନ ବ୍ୟାଙ୍କରେ ସ୍ତ୍ରୀ ଏବଂ ତାଙ୍କ ନାମରେ ୨ଲକ୍ଷ ୫୬ହଜାର ୯୫୦ ଟଙ୍କା ଜମା ରାଶି ରହିଛି। ତାଙ୍କ ପାଖରୁ ନଗଦ ୮ଲକ୍ଷ ୪୧୦ଟଙ୍କା ଠାବ କରାଯାଇଛି। ବ୍ରହ୍ମପୁର ଭିଜିଲାନ୍ସ ଡିଭିଜନ ଏସ୍‌ପି ମାୟାଧର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଚଢ଼ାଉ ଜାରିରହିଛି।

ସୂଚନାଯୋଗ୍ୟ, ଶୁକ୍ରୁ ୧୯୯୯ ଫେବୃୟାରୀ ୬ରେ ଚାକିରି ଜୀବନ ଆରମ୍ଭ କରିଥିଲେ। ଢେଙ୍କାନାଳରେ ସଂସ୍କୃତି ଅଧିକାରୀ ଭାବେ କାର୍ଯ୍ୟ କରିବା ପରେ ତାଙ୍କ ବଦଳି ଗଞ୍ଜାମ ଜିଲାକୁ ହୋଇଥିଲା। ଗତ ଅଗଷ୍ଟ ୩୧ରେ ସେ ପୁନର୍ବାର ଢେଙ୍କାନାଳକୁ ବଦଳି ହୋଇ ଆସିଥିଲେ।



ବ୍ରହ୍ମପୁର ଶକ୍ତିନଗର ଅଞ୍ଚଳରେ ଥିବା କୋଠା।



ସଂସ୍କୃତି ଅଧିକାରୀ ଶୁକ୍ରୁ ସ୍ୱାଇଁ

## ମତ-ପ୍ରତିମତ

### ପ୍ରସଙ୍ଗ: ଆର୍ଥିକ ମାନ୍ଦାବସ୍ଥା

**ଭାରତୀୟ ଅର୍ଥନୀତିରେ ଏବେ ମାନ୍ଦାବସ୍ଥା ଦେଖାଦେଇଛି। ଏହା ଦେଶର ଅଧିକାଂଶ ଲୋକଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷରେ ପ୍ରଭାବିତ କରିଛି। ଏହାର ମୁକାବିଲା ସ୍ୱରୂପ କେନ୍ଦ୍ର ସରକାର ନିକଟରେ କେତେକ ପଦକ୍ଷେପ ମଧ ନେଇଛନ୍ତି। ଏହି ପଦକ୍ଷେପ କିଭଳି ଉପାଦେୟ ହେବ, ତାହା ପରବର୍ତ୍ତୀ ସମୟରେ ଜଣାପଡ଼ିବ। ସାମ୍ପ୍ରତିକ ପରିସ୍ଥିତିକୁ ନେଇ ସପକ୍ଷ-ବିପକ୍ଷ ଯୁକ୍ତି (ମତ-ପ୍ରତିମତ ) ସଂକ୍ଷେପରେ ଉପସ୍ଥାପନ କରାଯାଇଛି।**

### ସପକ୍ଷବାଦୀ: ମାନ୍ଦାବସ୍ଥା ରୂପଦେବା ବିଭ୍ରାନ୍ତିକର



ଗତ ଏପ୍ରିଲ-ଜୁନ୍ ତ୍ରୈମାସିକରେ ଦେଶର ଅଭିବୃଦ୍ଧି ହାର ୫ ପ୍ରତିଶତକୁ ଖସି ଆସିଲା। ବିଗତ ୭ ବର୍ଷ ମଧ୍ୟରେ ଏହା ସର୍ବନିମ୍ନ। ତେଣୁ ଅର୍ଥନୀତି ଧିମାରେ ଗତି କରୁଛି ବୋଲି ଆଶଙ୍କା ପାଇବା ସ୍ୱାଭାବିକ। ହେଲେ ଏହାକୁ ମାନ୍ଦାବସ୍ଥା ରୂପ ଦେବା ସମ୍ପୂର୍ଣ୍ଣରୂପେ ବିଭ୍ରାନ୍ତିକର। ଆଇଏମ୍‌ଏଫ୍ କର୍ପୋରେଟ ଓ ପରିବେଶ ସଂକ୍ରାନ୍ତୀୟ ନିୟାମକ ବ୍ୟବସ୍ଥାର ଅନିୟମିତତା ଓ ଅଣବ୍ୟାଙ୍କିଙ୍ଗ୍ କମ୍ପାନୀଗୁଡିକ ପ୍ରଲମ୍ବିତ ଦୁର୍ବଳତାକୁ ଦାୟୀ କରିଛି। ହେଲେ ଆମ ଅର୍ଥନୀତିରେ ଦୀର୍ଘଦିନରୁ ଆଚ୍ଛାଦିତ କରି ରଖିଥିବା ଛାୟା ଅର୍ଥନୀତି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ (ବିମୁଦ୍ରୀକରଣ ଓ ଜିଏସ୍‌ଟି) କାରଣରୁ ଏପରି ଭ୍ରମ ସୃଷ୍ଟି ହୋଇଛି। ଦେଶରେ ବାଣିଜ୍ୟିକ ରିୟଲଇଷ୍ଟେଟ୍ ଚାହିଦା ବୃଦ୍ଧି ପାଉଛି। ସେହିପରି କିଛିବର୍ଷ ହେବ ମେଟ୍ରୋରେ ସମ୍ପ୍ରସାରଣ ହୋଇଛି। ଦୈନିକ ୨୫ ଲକ୍ଷ ଲୋକ ମେଟ୍ରୋରେ ଯାଉଛନ୍ତି। ପ୍ରାୟ ୫ ଲକ୍ଷ ଓଲା, ଉବେର ବ୍ୟବହାର କରୁଛନ୍ତି ଓ ଦିଲ୍ଲୀଭଳି ସହରରେ ଦୈନିକ ୪୦ ଲକ୍ଷ ଲୋକ ବସ୍‌ରେ ଯାତାୟାତ କରୁଛନ୍ତି। ତେଣୁ ଯାନବାହନ କ୍ରୟ ହ୍ରାସ ପାଇବା ସ୍ୱାଭାବିକ। ସ୍ୱୀକାର କରିବାକୁ ହେବ ଯେ, ଭାରତୀୟ ଅର୍ଥନୀତିର ସୂଚକାଙ୍କଗୁଡିକ ବର୍ତ୍ତମାନ ଏକ ମିଶ୍ରିତ ଫଳାଫଳ ପ୍ରଦର୍ଶନ କରୁଛି। ବିତ୍ତୀୟ ଶୃଙ୍ଖଳା ପାଇଁ କେନ୍ଦ୍ର ସରକାରଙ୍କ ପଦକ୍ଷେପ ସ୍ୱାଗତଯୋଗ୍ୟ। ବର୍ତ୍ତମାନ ସମୟରେ ସରକାର ନେଇଥିବା କୋହଳ ଆର୍ଥିକ ନୀତିର ପ୍ରଭାବ ଆସନ୍ତା ଆର୍ଥିକ ବର୍ଷରୁ ଦେଖିବାକୁ ମିଳିବ। ସ୍ୱାଭାବିକ ବର୍ଷା କାରଣରୁ ଆସିବାକୁ ଥିବା ଖରିଫ ଫସଲ ବଜାରକୁ ୬ ଲକ୍ଷ କୋଟି ଟଙ୍କାର ଜୀବନୀଶକ୍ତି ଭରି ଦେବ। ଭାରତୀୟ ଅର୍ଥନୀତି ଢାଞ୍ଚାକୁ ବିଶ୍ୱ ସୁନଜରରେ ଦେଖୁଛି।

**- ସତ୍ୟବ୍ରତ ପଣ୍ଡା, ଅର୍ଥନୀତି ପ୍ରକୋଷ୍ଠ ପ୍ରମୁଖ, ଭାଜପା, ଓଡ଼ିଶା**

### ବିପକ୍ଷବାଦୀ: ଅର୍ଥନୀତି ଆହୁରି ଖରାପ ଦିଗକୁ ଯାଉଛି



ଅର୍ଥନୀତି ମାନ୍ଦାବସ୍ଥାରେ ନାହିଁ। ଏହା ଆହୁରି ଖରାପ ଦିଗକୁ ଯାଉଛି। ସରକାରଙ୍କ ସମସ୍ତ ତଥାକଥିତ ପଦକ୍ଷେପ ସାମୟିକ ଫଳ ଦେବ, ଏହା ସୁଦୂରପ୍ରସାରୀ ନୁହେଁ। ଯାନବାହନ କ୍ରୟ କମିବା ସ୍ୱାଭାବିକ କଥା ନୁହେଁ। ଲୋକମାନେ ସାଧାରଣ ପରିବହନ ବ୍ୟବସ୍ଥାରେ ଯିବା ଆସିବା କରିପାରନ୍ତି, ହେଲେ ମାଲ୍ ପରିବହନ କରୁଥିବା ଯାନର ଉତ୍ପାଦନ ମଧ ହ୍ରାସ ପାଇଛି। ଟ୍ରକ୍ ଏବଂ ବସ୍ ଉତ୍ପାଦନକୁ ଅହେତୁକଭାବେ କମାଇ ଦିଆଯାଇଛି। କର୍ମସିଆଲ ଯାନ ଉତ୍ପାଦନ ୩୯ ପ୍ରତିଶତ, ମୋଟରସାଇକେଲ ୨୨ ପ୍ରତିଶତ କମିଛି। ଦେଶର ଜିଡିପିକୁ ଏହି କ୍ଷେତ୍ରର ୭.୫ ପ୍ରତିଶତ ଅବଦାନ ରହିଛି। ତେଣୁ ଉତ୍ପାଦନ ହ୍ରାସ ଗଭୀର ପ୍ରଭାବ ପକାଇଛି। ଦେଶର ବାହ୍ୟ ଋଣର ପରିମାଣ ୨୦୧୭ରେ ୪୮୫ ନିୟୁତ ଡଲାର ରହିଥିଲା। ଏବେ ତାହା ବୃଦ୍ଧି ପାଇ ୫୫୭ ନିୟୁତ ଡଲାରରେ ପହଞ୍ଚିଲାଣି। କୃଷିକ୍ଷେତ୍ରର ଅଭିବୃଦ୍ଧି ମାତ୍ର ୨ ପ୍ରତିଶତ ରହିଛି, ଯାହା ଗତବର୍ଷ ଏହି ସମୟରେ ୫ ପ୍ରତିଶତ ରହିଥିଲା। ନିର୍ମାଣ କ୍ଷେତ୍ରରେ ଅଭିବୃଦ୍ଧି ୯.୬ରୁ ୫.୭କୁ ଖସି ଆସିଛି। ଏତଦ୍ ବ୍ୟତୀତ ଯୋଗାଯୋଗ, ହୋଟେଲ ଶିଳ୍ପ, ଟେଲିକମ୍ ଓ ଆନୁଷଙ୍ଗିକ କ୍ଷେତ୍ରର ଅଭିବୃଦ୍ଧି ୭.୮ ପ୍ରତିଶତରୁ ୭.୧ ପ୍ରତିଶତକୁ ହ୍ରାସ ପାଇଛି। କେନ୍ଦ୍ର ସରକାର ଏହାକୁ ସ୍ୱୀକାର ନ କରିବା ଦୁର୍ଭାଗ୍ୟଜନକ। ସାମ୍ପ୍ରତିକ ସ୍ଥିତିରେ ବେକାରି ସଂଖ୍ୟା ୯ କୋଟି ୬୦ ଲକ୍ଷରେ ପହଞ୍ଚିଛି। ଏଥିପାଇଁ ୨୦୧୬ ମସିହାରେ କରାଯାଇଥିବା ବିମୁଦ୍ରୀକରଣ ଏବଂ ପରବର୍ତ୍ତୀ ସମୟରେ ଲାଗୁ କରାଯାଇଥିବା ସାମଗ୍ରୀ ଓ ସେବାକର(ଜିଏସ୍‌ଟି) ଦାୟୀ। ଦେଶର ସଂଖ୍ୟାଧିକ ଜନତା ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରିଥାନ୍ତି। ହେଲେ ଏମାନଙ୍କ ଅର୍ଥନୈତିକ ସୁରକ୍ଷା ଅପେକ୍ଷା ସରକାର ପୁଞ୍ଜିପତିଙ୍କ ସୁରକ୍ଷାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଜଣେ ମଧବିତ୍ତ ଦେଉଥିବା କର ଶତକଡ଼ା ପୁଞ୍ଜିପତିମାନଙ୍କ ପାଇଁ ଧାର୍ଯ୍ୟ କରାଯାଇଥିବା ପ୍ରତିଶତଠାରୁ ଅଧିକ। ତେଣୁ ଅର୍ଥନୀତିର ଅବସ୍ଥା କ'ଣ, ଏଥିରୁ ଅନୁମେୟ।

**- ଅଳି କିଶୋର ପଟ୍ଟନାୟକ, ସମ୍ପାଦକ, ସିପିଏମ୍, ଓଡ଼ିଶା**

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**Urgent Required**
1. Autocadd Civil - 03 Nos.
2. Diploma Civil - 10 Nos.
3. Matric to Graduate - 50 Nos.
Contact : 7873563668 9556880775

**SALES JOB VACANCY**
Salary: 40,000/- Per Month
Qualification: Minimum 50% in 10th, +2 and Graduation.
Posting PAN INDIA.
Call: 9438684191
email:- gour.patnaik@manipalprolearn.com

**Railway Job**
• Petty Repair (ITI) Rs.14000/-
• Supervisor (+2,+3) : Rs.14000/-
• Bad Roll (10th) : Rs.12000/-
• House keeping (Under Matric) Rs.8000/- to Rs.10000/-
Posting- BBSR, Puri, Rayagada
7327065424, 8895725158

ଭୁବନେଶ୍ୱରରେ ଏକ ମହିଳା ହଷ୍ଟେଲ୍ ପାଇଁ ୱାର୍ଡେନ୍ (ମହିଳା) ଆବଶ୍ୟକ। ଭଲ ଦରମା ଏବଂ ରହିବା, ଖାଇବା ମାଗଣା ।
ବୟସ ସୀମା ୨୦ ବର୍ଷରୁ ଉର୍ଦ୍ଧ୍ୱ ।
Contact : 10 A.M. to 7 P.M.
9556514837
7978508564

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27,000/-. (Part Time / Full Time)
Contact: 9938676412

**ଡ୍ରାଇଭର ଆବଶ୍ୟକ**
ଭୁବନେଶ୍ୱର ରେ ଘରୋଇ ଗାଡି ଚଲାଇବା ନିମନ୍ତେ ଡ୍ରାଇଭର ଆବଶ୍ୟକ
ମାସିକ ଦରମା ୧୧୦୦୦/-
Ph : 7894458655
(Call Timing : 12.00-6.00 ମଧ୍ୟରେ)

**PART / FULL TIME**
ଘରକାମ/ରୋଷେଇ/ ରୋଗୀଙ୍କ ଯତ୍ନ/ଛୋଟପିଲାଙ୍କ ଯତ୍ନ ଏବଂ ଡ୍ରାଇଭର ଆବଶ୍ୟକ ।
Contact : 9090909300 7381222430

ନିଶୁଳ୍କ ଭର୍ତ୍ତି OMIରେ ପୁଅ/ ଝିଅର ଆବଶ୍ୟକତା
BRANCH MANAGER - 20 NOS
ASSISTANCE MANAGER - 10 NOS
OFFICE EXECUTIVE - 10 NOS
Qualification - 10th to Graduation Free ନିଯୁକ୍ତି Permanent Job . (Age 18-28) ଟ୍ରେନିଂ + ରହିବା (Free) ଆୟ - 6500-8500 ଟ୍ରେନିଂ ପରେ 25000/- ରୁ 45000/-
OMI MANAGEMENT
Plot no : 551, Samantarapur Chhak, Behind Reliance Fresh, Bhubaneswar
Ph : 7992848615

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., Monthly Salary upto Rs.25,000/-.
Contact Immediately Mob: 8763257042

**Apex Ltd,** An ISO certified company working for Doctors and Specialists in all over India is looking for Boys & Girls preferably fresher's to be inducted as Sales Officers, Legal Co-ordinator for Dhenkanal, Kendrapara, Jajpur, Paradwip & all adjoining areas of Odisha. Very good salary package with incentives & allowances offered. Candidates willing to join immediately must only walk in on 23rd & 24th of October'19 at Apex, Room No. 205, Plot-191/A, Kharavela Nagar, Unit-3, Bhubneshwar-751001 from 11 am-6 pm. Ph-9771498846, 9631677777. Additionally you may mail your C.V. to shashi@aiclindia.com

**REQUIRED**
Experienced Marketing Groups / Managers for a Real Estate Company.
Walk-on 16.10.19, 17.10.19 & 21.10.19 (11 A.M. to 7 P.M.) at A/61, Kharavel Nagar, BBSR
Ph.: 7653060821

**JOB OPPORTUNITY**
Wonder World
ODISHA'S BIGGEST WATER PARK (Wonder World) A Unit of Unlimited Water Fun & Entertainment pvt.ltd, Is looking for some energetic & self motivated female candidates for the following Positions.

| Name of Positions | Qualifications | Experience | Salary | No. of Vacancies |
|---|---|---|---|---|
| Sales Executive | Graduate | Min-2yrs in Hotel & Tourism Industries | Min-10k | 2nos |

Interested candidates can apply along with CV on or before 24.10.2019 to the following mail id-humanresource.nbgroup@gmail.com, contact - 7606007076. Only Short listed Candidates will be called for interview.
Place of Interview- NB GROUP, Utkal Signature Building, Room No-501/502, 5th Floor, Pahala, Bhubaneswar-751001

**REQUIRED**
Requirement for a JCBOPERATOR
Contact: Eminence Network Solutions
M.: 7609050333, 7682089514
Paikanagar, Plot No.- 192(p), Lane-1, Bhubaneswar
Walk-in on 16th, 17th, 18th, 19th, 21st & 22nd Oct. 2019, Time: 11.30 AM - 4.30 PM

**URGENTLY REQUIRED**
English Teacher 1 No.
Qualification : B.Ed.
KG Teacher 2 Nos.
Qualification : CT/B.Ed/NTT
Cook for Home 1 No.
N.B.: Only Female
SALARY NEGOTIABLE
LUCKY PUBLIC SCHOOL
Charichhak, Nimapara, Puri
Mob.: 7894447001, 7894447111
luckypublicschool2015@gmail.com

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

| Dollar | Sensex | Nifty | Gold | Silver |
|---|---|---|---|---|
| 71.14 (00) | 39,298.38 (246.32) | 11,661.85 (75.50) | 38,925.00 (₹146) | 46,325.00 (₹315) |



ଘରୋଇ ଚାହିଦା ଏବଂ ନିବେଶ ବୃଦ୍ଧିକୁ ତ୍ୱରାନ୍ୱିତ କରିବା ଲାଗି ଉଭୟ ସରକାର ଏବଂ ରିଜର୍ଭ ବ୍ୟାଙ୍କ ଉଦ୍ୟମ ଜାରି ରଖିଛନ୍ତି।

**–ଶକ୍ତିକାନ୍ତ ଦାସ, ରିଜର୍ଭ ବ୍ୟାଙ୍କ ଗଭର୍ନର**



ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଡିଜିଟାଲ କମ୍ପାନୀ ଭାବେ ୩୫୦ ନିୟୁତ ସବସ୍କ୍ରାଇବର ଯୋଡିଛୁ। ପ୍ରତି ମାସରେ ୧୦ ନିୟୁତ ନୂଆ ଗ୍ରାହକଙ୍କ ସହ ଡିଜିଟାଲ ଗେଟ୍ ୱେ ଅଫ୍ ଇଣ୍ଡିଆ ହୋଇପାରିଛୁ।

**–ମୁକେଶ ଅମ୍ବାନୀ, ଅଧ୍ୟକ୍ଷ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ**

## ସଂକ୍ଷେପରେ

### ଭାରତ-ୟୁଏସ୍ ବାଣିଜ୍ୟ ଚୁକ୍ତି ନେଇ ଆଶାବାଦୀ:ସୀତାରାମନ

ନୂଆଦିଲ୍ଲୀ,୧୮-୧୦

ଭାରତ ଏବଂ ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍) ମଧ୍ୟରେ ରହିଥିବା ବାଣିଜ୍ୟିକ ମତଭେଦ କମ୍ ହୋଇଛି। ଶୀଘ୍ର ଦୁଇ ଦେଶ ବାଣିଜ୍ୟ ଚୁକ୍ତିରେ ସାମିଲ ହେବା ନେଇ ଆଶାବାଦୀ ରହିଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଶୁକ୍ରବାର କହିଛନ୍ତି। ଆମେରିକା ଗସ୍ତରେ ଥିବା ସୀତାରାମନ ଖବରଦାତାଙ୍କୁ କହିଛନ୍ତି ଯେ, ଦୁଇ ଦେଶ ମଧ୍ୟରେ ଏ ପ୍ରସଙ୍ଗରେ ଆଲୋଚନା ଜାରି ରହିଛି। କଥାବାର୍ତ୍ତା ଶୀଘ୍ର ଶେଷ ହେବା ନେଇ ଆଶାବାଦୀ ଥିବା ସେ ମତ ଦେଇଛନ୍ତି। ଅପରପକ୍ଷରେ ଭାରତ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥା ଭାବେ ଏହାର ସ୍ଥାନ ବଜାୟ ରଖିଥିବା ନିର୍ମଳା କହିଛନ୍ତି। ଅଭିବୃଦ୍ଧି ଧାରାକୁ ଆହୁରି ତ୍ୱରାନ୍ୱିତ କରିବା ଲାଗି ସରକାର ବିଭିନ୍ନ ପଦକ୍ଷେପ ନେଉଥିବା ସେ ମତ ଦେଇଛନ୍ତି।

### ଗ୍ରାମାଞ୍ଚଳ ଏଫ୍ଏମ୍ସିଜି ଅଭିବୃଦ୍ଧି ୫%କୁ ହ୍ରାସ

ନୂଆଦିଲ୍ଲୀ,୧୮-୧୦

ଚଳିତ ଆର୍ଥିକ ବର୍ଷ ତୃତୀୟ ତ୍ରୈମାସରେ ଦେଶର ଗ୍ରାମାଞ୍ଚଳରେ ଫାଷ୍ଟ ମୁଭିଂ କଞ୍ଜ୍ୟୁମର ଗୁଡ୍ସ (ଏଫ୍ଏମ୍ସିଜି) ଅଭିବୃଦ୍ଧି ୫%କୁ ହ୍ରାସ ଘଟିଛି। ସହରାଞ୍ଚଳ ଅଭିବୃଦ୍ଧି ତୁଳନାରେ ପ୍ରଥମଥର ଗ୍ରାମାଞ୍ଚଳରେ ଅଭିବୃଦ୍ଧି କମିଛି। ଗତ ୭ ବର୍ଷରେ ପ୍ରଥମଥର ଲାଗି ଏଭଳି ହୋଇଛି। ଗତ ବର୍ଷ ସମାନ ସମୟ ତୁଳନାରେ ଗ୍ରାମାଞ୍ଚଳରେ ଉକ୍ତ ବର୍ଗରେ ଅଭିବୃଦ୍ଧି ୨୦% ରହିଥିଲା। ମୋଟ ଏଫ୍ଏମ୍ସିଜି ମାନ୍ଦାବସ୍ଥାର ଏହା ୬୦% ବୋଲି ନିଲସେନ ପକ୍ଷରୁ ଏକ ରିପୋର୍ଟରେ ପ୍ରକାଶ ପାଇଛି।

# ପାସେଞ୍ଜର ଯାନ ବିକ୍ରି ୨୦% କମିଲା

- ମାନ୍ଦାବସ୍ଥା ପ୍ରଭାବରୁ ବିକ୍ରି ହ୍ରାସ
- ଚାହିଦା ଫେରିବା ନେଇ ଶିଳ୍ପଜଗତ ଆଶାବାଦୀ
- ଅଟୋ କମ୍ପାନୀ ଦେଉଛନ୍ତି ଲୋଭନୀୟ ଅଫର



ନୂଆଦିଲ୍ଲୀ,୧୮-୧୦

ଚଳିତ ବର୍ଷ ସେପ୍ଟେମ୍ବରରେ ଦେଶ ମଧ୍ୟରେ ପାସେଞ୍ଜର ଯାନର ରିଟେଲ୍ ବିକ୍ରି ୨୦% ହ୍ରାସ ଘଟିଛି। ଏହି ସମୟରେ ଯାନ ବିକ୍ରି ୨୦.୧% ହ୍ରାସ ଘଟି ୧,୫୭,୯୭୨ ୟୁନିଟ ରହିଛି। ଅଟୋ ନିର୍ମାତାମାନେ ଗ୍ରାହକଙ୍କୁ ଚଳିତ ବର୍ଷ ଆକର୍ଷଣୀୟ ଅଫର ପ୍ରଦାନ କରୁଛନ୍ତି। ମାତ୍ର ଗତ ବର୍ଷ ସମାନ ସମୟ ତୁଳନାରେ ଚଳିତ ବର୍ଷ ସେପ୍ଟେମ୍ବରରେ ଯାନ ବିକ୍ରି କମ୍ ହୋଇଛି। ବଜାରରେ ମାନ୍ଦାବସ୍ଥା ଲାଗି ରହିଥିବାରୁ ଯାନ ବିକ୍ରି ପ୍ରଭାବିତ ସ୍ଥିତିରେ ରହିଥିବା ଫେଡେରେଶନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ (ଫାଡା) ଶୁକ୍ରବାର କହିଛି। ଗତ ବର୍ଷ ସେପ୍ଟେମ୍ବରରେ ଯାନ ବିକ୍ରି ୧,୯୭,୬୫୩ ୟୁନିଟ ରହିଥିଲା।

ଫାଡା ସୂଚନା ମୁତାବକ, ଦୁଇଚକିଆ ଯାନ ବିକ୍ରି ୧୨.୧ ହ୍ରାସ ଘଟିଛି। ଗତ ମାସରେ ଏହି ବର୍ଗରେ ବିକ୍ରି ୧୦,୯୮,୨୭୧ ୟୁନିଟ ରହିଛି। ଯାହା ଗତ ବର୍ଷ ସେପ୍ଟେମ୍ବରରେ ୧୨,୪୮,୯୯୮ ୟୁନିଟ ରହିଛି। ସେହିଭଳି ବାଣିଜ୍ୟିକ ଯାନ ବିକ୍ରି ୧୮.୫% ଖସିଛି। ଗତ ବର୍ଷ ଏହା ୭୭,୯୮୦ ୟୁନିଟ ଥିବା ବେଳେ ଚଳିତ ବର୍ଷ ୬୩,୫୧୮ ୟୁନିଟକୁ କମିଛି। ଏହି ସମୟରେ ତିନିଚକିଆ ଯାନ ବିକ୍ରି ୧.୮% ବଢିଛି। ଗତ ବର୍ଷ ସେପ୍ଟେମ୍ବରରେ ଏହା ୫୪,୫୬୦ ୟୁନିଟ ରହିଥିଲା। ଯାହା ବଢି ୫୫,୫୫୩ ୟୁନିଟ ରହିଛି। ବିଭିନ୍ନ ବର୍ଗ ଯାନ ବିକ୍ରି କଥା ବିଚାରକୁ ନେଲେ ଏହା ୧୨.୯% ଖସିଛି। ୨୦୧୮ ସେପ୍ଟେମ୍ବରରେ ବିଭିନ୍ନ ବର୍ଗରେ ୧୫,୭୯,୧୯୧ ୟୁନିଟ ଯାନ ବିକ୍ରି ହୋଇଥିଲା। ଏହା ଗତ ମାସରେ ୧୩,୭୫, ୩୧୪ ୟୁନିଟ ରହିଛି।

ଯାନ ବିକ୍ରି ଏବେ ପ୍ରଭାବିତ ଥିବା ବେଳେ ଆଗାମୀ ଦିନରେ ବିକ୍ରି ଅଭିବୃଦ୍ଧି ନେଇ ଆଶାବାଦୀ ରହିଛୁ ବୋଲି ଫାଡାର ସଭାପତି ଆଶିଷ ହର୍ଷରାଜ କାଲେ କହିଛନ୍ତି। ପାର୍ବଣ ସମୟରେ ଲଗାଣ ବର୍ଷାର ପ୍ରଭାବ ଯାନ ବିକ୍ରି ଉପରେ ପଡିଛି। ସରକାର ଘୋଷଣା କରିଥିବା ବିଭିନ୍ନ ପଦକ୍ଷେପ ଏବେ ମଧ୍ୟ ଯାନ ବିକ୍ରି ଉପରେ ଦେଖାଯାଇନାହିଁ ବୋଲି କାଲେ ମତ ଦେଇଛନ୍ତି। ସୂଚନାଯୋଗ୍ୟ, ଫାଡା ପକ୍ଷରୁ ୧୪୬୧ ଆର୍‌ଟିଓ ମଧ୍ୟରୁ ୧,୧୮୮ରୁ ଡାଟା ସଂଗ୍ରହ କରାଯାଇଛି।

# ଟାଟା ପାୱାର ଡିଡିଏଲ୍‌ର ସଫଳତା

ନୂଆଦିଲ୍ଲୀ,୧୮-୧୦

TATA
TATA POWER
Lighting up Lives!

ଦେଶ ମଧ୍ୟରେ ବିଦ୍ୟୁତ୍ ଶକ୍ତି ବିତରଣ ବ୍ୟବସାୟ ସଂସ୍କାର କ୍ଷେତ୍ରରେ ଟାଟା ପାୱାର ଡିଡିଏଲ୍ ସଫଳତା ହାସଲ କରିଛି। ଏହି ବ୍ୟବସାୟ କ୍ଷେତ୍ରରେ କମ୍ପାନି ଏକ ସଫଳ ମଡେଲ ଭାବେ ଉଭା ହୋଇଛି। ଭାରତର ସର୍ବବୃହତ୍ ସମନ୍ୱୟ ୟୁଟିଲିଟି, ଜାତୀୟ ରାଜଧାନୀ ଅଞ୍ଚଳ ଏବଂ ଦିଲ୍ଲୀ ସରକାରଙ୍କ ମିଳିତ ଉଦ୍ୟମରେ ଏକ ଯୌଥ ଉଦ୍ୟୋଗ ଭାବେ ଟାଟା ପାୱାର ଦିଲ୍ଲୀ ଡିଷ୍ଟ୍ରିବ୍ୟୁଶନ ଲିମିଟେଡ କାର୍ଯ୍ୟ କରୁଛି। ଉନ୍ନତ ପରିଚାଳନା ଓ ପ୍ରଯୁକ୍ତି ପଦକ୍ଷେପ ଜରିଆରେ ଏହା ଏନ୍‌ସିଟିର ଦୂରଦୂରାନ୍ତ ପର୍ଯ୍ୟନ୍ତ ବିଦ୍ୟୁତ ଶକ୍ତି ପହଞ୍ଚାଇବାକୁ ସକ୍ଷମ ହୋଇଛି। ବିଦ୍ୟୁତ ବିତରଣ କ୍ଷେତ୍ରରେ ଘରୋଇ ସରକାରୀ ସହଭାଗିତାର ଏହା ସଫଳ ଉଦାହରଣ ସୃଷ୍ଟି କରିଛି। ଦେଶର ଅନ୍ୟ ସ୍ଥାନଗୁଡିକରେ ଏହାକୁ କାର୍ଯ୍ୟକାରୀ କରାଯାଇପାରିବ। ୨୦୦୨ ଜୁଲାଇ ପରଠାରୁ ସମସ୍ତ ମାନଦଣ୍ଡରେ କମ୍ପାନୀ ଉନ୍ନତି ଆଣି ପାରିଥିଲା। ପରିବହନ ଏବଂ ବିତରଣ କ୍ଷତିକୁ ବ୍ୟାପକ ହ୍ରାସ କରାଯାଇ ପାରିଛି। ଏହା ୫୩%ରୁ ୮%କୁ ଖସିଛି। ଏହାବାଦ ଟ୍ରାନ୍ସଫରମର ବିଫଳତା ଯୋଗୁ ହେଉଥିବା ଅନ୍ଧକାର ସ୍ଥିତି କମାଇବା ବ୍ୟବସ୍ଥାର ଭରସାଯୋଗ୍ୟତାରେ ବ୍ୟାପକ ଉନ୍ନତି ଆଣିବା ସହ ଗ୍ରାହକଙ୍କ ପ୍ରତି ଦୃଢ ଗୁରୁତ୍ୱ ସୃଷ୍ଟି କରି ପାରିଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

# ଦାମ୍‌ରୋ ପକ୍ଷରୁ ଆକର୍ଷଣୀୟ ଅଫର ଘୋଷଣା




ଭୁବନେଶ୍ୱର,୧୮-୧୦(ବ୍ୟୁରୋ)

ଶ୍ରୀଲଙ୍କାଭିତ୍ତିକ ଫର୍ନିଚର ନିର୍ମାଣକାରୀ କମ୍ପାନୀ ଦାମ୍‌ରୋ ପକ୍ଷରୁ ଏହାର ପ୍ରଡକ୍ଟ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ଚଳିତ ମାସ ୩୧ ଯାଏ ଗ୍ରାହକ ଅଫରର ଲାଭ ଉଠାଇପାରିବେ ବୋଲି ଦାମ୍‌ରୋ ପକ୍ଷରୁ କୁହାଯାଇଛି। ଏହି ସମୟରେ ଗ୍ରାହକମାନେ ଶୋ'ରୁମ୍‌ରୁ କ୍ରୟ ବେଳେ ବେଡ୍‌ରୁମ୍ କମ୍ବୋ ୬୪,୮୦୦ ଟଙ୍କାରେ ଲାଭ କରିପାରିବେ। ଏହା ମଧ୍ୟରେ ବେଡ୍, ୩ ଡୋର ବିଶିଷ୍ଟ ୱାଡ୍ରବ, ବେଡ୍ ସାଇଡ ଟେବୁଲ ଏବଂ ଡ୍ରେସିଂ ଟେବୁଲ ରହିଛି। ୨୭,୦୦୦ ଟଙ୍କା ଆରମ୍ଭ ମୂଲ୍ୟରୁ ଗ୍ରାହକ ସୋଫା ଲାଭ କରିପାରିବେ। ଫ୍ୟାବ୍ରିକ, ଲେଦର୍, ଏଲ୍ ସେପ୍ ଭଳି ବିଭିନ୍ନ ବର୍ଗରେ ସୋଫା ଶୋ'ରୁମରୁ ଗ୍ରାହକ ଚୟନ କରିପାରିବେ। ଅଫର ମୂଲ୍ୟରେ ୨୨,୯୦୦ ଟଙ୍କା ଆରମ୍ଭ ମୂଲ୍ୟରୁ ଡାଇନିଂ ସେଟ୍ ମିଳୁଛି। ଦକ୍ଷିଣ ଏସିଆର ସର୍ବବୃହତ୍ ଫର୍ନିଚର ନିର୍ମାଣକାରୀ ଏହି କମ୍ପାନୀ ସାରା ଦେଶରେ ୮୬ ଶାଖା ସହ ସେବା ଯୋଗାଉଛି। ଭୁବନେଶ୍ୱରସ୍ଥିତ ବାପୁଜୀନଗରରେ ୫,୦୦୦ ବର୍ଗଫୁଟ ସ୍ଥାନରେ ଏହାର ଶୋ'ରୁମ ଅବସ୍ଥାପିତ। ୩ଟି ଫ୍ଲୋରରେ ଅଫିସ ଏବଂ ହୋମ୍ ବର୍ଗରେ ପ୍ରଡକ୍ଟ ପ୍ରଦର୍ଶନ କରାଯାଉଛି। ଏଠାରେ ଶୋକେସ, ଟିଭି ୟୁନିଟ, ମ୍ୟାଟ୍ରେସ, ଷ୍ଟଡି ଟେବୁଲ, ଅଫିସ ଟେବୁଲ, ବୁକ୍ ସେଲ୍, ସୋଫା କମ୍ ବେଡ୍ ଭଳି ଅନ୍ୟ ସ୍ୱତନ୍ତ୍ର ପ୍ରଡକ୍ଟ ରହିଛି। ଶୋ'ରୁମ ସକାଳ ୧୦ରୁ ରାତି ୯ ଯାଏ ଖୋଲା ରହୁଛି। ଗ୍ରାହକ ବଜାଜ ଫାଇନାନ୍ସ ସହ ଜିରୋ ଡାଉନପେମେଣ୍ଟ ସୁବିଧା ଲାଭ କରିପାରିବେ ବୋଲି ଶୋ'ରୁମ ସ୍ୱତ୍ୱାଧିକାରୀ ଉମେଶ ଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି। ପ୍ରତି ପ୍ରଡକ୍ଟ ଉପରେ କମ୍ପାନୀ ୱାରେଣ୍ଟି ପ୍ରଦାନ କରୁଛି।


**OFFICE OF THE NOTIFIED AREA COUNCIL , ATHMALLIK .**

NO. 1757 DT. 18.10.19

**e-Procurement**

**Bid identification No.Alkn-03/2019-20**

Bid documents consisting of work , estimated cost , cost of tender paper ,EMD time of completion , Class of contractors and the set of term and conditions of contract and detals of other necessary documents can be seen in Govt.website i.e. www.tendersorissa.gov.in

Name of the works : Civil works
No. of works : 03 nos.
Estimated cost :Rs.1,34,489/- to 9,73,852/-
Date & Time of availability of Bid Documents in the portal : From 10.00A.M of dt. 19.10.2019 to 28.10.2019 Up to 5.00P.M
Last Date of receive of Bid through Online :Onor before 28.10.2019,up to 5.00P.M
Submission of original Document :On or before 31.10.2019 upto 11.00AM
Date of opening of bid on :At 11.00A.M on.31.10.2019

Executive Officer
N.A.C Athmallik.

**OFFICE OF THE REGULATED MARKET COMMITTEE, KANTABANJI**

**Dist.-Balangir (Odisha) 767039**

**No.256** **Dated: 17.10.2019**

**Quotation Call Notice**

Regulated Market Committee, Kantabanji invite quotation from the interested Dealers/Farms/Agencies/Companies for supply of the Cotton Quality Testing Equipments for the e-NAM Project. The quotation must reach in the office of the Regulated Market Committee, Kantabanji by post/courier/person on or before 28.10.2019 at 4 P.M. and the quotation will be Opened on the same day at 5PM at same office in the presence of Tenderers or their Representatives' sum of Rupees 10,000(Ten Thousand) only must be deposited as earnest money in the form of Demand Draft in favour of Regulated Market Committee, Kantabanji failing which the Tender will be rejected. The Tenders must submit the papers like Vat, PAN and other related documents as per norms fixed by State Govt. and Central Govt. for the Purpose quotation. The equipments should be from reputed brand and certified of ISO-9001-2000. The payment shall be released after the executed of the completed order of destination and installation of the equipments and Satisfactory performance. The equipments should be supplied within seven days. The Chairman RMC, Kantabanji will have the right to reject all or any of the quotation without assigning any reason. The R.M.C. office may be contacted in this regard during office hours.

**COTTON QUALITY TESTING EQUIPMENTS**

| Sl. No. | Name of the Equipments | Quantity |
|---|---|---|
| 1. | COTTON TRASH ANALYZER/SHIRLEY ANALYZER | 1 No. |
| 2. | PRESSLEY STRNGTH TESTER | 1 No. |
| 3. | MICRONAIRE | 1 No. |
| 4. | DIGITAL FIBROGRABH | 1 No. |
| 5. | DIGITAL MOISTURE METER | 1 No. |
| 6. | MICROSCOPE | 1 No. |

**TERMS AND CONDITION OF THE TENDER:-**

1. Delivery of the equipments / machineries should be within 7 days of receipt of the purchase order.
2. Late/delayed tender offers will not be considered at all.
3. If the tenders received are not sealed Properly, they will not be considered at all.
4. The suppliers of the machinery/equipments should provide both theoretical and practical training after commissioning the machinery or at an appropriate stage.
5. The price quoted should be exclusive of duty, ST, installation etc. Which should be shown separately in the bid, if applicable.
6. Chairman, R.M.C, Kantabanji reserves the right to accept or reject any or all the bids either in full or part without assigning any reason thereof.
7. Any non-fulfilment of the stipulation given above will make the bid invalid.
8. The equipment/machinery & accessories should be delivered, installed and commissioned at the address specified in the order. Service / operation / instruction / calibration manuals (in English) tool kit and gauges must also be supplied along with the machinery and accessories.

Sd./- Sub-Collector-cum-Chairman
R.M.C., Kantabanji

**omfed** www.omfed.com

**ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଂଘ ଲିମିଟେଡ୍**

ଡି-୨, ଶହୀଦ ନଗର, ଭୁବନେଶ୍ୱର - ୭୫୧ ୦୦୭

ଫୋନ୍ - ୦୬୭୪-୨୫୪୦୨୭୩, ୨୫୪୪୫୭୬, ଫ୍ୟାକ୍ସ ନଂ- ୨୫୪୦୯୭୪

**ଗ୍ରାହକ ଜନସାଧାରଣଙ୍କ ନିମନ୍ତେ ସୂଚନା**

ଏତଦ୍‌ଦ୍ୱାରା ଓମ୍‌ଫେଡ୍‌ର ସମସ୍ତ ପ୍ରିୟ ଗ୍ରାହକମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଓମ୍‌ଫେଡ୍ କର୍ତ୍ତୃପକ୍ଷ ନିମ୍ନୋକ୍ତ ଦୁଗ୍ଧଜାତ ଦ୍ରବ୍ୟର ଉପଭୋକ୍ତା ମୂଲ୍ୟ ଆସନ୍ତା ତା-୨୧.୧୦.୨୦୧୯ ରିଖ ଠାରୁ ସାମାନ୍ୟ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ଗ୍ରହଣ କରିଛନ୍ତି ।

| କ୍ର. ନଂ. | ଦୁଗ୍ଧଜାତ ଦ୍ରବ୍ୟ | ପରିମାଣ | ପରିବର୍ତ୍ତିତ ଦର (ଟଙ୍କାରେ) |
|---|---|---|---|
| ୧) | ସାଦା ଦହି | ୧ କେ.ଜି ପାଉଚ୍ | ୬୫.୦୦ |
| | | ୫୦୦ ଗ୍ରାମ୍ ପାଉଚ୍ | ୩୫.୦୦ |
| | | ୪୦୦ ଗ୍ରାମ୍ କପ୍ | ୪୨.୦୦ |
| | | ୨୦୦ ଗ୍ରାମ୍ କପ୍ | ୨୨.୦୦ |
| | | ୧୦୦ ଗ୍ରାମ୍ କପ୍ | ୧୨.୦୦ |
| ୨) | ମିଠା ଦହି | ୮୦ ଗ୍ରାମ୍ କପ୍ | ୧୪.୦୦ |
| | ମିଠା ଦହି(ବିନା ଚିନି) | ୮୦ ଗ୍ରାମ୍ କପ୍ | ୧୭.୦୦ |
| | ମିଠା ଦହି (ଆମ୍ବ) | ୮୦ ଗ୍ରାମ୍ କପ୍ | ୧୬.୦୦ |
| ୩) | ଲସି | ୨୦୦ ମି.ଲି. ପାଉଚ୍ | ୧୨.୦୦ |
| ୪) | ରାବିଡି | ୮୦ ଗ୍ରାମ କପ୍ | ୨୨.୦୦ |
| ୫) | ପନିର | ୧ କି.ଗ୍ରା. (ବଲ୍କ) | ୩୦୦.୦୦ |
| | | ୫୦୦ ଗ୍ରାମ୍ (ପ୍ୟାକେଟ୍) | ୧୬୦.୦୦ |
| | | ୨୦୦ ଗ୍ରାମ୍ (ପ୍ୟାକେଟ୍) | ୭୦.୦୦ |
| ୬) | ଛେନାପୋଡ଼ | ୫୦୦ ଗ୍ରାମ୍ (ପ୍ୟାକେଟ୍) | ୧୫୫.୦୦ |
| | | ୨୫୦ ଗ୍ରାମ୍ (ପ୍ୟାକେଟ୍) | ୮୦.୦୦ |
| | | ୧୦୦ ଗ୍ରାମ୍ (ପ୍ୟାକେଟ୍) | ୩୫.୦୦ |
| ୭) | ଟେବୁଲ୍ ବଟର୍ | ୧୦୦ ଗ୍ରାମ୍ (ପ୍ୟାକେଟ୍) | ୪୬.୦୦ |
| | | ୫୦୦ ଗ୍ରାମ୍ (ପ୍ୟାକେଟ୍) | ୨୩୦.୦୦ |
| ୮) | ସୁବାସିତ ଦୁଗ୍ଧ(SFM) | ୨୦୦ ମି.ଲି. (ବୋତଲ) | ୨୪.୦୦ |
| ୯) | ଗୁଣ୍ଡ ଦୁଗ୍ଧ (Dairy Whitener) | ୧ କି.ଗ୍ରା. (ସ୍ୟାଚେଟ୍) | ୩୬୫.୦୦ |
| | | ୫୦୦ ଗ୍ରାମ୍ (ସ୍ୟାଚେଟ୍) | ୧୮୫.୦୦ |
| | | ୨୦୦ ଗ୍ରାମ୍ (ସ୍ୟାଚେଟ୍) | ୮୦.୦୦ |
| | | ୫୦ ଗ୍ରାମ୍ (ସ୍ୟାଚେଟ୍) | ୨୩.୦୦ |
| | | ୨୫ ଗ୍ରାମ୍ (ସ୍ୟାଚେଟ୍) | ୧୨.୦୦ |
| ୧୦) | ଖୁଆ | ୧ କି.ଗ୍ରା. | ୩୪୦.୦୦ |
| | | ୫୦୦ ଗ୍ରାମ୍ | ୧୮୦.୦୦ |
| | | ୨୦୦ ଗ୍ରାମ୍ | ୮୦.୦୦ |
| ୧୧) | ପେଡ଼ା | ୪୦୦ ଗ୍ରାମ୍ | ୧୬୦.୦୦ |
| | | ୨୦୦ ଗ୍ରାମ୍ | ୮୫.୦୦ |
| | | ୧୦୦ ଗ୍ରାମ୍ | ୪୫.୦୦ |
| ୧୨) | ଘିଅ | ୧୫ କି.ଗ୍ରା (ଟିଣ) | ୮୩୯୦.୦୦ |
| | | ୧୫ ଲିଟର (ଟିଣ) | ୭୫୮୫.୦୦ |
| | | ୫ ଲିଟର (ଜାର୍) | ୨୬୫୫.୦୦ |
| | | ୧ ଲିଟର (ଜାର୍) | ୫୬୫.୦୦ |
| | | ୧ ଲିଟର (ଟିଣ) | ୫୭୦.୦୦ |
| | | ୫୦୦ ମି.ଲି. (ଜାର୍) | ୨୯୫.୦୦ |
| | | ୫୦୦ ମି.ଲି. (ଟିଣ) | ୨୯୯.୦୦ |
| | | ୨୦୦ ମି.ଲି. (ଜାର୍) | ୧୨୪.୦୦ |
| | | ୨୦୦ ମି.ଲି. (ଟିଣ) | ୧୩୦.୦୦ |
| | | ୧୦୦ମି.ଲି. (ପାଉଚ୍) | ୭୦.୦୦ |
| | | ୩୫ ମି.ଲି. (ପାଉଚ୍) | ୨୪.୦୦ |
| | | ୧୫ ମି.ଲି. (ପାଉଚ୍) | ୧୨.୦୦ |

ଓମ୍‌ଫେଡ୍ ନିକଟରେ ପୁରୁଣା ଦର ମୁଦ୍ରିତ ଥିବା ଡବା/କପ୍ ଓ ପଲିଥିନ୍ ସରିବା ପର୍ଯ୍ୟନ୍ତ ଗ୍ରାହକମାନେ ନୂତନ ଦରରେ କ୍ରୟ କରିବାକୁ ଅନୁରୋଧ । ଏଥିପାଇଁ ଗ୍ରାହକ ଜନସାଧାରଣଙ୍କ ସହଯୋଗ କାମନା କରୁଛୁ ।

ପରିଚାଳନା ନିର୍ଦ୍ଦେଶକ


See Career Appointment on every Wednesday & Saturday


**ଓଡ଼ିଶା ସରକାର**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**

**ଘୋଷଣା**

**No. RDM-LAA-MBJ-0018-2017/ 19961** **R&DM, Dated 12.07.19**

**No.XXI-64:-** ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ **(RFCTLAR & R Act, 2013)** ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨ (୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା-**ଗରୁଡବସା**, ଥାନା-ବେତନଟୀ ନଂ ୯୫, ତହସିଲ- ବେତନଟୀ, ଜିଲ୍ଲା-ମୟୂରଭଞ୍ଜରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ନୂଆଗାଁ ଡିଷ୍ଟ୍ରିବ୍ୟୁଟାରୀ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ **(RFCTLAR & R Act, 2013)** ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୮୭୬୨ ତା.୧୬।୦୩।୨୦୧୭ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-**ଗରୁଡବସା,** ଥାନା-ବେତନଟୀ ନଂ ୯୫, ଜିଲ୍ଲା-ମୟୂରଭଞ୍ଜରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ **www.mayurbhanj.nic.in** ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ୍ **http://revenue.odisha.gov.in** ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ଓ ପୁନଃବସତି ଅଧିକାରୀ, ବାରିପଦା, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-କ**

**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

ଜିଲ୍ଲା: ମୟୂରଭଞ୍ଜ — ତହସିଲ: ବେତନଟୀ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଗରୁଡବସା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ହେକ୍ଟର ୭.୬୯୩୦ | ହେକ୍ଟର ୨.୧୧୦୦ | ଏଥି ସହିତ ସଂଲଗ୍ନ |

**ତଫସିଲ-ଖ**

**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

ଜିଲ୍ଲା: ମୟୂରଭଞ୍ଜ — ତହସିଲ: ବେତନଟୀ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଧାରା ୧୯ର ଉପଧାରା (୭) ଅଧୀନରେ ୧୧(୧)ର ଘୋଷିତ ଅଧିସୂଚନାର ବୈଧ ତାରିଖ- ୧୨।୦୭।୨୦୧୯।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଅତିରିକ୍ତ ଶାସନ ସଚିବ

**ଭୂମି ଅନୁସୂଚୀ**

ଭୂଅର୍ଜନ ମାମଲା ସଂଖ୍ୟା- ୦୮/୨୦୧୭
ହେ.୩.୨୮୭୦

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ନୂଆଗାଁ ଡିଷ୍ଟ୍ରିବ୍ୟୁଟାରୀ**

**ମୌଜା-ଗରୁଡବସା, ଥାନା-ବେତନଟୀ ନଂ-୯୫, ତହସିଲ-ବେତନଟୀ, ଜିଲ୍ଲା- ମୟୂରଭଞ୍ଜ**

| ଖାତା ନଂ ଓ ସ୍ୱତ୍ୱ | ପ୍ଲଟ୍ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 3 ରୟତି | 149 | 0.0160 | 0.0160 | ଘରବାରୀ | ଅନ୍ତର୍ଯ୍ୟାମୀ ସାହୁ, ପି: ଯତୀନ୍ଦ୍ର ସାହୁ, ସାବିତ୍ରୀ ସାହୁ, ସ୍ୱା: ଅନ୍ତର୍ଯ୍ୟାମୀ ସାହୁ, ଜା: ତେଲି, ବା: ସଠିଲୋ |
| 9 ରୟତି | 412 | 0.1350 | 0.1000 | ଡାହି | କଟାଲ ମାଝୀ, ପି: ସିଙ୍ଗରାଏ ମାଝୀ, ଜା: ସାନ୍ତାଳ, ବା: ଭୋଗବାଟି |
| 18 ରୟତି | 272 | 0.0850 | 0.0660 | ଡାହି | କାର୍ମୀ ମାଝୀ, ପି: ହାଡ଼ିଆ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | 277 | 0.3780 | 0.1700 | ଡାହି | |
| 21 ରୟତି | 408 | 0.1760 | 0.0700 | ଡାହି | କାରିଆ ମାଝୀ, ପି: ଟୁରିଆ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| 50 ରୟତି | 264 | 0.3350 | 0.1780 | ଡାହି | ଜଗବନ୍ଧୁ ମାଝୀ, ପି: ଅନନ୍ତ ମାଝୀ, ଜା: ସାନ୍ତାଳ, ବା: ପୁରୁଣାପାଣି |
| 64 ରୟତି | 152 | 0.0160 | 0.0010 | ଘରବାରି | ଦିବାକର ଜେନା, ପି: ଗଣେଶ ଜେନା, ଶୁଶୀଳା, ଜେନା, ସ୍ୱା: ଦିବାକର ଜେନା, ଜା: ପାଣ, ବା: ସଠିଲୋ |
| 68 ରୟତି | 273 | 0.0800 | 0.0520 | ଡାହି | ଦୁଃଖିନୀ ମାଝୀ, ପି: ବିକ୍ରମ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | 274 | 0.2900 | 0.0140 | ଡାହି | |
| 76 ରୟତି | 5 | 0.0760 | 0.0660 | ଶାରଦ ଅଣ ଜଳସେଚିତ ଦୁଇ | ନବଘନ ମହାନ୍ତ, କୁଶ ମହାନ୍ତ, ପି: ଝରି ମହାନ୍ତ, ସୂର୍ଯ୍ୟ ମହାନ୍ତ, ସ୍ୱା ; ଝରି ମହାନ୍ତ, ଜା: କୁଡୁମି, ବା: ଭୁଡୁରୁବଣି |
| | 9 | 0.0810 | 0.0400 | ଶାରଦ ଅଣ ଜଳସେଚିତ ଦୁଇ | |
| 80 ରୟତି | 160 | 0.0160 | 0.0160 | ଘରବାରି | ନବିନ ନାଏକ, ପି: ଦାମୋଦର ନାଏକ, ପୂର୍ଣ୍ଣମୀ ନାଏକ, ସ୍ୱା: ନବିନ ନାଏକ, ଜା: ଅମାତ, ବା: ସଠିଲୋ |
| 85 ରୟତି | 281 | 0.4400 | 0.0800 | ଡାହି | ନିମାଇଁ ମାଝୀ, ପି: ମଙ୍ଗଳା ମାଝୀ, ମିରୁ ମାଝୀ, ପି: ବରକୁ ମାଝୀ, ପମା ମାଝୀ, ସ୍ୱା: ବରକୁ ମାଝୀ, ଗୋପୀ ମାଝୀ, ଲକ୍ଷ୍ମୀଧର ମାଝୀ, ପି: ଦାକ୍ଷିଣ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| 112 ରୟତି | 20 | 1.6000 | 0.2400 | ଶାରଦ ଅଣ ଜଳସେଚିତ ତିନି | ଫାଗୁରାମ ମାଝୀ, ପି: ଜ୍ରାମସାୟ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| 116 ରୟତି | 135 | 0.0160 | 0.0010 | ଘରବାରୀ | ବ୍ରଜ ମୋହନ କାଳନ୍ଦୀ, ପି: ଗୋରା କାଳନ୍ଦୀ, ପାନ କାଳନ୍ଦୀ, ସ୍ୱା: ବ୍ରଜମୋହନ କାଳନ୍ଦୀ, ଜା: ଡୁମ, ବା: ମଉଦା |
| 130 ରୟତି | 10 | 0.0850 | 0.0800 | ଶାରଦ ଅଣ ଜଳସେଚିତ ଦୁଇ | ବାହାଦୁର ମହାନ୍ତ, ପି: ଗୋରା ମହାନ୍ତ, ଜା: କୁଡୁମି, ବା: ଭୁଡୁରୁବଣି |
| | 11 | 0.2120 | 0.0380 | ଶାରଦ ଅଣ ଜଳସେଚିତ ଦୁଇ | |
| 151 ରୟତି | 282 | 0.2750 | 0.1050 | ଡାହି | ଭିରୁ ମାଝୀ, ନାହା ମାଝୀ, ପି: ଜିତରାଏ ମା ଝୀ, ଦାକ୍ଷିଣ ମାଝୀ, ଲୁଚୁ ମାଝୀ, ପି: ଭିରୁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | 283 | 0.1150 | 0.0050 | ଡାହି | |
| 157 ରୟତି | 413 | 0.2350 | 0.0110 | ଡାହି | ମଞ୍ଜୁଲତା ମହାକୁଡ଼, ସ୍ୱା: ଉମାଶଙ୍କର ଘୋଷ, ଜା: ବଉଡ଼, ବା: ଭୋଗବାଟି |
| 160 ରୟତି | 262 | 0.2900 | 0.1400 | ଡାହି | ମଦନ ମୋହନ ଜେନା, ପି: ବୃନ୍ଦାବନ ଜେନା, ଜା: ଖଣ୍ଡାୟତ, ବା: ବାହାନଡ଼ା |
| 165 ରୟତି | 115 | 0.5000 | 0.0200 | ଡାହି | ମୋହନ ମାଝୀ, ଦାସ ମାଝୀ, ଅନପା ମାଝୀ, ବାଘରାଏ ମାଝୀ, ମାହାଡି ମାଝୀ, ପି: ଖେଲା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| 168 ରୟତି | 284/ 996 | 0.1600 | 0.0040 | ଡାହି | ମାଥୁରାୟ ମାଝୀ, ସଲମା ମାଝୀ, ପି: ଚାନ୍ଦୁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| 182 ରୟତି | 284 | 0.2400 | 0.1600 | ଡାହି | ରଜନୀ ମୁର୍ମୁ, ସ୍ୱା: ରମେଶ ମୁର୍ମୁ, ଜା: ସାନ୍ତାଳ, ବା: ନିଜଗାଁ |
| 185 ରୟତି | 151 | 0.0160 | 0.0070 | ଘରବାରୀ | ଗଡ଼ିଆ ସିଂ, ପି: ସନା ସିଂ, ସମବାଡ଼ି ସିଂ, ସ୍ୱା: ଉଡ଼ିଆ ସିଂ, ଜା: ଭୂମିଜ, ବା: ସଠିଲୋ |
| 192 ରୟତି | 263 | 0.3860 | 0.0600 | ଡାହି | ରାଜାରାମ ମାଝୀ, ପି: କାହ୍ନୁ ମାଝୀ, ସୁହାଗି ମାଝୀ, ସ୍ୱା: କାହ୍ନୁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| 197 ରୟତି | 6 | 0.0150 | 0.0150 | ଶାରଦ ଅଣ ଜଳସେଚିତ ଦୁଇ | ରାମ ମହାନ୍ତ, ଶ୍ୟାମସୁନ୍ଦର ମହାନ୍ତ, ପି: ଶଙ୍କର ମହାନ୍ତ, ଜା: କୁଡୁମି, ବା: ଭୁଡୁରୁବଣି |
| | 7 | 0.0300 | 0.0240 | ଶାରଦ ଅଣ ଜଳସେଚିତ ଦୁଇ | |
| 198 ରୟତି | 8 | 0.2440 | 0.0820 | ଶାରଦ ଅଣ ଜଳସେଚିତ ଦୁଇ | ରାମ ମହାନ୍ତ, ଶ୍ୟାମସୁନ୍ଦର ମହାନ୍ତ, ଫୁଲ ମହାନ୍ତ, ଫୁଲ ମହାନ୍ତ, ପି: ଶଙ୍କର ମହାନ୍ତ, ଜା: କୁଡୁମି, ବା: ଭୁଡୁରୁବଣି |
| 203 ରୟତି | 261 | 0.3750 | 0.1660 | ଡାହି | ଲକ୍ଷ୍ମୀଧର ମୁର୍ମୁ, ପୂର୍ଣ୍ଣ ମୁର୍ମୁ, ପି: ଶ୍ୟାମ ମାଝୀ, ମହାନ୍ତି ମୁର୍ମୁ, କାହ୍ନୁ ମୁର୍ମୁ, ସିଦ ମୁର୍ମୁ, ଅନନ୍ତ ମୁର୍ମୁ, ରାମ ମୁର୍ମୁ, ପି: ଲୁଖା ମାଝୀ, ସନିଆ ମୁର୍ମୁ, ସ୍ୱା: ଲୁଖା ମାଝୀ, ଜା: ସାନ୍ତାଳ, ବ: ପୁରୁଣାପାଣି |
| | 271 | 0.4750 | 0.0700 | ଡାହି | |
| 206 ରୟତି | 134 | 0.0160 | 0.0110 | ଘରବାରୀ | ଲାଲମୋହନ କାଳନ୍ଦୀ, ପି: ସନାତନ କାଳନ୍ଦୀ, ଲକ୍ଷ୍ମୀ କାଳନ୍ଦୀ, ସ୍ୱା: ଲାଲମୋହନ କାଳନ୍ଦୀ, ଜା: ଡୁମ, ବା: ମୌଦା |
| 236 ରୟତି | 260 | 0.2840 | 0.0020 | ଡାହି | ହରି ମାଝୀ, ପି: ମାଧିଆ ମାଝୀ, ଜା: ସାନ୍ତାଳ, ବା: ମହୁଲିଆ |
| | | **7.6930** | **2.1100** | | |

**24001/14/0240/1920**



“ଏସିଆରେ ମୁଁ କ୍ରମାଗତ ୯ଥର ଟସ୍ ହାରିସାରିଥିବାରୁ ତୃତୀୟ ଟେଷ୍ଟରେ ଯଦି ଅନ୍ୟ ଜଣଙ୍କୁ ଟସ୍ ପାଇଁ ପଠାଯାଏ କିଛି ମନେ କରିବି ନାହିଁ।

–ଫାଫ୍ ଡୁ’ପ୍ଲେସି, ଦକ୍ଷିଣ ଆଫ୍ରିକା କ୍ରିକେଟ ଅଧିନାୟକ



“ଆସନ୍ତା ବାଂଲାଦେଶ ପ୍ରିମିୟର ଲିଗ୍ ଟି ୨୦ରେ ପ୍ରତ୍ୟେକ ଦଳ ଜଣେ ଲେଖାଏଁ ଲେଗ୍ ସ୍ପିନର ଖେଳାଇବା ବାଧ୍ୟତାମୂଳକ।

–ନାଜମୁଲ ହସନ, ବାଂଲାଦେଶ କ୍ରିକେଟ ବୋର୍ଡ ସଭାପତି

## ସଂକ୍ଷେପରେ

### ଲେଗ୍ ସ୍ପିନର ନ ଖେଳାଇ ବାଂଲାଦେଶର ଦୁଇ କୋଚ୍ ବହିଷ୍କୃତ

**ଢାକା,୧୮।୧୦(ପି.ଟି.):** ଅନ୍ତର୍ଜାତୀୟ ସ୍ତରରେ ବାଂଲାଦେଶର ବ୍ୟାଟ୍ସମ୍ୟାନମାନେ ଲେଗ୍ ସ୍ପିନରଙ୍କ ସାମ୍ନାରେ ସଂଘର୍ଷ କରୁଥିବାରୁ ବିସିବି ଏବେ ଲେଗ୍ ସ୍ପିନରଙ୍କୁ ଅଧିକ ଗୁରୁତ୍ୱ ଦେଉଛି। ଜାତୀୟ କ୍ରିକେଟ ଲିଗ୍‌ର ଦୁଇଟି ଦଳରେ ଲେଗ୍ ସ୍ପିନରଙ୍କୁ ସାମିଲ ନ କରିବାରୁ ଦୁଇ କୋଚ୍‌ଙ୍କୁ ବିଦା କରାଯାଇଛି। ନିୟମ ନ ମାନିବାରୁ ଦୁଇ କୋଚ୍‌ଙ୍କୁ ବିଦା କରାଯାଇଥିବା ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ଶୁକ୍ରବାର ସ୍ପଷ୍ଟ କରିଛି। ଢାକା ଦଳ ଲେଗ୍ ସ୍ପିନର ଜୁବିର ହୋସେନ ଓ ଖୁଲନା ଦଳ ରଶିଦ ହୋସେନଙ୍କୁ ଖେଳାଇ ନ ଥିଲେ। ଏନ୍‌ସିଏଲରେ ଲେଗ୍ ସ୍ପିନର ଖେଳାଇବାକୁ ଆମେ ନିର୍ଦ୍ଦେଶ ଦେଇଥିଲୁ। କିନ୍ତୁ ଦୁଇ କୋଚ୍ ସେମାନଙ୍କୁ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ଦେଇ ନ ଥିଲେ। ଆମେ ଯଦି ଲେଗ୍ ସ୍ପିନରଙ୍କୁ ସୁଯୋଗ ନ ଦେବା, ତେବେ ସେମାନେ ଉନ୍ନତର କେଉଁ ଭଳି ହେବେ ବୋଲି ବୋର୍ଡ ସଭାପତି ନାଜମୁଲ ହାସନ କହିଛନ୍ତି। ସେ ଆହୁରି କହିଛନ୍ତି ଆଗାମୀ ବାଂଲାଦେଶ ପ୍ରିମିୟର ଲିଗ୍‌ରେ ମଧ୍ୟ ଲେଗ୍ ସ୍ପିନର ଖେଳିବା ବାଧ୍ୟତାମୂଳକ କରାଯିବ।

### ଅଧିନାୟକରୁ ବିଦା ହେଲେ ସର୍ଫରାଜ

**କରାଚୀ,୧୮।୧୦:** ସର୍ଫରାଜ ଅହମ୍ମଦଙ୍କୁ ଶୁକ୍ରବାର ପାକିସ୍ତାନ ଟେଷ୍ଟ ଓ ଟି୨୦ ଦଳର ଅଧିନାୟକ ପଦରୁ ବିଦା କରାଯାଇଛି। ଶ୍ରୀଲଙ୍କା ବିପକ୍ଷ ଘରୋଇ ସିରିଜ୍‌ରେ ପରାଜୟ ଯୋଗୁ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ଶୁକ୍ରବାର ହୋଇଥିବା ବିଧିବଦ୍ଧ ଘୋଷଣା ଅନୁଯାୟୀ, ଅଭିଜ୍ଞ ବ୍ୟାଟ୍ସମ୍ୟାନ ଆଜାର ଅଲି ଟେଷ୍ଟ ଦଳର ନେତୃତ୍ୱ ନେବେ। ସେ ପ୍ରଥମ ଥର ଅଧିନାୟକ ଭାବେ ଅଷ୍ଟ୍ରେଲିଆରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଖେଳିବେ। ସେହିଭଳି ଟି୨୦ ଫର୍ମାଟରେ ଉଦୀୟମାନ ତାରକା ବ୍ୟାଟ୍ସମ୍ୟାନ ବାବର ଆଜାମ ଅଧିନାୟକ ହେବେ। ଟି୨୦ ବିଶ୍ୱକପ୍‌କୁ ପ୍ରାୟ ଏକ ବର୍ଷ ଥିବାବେଳେ ନେତୃତ୍ୱରେ ପରିବର୍ତ୍ତନ ହେବା ଫଳରେ ବାବରଙ୍କୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିବ। ୨୦୧୭ଠାରୁ ସର୍ଫରାଜ ସମସ୍ତ ଫର୍ମାଟରେ ପାକିସ୍ତାନ ଦଳର ଅଧିନାୟକ ଥିଲେ। ତାଙ୍କ ନେତୃତ୍ୱରେ ଦଳ ୨୦୧୭ ଆଇସିସି ଚାମ୍ପିୟନ୍ସ ଟ୍ରଫି ଜିତିଥିଲା। ଟି୨୦ ର୍ୟାଙ୍କିଂରେ ଦଳ ଶୀର୍ଷ ସ୍ଥାନ ମଧ୍ୟ ଅଧିକାର କରିଥିଲା। କିନ୍ତୁ ସର୍ଫରାଜଙ୍କ ନେତୃତ୍ୱରେ ଉଭୟ ଟେଷ୍ଟ ଓ ଟି୨୦ ର୍ୟାଙ୍କିଂ ତାଲିକାରେ ପାକସ୍ତାନ ତଳକୁ ଖସିଥିଲା।

### ରାଞ୍ଚି ଟେଷ୍ଟ: ଧୋନୀଙ୍କୁ ଅପେକ୍ଷା

ରାଞ୍ଚି,୧୮।୧୦- ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଓ ଭାରତ ମଧ୍ୟରେ ଏଠାରେ ରବିବାରଠାରୁ ୩ୟ ଟେଷ୍ଟ ଖେଳାଯିବ। ଏହା ପୂର୍ବତନ ଭାରତୀୟ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ହୋମ ଗ୍ରାଉଣ୍ଡ। ବିଶ୍ୱକପ୍‌ର ସେମିଫାଇନାଲରୁ ଭାରତୀୟ ଦଳର ବିଦାୟ ପରେ କ୍ରିକେଟ ପଡ଼ିଆକୁ ଫେରି ନ ଥିବା ଧୋନୀଙ୍କୁ ଷ୍ଟାଡିୟମରେ ଦେଖିବାକୁ ମିଳିବ କି ନାହିଁ ସେ ନେଇ ଅନିଶ୍ଚିତତା ଲାଗି ରହିଛି। ଏହି ପ୍ରଶ୍ନ ତାଙ୍କର ପ୍ରଶଂସକଙ୍କ ମନରେ ମଧ୍ୟ ରହିଛି। ଏଠାରେ ଭାରତୀୟ ଦଳର ଅଭ୍ୟାସବେଳେ ଗଣମାଧ୍ୟମ ପ୍ରତିନିଧି ଓ ତାଙ୍କ ପ୍ରଶଂସକଙ୍କ ଭିଡ଼ ଜମିଥିଲା। ସେମାନେ କିମ୍ବଦନ୍ତୀ ଧୋନୀ କେଉଁଠାରେ ପ୍ରଶ୍ନ ପଚାରିଥିଲେ। ତେବେ ସେ କେବେ ପଡ଼ିଆକୁ ଫେରିବେ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ବିସିସିଆଇ ନୂଆ ଅଧ୍ୟକ୍ଷ ହେବାକୁ ଯାଉଥିବା ସୌରଭ ଗାଙ୍ଗୁଲି ଏ ସମ୍ପର୍କରେ ଚୟନକର୍ତ୍ତାଙ୍କ ସହ ଆସନ୍ତା ୨୪ ତାରିଖରେ ଆଲୋଚନା କରିବା ନେଇ କହିଛନ୍ତି।





କଳିଙ୍ଗ ଷ୍ଟାଡ଼ିୟମରେ ହେବାକୁ ଥିବା ଅଲିମ୍ପିକ୍ କ୍ୱାଲିଫାୟର୍ସ ହକି ପାଇଁ ଶୁକ୍ରବାର ମନୋନୀତ ଭାରତୀୟ ମହିଳା ଓ ପୁରୁଷ ଦଳ।

# ଅଲିମ୍ପିକ୍ କ୍ୱାଲିଫାୟର୍ସ ପାଇଁ ଭାରତୀୟ ହକି ଦଳ

ଭୁବନେଶ୍ୱର, ୧୮।୧୦
(କ୍ରୀଡ଼ା ପ୍ରତିନିଧି)

ଆଗାମୀ ନଭେମ୍ବର ୧ ଓ ୨ ତାରିଖରେ ଅଲିମ୍ପିକ୍ କ୍ୱାଲିଫାୟର୍ସ ହକି କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏଥିରେ ଉଭୟ ଭାରତୀୟ ମହିଳା ଓ ପୁରୁଷ ଦଳ ଖେଳିବେ। ମହିଳା ଦଳର ପ୍ରତିଦ୍ୱନ୍ଦ୍ୱୀ ଆମେରିକା ଥିବାବେଳେ ପୁରୁଷ ଦଳ ରୁଷିଆ ବିପକ୍ଷରେ ପ୍ରତିଦ୍ୱନ୍ଦ୍ୱିତା କରିବ। ଉଭୟ ଦଳ ୨ଟି ଲେଖାଏ ମ୍ୟାଚ ଖେଳିବେ। ଏହାପରେ ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ କେଉଁ ଦଳ ଯୋଗ୍ୟତା ଅର୍ଜନ କରିବ ତାହା ସ୍ପଷ୍ଟ ହେବ। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ପାଇଁ ଶୁକ୍ରବାର ଭାରତୀୟ ହକି ଦଳ ଘୋଷିତ ହୋଇଛି। ଅଧିନାୟିକା ରାଣୀ ରାମପାଲଙ୍କ ଉପସ୍ଥିତିରେ ମୁଖ୍ୟ କୋଚ୍ ଜୋର୍ଡ ମାରିଜନେ ମହିଳା ଦଳ ତାଲିକା ଘୋଷଣା କରିଥିବାବେଳେ ଅଧିନାୟକ ମନପ୍ରୀତ ସିଂ ଉପସ୍ଥିତ ଥାଇ ମୁଖ୍ୟ କୋଚ୍ ଗ୍ରାହାମ ରିଡ୍ ପୁରୁଷ ଦଳ ଘୋଷଣା କରିଥିଲେ।

ରାଣୀଙ୍କ ନେତୃତ୍ୱାଧୀନ ମହିଳା ଦଳରେ ଓଡ଼ିଶାର ୩ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଦୀପ୍ ଗ୍ରେସ୍ ଏକ୍କା, ଲିଲିମା ମିଞ୍ଜ ଓ ନମିତା ଟପ୍ପୋ। ମନପ୍ରୀତଙ୍କ ପୁରୁଷ ଦଳରେ କିନ୍ତୁ ମାତ୍ର ଜଣେ ଓଡ଼ିଆ ଖେଳାଳି ଅମିତ ରୋହିଦାସ ସ୍ଥାନ ହାସଲ କରି ପାରିଛନ୍ତି। ଅଭିଜ୍ଞ ଡିଫେଣ୍ଡର ବୀରେନ୍ଦ୍ର ଲାକ୍ରା ବାଦ୍ ପଡ଼ିଛନ୍ତି। ସବିତାଙ୍କୁ ମହିଳା ଦଳର ଏବଂ ଏସ.ଭି. ସୁନୀଲଙ୍କୁ ପୁରୁଷ ଦଳର ଉପଅଧିନାୟିକା ଓ ଉପଅଧିନାୟକ ଦାୟିତ୍ୱ ଦିଆ ଯାଇଛି। ଟୋକିଓ ଅଲିମ୍ପିକ୍ସ ୨୦୨୦ ଜୁଲାଇ ୨୪ରୁ ଅଗଷ୍ଟ ୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ୧୨ଟି ଲେଖାଏ ମହିଳା ଓ ପୁରୁଷ ଦଳ ଅଂଶଗ୍ରହଣ କରିବେ।

### ସନ୍ତୁଳନକୁ ଧ୍ୟାନରେ ରଖାଯାଇଛି

ବେଲଜିୟମ ଟୁର୍‌ରେ ଶତପ୍ରତିଶତ ବିଜୟ ରେକର୍ଡ ନେଇ ଫେରିବାପରେ ଅଲିମ୍ପିକ୍ସ କ୍ୱାଲିଫାୟର୍ସ ପାଇଁ ୧୮ ଜଣିଆ ଦଳ ଚୟନ କରିବା ସହଜ ନ ଥିଲା ବୋଲି କହିଛନ୍ତି ମୁଖ୍ୟ କୋଚ୍ ରିଡ୍। ଦଳରେ ସନ୍ତୁଳନକୁ ପ୍ରାଥମିକତା ଦିଆଯାଇଛି। ବିଭିନ୍ନ ବିଭାଗରେ ବିକଳ୍ପ ଖେଳାଳିଙ୍କୁ ଧ୍ୟାନରେ ରଖି ଆମେ ଏହି ଦଳ ଚୟନ କରିଛୁ। ରୁଷିଆ ବିପକ୍ଷରେ ଆମକୁ ଏକାଗ୍ରତାର ସହିତ ଖେଳିବାକୁ ପଡ଼ିବ ବୋଲି ସେ ପ୍ରକାଶ କରିଛନ୍ତି।



### ରିଦିମ ଗୁରୁତ୍ୱପୂର୍ଣ୍ଣ

ଅଲିମ୍ପିକ୍ କ୍ୱାଲିଫାୟର୍ସ ପୂର୍ବରୁ ପ୍ରସ୍ତୁତି ପାଇଁ ଇଂଲଣ୍ଡ ଟୁର୍‌ରେ ଯାଇଥିବା ମହିଳା ଦଳ ଚମତ୍କାର ପ୍ରଦର୍ଶନ କରିଛି। ତେଣୁ ଆମେ ଦଳ ଅପରିବର୍ତ୍ତିତ ରଖିବାକୁ ନିଷ୍ପତ୍ତି ନେଇଛୁ। ଅଭିଜ୍ଞ ଓ ଯୁବ ଖେଳାଳିଙ୍କୁ ନେଇ ଦଳ ବେଶ୍ ସନ୍ତୁଳିତ। ଇଂଲଣ୍ଡ ଟୁର୍‌ରେ ଭଲ ପ୍ରଦର୍ଶନ ହୋଇଥିବାରୁ ସେହି ରିଦିମକୁ ବଜାୟ ରଖିବା ଉପରେ ଗୁରୁତ୍ୱ ଦିଆଯାଇଛି। ଆମେରିକା ଏକ ଭଲ ଦଳ। ତେଣୁ ଆମେ ଏହି ଦଳକୁ ଭେଟିବା ପୂର୍ବରୁ କୌଣସି ତ୍ରୁଟି କରିବାକୁ ଚାହୁଁନାହୁଁ ବୋଲି ମାରିଜନେ ପ୍ରକାଶ କରିଛନ୍ତି।



### ଓଡ଼ିଶା ଖେଳାଳି ଅବିଚ୍ଛେଦ୍ୟ ଅଙ୍ଗ

ଭାରତୀୟ ମହିଳା ଦଳରେ ସ୍ଥାନ ପାଇଥିବା ଓଡ଼ିଶା ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରି ଆସିଛନ୍ତି। ଆମେ କୌଣସି ବ୍ୟକ୍ତିଗତ ନୁହେଁ ଦଳଗତ ଭାବେ ଭଲ ଖେଳି ଆସୁଛୁ। ପ୍ରଦର୍ଶନ ଦୃଷ୍ଟିରୁ ଓଡ଼ିଶା ଖେଳାଳିମାନେ ଏବେ ଦଳର ଅବିଚ୍ଛେଦ୍ୟ ଅଙ୍ଗ ପାଲଟି ଯାଇଛନ୍ତି। ନିକଟ ଅତୀତରେ ଆମେରିକା ଭଲ ଖେଳି ଆସୁଥିଲେ ହେଁ ଆମେ ମଧ୍ୟ ପ୍ରସ୍ତୁତ ଅଛୁ। ଆମର ଫିଟ୍‌ନେସ୍ ସ୍ତରରେ ବହୁ ଉନ୍ନତି ଆସିଛି। ଆମେ ଏବେ ବିଶ୍ୱର ଯେ କୌଣସି ଦଳକୁ ହରାଇବାର କ୍ଷମତା ରଖିଛୁ। ତେଣୁ ଆମେରିକା କିପରି ଖେଳିବ ତା’ ଉପରେ ଗୁରୁତ୍ୱ ନ ଦେଇ ଆମେ ନିଜ ଦକ୍ଷତା ଅନୁସାରେ ଖେଳି ଅଲିମ୍ପିକ୍ସ ଯୋଗ୍ୟତା ପାଇଁ ଲକ୍ଷ୍ୟ ରଖିଛୁ ବୋଲି ଅଧିନାୟିକା ରାଣୀ ପ୍ରକାଶ କରିଛନ୍ତି। ଭାରତୀୟ ମହିଳା ଦଳ ପ୍ରଥମଥର ପାଇଁ କଳିଙ୍ଗ ଷ୍ଟାଡିୟମରେ ଖେଳିବାକୁ ଯାଉଛି। ଓଡ଼ିଶା ଦର୍ଶକ ହକିକୁ ସର୍ବଦା ସମର୍ଥନ ଦେଇ ଆସିଛନ୍ତି। ବର୍ଷା କିମ୍ବା ଶୀତକୁ ଏମାନେ ଖାତିର ନ କରି ଦଳକୁ ଉତ୍ସାହିତ କରିଛନ୍ତି। ତେଣୁ ଆମେ ମଧ୍ୟ ଏହି ଷ୍ଟାଡିୟମରେ ମ୍ୟାଚ ଖେଳିବାକୁ ବ୍ୟଗ୍ର। ଦର୍ଶକଙ୍କ ଭରପୂର ଉପସ୍ଥିତି ନିଶ୍ଚିତ ଆମକୁ ଅଧିକ ଉତ୍ସାହ ପ୍ରଦାନ କରିବ ବୋଲି ରାଣୀ କହିଛନ୍ତି।



### ରୁଷିଆକୁ ହାଲ୍‌କା ନେଉନାହୁଁ

ର୍ୟାଙ୍କିଂରେ ଭାରତ ତୁଳନାରେ ରୁଷିଆ ବହୁ ପଛରେ ଥିଲେ ହେଁ ଏହି ଦଳକୁ କୌଣସି ପରିସ୍ଥିତିରେ ହାଲ୍‌କା ଭାବେ ନେଇ ହେବନି। କାରଣ ଆମକୁ ମନେ ରଖିବାକୁ ହେବ ଯେ ଏହି ଦଳ ମଧ୍ୟ ଅଲିମ୍ପିକ୍ସ କ୍ୱାଲିଫାୟର୍ସ ଖେଳିବାକୁ ଆସିଛି। ଦଳର ପ୍ରସ୍ତୁତି ମଧ୍ୟ ସେହି ଅନୁସାରେ ହୋଇଥିବ ନିଶ୍ଚିତ। ଆମେ ପ୍ରତିପକ୍ଷ ଦଳକୁ ସମ୍ମାନ ଜଣାଇ ନିଜ ଦକ୍ଷତା ଅନୁସାରେ ଖେଳିବୁ ଏବଂ ଯୋଗ୍ୟତା ହାସଲ କରିବାକୁ ଚେଷ୍ଟା କରିବୁ ବୋଲି ଅଧିନାୟକ ମନପ୍ରୀତ ପ୍ରକାଶ କରିଛନ୍ତି।



#### ପୁରୁଷ ହକି ଦଳ

ପି.ଆର. ଶ୍ରୀଜେଶ, କ୍ରିଷ୍ଣନ ବାହାଦୁର ପାଠକ, ହରମନପ୍ରୀତ ସିଂ, ବରୁଣ କୁମାର, ସୁରେନ୍ଦର କୁମାର, ଗୁରିନ୍ଦର ସିଂ, ରୂପିନ୍ଦର ପାଲ୍ ସିଂ, ଅମିତ ରୋହିଦାସ, ମନପ୍ରୀତ ସିଂ(ଅଧିନାୟକ), ନୀଳକାନ୍ତ ଶର୍ମା, ହାର୍ଦ୍ଦିକ ସିଂ, ବିବେକ ସାଗର ପ୍ରସାଦ, ଲଳିତ କୁମାର ଉପାଧ୍ୟାୟ, ଏସ.ଭି. ସୁନୀଲ(ଉପ–ଅଧିନାୟକ), ମନଦୀପ ସିଂ, ଆକାଶଦୀପ ସିଂ, ରମଣଦୀପ ସିଂ, ସିମରନଜିତ ସିଂ।

#### ମହିଳା ହକି ଦଳ

ସବିତା(ଉପ–ଅଧିନାୟିକା), ରଜଜନୀ ଏଟିମାରପୁ, ଦୀପ୍ ଗ୍ରେସ୍ ଏକ୍କା, ଗୁରଜିତ କୌର, ରୀନା ଖୋଖର, ସାଲିମା ଟେଟେ, ସୁଶିଲା ଚାନୁ ପୁଖରାମବାମ, ନିକ୍କି ପ୍ରଧାନ, ମୋନିକା, ନେହା ଗୋୟଲ, ଲିଲିମା ମିଞ୍ଜ, ନମିତା ଟପ୍ପୋ, ରାଣୀ ରାମପାଲ (ଅଧିନାୟିକା), ବନ୍ଦନା କାଟରିୟା, ନଭନୀତ କୌର, ଲାଲରେମସିଆମି, ନଭଜୋତ କୌର, ଶର୍ମିଳା ଦେବୀ।

## ବାଦ୍ ପଡ଼ିଲେ ବୀରେନ୍ଦ୍ର

ଭୁବନେଶ୍ୱର, ୧୮।୧୦
(କ୍ରୀଡ଼ା ପ୍ରତିନିଧି)

ଏଫଆଇଏଚ୍ ଅଲିମ୍ପିକ୍ କ୍ୱାଲିଫାୟର୍ସ ପାଇଁ ଶୁକ୍ରବାର ଘୋଷିତ ଦଳରୁ ଅଭିଜ୍ଞ ଡିଫେଣ୍ଡର ବୀରେନ୍ଦ୍ର ଲାକ୍ରା ବାଦ୍ ପଡ଼ିଛନ୍ତି। ଏହା ଓଡ଼ିଶା କ୍ରୀଡ଼ାପ୍ରେମୀଙ୍କୁ ନିରାଶ କରିଛି। ମ୍ୟାଚ କଳିଙ୍ଗ ଷ୍ଟାଡିୟମରେ ହେବାକୁଥିବାବେଳେ ଅଭିଜ୍ଞ ବୀରେନ୍ଦ୍ର ଦଳରେ ସ୍ଥାନ ନ ପାଇବାକୁ ନେଇ ବିଭିନ୍ନ ଆଲୋଚନା ହେଉଛି। ଗତ କିଛିବର୍ଷ ଧରି ବୀରେନ୍ଦ୍ର ଭାରତୀୟ ଦଳର ନିୟମିତ ସଦସ୍ୟ ରହି ଆସିଥିଲେ। ବେଲ୍‌ଜିୟମ



ଟୁର୍‌ରେ ୫ଟି ଯାକ ମ୍ୟାଚ ଜିତିଥିବା ଭାରତୀୟ ଦଳ ପକ୍ଷରୁ ମଧ୍ୟ ସେ ଖେଳିଥିଲେ। ତେବେ ସମ୍ଭବତଃ ତାଙ୍କ ପ୍ରଦର୍ଶନ ମୁଖ୍ୟ କୋଚ୍ ଗ୍ରାହାମ୍ ରିଡ୍‌ଙ୍କୁ ପ୍ରଭାବିତ କରିପାରି ନାହିଁ। ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରିଡ୍ ଏ ସମ୍ପର୍କରେ ବିଶେଷ କିଛି ସ୍ପଷ୍ଟ କରି ନ ଥିଲେ ହେଁ ଦଳୀୟ ସନ୍ତୁଳନକୁ ଗୁରୁତ୍ୱ ଦିଆ ଯାଇଛି ଏବଂ ବିଭିନ୍ନ ଆଲୋଚନା ପର୍ଯ୍ୟାଲୋଚନା ପରେ ୧୮ ଜଣିଆ ଦଳ ଚୟନ ହୋଇଛି ବୋଲି ପ୍ରକାଶ କରିଛନ୍ତି। ବେଲଜିୟମ ଟୁର୍‌ରେ ପ୍ରଦର୍ଶନ ଭିତ୍ତିରେ ଖେଳାଳି ମନୋନୟନ କରାଯାଇଛି ଏବଂ ପେନାଲ୍ଟି କର୍ନରକୁ ମଧ୍ୟ ଧ୍ୟାନରେ ରଖା ଯାଇଛି ବୋଲି ସେ କହିଛନ୍ତି। ଦଳକୁ ଡ୍ରାଗ୍ ଫ୍ଲିକର ରୂପିନ୍ଦର ପାଲ୍ ସିଂଙ୍କ ପ୍ରତ୍ୟାବର୍ତ୍ତନ, ଯୁବ ଖେଳାଳିଙ୍କ ଉତ୍ସାହୀ ପ୍ରଦର୍ଶନର ପ୍ରଭାବ ମଧ୍ୟ ଦଳ ଚୟନ ଉପରେ ପଡ଼ିଛି ବୋଲି ଆଲୋଚନା ହେଉଛି। ୨୦୧୪ ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ, ୨୦୧୫ରେ ରାୟପୁରରେ ଅନୁଷ୍ଠିତ ହକି ୱାର୍ଲ୍ଡ ଲିଗ୍‌ରେ ବ୍ରୋଞ୍ଜ, ୨୦୧୭ରେ ଭୁବନେଶ୍ୱରରେ ଅନୁଷ୍ଠିତ ହକି ୱାର୍ଲ୍ଡ ଲିଗ୍ ଫାଇନାଲରେ ବ୍ରୋଞ୍ଜ, ୨୦୧୨ରେ ଦୋହାରେ ଆୟୋଜିତ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ରୌପ୍ୟ, ୨୦୧୬ରେ କ୍ୱାଣ୍ଟାନରେ ଅନୁଷ୍ଠିତ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ସ୍ୱର୍ଣ୍ଣ, ୨୦୧୮ରେ ବ୍ରେଡାରେ ଅନୁଷ୍ଠିତ ଚାମ୍ପିୟନ୍ସ ଟ୍ରଫିରେ ରୌପ୍ୟ, ୨୦୧୩ରେ ଇପୋରେ ଅନୁଷ୍ଠିତ ଏସିଆ କପ୍‌ରେ ରୌପ୍ୟ, ୨୦୧୪ ଇଞ୍ଚିଅନ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ଏବଂ ୨୦୧୮ରେ ଜାକର୍ତ୍ତାରେ ଅନୁଷ୍ଠିତ ଏସିଆନ ଗେମ୍ସରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ଦଳର ସେ ସଦସ୍ୟ ଥିଲେ। ଘରୋଇ ପରିବେଶରେ ସେ ହକି ବିଶ୍ୱକପ ମଧ୍ୟ ଖେଳିଥିଲେ।

## ପୂର୍ବତନ ଦକ୍ଷିଣ ଆଫ୍ରିକା ବ୍ୟାଟ୍ସମ୍ୟାନଙ୍କୁ ୫ ବର୍ଷ ଜେଲ୍

**ଜୋହାନ୍ସବର୍ଗ, ୧୮।୧୦ (ଏଏଫପି)**

ଦୁର୍ନୀତି ଅଭିଯୋଗରେ ଦକ୍ଷିଣ ଆଫ୍ରିକାର ଜଣେ ପୂର୍ବତନ ବ୍ୟାଟ୍ସମ୍ୟାନ ଗୁଲାମ ବୋଦିଙ୍କୁ ୫ବର୍ଷ ଜେଲ୍ ଦଣ୍ଡ ହୋଇଛି। ବୋଦି ନିଜ ଦେଶ ତରଫରୁ ମାତ୍ର ୩ଟି ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ଖେଳିଛନ୍ତି। ତାଙ୍କ ବିରୋଧରେ ହୋଇଥିବା ୮ଟି ଦୁର୍ନୀତି ଅଭିଯୋଗରେ ସେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ୨୦୧୫ରେ ଏକ ଘରୋଇ ଟି୨୦ ପ୍ରତିଯୋଗିତାରେ ମ୍ୟାଚଗୁଡ଼ିକୁ ସେ ପ୍ରଭାବିତ ଅବା ଫିକ୍ସ କରିବାକୁ ଚେଷ୍ଟା କରିଥିଲେ। ଏଥିପାଇଁ ଦକ୍ଷିଣ ଆଫ୍ରିକା କ୍ରିକେଟ (ସିଏସ୍‌ଏ) ଏହି ବ୍ୟାଟ୍ସମ୍ୟାନଙ୍କୁ ୨୦ ବର୍ଷ ବାସନ୍ଦ କରିସାରିଛି। ସିଏସଏ କହିବା ଅନୁସାରେ ବୋଦିଙ୍କ ଯୋଜନା କାର୍ଯ୍ୟକାରୀ ହୋଇପାରି ନ ଥିଲା। ସେ ଗତବର୍ଷ ପୋଲିସ୍ ନିକଟରେ ସମର୍ପଣ କରିଥିଲେ। ପରେ ପ୍ରିଟୋରିଆର ଏକ କମର୍ସିଆଲ କୋର୍ଟ ତାଙ୍କୁ ଦଣ୍ଡବିଧାନ କରିଛି। ବୋଦି କିନ୍ତୁ ତାଙ୍କୁ କରାଯାଇଥିବା ଦଣ୍ଡବିଧାନ ବିରୋଧରେ କୋର୍ଟରେ ଅପିଲ କରିବେ। ୩,୦୦୦ ର୍ୟାଣ୍ଡ୍ (୨୦୨ ଆମେରିକୀୟ ଡଲାର/୧୮୨ ୟୁରୋ) ବ୍ୟକ୍ତିଗତ ମୁଚାଲିକାରେ ଜାମିନ ମିଆଦକୁ ବୃଦ୍ଧି କରିବେ।

**ଜୁନିୟର ଏସିଆନ ଚାମ୍ପିୟନଶିପ୍**

## ଭାରତକୁ ୬ ସ୍ୱର୍ଣ୍ଣ ସମେତ ୨୧ ପଦକ

**ନୂଆଦିଲ୍ଲୀ,୧୮।୧୦(ପି.ଟି.):** ଏସିଆନ୍ ଜୁନିୟର ଚାମ୍ପିୟନଶିପ୍‌ରେ ଭାରତୀୟ ବକ୍ସରମାନେ ୬ ସ୍ୱର୍ଣ୍ଣ ସହ ମୋଟ ୨୧ ପଦକ ଜିତିଛନ୍ତି। ଏଥିରେ ୯ ରୌପ୍ୟ ଓ ୬ ବ୍ରୋଞ୍ଜ ପଦକ ରହିଛି। ଭାରତୀୟ ପୁରୁଷ ଦଳ ୨ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ସମାନ ସଂଖ୍ୟକ ବ୍ରୋଞ୍ଜ ପଦକ ହାସଲ କରିଥିବାବେଳେ ମହିଳାମାନେ ୪ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୩ ବ୍ରୋଞ୍ଜ ପଦକ ଜିତିଛନ୍ତି। ସ୍ୱର୍ଣ୍ଣ ଜିତିଥିବା ଭାରତୀୟ ବକ୍ସରଙ୍କ ମଧ୍ୟରେ ବିଶ୍ୱନାଥ ସୁରେଶ (୪୬କେଜି), ବିଶ୍ୱମିତ୍ର ଚୋଙ୍ଗଥାମ (୪୮କେଜି), କଲପନା (୪୬ କେଜି), ପ୍ରୀତି ଡାହିୟା (୬୦ କେଜି), ତାଂଶବୀର କୌର ସାନ୍ଧୁ (୮୦କେଜି) ଓ ଅଲଫିୟା ତାରାନୁମ ପଠାନ (+୮୦କେଜି) ରହିଛନ୍ତି। ଏହି ପ୍ରତିଯୋଗିତାରେ ୨୬ ଦେଶର ବକ୍ସରମାନେ ଅଂଶଗ୍ରହଣ କରିଥିଲେ। ୨୦୦୩ ଓ ୨୦୦୪ରେ ଜନ୍ମିତ ୬୯ ବାଳିକା ଓ ୧୭୦ ବାଳକ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଭାରତୀୟ ଦଳଠାରୁ ଗୋଟିଏ କମ୍ ପଦକ ଜିତିଥିଲେ ମଧ୍ୟ ଉଜବେକିସ୍ତାନ ୮ସ୍ୱର୍ଣ୍ଣ ଯୋଗୁ ପଦକ ତାଲିକା ଶୀର୍ଷରେ ରହି ଅଭିଯାନ ଶେଷ କରିଛି।

## ଭାରତ-ବ୍ରିଟେନ ଫାଇନାଲ ମୁକାବିଲା

**ସୁଲତାନ ଜୋହର କପ୍ ହକି**

**ଜୋହର ବାହରୁ(ମାଲେସିଆ), ୧୮।୧୦**

ଏଠାରେ ଚାଲିଥିବା ସୁଲତାନ ଜୋହର କପ୍ ଜୁନିୟର ହକି ଟୁର୍ନାମେଣ୍ଟର ଶୁକ୍ରବାର ଅନୁଷ୍ଠିତ ଭାରତ–ଗ୍ରେଟ୍ ବ୍ରିଟେନ ମ୍ୟାଚ ୩–୩ ଗୋଲରେ ଡ୍ର ରହିଛି। ଫଳରେ ଉଭୟ ଦଳ ମଧ୍ୟରେ ଶନିବାର ଫାଇନାଲ ମୁକାବିଲା ହେବ। ପୂର୍ବରୁ ଫାଇନାଲରେ ପ୍ରବେଶ କରିସାରିଥିବା ଭାରତ ସଫଳ ପ୍ରତ୍ୟାବର୍ତ୍ତନ ସହ ଏହି ମ୍ୟାଚରେ ଭଲ ଅଭ୍ୟାସ କରିପାରିଛି। ଭାରତ ପକ୍ଷରୁ ଓଡ଼ିଆ ଖେଳାଳି ଶୀଳାନନ୍ଦ ଲାକ୍ରା, ମନଦୀପ ମୋର ଓ ଶାରଦାନନ୍ଦ ତିୱାରୀ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।

ପ୍ରଥମ କ୍ୱାର୍ଟରେ ଖେଳ ଭାରତ ନିୟନ୍ତ୍ରଣରେ ରହିଥିଲା। ଖେଳାଳିମାନେ ଏକାଧିକ ସୁଯୋଗ ସୃଷ୍ଟି କରିଥିଲେ ହେଁ ଫିନିଶିଂ ଅଭାବରୁ ଗୋଲ ହୋଇପାରି ନ ଥିଲା। ୧୧ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ଦୀନଚନ୍ଦ୍ର ସିଂ ଗୋଲରେ ପରିଣତ କରିପାରି ନ ଥିଲେ। ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ମଧ୍ୟ ଭାରତୀୟ ଖେଳାଳିମାନେ ପ୍ରଭାବୀ ରହିଥିଲେ।



ଭାରତ ଓ ଗ୍ରେଟ୍ ବ୍ରିଟେନ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

ଗୁରସାହିବଜିତ ସିଂ, ସୁଦୀପ ଚିରମାକୋ ଗୋଲ ଦେବାକୁ ଉଦ୍ୟମ କରିଥିଲେ ହେଁ ବିଫଳ ହୋଇଥିଲେ। ପେନାଲ୍ଟି କର୍ନରରୁ ସଞ୍ଜୟଙ୍କ ଡ୍ରାଗ୍‌ଫ୍ଲିକ୍ ୱାଇଡ ହୋଇଯାଇଥିଲା। ୨୭ତମ ମିନିଟରେ ବ୍ରିଟେନକୁ ପ୍ରଥମ ପେନାଲ୍ଟି କର୍ନର ମିଳିଥିଲା। ଲୋନ୍ ୱାଲ୍ସ ଡ୍ରାଗଫ୍ଲିକ୍ ଜରିଆରେ ଏହାକୁ ଗୋଲରେ ପରିଣତ କରି ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଦଳକୁ ଅଗ୍ରଣୀ କରାଇଥିଲେ।

ତୃତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୩୩ତମ ମିନିଟରେ ଆଣ୍ଡ୍ରୁ ମ୍ୟାକକୋନେଲଙ୍କ ଗୋଲ ବଳରେ ବ୍ରିଟେନ ଏହାର ଗୋଲ ବ୍ୟବଧାନକୁ ୨–୦ରେ ପହଞ୍ଚାଇଥିଲା। ୪ର୍ଥ କ୍ୱାର୍ଟରରେ ଭାରତ ଭିନ୍ନ ଧରଣର ଖେଳ ଦେଖାଇଥିଲା। ଗୋଲ ପରିଶୋଧ ପାଇଁ ବ୍ୟଗ୍ର ଥିବା ଖେଳାଳିମାନେ ଏଥର କିନ୍ତୁ ସୁଯୋଗକୁ ହାତଛଡ଼ା କରି ନ ଥିଲେ। ୪୮ତମ ମିନିଟରେ ସର୍କଲ ଭିତରେ ପାଇଥିବା ପାସ୍‌କୁ ଶୀଳାନନ୍ଦ ଗୋଲରେ ପରିଣତ କରି ଗୋଲ ବ୍ୟବଧାନକୁ ହ୍ରାସ କରାଇଥିଲେ। ଏହାର ୩ ମିନିଟ ପରେ ମନଦୀପ ମୋର ଗୋଟିଏ ଗୋଲ ଦେଇ ମ୍ୟାଚକୁ ୨–୨ରେ ପହଞ୍ଚାଇ ଦେଇଥିଲେ। ଫାଇନାଲରେ ପ୍ରବେଶ ପାଇଁ ବ୍ରିଟେନ ଅତିକମ୍‌ରେ ମ୍ୟାଚକୁ ଡ୍ର ରଖିବା ଆବଶ୍ୟକ ହେଉଥିଲା। ମାତ୍ର ଭାରତ ସହଜରେ ଛାଡ଼ିବାକୁ ପ୍ରସ୍ତୁତ ନ ଥିଲା। ୫୭ତମ ମିନିଟରେ ଭାରତକୁ ମିଳିଥିବା ପେନାଲ୍ଟି କର୍ନରକୁ ଶାରଦାନନ୍ଦ ଗୋଲରେ ପରିଣତ କରି ବ୍ରିଟେନ ଉପରେ ଚାପ ପ୍ରୟୋଗ କରିଥିଲେ। ଭାଗ୍ୟଦେବୀ ବ୍ରିଟେନକୁ ସହାୟକ ହୋଇଥିଲେ। ୫୯ତମ ମିନିଟରେ ଦଳକୁ ମିଳିଥିବା ପେନାଲ୍ଟି କର୍ନରକୁ ମାଥ୍ୟୁ ରେନ୍‌ଶ ଗୋଲରେ ପରିଣତ କରିବାରୁ ମ୍ୟାଚ ଅମୀମାଂସିତଭାବେ ଶେଷ ହୋଇଥିଲା।

## ରାଜ୍ୟ ପୋଲିସ କବାଡ଼ି, ହ୍ୟାଣ୍ଡ୍‌ବଲ ଉଦ୍‌ଘାଟିତ

**କଟକ ଅଫିସ, ୧୮।୧୦**

୭୬ତମ ରାଜ୍ୟ ପୋଲିସ କବାଡ଼ି ଓ ୮ମ ହ୍ୟାଣ୍ଡ୍‌ବଲ ପ୍ରତିଯୋଗିତା–୨୦୧୯ ଶୁକ୍ରବାର ୬ଷ୍ଠ ସ୍ୱତନ୍ତ୍ର ବାଟାଲିୟନ ପରିସରରେ ଆରମ୍ଭ ହୋଇଯାଇଛି। ଅତିରିକ୍ତ ପୋଲିସ ଡିଜି ବିନୟତୋଷ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ। ଏଥିରେ ବିଭିନ୍ନ ପୋଲିସ ଜିଲା ଓ ପ୍ରତିଷ୍ଠାନଗୁଡ଼ିକରୁ ୨୫ଟି କବାଡ଼ି ଦଳ ଓ ୧୦ଟି ହ୍ୟାଣ୍ଡ୍‌ବଲ ଦଳର ୫୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ୮ଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାର ଖେଳ ସମସ୍ତ ଲିଗ୍ ଓ ନକ୍–ଆଉଟ ଭିତ୍ତିରେ ଖେଳାଯିବ। ପ୍ରତିଯୋଗିତାର ସମସ୍ତ କ୍ୱାର୍ଟର





ରାଜ୍ୟ ପୋଲିସ କବାଡ଼ି, ହ୍ୟାଣ୍ଡ୍‌ବଲର ଉଦ୍‌ଘାଟନୀ ଉତ୍ସବ।

ଫାଇନାଲ ଓ ସେମିଫାଇନାଲ ମ୍ୟାଚ ଅକ୍ଟୋବର ୨୪ରେ ଏବଂ ୨୫ ତାରିଖରେ ଫାଇନାଲ ଖେଳାଯିବ। ଉଦ୍‌ଯାପନୀ ଉତ୍ସବରେ ସ୍ୱତନ୍ତ୍ର ସଶସ୍ତ୍ର ପୋଲିସର ସ୍ୱତନ୍ତ୍ର ଡିଜି ମନୋଜ ଛାବ୍ରା ମୁଖ୍ୟଅତିଥି ଭାବେ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଶୁକ୍ରବାର ଉଦ୍‌ଘାଟନୀ ଉତ୍ସବରେ ଆୟୋଜନ କମିଟିର ଅଧ୍ୟକ୍ଷ ତଥା ଏସ୍‌ଏପିର ଆଇଜି ଯତୀନ୍ଦ୍ର କୋଏଲ, ୬ଷ୍ଠ ବାଟାଲିୟନର ଦୁର୍ଗପତି ବୈକୁଣ୍ଠ ବିହାରୀ ରାଉତ, ରାଜ୍ୟ ପୋଲିସ ମୁଖ୍ୟାଳୟର କ୍ରୀଡ଼ା ଅଧିକାରୀ ବିଭୂତି ଭୂଷଣ ମହାରଣା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



“ମୋର ବ୍ୟକ୍ତିଗତ ଜର୍ଜିଆନ କୋଚ୍ ଶାକୋ ବେଣ୍ଟିନିଡିସ୍‌ଙ୍କୁ ମୁଁ ବହିଷ୍କାର କରିଛି ବୋଲି ଯାହା ଶୁଣାଯାଉଛି ତାହା ଏକ ଗୁଜବ।
– ବଜରଙ୍ଗ ପୁନିଆ, ଭାରତର ଷ୍ଟାର ରେସ୍‌ଲର

“ମାଞ୍ଚେଷ୍ଟର ସିଟି ଯଦିଓ କ୍ରମାଗତ ତୃତୀୟ ଥର ପ୍ରିମିୟର ଲିଗ୍ ଟାଇଟଲ ଜିତିବା ଲକ୍ଷ୍ୟରେ ରହିଛି, ଆମେ କିନ୍ତୁ ଏଥର ଦୃଢ଼ ଆଶା ରଖିଛୁ।
– ଭର୍ଗିଲ ଭାନ୍ ଡିକ୍, ଲିଭରପୁଲ୍ ଟିମ୍ ଷ୍ଟାର ଡିଫେଣ୍ଡର



## ସଂକ୍ଷେପରେ

### ସିଙ୍ଗଲ୍ସ, ଡବଲ୍ସ ସେମିରେ ପ୍ରମୋଦ



ଭୁବନେଶ୍ୱର, ୧୮।୧୦ (କ୍ରୀଡ଼ା ପ୍ରତିନିଧି): ଡେନମାର୍କର କୋପେନହାଗେନ ଠାରେ ଚାଲିଥିବା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ପ୍ରମୋଦ ଭଗତ। ଶୁକ୍ରବାର ଅନୁଷ୍ଠିତ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ସେ ପେରୁର ପେଡ୍ରୋ ପାବ୍‌ଲୋ ଡେଭିନାଟିଙ୍କୁ ୨୧-୧୧, ୨୨-୨୦ ପଏଣ୍ଟରେ ପରାସ୍ତ କରିଛନ୍ତି। ସେହିପରି ଭାରତର ମନୋଜ ସରକାରଙ୍କୁ ସାଥିକରି ଖେଳି ଆସୁଥିବା ପ୍ରମୋଦ ଡବଲ୍ସ କ୍ୱାର୍ଟର ଫାଇନାଲରେ ସ୍କଟଲାଣ୍ଡର ରିଚାର୍ଡ ୱିଲିୟମ ଲିନ୍ ଏବଂ କଲିନ ଲେସ୍‌ଲି ଯୋଡ଼ିଙ୍କୁ ୨୪-୨୨, ୨୧-୧୪ ପଏଣ୍ଟରେ ହରାଇ ସେମିରେ ପହଞ୍ଚିଛନ୍ତି। ପ୍ରମୋଦ-ମନୋଜ ସେମିଫାଇନାଲରେ ଅନ୍ୟତମ ଭାରତୀୟ ଯୋଡ଼ି ବିକ୍ରମ କୁମାର ଓ ସୁହାସ ଲି’ଙ୍କୁ ଭେଟିବେ। ସିଙ୍ଗଲ୍ସ ସେମିଫାଇନାଲରେ ନିଜ ଡବଲ୍ସ ପାର୍ଟନର ମନୋଜଙ୍କ ସହ ମୁକାବିଲା କରିବେ ଏହି ଓଡ଼ିଆ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି।

### ଗାଙ୍ଗୁଲିଙ୍କୁ ଇମ୍ରାନଙ୍କ ସହ ତୁଳନା କଲେ ଅଖତର

କରାଚୀ,୧୮।୧୦: ପୂର୍ବତନ ପାକିସ୍ତାନ ସ୍ପିଡ୍‌ଷ୍ଟାର ଶୋଏବ ଅଖତର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡର ନୂଆ ସଭାପତି ହେବାକୁ ଯାଉଥିବା ସୌରଭ ଗାଙ୍ଗୁଲିଙ୍କୁ ସମର୍ଥନ କରିଛନ୍ତି। ଏହା ଏକ ଭଲ ଖବର କହିବା ସହ ଗାଙ୍ଗୁଲିଙ୍କୁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାଁଙ୍କ ସହ ତୁଳନା କରିବାକୁ ପଛାଇ ନାହାନ୍ତି। ପ୍ରଥମତଃ ଗାଙ୍ଗୁଲି ସର୍ବଦା ନୂଆ ପ୍ରତିଭା ଉପରେ ବିଶ୍ୱାସ କରନ୍ତି। ଦ୍ୱିତୀୟଟି ହେଲା ସେମାନଙ୍କୁ ପର୍ଯ୍ୟାପ୍ତ ସୁଯୋଗ ଦିଅନ୍ତି। ଏହା ହିଁ ଇମ୍ରାନ ପାକିସ୍ତାନ ଦଳ ପାଇଁ କରିଥିଲେ। ଗାଙ୍ଗୁଲି ଅଧିନାୟକ ହେବା ପରେ ଭାରତୀୟ ଦଳର ଭାଗ୍ୟ ପରିବର୍ତ୍ତନ କରି ଦେଇଥିଲେ। ମୁଁ କଦାପି ଚିନ୍ତା କରି ନ ଥିଲି ଭାରତ ପାକିସ୍ତାନକୁ ହରାଇ ଦେବ। କିନ୍ତୁ ଗାଙ୍ଗୁଲି ସବୁ ବଦଳାଇ ଦେଲେ। ସେ ଅଧିନାୟକ ହେବା ପରେ ବୀରେନ୍ଦ୍ର ସେହ୍ୱାଗ, ଯୁବରାଜ ସିଂ, ଜାହିର ଖାଁଙ୍କ ଭଳି ବହୁ ଯୁବ ଖେଳାଳିଙ୍କୁ ଦଳକୁ ଆଣିଥିଲେ ବୋଲି ଅଖତର ନିଜ ୟୁଟ୍ୟୁବ ଚ୍ୟାନେଲରେ ଅପଲୋଡ୍ କରିଥିବା ଏକ ଭିଡିଓରେ କହିଛନ୍ତି। ୪୪ ବର୍ଷୀୟ ଅଖତର ଆହୁରି କହିଛନ୍ତି, ଗାଙ୍ଗୁଲିଙ୍କ କ୍ରିକେଟ ସମ୍ପର୍କିତ ଜ୍ଞାନ ରହିଛି। ସେ ଟ୍ୟାଲେଣ୍ଟ ଯୁବ ଖେଳାଳିଙ୍କ ଉପରେ ନଜର ରଖନ୍ତି, ଯାହାକି ଭାରତୀୟ କ୍ରିକେଟ ଦଳର ଉନ୍ନତି କରିବ। ଗାଙ୍ଗୁଲିଙ୍କ ସହ କୋଲକାତା ନାଇଟ ରାଇଡର୍ସ ପାଇଁ ଖେଳୁଥିବାବେଳର କିଛି ଭଲ ସ୍ମୃତି ରହିଛି।

## ଆଜିଠାରୁ ଅନ୍ତିମ ଟେଷ୍ଟ

# କ୍ଲିନ୍ ସୁଇପ୍ ଲକ୍ଷ୍ୟରେ ଭାରତ

ରାଞ୍ଚି,୧୮।୧୦(ପି.ଟି.)

ସ୍ଥାନୀୟ ଝାଡଖଣ୍ଡ ଷ୍ଟେଟ୍ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଶନିବାରଠାରୁ ଭାରତ ଓ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ମଧ୍ୟରେ ତୃତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ ଆୟୋଜନ ହେବାକୁ ଯାଉଛି। ପ୍ରଥମ ଦୁଇଟି ମ୍ୟାଚ୍ ଜିତି ଭାରତ ୨-୦ରେ ଅଗ୍ରଣୀ ହେବା ସହ ଆଗୁଆ ସିରିଜ ହାତେଇ ନେଇଛି। ତେବେ ଅନ୍ତିମ ମ୍ୟାଚ୍ ଜିତି ଭାରତ ୩-୦ରେ ସିରିଜ କ୍ଲିନ୍ ସୁଇପ୍ କରିବା ଲକ୍ଷ୍ୟରେ ରହିଛି। ଏହି ସିରିଜ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ଅଂଶବିଶେଷ ହୋଇଥିବାରୁ ଭାରତ ଏହି ମ୍ୟାଚ୍‌କୁ ଆଦୌ ହାଲ୍‌କାଭାବେ ନେବ ନାହିଁ। ବିଜୟୀ ହେଲେ ଭାରତ ୪୦ ପଏଣ୍ଟ ହାସଲ କରି ତାଲିକାରେ ତା’ର ଶୀର୍ଷ ସ୍ଥାନକୁ ଆହୁରି ଦୃଢ଼ କରିବ। ଅନ୍ୟପଟେ ଅନ୍ତିମ ମ୍ୟାଚ୍ ଜିତି ଦକ୍ଷିଣ ଆଫ୍ରିକା ସାନ୍ତ୍ୱନାମୂଳକ ବିଜୟ ହାସଲ ଲକ୍ଷ୍ୟରେ ରହିଛି।

ସିରିଜରେ ଏପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକା ଦୟନୀୟ ପ୍ରଦର୍ଶନ କରିଛି। ସବୁ ବିଭାଗରେ ଭାରତ ପ୍ରଭାବ ବିସ୍ତାର କରି ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ବିଶାଖାପାଟଣାରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ଭାରତ ୨୦୩ ରନରେ ବିଜୟୀ ହୋଇଥିଲା। ସେହିପରି ପୁଣେରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟରେ ଭାରତ ଏକ ଇନିଂସ ଓ ୧୩୭ରେ ବିଜୟୀ ହୋଇଥିଲା। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ରେ ଭାରତ ୪ଟି ମ୍ୟାଚ୍ ଖେଳି ଏପର୍ଯ୍ୟନ୍ତ ୨୦୦ ପଏଣ୍ଟ ହାସଲ କରିଛି। ଅନ୍ୟପଟେ ଭାରତଠାରୁ ୧୪୦ ପଏଣ୍ଟ କମ୍ ପାଇ ନ୍ୟୁଜିଲାଣ୍ଡ ୬୦ ପଏଣ୍ଟ ସହ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି। ସମାନ ୬୦ ପଏଣ୍ଟ ପାଇଥିଲେ ମଧ୍ୟ ଶ୍ରୀଲଙ୍କା ତୃତୀୟ ସ୍ଥାନରେ ରହିଛି। ଅନ୍ତିମ ଟେଷ୍ଟକୁ ଭାରତ ବେଶ୍ ଗୁରୁତ୍ୱ ଦେଉଛି। ତେଣୁ ପୂରା ସାମର୍ଥ୍ୟ ସହ ଭାରତ ପଡିଆକୁ ଓହ୍ଲାଇବ ବୋଲି ଅଧିନାୟକ ବିରାଟ କୋହଲି କହିଛନ୍ତି। ବ୍ୟାଟିଂ ଓ ବୋଲିଂରେ ଥିବା ସାମାନ୍ୟ କେତୋଟି ତ୍ରୁଟିକୁ ଭାରତ ସୁଧାରିବା ଲକ୍ଷ୍ୟରେ ରହିଛି। ପ୍ରଥମ ଟେଷ୍ଟର ଦୁଇଟି ଇନିଂସରେ ଶତକ ହାସଲ କରିଥିବା ତାରକା ଓପନର ରୋହିତ ଶର୍ମା ଦ୍ୱିତୀୟ ଟେଷ୍ଟରେ ଅବଶ୍ୟ ସଫଳ ହୋଇ ପାରି ନ ଥିଲେ। ସେ ଏହି ମ୍ୟାଚ୍‌ରେ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଆଶା କରାଯାଉଛି। ତାଙ୍କ ସାଥୀ ଓପନର ମୟଙ୍କ ଅଗ୍ରୱାଲ ପ୍ରଥମ ଟେଷ୍ଟରେ କ୍ୟାରିୟର ପ୍ରଥମ ଶତକକୁ ଦ୍ୱିଶତକରେ ପରିଣତ କରିଥିଲେ। ଏଥି ସହିତ ଦ୍ୱିତୀୟ ଟେଷ୍ଟରେ ସେ ଆଉ ଏକ ଶତକ ଅର୍ଜନ କରିଥିଲେ। ତେବେ ଦ୍ୱିତୀୟ ଟେଷ୍ଟରେ କୋହଲି ୨୫୪ ରନର ଦ୍ୱିଶତକୀୟ ପାଳି ଖେଳି ବିଜୟରେ ମୁଖ୍ୟ ଭୂମିକାଗ୍ରହଣ କରିବା ସହ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସିରିଜରେ ଏପର୍ଯ୍ୟନ୍ତ ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା ଦୁଇଟି ଅର୍ଦ୍ଧଶତକ ଅର୍ଜନ କରିଛନ୍ତି। ଏଥର ସେ ଶତକ ହାସଲ କରିବେ ବୋଲି ଆଶା କରାଯାଉଛି। ଗତ ଦୁଇଟି ଯାକ ଟେଷ୍ଟରେ ଭାରତ ମାତ୍ର ୧୬ ଉଇକେଟ ହରାଇ ଆଧିପତ୍ୟ ଜାହିର କରିଛି। ଟସ୍ ଜିତିବା ମଧ୍ୟ ଭାରତ ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି କରିଥିଲା। ଏଥର ଭାଗ୍ୟ ସହାୟ ହେଲେ ଦକ୍ଷିଣ ଆଫ୍ରିକା ଅଧିନାୟକ ଫାଫ୍ ଡୁପ୍ଲେସି ଟସ୍ ଜିତିବେ। ଦକ୍ଷିଣ ଆଫ୍ରିକାର ଗତ ଭାରତ ଗସ୍ତରେ ସ୍ପିନରମାନେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲେ। ଏଥର କିନ୍ତୁ ଉଭୟ ଦ୍ରୁତ ବୋଲର ଓ ସ୍ପିନର ଉପଯୋଗୀ ସାବ୍ୟସ୍ତ ହୋଇଛନ୍ତି। ଦ୍ୱିତୀୟ ଟେଷ୍ଟରେ ୨୨ ରନ ଦେଇ ଦ୍ରୁତ ବୋଲର ଉମେଶ ଯାଦବ ୩ ଉଇକେଟ ଅକ୍ତିଆର କରି ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଉଇକେଟକିପର ରିଦ୍ଧିମାନ ଶାହା ମଧ୍ୟ କେତୋଟି ଦର୍ଶନୀୟ କ୍ୟାଚ୍ ନେଇଛନ୍ତି। ହନୁମା ବିହାରୀଙ୍କୁ ବସାଇ କୋହଲି ଅତିରିକ୍ତ ଦ୍ରୁତ ବୋଲର ଭାବେ ଉମେଶଙ୍କୁ ଖେଳାଇଥିଲେ। ଅନ୍ତିମ ଟେଷ୍ଟରେ କୋହଲି ଅନ୍ତିମ ଏକାଦଶ ନେଇ କି ନିଷ୍ପତ୍ତି ନେବେ ତାହା କହିବା ମୁସ୍କିଲ।



ଶୁକ୍ରବାର ନେଟ୍ସ ସେସନରେ ଚେତେଶ୍ୱର ପୂଜାରା ଓ ବିରାଟ କୋହଲିଙ୍କ କ୍ୟାଚ ପ୍ରାକ୍ଟିସ୍।

ରାଞ୍ଚିରେ ବଲ୍ ସ୍ପିନ୍ କରିବ ବୋଲି ଡୁପ୍ଲେସି କହି ସାରିଛନ୍ତି। ତେଣୁ ତୃତୀୟ ସ୍ପିନର ଭାବେ କୁଳଦୀପ ଯାଦବ ଖେଳିବା ଆଶା କରାଯାଉଥିଲା। ତେବେ କୁଳଦୀପ କାନ୍ଧରେ ଦେଖାଦେଇଥିବା ଆଘାତ ସମସ୍ୟା କାରଣରୁ ଦଳରୁ ବାଦ ପଡିଛନ୍ତି। ଫଳରେ ତାଙ୍କ ସ୍ଥାନରେ ଝାଡଖଣ୍ଡ ବାମହାତୀ ସ୍ପିନର ଶାହବାଜ ନଦିମଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଛି ଓ ସେ ଅନ୍ତିମ ଏକାଦଶରେ ସାମିଲ ହେବେ ବୋଲି ଆଶା କରାଯାଉଛି।

ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ବ୍ୟାଟ୍ସମ୍ୟାନ ଲଢେଇ କରିଥିଲେ ମଧ୍ୟ ପୁନେରେ ହାତ ଟେକିଦେଇଥିଲେ। କେବଳ ଟେଲଏଣ୍ଡର କିଛି ମାତ୍ରାରେ ସଂଘର୍ଷ କରିଥିଲେ। ଡିନ୍ ଏଲଗାର, କ୍ୱିଣ୍ଟନ ଡି କକ ଓ ଟେମ୍ବା ବଭୁମା ଭଲ ପ୍ରଦର୍ଶନ କରିବାକୁ ଡୁପ୍ଲେସି ଆହ୍ୱାନ ଦେଇଛନ୍ତି। ଇଞ୍ଜୁରି କାରଣରୁ ଓପନର ଏଡେନ ମାରାକ୍ରାମ ଦଳରୁ ବାଦ ପଡିଛନ୍ତି। ଫଳରେ ଦଳର ଚିନ୍ତା ବଢିଯାଇଛି।

କାଗିସୋ ରାବାଡ଼ା, ଭର୍ନନ ଫିଲାଣ୍ଡର ଓ ଅନରିଚ ନୋର୍ଜ ଏପର୍ଯ୍ୟନ୍ତ ପ୍ରଭାବୀ ସାବ୍ୟସ୍ତ ହୋଇ ନାହାନ୍ତି ଓ ଏହି ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି। ଅଭିଜ୍ଞ ସ୍ପିନର କେଶବ ମହାରାଜ ଦଳରୁ ବାଦ୍ ପଡିଥିବାରୁ ଭାରତୀୟ ବ୍ୟାଟ୍ସମ୍ୟାନଙ୍କୁ ଚ୍ୟାଲେଞ୍ଜ୍ ଦେବା ଦକ୍ଷିଣ ଆଫ୍ରିକା ପାଇଁ କଷ୍ଟକର ହେବ।

**ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ମୟଙ୍କ ଅଗ୍ରୱାଲ, ରୋହିତ ଶର୍ମା, ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ (ଉପ ଅଧିନାୟକ), ହନୁମା ବିହାରୀ, ରିଦ୍ଧିମାନ ଶାହା, ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା, ଶାହବାଜ ନଦିମ, ଉମେଶ ଯାଦବ, ଇଶାନ୍ତ ଶର୍ମା, ରିଷଭ ପନ୍ତ ଓ ଶୁବମନ ଗିଲ।

**ଦକ୍ଷିଣ ଆଫ୍ରିକା ଦଳ:** ଫାଫ୍ ଡୁପ୍ଲେସି (ଅଧିନାୟକ), ଟେମ୍ବା ବଭୁମା (ଉପ ଅଧିନାୟକ), ଥେଉନିସ ଡି ବ୍ରୁଇନ୍, କ୍ୱିଣ୍ଟନ ଡିକକ୍, ଡିନ ଏଲଗାର, ଜୁବେର ହମଜା, ଜର୍ଜ ଲିଣ୍ଡ, ସେନୁରାନ ମୁଥୁସାମି, ଲୁନ୍‌ଗି ଏନ୍‌ଗିଡି, ଅନରିଚ ନୋର୍ଜ, ଭର୍ନନ ଫିଲାଣ୍ଡର, ଡେନ୍ ପିଟ୍, କାଗିସୋ ରାବାଡ଼ା ଓ ରୁଡି ସେକେଣ୍ଡ।

**ମ୍ୟାଚ୍ ଆରମ୍ଭ: ସକାଳ ୯.୩୦**
**ସ୍ଥାନ: ରାଞ୍ଚି, ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**

### ଇଂଲଣ୍ଡର ସ୍ପିନ ବୋଲିଂ ପରାମର୍ଶଦାତା ଜିତନ ପଟେଲ

ଲଣ୍ଡନ,୧୮।୧୦

ପୂର୍ବତନ ନ୍ୟୁଜିଲାଣ୍ଡ କ୍ରିକେଟର ଜିତନ ପଟେଲ ଇଂଲଣ୍ଡ ଜାତୀୟ ଦଳର ସ୍ପିନ ବୋଲିଂ ପରାମର୍ଶଦାତା ପଦରେ ନିଯୁକ୍ତ ହୋଇଛନ୍ତି। ଆଗାମୀ ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ ସିରିଜ୍ ଲାଗି ତାଙ୍କୁ ଦାୟିତ୍ୱ ଦିଆଯାଇଛି। ସେ ସାକଲିନ ମୁସ୍ତାକଙ୍କ ସ୍ଥାନ ନେବାକୁ ଯାଉଛନ୍ତି। ପୂର୍ବତନ ପାକିସ୍ତାନ ସ୍ପିନର ମୁସ୍ତାକଙ୍କ ଚୁକ୍ତିର ସମୟ ସୀମାରେ ବୃଦ୍ଧି କରାଯାଇ ନାହିଁ। ଏଣୁ ପଟେଲ ଇଂଲଣ୍ଡର ନିୟମିତ ସହାୟକ କୋଚ୍ ପଦରେ ଥିବା ପଲ କଲିଙ୍ଗଉଡ୍ ଓ ମୁଖ୍ୟକୋଚ୍ କ୍ରିସ୍ ସିଲଭରଉଡଙ୍କ ସହ କାର୍ଯ୍ୟ କରିବେ। ସେ ନ୍ୟୁଜିଲାଣ୍ଡ ପାଇଁ ୨୪ ଟେଷ୍ଟ ଓ ୪୩ ଦିନିକିଆ ଖେଳିଛନ୍ତି।

**ଜନ୍ମଦିନ ଶୁଭେଚ୍ଛା**



**କରମ୍‌ଜିତ୍ ଯଶରାଜ ବିହାରୀ (ଢୁଗ୍ଗୁ)**
ଗ୍ରାମ: ବରିମୁଣ୍ଡେଇ, ପୋ: ବଗଲ ବାହାରାଣା, ଥାନା: ନିଆଳି, ଜିଲ୍ଲା: କଟକ
ତୋର ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଚଲାପଥ କୁସୁମିତ ହେଉ।
**ଶୁଭେଚ୍ଛା ସହ**
ବାପା, ମା’, ଜେଜେବାପା, ଜେଜେମା’, ଦାଦା, ଖୁଡ଼ୀ, ଢୁଗ୍ଗୁ, ସ୍ନେହା।
ଧ-୧୪୭୩୪

### ମହିଳା ସପୋର୍ଟ ଷ୍ଟାଫ୍ ନିଯୁକ୍ତି ନେଇ ଇଦୁଲ୍‌ଜୀ, ଶାନ୍ତାଙ୍କ ଆପତ୍ତି

ନୂଆଦିଲ୍ଲୀ,୧୮।୧୦(ପି.ଟି.)

କ୍ରିକେଟ ପ୍ରଶାସକ କମିଟି (ସିଓଏ) ସଦସ୍ୟା ଡାଏନା ଇଦୁଲଜୀ ଓ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନୂଆ ଆପେକ୍ସ କାଉନ୍‌ସିଲ ସଦସ୍ୟା ଶାନ୍ତା ରଙ୍ଗାସ୍ୱାମୀ ଭାରତୀୟ ମହିଳା କ୍ରିକେଟ ଦଳର ସପୋର୍ଟ ଷ୍ଟାଫ୍ ନିଯୁକ୍ତି ନେଇ ଅସନ୍ତୋଷ ଜାହିର କରିବା ସହ ଆପତ୍ତି ଉଠାଇଛନ୍ତି। ଷ୍ଟାଫ୍‌ଙ୍କ ନିଯୁକ୍ତି ଅଣ ସାମ୍ବିଧାନିକ ବୋଲି ବୋର୍ଡ ମୁଖ୍ୟ କାର୍ଯ୍ୟନିର୍ବାହୀ (ସିଇଓ) ରାହୁଲ ଜୋହରୀଙ୍କୁ ଏହି ଦୁଇ ମହିଳା ପ୍ରଶାସିକା ଚିଠି ଲେଖି ଜଣାଇଛନ୍ତି।

କ୍ରିକେଟ ଅପରେଶନ ଜେନେରାଲ ମ୍ୟାନେଜର (ଜିଏମ୍) ସବା କରିମ ମହିଳା କ୍ରିକେଟର ଇନ୍ ଚାର୍ଜ ଅଛନ୍ତି ଓ ତାଙ୍କୁ ଏହି ନିଯୁକ୍ତି ନେଇ ଦାୟୀ କରାଯାଇଛି। ଗୋଟିଏ ଦିନ ପୂର୍ବରୁ ହେମଲତା କାଲାଙ୍କ ନେତୃତ୍ୱାଧୀନ ଚୟନ କମିଟି ସପୋର୍ଟ ଷ୍ଟାଫ୍ ନିଯୁକ୍ତି ପ୍ରକ୍ରିୟାରେ ଅଣଦେଖା ହେଉଥିବାର ଅଭିଯୋଗ ଆଣି ସିଇଓଙ୍କୁ ଚିଠି ଲେଖିଥିଲେ। ବିସିସିଆଇ ସମ୍ବିଧାନ ଅନୁସାରେ ଚୟନକର୍ତ୍ତାମାନେ ହିଁ ପୁରୁଷ ଓ ମହିଳା ଦଳ ପାଇଁ ସପୋର୍ଟ ଷ୍ଟାଫ୍ ନିଯୁକ୍ତ କରିଥାନ୍ତି। ଏହି ପ୍ରକ୍ରିୟା ପୁରୁଷ ଦଳ ସପୋର୍ଟ ଷ୍ଟାଫ୍ ନିଯୁକ୍ତି ପ୍ରକ୍ରିୟାରେ ଅନୁସରଣ କରାଯାଇଥିଲା। ମହିଳା ଦଳର ବୋଲିଂ ଓ ଫିଲ୍ଡିଂ କୋଚ୍ ନିଯୁକ୍ତିରେ ଚୟନକର୍ତ୍ତାଙ୍କୁ ଅନ୍ଧାରରେ ରଖାଯାଇଥିଲା। କେବଳ ମାତ୍ର ଭିଡିଓ ଆନାଲିଷ୍ଟ ସାକ୍ଷାତକାର ନେବାକୁ କୁହାଯାଇଥିଲା ଓ ଏହି ପ୍ରକ୍ରିୟା ଶୁକ୍ରବାର ଶେଷ ହୋଇଥିଲା। ଏହି ସମ୍ପୂର୍ଣ୍ଣ ପ୍ରକରଣରେ ନିୟମର ଉଲ୍ଲଂଘନ ହୋଇଛି ବୋଲି ଇଦୁଲଜୀ ଓ ରଙ୍ଗାସ୍ୱାମୀ କହିଛନ୍ତି। ଏନ୍‌ସିଏ ବୋଲିଂ କୋଚ୍ ନରେନ୍ଦ୍ର ହିରୱାନୀ ଓ ଟି. ଦିଲୀପ ଯଥାକ୍ରମେ ବୋଲିଂ ଓ ଫିଲ୍ଡିଂ କୋଚ୍ ହିସାବରେ ଭାରତୀୟ ଦଳ ସହ ୱେଷ୍ଟଇଣ୍ଡିଜ ଗସ୍ତ କରିବେ। ଏହି ବିବାଦରେ ସବା କରିମ୍‌ଙ୍କୁ ମୁଖ୍ୟ ବୋଲି କୁହାଯାଉଥିବା ବେଳେ ସେ କିଛି ମତାମତ ଦେଇନାହାନ୍ତି। ସିଇଓଙ୍କୁ ଇମେଲ୍ ପଠାଯାଇଥିବାରୁ ସେ ହିଁ ଏ ସଂକ୍ରାନ୍ତରେ କିଛି କହିପାରିବେ ବୋଲି କରିମ କହିଛନ୍ତି।

### ନୂଆ ଭୂମିକାରେ ଗାଙ୍ଗୁଲି ସଫଳ ହେବେ

ଗୌତମ ଗମ୍ଭୀର

ଭାରତୀୟ କ୍ରିକେଟ ଏବେ ଚମତ୍କାର ମନେ ହେଉଛି। ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଅଧ୍ୟକ୍ଷ ହେବା ଘୋଷଣା ହୋଇଛି। ଜଣେ ପୂର୍ବତନ କ୍ରିକେଟର ଏହି ପଦରେ ନିଯୁକ୍ତ ହେବା ଏକ ବଡ଼ କଥା ନିଶ୍ଚିତ। ଏହା କିପରି ସମ୍ଭବ ହେଲା ତାହା ଜାଣିନାହିଁ ଓ ଏହା ଜାଣିବାକୁ ମଧ୍ୟ ମୋର ଇଚ୍ଛା ନାହିଁ। କ୍ରିକେଟକୁ ଭଲଭାବେ ଜାଣିଥିବା ଜଣେ ବ୍ୟକ୍ତି ଭାରତୀୟ କ୍ରିକେଟ ପ୍ରଶାସନର ନେତୃତ୍ୱ ନେବା ଆନନ୍ଦର ବିଷୟ। ଦାଦା କେବଳ ଜଣେ ଭଲ ଅଧିନାୟକ କିମ୍ବା ଖେଳାଳି ନୁହନ୍ତି, ସେ ଜଣେ ଭଲ କ୍ରିକେଟ ପ୍ରଶାସକ ବୋଲି କ୍ରିକେଟ ଆସୋସିଏଶନ ଅଫ୍ ବେଙ୍ଗଲ୍ (ସିଏବି)ରେ ହୋଇଥିବା ଦୃଷ୍ଟାନ୍ତମୂଳକ ପରିବର୍ତ୍ତନରୁ ଜଣାପଡିଛି। ଦାଦାଙ୍କ ପ୍ରଶାସନିକ ଦକ୍ଷତା ଅବଶ୍ୟ ପରୀକ୍ଷାର ସମ୍ମୁଖୀନ ହେବ। ତେବେ ତାଙ୍କୁ ମୁଁ ଯେତିକି ଜାଣିଛି ସେ ନୂଆ ଭୂମିକାରେ ସଫଳ ହେବେ ବୋଲି ଜୋର ଦେଇ କହିପାରେ। ୧୦ ମାସରୁ ଊର୍ଦ୍ଧ୍ୱ ସେ ଦାୟିତ୍ୱରେ ରହିବେ ଓ କିଛି କରିଦେଖାଇବା ପାଇଁ ପ୍ରୟାସ କରିବେ ବୋଲି ଆଶା କରୁଛି।

ଦାଦାଙ୍କୁ ସମସ୍ତେ ସହଯୋଗ କରିବେ ବୋଲି ଆଶା କରୁଛି। କ୍ରିକେଟର ହିସାବରେ ତାଙ୍କୁ ଡ୍ରେସିଂ ରୁମ୍ ଓ ବୋର୍ଡରୁ ଯଥେଷ୍ଟ ସମର୍ଥନ ମିଳିଥିଲା। ସ୍ୱର୍ଗତ ଜଗମୋହନ ଡାଲମିଆଙ୍କ ସମର୍ଥନ ନ ମିଳିଥିଲେ ତାଙ୍କ ପାଇଁ କଷ୍ଟକର ପରିସ୍ଥିତି ସୃଷ୍ଟି ହୋଇଥାନ୍ତା। ଦାଦା ଓ ସେତେବେଳର ହେଡ୍ କୋଚ୍ ଜନ ରାଇଟ୍ ବୀରେନ୍ଦ୍ର ସେହ୍ୱାଗ, ଆଶିଷ ନେହେରା, ହରଭଜନ ସିଂ, ଜାହିର ଖାଁଙ୍କ ଭଳି ଖେଳାଳିଙ୍କୁ ଗଢି ତୋଳିଥିଲେ। ତାଙ୍କୁ ମଧ୍ୟ ରାହୁଲ ଦ୍ରାବିଡ୍, କୁମ୍ବଲେ, ସଚିନ ତେନ୍ଦୁଲକର ଓ ଭିଭିଏସ୍ ଲକ୍ଷ୍ମଣଙ୍କ ଭଳି ଅଭିଜ୍ଞ ଖେଳାଳିଙ୍କର ସମର୍ଥନ ମିଳିଥିଲା। ତେଣୁ ବର୍ତ୍ତମାନ ମଧ୍ୟ ତାଙ୍କୁ ଏହିପରି ସମର୍ଥନର ଆବଶ୍ୟକତା ରହିଛି। ଏଥର ଭାରତୀୟ କ୍ରିକେଟରେ ନୂଆ କିଛି ଦେଖିବାକୁ ମିଳିବ।

ଭାରତୀୟ ଦଳକୁ ନେଇ କିମ୍ବଦନ୍ତୀ କ୍ରିକେଟର ବ୍ରାଏନ ଲାରାଙ୍କ ମନ୍ତବ୍ୟ ବେଶ୍ ଆନନ୍ଦଦାୟକ। ଭାରତୀୟ ବୋଲିଂ ଏବେ ସେତେବେଳର ୱେଷ୍ଟଇଣ୍ଡିଜ ଦ୍ରୁତ ବୋଲିଂ ବିଭାଗ ଭଳି ମନେ ହେଉଥିବା କଥା ଲାରା କହିଛନ୍ତି। ତେବେ ଏହାର ଶ୍ରେୟ ଅଧିନାୟକ ବିରାଟ କୋହଲିଙ୍କୁ ଦିଆଯିବା ଉଚିତ୍। ଭାରତୀୟ ଦଳରେ ଦ୍ରୁତ ବୋଲିଂ ଏକ ଭିନ୍ନ ପ୍ରକାରର କଥା ବୋଲି କୁହାଯାଇପାରେ। ଯଶପ୍ରୀତ ବୁମ୍‌ରାଙ୍କ ବିନା ଭାରତ ଚଳିତ ଟେଷ୍ଟ ସିରିଜ ଜିତିଛି। ତେଣୁ ଭାରତୀୟ ଦ୍ରୁତ ବୋଲିଂ ବିଭାଗରେ ଦମ୍ ରହିଛି ବୋଲି କୁହାଯାଇପାରେ। ଭାରତୀୟ କ୍ରିକେଟର ଉନ୍ନତିରେ ଦ୍ରାବିଡ, ବୋଲିଂ କୋଚ୍ ଭରତ ଅରୁଣ, ଫିଲ୍ଡିଂ କୋଚ ଆର. ଶ୍ରୀଧର ଓ ପୂର୍ବତନ ବ୍ୟାଟିଂ କୋଚ୍ ସଞ୍ଜୟ ବାଙ୍ଗରଙ୍କ ଭୂମିକା ବେଶ୍ ପ୍ରଶଂସନୀୟ। ଭଲ ତଥା ଲୋଭନୀୟ ପ୍ରସ୍ତାବକୁ ପ୍ରତ୍ୟାଖାନ କରି ଦ୍ରାବିଡ୍ ଜୁନିୟର କ୍ରିକେଟରଙ୍କ ସହ କାର୍ଯ୍ୟ କରିବାକୁ ଶ୍ରେୟ ମଣିଥିଲେ। କୋହଲି ଓ ସପୋର୍ଟ ଷ୍ଟାଫ୍‌ଙ୍କ ପ୍ରୟାସ ରାଞ୍ଚି ଟେଷ୍ଟରେ ସକାରାତ୍ମକ ଫଳାଫଳ ଆଣିଦେବ ବୋଲି ଆଶା କରୁଛି।

(ଗେମ୍ ପ୍ଲାନ/ଦୀନେଶ ଚୋପ୍ରା ମିଡିଆ)




### କୃତିତ୍ୱ



ଅଙ୍କିତ ପଟ୍ଟନାୟକ



ଲକ୍ଷ୍ମୀକାନ୍ତ ସୂତାର



ରାଜନନ୍ଦନ ଦାସ



ରାଜେଶ୍ୱରୀ ସ୍ୱାଇଁ

ଭୁବନେଶ୍ୱର: ଶିକ୍ଷାବର୍ଷ (୨୦୧୮-୧୯) ସରକାରୀ ବୃତ୍ତି ପରୀକ୍ଷାରେ ବରମୁଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩ୟ ଓ ୫ମ ଶ୍ରେଣୀର ଛାତ୍ରଛାତ୍ରୀମାନେ ସମଗ୍ର ଭୁବନେଶ୍ୱର ଶିକ୍ଷାଜିଲ୍ଲାରେ ଉଲ୍ଲେଖନୀୟ ସଫଳତା ହାସଲ କରି ବିଦ୍ୟାଳୟର ଗର୍ବ ଓ ଗୌରବ ବୃଦ୍ଧି କରିଛନ୍ତି। ୩ୟ ଶ୍ରେଣୀର ଶ୍ରୀମାନ ଅଙ୍କିତ ପଟ୍ଟନାୟକ ୧୦ମ ସ୍ଥାନ ଓ ଶ୍ରୀମାନ ଲକ୍ଷ୍ମୀକାନ୍ତ ସୂତାର ୧୨ଶ ସ୍ଥାନ ଅଧିକାର କରିଛନ୍ତି। ସେହିପରି ୫ମ ଶ୍ରେଣୀର ଛାତ୍ରୀ ସୁଶ୍ରୀ ରାଜେଶ୍ୱରୀ ସ୍ୱାଇଁ ୨ୟ ସ୍ଥାନ ଓ ଶ୍ରୀମାନ ରାଜନନ୍ଦନ ଦାସ ୬ଷ୍ଠ ସ୍ଥାନ ଅଧିକାର କରିଛନ୍ତି। ଏଥିପାଇଁ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଓ ପରିଚାଳନା ସମିତି ସଂପୃକ୍ତ ଛାତ୍ରଛାତ୍ରୀ ତଥା ଅଭିଭାବକ ଓ ଆଚାର୍ଯ୍ୟ/ଆଚାର୍ଯ୍ୟାମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଧ-୧୪୮୨୮



## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ କ୍ଷୀରେଶ ଚନ୍ଦ୍ର ମହାନ୍ତି**
ପୁରୁଣା ଭୁବନେଶ୍ୱର
ଆବିର୍ଭାବ: ୨୮।୦୨।୧୯୫୪
ତିରୋଧାନ: ୦୯।୧୦।୨୦୧୯
ସମୟର ସ୍ରୋତରେ ଆପଣଙ୍କ ପାର୍ଥିବ ଶରୀର ନଥିଲେ ମଧ୍ୟ ଆପଣ ଅମର। ଆପଣ ଆମରି ଭିତରେ ପ୍ରତି ନିଃଶ୍ୱାସରେ, ବିଶ୍ୱାସରେ, ମନରେ, ହୃଦୟରେ! ମାତ୍ର ଅଦୃଶ୍ୟରେ ସର୍ବଦା ସ୍ମରଣୀୟ। ଆଜିର ଏହି ପୁଣ୍ୟ ଏକାଦଶାହ ତିଥିରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ**
ଧର୍ମପତ୍ନୀ: ତିଳୋତ୍ତମା ମହାନ୍ତି, ପୁଅ: ରାଜେଶ କୁମାର ମହାନ୍ତି, ରାକେଶ କୁମାର ମହାନ୍ତି, ପୁତ୍ରବଧୂ: ପ୍ରତିଭା ମହାନ୍ତି ଓ ସ୍ୱାଗତିକା ମହାନ୍ତି, ବନ୍ଧୁ ଓ ପରିବାରବର୍ଗ।
ଧ-୧୪୫୭୧

**ଶ୍ରଦ୍ଧାସୁମନ**
**୰ ନୀଳମଣୀ ଦେବୀ**
ସା- ୰ ଗୋବର୍ଦ୍ଧନ ଦାଶ
ଦାଣ୍ଡମୁକୁନ୍ଦପୁର, ପିପିଲି, ଜିଲ୍ଲା-ପୁରୀ
ତିରୋଧାନ- କାର୍ତ୍ତିକ କୃଷ୍ଣପକ୍ଷ ୬ଷ୍ଠୀ, ୧୯୬୨ ମସିହା
ବୋଉଲୋ ...,
ସାରା ଜୀବନ ଦୁଃଖ, ଯନ୍ତ୍ରଣା, କଷ୍ଟ, ଅଶାନ୍ତି ଭିତରେ ଆମକୁ ଦୁନିଆର ଆଲୋକ ଦେଖାଇଲୁ। ତଡେ ଟିକେ ଭଲକରି ଦେଖିବା ଆଗରୁ ଆମକୁ ଅନାଥ କର ଛାଡି ଚାଲିଗଲୁ। ପ୍ରତିଟି ମୁହୂର୍ତ୍ତ ଆମେ ତୋର ଅନୁପସ୍ଥିତି ଅନୁଭବ କରିଛୁ। ତୋରି ସ୍ନେହ ଆଦର୍ଶ, ଆଶୀର୍ବାଦ ଓ ପଣତକାନିର ଆଶ୍ରା ଅଦୃଶ୍ୟରେ ଆମ ଜୀବନରେ ବଞ୍ଚିବାର ପାଥେୟ, ପ୍ରେରଣା ଓ ଆଲୋକବର୍ତ୍ତିକା। ତୋ ଋଣ ଏ ଜନ୍ମରେ ସୁଝିବାର ସୁଯୋଗ ମିଳିଲାନି। ଅନ୍ତରର କୋହ ଓ ଆଖିର ଲୁହ, ତୋରି ଉଦ୍ଦେଶ୍ୟରେ ଅର୍ପଣ କଲୁ। ସାରା ଜୀବନ ସେମିତି ଆମକୁ ତୋ ପଣତକାନି ତଳେ ରଖିଥା।
ଅମର ଆତ୍ମା ଉଦ୍ଦେଶ୍ୟରେ ଅଶ୍ରୁପୂତ ଶ୍ରଦ୍ଧାଞ୍ଜଳୀ। ତୋର ଅଳିଅଳ, ହତଭାଗ୍ୟ- ସନ୍ତାନ, ସନ୍ତତି।
ଧ-୬୮୧୩୭

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ହୃଦାନନ୍ଦ ରାଉତ**
ରଘୁନାଥପୁର, ବାରଙ୍ଗ, ନନ୍ଦନକାନନ, ଭୁବନେଶ୍ୱର
ଆବିର୍ଭାବ: ୧୫।୦୬।୧୯୪୬
ତିରୋଧାନ: ୦୯।୧୦।୨୦୧୯
ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କ ଅମରାତ୍ମାର ସଦ୍‌ଗତି କାମନା କରୁଛୁ। ପରିବାର ଓ ଆତ୍ମୀୟସ୍ୱଜନଙ୍କ ପ୍ରତି ଆପଣଙ୍କର ତ୍ୟାଗ ଓ ଦିଗ୍‌ଦର୍ଶନ ପାଇଁ ଆପଣ ଆମ୍ଭମାନଙ୍କ ନିକଟରେ ଚିରସ୍ମରଣୀୟ ରହିବେ।
**ଶୋକସନ୍ତପ୍ତ:**
ପରିବାର ଓ ବନ୍ଧୁବର୍ଗ।
ଧ-୧୪୫୨୪

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ ପଦ୍ମନାଭ ସାହୁ**
ସିଲନ୍ଦି, ବସନ୍ତିଆ, ଭଦ୍ରକ
ଆବିର୍ଭାବ: ୧୮।୦୮।୧୯୪୮
ତିରୋଧାନ: ୦୯।୧୦।୨୦୧୯
ବାପା, ତୁମର ଅଭୁଲା ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଆମ୍ଭମାନଙ୍କର ପାଥେୟ ହେଉ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ଓ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
**ଆପଣଙ୍କ ଶୋକସନ୍ତପ୍ତ ପରିବାରବର୍ଗ:**
ପୁତ୍ର ଓ ପୁତ୍ରବଧୂ: ବନମାଳୀ-ରୀନା, ରବୀନ୍ଦ୍ର-ମଞ୍ଜୁଲତା, ବିଷ୍ଣୁମୋହନ-ତୁଳସୀ, ଅକ୍ଷୟ-ମାନସୀ, ମାନସ, ସନ୍ତୋଷ, ସତ୍ୟବ୍ରତ ଓ ସଞ୍ଜୟ
ଝିଅଜ୍ୱାଇଁ: ସରସ୍ୱତୀ-ଶ୍ରୀଧର, ରାହାସମଣୀ-ରତ୍ନାକର, ଜୟନ୍ତୀ-ରମେଶ
ଧ-୧୪୮୨୯

### ବେଲିସ୍ ଟିମ୍ ଆବୁଧାବି କୋଚ୍

ଆବୁଧାବି, ୧୮।୧୦ (ପି.ଟି.)

ଏଠାରେ ନଭେମ୍ବର ୧୫ରୁ ଆରମ୍ଭ ହେବାକୁଥିବା ଟି୧୦ ଟୁର୍ନାମେଣ୍ଟ ଲାଗି ଇଂଲଣ୍ଡ ଅଲରାଉଣ୍ଡର ମୋଇନ ଅଲି ଆବୁଧାବି ଟିମ୍‌ର ଅଧିନାୟକ ଦାୟିତ୍ୱ ତୁଲାଇବାକୁ ଥିବାବେଳେ ବିଶ୍ୱକପ୍ ବିଜୟୀ କୋଚ୍ ଟ୍ରେଭର ବେଲିସ୍ ଦଳର କୋଚ୍ ଦାୟିତ୍ୱ ତୁଲାଇବେ। ବାର୍ଷିକ ଖେଳାଳି ତାଲିକାରେ ସ୍ଥାନ ପାଇଥିବା ୧୧୦ ଜଣଙ୍କୁ ୮ଟି ଦଳ ମଧ୍ୟରେ ବାଣ୍ଟି ଦିଆଯାଇଛି। ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବାକୁଥିବା ନାମୀ ଖେଳାଳିଙ୍କ ମଧ୍ୟରେ ରହିଛନ୍ତି ଶ୍ରୀଲଙ୍କା ପେସ୍ ବୋଲର ଲସିଥ ମାଲିଙ୍ଗା, ୱେଷ୍ଟଇଣ୍ଡିଜ ଅଲରାଉଣ୍ଡର କିରନ ପୋଲାର୍ଡ ଏବଂ ପାକିସ୍ତାନ ସ୍ପିଡ୍‌ଷ୍ଟର ମହମ୍ମଦ ଅମିର। ଟିମ୍ ଆବୁଧାବି ପ୍ରତି ଆବୁଧାବି ସ୍ପୋର୍ଟ୍ସ କାଉନ୍‌ସିଲର ସମର୍ଥନ ରହିଛି। ଦଳ ବେଲିସ୍‌ଙ୍କ ବ୍ୟତୀତ ୟୁଏଇ ନ୍ୟାଶନାଲ କ୍ରିକେଟ ଟିମ୍‌ର କୋଚ୍ ଡଗ୍ ବ୍ରାଉନ୍‌ଙ୍କ ଅଧୀନରେ ଟ୍ରେନିଂ ନେବ। ଇଂଲଣ୍ଡ ଅଲରାଉଣ୍ଡର ଅଲିଙ୍କୁ ଦଳର ଆଇକନ୍ ଖେଳାଳି ଭାବେ ମନୋନୀତ କରାଯାଇ ସାରିଛି। ଦଳ ଆହୁରି ମଧ୍ୟ ଶ୍ରୀଲଙ୍କାର ଷ୍ଟାର ଖେଳାଳି ନିରୋଶାନ ଡିକ୍‌ୱେଲା, ନ୍ୟୁଜିଲାଣ୍ଡ ଅଲରାଉଣ୍ଡର କୋରେ ଆଣ୍ଡରସନ ଏବଂ ଅମିରଙ୍କୁ ଦଳରେ ସ୍ଥାନ ଦେଇଛି। ଗତ ଥରର ଚାମ୍ପିୟନ ନର୍ଦର୍ନ ୱାରିୟର୍ସ ୱେଷ୍ଟଇଣ୍ଡିଜର ଡାରେନ ସାମିଙ୍କୁ ଟିମ୍‌ର ଆଇକନ୍ ଖେଳାଳି ଭାବେ ମନୋନୀତ କରିଛି। ଦି ମାରାଠା ଆରବିୟାନ୍ସ ଏକ ସନ୍ତୁଳିତ ଦଳ ଗଠନ କରିଛି। ଦଳର ବ୍ୟାଟିଂ ଲାଇନ୍ ଅପ୍ ବେଶ୍ ଶକ୍ତିଶାଳୀ। ଅଷ୍ଟ୍ରେଲିଆର କ୍ରିସ୍ ଲିନ୍ ହେଉଛନ୍ତି ଦଳର ଆଇକନ୍ ଖେଳାଳି। ଦଳ ଲସିଥ୍ ମାଲିଙ୍ଗା ଏବଂ ଡ୍ୱେନ ବ୍ରାଭୋଙ୍କୁ ସାମିଲ କରିଛି। ଡେକାନ ଗ୍ଲାଡିୟର୍ସ ତରଫରୁ ୱେଷ୍ଟଇଣ୍ଡିଜ ଅଲରାଉଣ୍ଡର କିରଣ ପୋଲାର୍ଡ ଖେଳିବେ। ଇଅନ୍ ମୋର୍ଗାନ ଦିଲ୍ଲୀ ବୁଲ୍ସର ନେତୃତ୍ୱ ନେବେ। ଏହି ଦଳରେ ସ୍ଥାନ ପାଇଛନ୍ତି ପୂର୍ବତନ ପାକିସ୍ତାନ ଅଧିନାୟକ ଶୋଏବ ମଲିକ, ଆଫଗାନିସ୍ତାନ ଅଲରାଉଣ୍ଡର ମହମ୍ମଦ ନବି ଏବଂ ଶ୍ରୀଲଙ୍କାର କୁସାଲ ପେରେରା। ଟିମ୍ କ୍ୱାଲାଣ୍ଡାର୍ସ ଦଳରେ ପାକିସ୍ତାନର ମହମ୍ମଦ ହାଫିଜ୍ ଏବଂ ଇମାଦ୍ ୱାସିମ୍‌ଙ୍କୁ ନେଇଛି।





3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ


Reliance
Growth is Life
Reliance fresh
Reliance SMART SUPERSTORE
ଦୀପାବଳୀ
ଆସିଛି
ବଡ ରୂପେ
ମନାନ୍ତୁ
Now on your Mobile! India's Single Biggest Destination for Guilt Free Festive Recipes. Step 1: Say "OK Google" Step 2: Say "Talk to Reliance FRESH"
19th - 29th Oct
ସ୍ୱିଟସ୍
BUY ANY1 GET ANY1 FREE
ସୋନ୍ ପାପ୍ଡ଼ି 400 g ତେଣିକି (ବିକାଜୀ / ସ୍ନାକଟାକ /ଭିଖାରାମ ଚାଣ୍ଡମାଲ /ହଲ୍‌ଦିରାମ୍'ସ ପ୍ରଭୁଜୀ ) MRP ₹139 ତେଣିକି
ବେସନ ଲଡୁ 400 g ତେଣିକି (ସ୍ନାକଟାକ / ଭିଖାରାମ ଚାଣ୍ଡମାଲ ) MRP ₹229 ତେଣିକି
ରସଗୋଲା / ଗୋଲାପ ଜାମୁ 1 kg (ବିକାଜୀ / ଉତ୍ସବ) MRP ₹249 ତେଣିକି
ଡ୍ରାଇ ଫ୍ରୁଟ୍‌ସ
₹249 ତେଣିକି ଉତ୍ସବ ଡ୍ରାଇ ଫ୍ରୁଟ୍ ଗିଫ୍ଟ ପ୍ୟାକ୍ 225 g ତେଣିକି MRP ₹375 ତେଣିକି ସଞ୍ଚୟ ₹126
₹399 ତେଣିକି କଣ୍ଟ୍ରି କ୍ଲବ୍ ଡ୍ରାଏ ଫ୍ରୁଟ୍ ଗିଫ୍ଟ ପ୍ୟାକ୍ 300 g ତେଣିକି MRP ₹550 ତେଣିକି ସଞ୍ଚୟ ₹151 ତେଣିକି
₹399 ତେଣିକି ଓଣ୍ଡର୍ ଗିଫ୍ଟ ପ୍ୟାକ୍ 300 g ତେଣିକି MRP ₹449 ତେଣିକି ସଞ୍ଚୟ ₹50 ତେଣିକି
₹469 ଗୁଡ୍ ଲାଇଫ୍ ପୋଟ୍ଲୀ ପ୍ୟାକ୍ 400 g MRP ₹699 ସଞ୍ଚୟ ₹230
ଚକୋଲେଟ୍‌ସ
25%* Off *2ଟି ୟୁନିଟ କିଣିଲେ
କାଡ୍‌ବରୀ ସେଲିବ୍ରେଶନ୍‌ସ 64.2 g ତେଣିକି / ସିଲ୍କ ପ୍ରେଲାଇନ୍ 160 g x 36 ୟୁନିଟ MRP ₹50 ତେଣିକି
ସଞ୍ଚୟ ₹80 ଫେରେରୋ ରୋସର୍ 200 g MRP ₹499 ଆମ ମୂଲ୍ୟ ₹419
MRP ₹69 ତେଣିକି ସଞ୍ଚୟ ₹20 ତେଣିକି ଆମ ମୂଲ୍ୟ ₹49 ତେଣିକି
ଦିପାବଳୀ ଦିପସବୁ / ଗନ୍‌ସବୁ / ଲାଇଟ୍‌ସବୁ
ସମଷ୍ଟିଗତ MRP ₹1034 ସଞ୍ଚୟ ₹285 ଆମ ମୂଲ୍ୟ ₹749
ସନ୍‌ରିଚ୍ ସନ୍‌ଫ୍ଲାଓ୍ୱର୍ ତେଲ 5 ℓ + କୋହିନୂର୍ ରୋଜାନା ବାସମତୀ ରାଇସ୍ 5 kg
MRP ₹185 ସଞ୍ଚୟ ₹46 ଆମ ମୂଲ୍ୟ ₹139
ଚକ୍‌କି ଫ୍ରେଶ୍ ଅଟା 5 kg
MRP ₹130 ସଞ୍ଚୟ ₹31 ଆମ ମୂଲ୍ୟ ₹99
ଡବଲ୍ ହିରନ୍ ସୋରିଷ ତେଲ 1 ℓ
MRP ₹461/ ₹575 ସଞ୍ଚୟ ₹92/ ₹176 ଆମ ମୂଲ୍ୟ ₹369/ ₹399
ଗୁଡ୍ ଲାଇଫ୍ ଆଲ୍‌ମଣ୍ଡ / କାଜୁ (W320) 500 g
MRP ₹40 ତେଣିକି BUY 1 GET 1 FREE
ବେସନ / ସୁଜି / ମଇଦା 500 g / 1 kg ଗୁଡ୍ ଲାଇଫ୍ ସୋୟା ଚଙ୍କ୍‌ସ 200 g
ସର୍ବନିମ୍ନ 25%* ଛାଡ଼ *ସ.ଖା. ମୂଲ୍ୟ ଉପରେ
ବଟର୍, ପନୀର୍, ଚୀଜ୍, କପ୍ କର୍ଡ, ମାର୍ଗାରିନ୍, ଫ୍ଲେଭର୍ଡ ମିଲ୍କ, ଆଇସ୍ କ୍ରୀମ୍, ୟୋଗହଟ୍, କେକ୍ ଆଣ୍ଡ ରସ୍କ (ବଛା ବଛା ବ୍ରାଣ୍ଡ ଓ ପ୍ରକାର)
MRP ₹515 ସଞ୍ଚୟ ₹40 ଆମ ମୂଲ୍ୟ ₹475
ଓମ୍‌ଫେଡ୍ ଘିଅ 1 ℓ
MRP ପ୍ରତ୍ୟେକ ସକାଶେ ₹100 ତେଣିକି BUY ANY2 GET ANY1 FREE
ବିସ୍କିଟ୍‌ସ୍ ଲାର୍ଜ ପ୍ୟାକ୍ (ବଛା ବଛା ବର୍ଗମାଳା )
MRP₹365 ତେଣିକି ଆମ ମୂଲ୍ୟ ₹265 ତେଣିକି ସଞ୍ଚୟ ₹100
ରେଡ୍ ଲେବଲ୍ ନାଚୁରାଲ୍‌କେଆର୍ ଲିଫ୍ / ଟାଟା ପ୍ରିମିଅମ / ଟାଟା ଗୋଲ୍ଡ ଲିଫ୍ ଟୀ 1 kg
MRP ପ୍ରତ୍ୟେକ ସକାଶେ ₹140 ତେଣିକି BUY ANY2 GET ANY1 FREE
ଲୋଟେ ଚୋକୋ ପାଇ 336 g/ ରିଚ୍ କୋକୋଆ 300 g (ବଛା ବଛା ପ୍ରକାର)
MRP ପ୍ରତ୍ୟେକ ସକାଶେ ₹37 ତେଣିକି BUY ANY3 GET ANY1 FREE
କୋକ୍ 600 ml / 750 ml (ବଛା ବଛା ପ୍ରକାର)
MRP ₹385 ତେଣିକି BUY ANY1 GET ANY1 FREE
ଡଭ୍/ପାଣ୍ଟିନ୍ ଶାମ୍ପୁ 1 ℓ & ସନ୍‌ସିଲ୍କ / କ୍ଲିନିକ୍ ପ୍ଲସ୍ / ଟ୍ରେସ୍‌ମି ଶାମ୍ପୁ 650 ml ତେଣିକି (ବଛା ବଛା ପ୍ରକାର)
MRP ₹108 ପ୍ରତ୍ୟେକ BUY2 GET 1 FREE (ଉପରେ ଅଫର୍)
ଲକ୍ସ ସାବୁନ 150 g x 3 ୟୁନିଟ (ଭେଲ୍‌ଭେଟ୍ / ସଫ୍ଟ ଟଚ୍)
MRP ₹190 ପ୍ରତ୍ୟେକ BUY ANY1 GET ANY1 FREE
ଡ଼ିଓ 120 ml ତେଣିକି (ବଛା ବଛା ପ୍ରକାର)
MRP ₹149 ତେଣିକି ସଞ୍ଚୟ ₹50 ତେଣିକି ଆମ ମୂଲ୍ୟ ₹99
ପ୍ଲାଷ୍ଟିକ୍ କଣ୍ଟେନର ସେଟ୍ (3, 5, 7, 10)
ପର୍ଯ୍ୟନ୍ତ 65%* ଛାଡ଼ *ସ.ଖା. ମୂଲ୍ୟ ଉପରେ
ଲଗେଜ୍ ଟ୍ରୋଲୀ କେସେସ୍ (ପ୍ରୋଣ୍ଟୋ / ସଫାରୀ / ଭିଆଇପି / ଆମେରିକାନ୍ ଟୁରିଷ୍ଟର) (ବଛା ବଛା ପ୍ରକାର)
MRP ₹1499 ସଞ୍ଚୟ ₹1000 ଆମ ମୂଲ୍ୟ ₹499
ହ୍ୟାପ୍ପୀ ଲିଭିଙ୍ଗ୍ ସେଲିବ୍ରେଶନ୍ 100% କଟନ୍ କିଙ୍ଗ ବେଡଶୀଟ୍ ସେଟ୍
HDFC BANK We understand your world
FESTIVE TREATS
10% CashBack* upto ₹1500 per Card per Month
With HDFC Bank Debit Card | Credit Card
*Min. Trxn: ₹1500; Validity: till 31st Dec. 2019. T&C Apply
Pay using Google Pay & get rewards up to
G Pay ₹600*
*T&C Apply: Offer valid on min transaction value of ₹499. For more details please check the Google Pay app.
Pay using Paytm. Get up to ₹700 Paytm Cashback
T&C Apply. Offer valid till 31 Oct 2019 on min payment of ₹499
PAY WITH MOBIKWIK FLAT ₹200* SuperCash
*T&C APPLY: TRANSACTION ON AND ABOVE ₹1000
OFFER VALID FROM 28TH SEPT TO 31ST OCT 2019 | VALID ONCE DURING THE OFFER PERIOD
10% Cashback freecharge
T&C Apply: Offer valid on minimum bill of ₹250
Maximum cashback upto ₹50, Valid on 1st & 3rd transaction
RuPay 5% INSTANT DISCOUNT Minimum Transaction ₹1500 Max. Discount ₹500 Valid once per Card. Valid till 31st Oct'19. T&C apply
ଡାଏଲ୍ କରନ୍ତୁ ନିଃଶୁଳ୍କ ନମ୍ବର 1800-103-2022 ପାଖ ରିଲାଏନ୍‌ସ ଫ୍ରେଶ୍ ଷ୍ଟୋର୍‌ସ ଠିକଣା ଜାଣିବାକୁ । Reliance SMART: ଓଏସ୍‌ଆର୍‌ଟିସି ମଲ୍, ମାଷ୍ଟର କ୍ୟାଣ୍ଟିନ ଛକ, ରେଲ୍‌ୱେ ଷ୍ଟେଶନ୍ ପାଖରେ, ପ୍ଲଟ୍ ନଂ. 1473 ଏବଂ 1537 • ପ୍ଲଟ୍ ନଂ. 468/4586, ପ୍ଲଟ୍ ନଂ. 468/4254, ନୟାପଲ୍ଲୀ, ଏନ୍‌ଏଚ୍–୫, ଇସ୍କନ୍ ମନ୍ଦିର ସାମ୍ନାରେ । • ପଟିଆ ମେନ୍ ରୋଡ, ରିଲାଏନ୍‌ସ ଟ୍ରେଣ୍ଡ୍‌ସ ପାଖରେ, ପଟିଆ, ଭୁବନେଶ୍ୱର । ସର୍ତ୍ତାବଳୀ ଲାଗୁ ହେବ । ମାଲ୍ ଥିବା ଯାଏଁ ଅଫର୍ ବୈଧ । ବିନା ସୂଚନାରେ ଅଫର୍‌ସବୁ ବଦଳାଯାଇ ପାରେ । ଉତ୍ପାଦଙ୍କ ପ୍ରଦର୍ଶିତ ଚିତ୍ର / ଫଟଗୁଡ଼ିକ କେବଳ ନିର୍ଦ୍ଦେଶକ ରୂପେ ଦିଆଯାଇଛି । ସମସ୍ତ ଉତ୍ପାଦଙ୍କ ସ.ଖା. ମୂଲ୍ୟରେ ସବୁ କର ମିଶିଛି । ସମସ୍ତ ବିବାଦ କେବଳ ମୁମ୍ବାଇ ସ୍ଥିତ ନ୍ୟାୟାଳୟଗୁଡ଼ିକର କ୍ଷେତ୍ରାଧୀନ ହେବ।



ପର ନିନ୍ଦା, ପର ଚର୍ଚ୍ଚା, ପରର ଅନିଷ୍ଟ ଚିନ୍ତା, ଅନ୍ୟର ପ୍ରାଣରେ କଷ୍ଟ ଦେବା ମହାପାତକ ମଧ୍ୟରେ ଗଣ୍ୟ।
-ଶ୍ରୀଚୈତନ୍ୟ



## ସଂକ୍ଷେପରେ

### ଯୁବକଙ୍କୁ ଆକ୍ରମଣ ଘଟଣାରେ ୨ ଅଟକ

ଭାପୁର,୧୮।୧୦(ଡି.ଏନ.ଏ.)-ଫତେଗଡ଼ ଥାନା ପାର୍ବତୀପୁର ଗ୍ରାମର ଯୁକ୍ତ ୩ ଶ୍ରେଣୀରେ ପଢୁଥିବା ଛାତ୍ରଙ୍କୁ ଆକ୍ରମଣ ଘଟଣାରେ ପୋଲିସ ଶୁକ୍ରବାର ୨ ଜଣଙ୍କୁ ଅଟକ ରଖି ତଦନ୍ତ ଚାଲୁ ରଖିଛି। ପାର୍ବତୀପୁର ଗ୍ରାମର ମାନଗୋବିନ୍ଦ ମହାପାତ୍ରଙ୍କ ପୁଅ ଲବ ମହାପାତ୍ରଙ୍କୁ ଗ୍ରାମର କେତେଜଣ ଯୁବକ ବୁଧବାର ଅପରାହ୍ନ ୪ଟାରେ ଖଣ୍ଡାରେ ଆକ୍ରମଣ କରିଥିଲେ। ଏଥିରେ ଲବଙ୍କ ମୁଣ୍ଡ ଓ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ବର୍ତ୍ତମାନ ସେ ଚିକିତ୍ସାଧୀନ ଅଛନ୍ତି। ଲବଙ୍କ ଭଉଣୀ ସନ୍ତୋଷିନୀ ମହାପାତ୍ର ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୁବାସ ବେହେରା, ଯୀଶୁ ସ୍ୱାଇଁ, ଗଙ୍ଗାଧର ବେହେରା ଓ ସିପୁନ ମହାନ୍ତି ଗାଁ ରାସ୍ତାର ଦଶମାଣ ବୁଲାଣିଠାରେ ତାଙ୍କ ଭାଇଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ ବୋଲି ସନ୍ତୋଷିନୀ ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ.୧୭୭/୧୯) ରୁଜୁକରି ୨ ଜଣଙ୍କୁ ଥାନାକୁ ଆଣି ପଚରାଉଚୁରା କରୁଛି।

### ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ

ଦଶପଲ୍ଲା,୧୮।୧୦(ଡି.ଏନ.ଏ.)-ଦଶପଲ୍ଲା ବ୍ଲକ ସାତପାଟଣାସ୍ଥ ଶ୍ରୀରାମ ଜୀଉଙ୍କ ପୀଠରେ ଶ୍ରୀ ରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ଶୁକ୍ରବାର ଆରମ୍ଭ ହୋଇଛି। ପ୍ରାରମ୍ଭରେ ଅଧିବାସ ଓ ଅଖଣ୍ଡ ହନୁମାନ ଚାଳିଶା ପାଠ କରାଯାଇଥିଲା। ଦିନରେ ଗୀତା ପାଠ ହେଉଥିବାବେଳେ ରାତିରେ ପ୍ରବଚନ କାର୍ଯ୍ୟକ୍ରମ ଚାଲୁରହିଛି। ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ପରିଲକ୍ଷିତ ହେଉଛି। ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଏହା ଚାଲୁରହିବ।

### ଦୁର୍ଘଟଣାରେ ଶିକ୍ଷକ ଗୁରୁତର

ବେଗୁନିଆ, ୧୮। ୧୦ (ଡି.ଏନ.ଏ.)-ଶୁକ୍ରବାର ଜଣେ ଶିକ୍ଷକ ସ୍କୁଲକୁ ଯାଉଥିବା ବେଳେ ବାଇକ୍ ଆଗକୁ କୁକୁର ପଶି ଆସିବାରୁ ଦୁର୍ଘଟଣା ଘଟି ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ସେ ହେଲେ ବେଗୁନିଆ ଥାନା କଣ୍ଟାବାଡସ୍ଥିତ ନୀଳକଣ୍ଠ ଉଚ୍ଚ ବିଦ୍ୟାଳୟର ସରକାରୀ ଶିକ୍ଷକ ଦୀନକୃଷ୍ଣ ପଣ୍ଡା। ତାଙ୍କ ଘର ଏହି ଥାନା ଚକାପଦା ଗାଁରେ ବୋଲି ଜଣାପଡିଛି। ପୂର୍ବାହ୍ନ ପ୍ରାୟ ସାଢେ ୯ଟାରେ ଶିକ୍ଷାଦାନ ପାଇଁ ସ୍କୁଲକୁ ଯାଉଥିବା ବେଳେ କୁଶପଲା-କୋହ୍ଲାଆପାଟଣା ରାସ୍ତା ମଧବର୍ତ୍ତୀ ଅଞ୍ଚଳରେ ବୁଲା କୁକୁର ବାଇକ୍ ଆଗକୁ ପଳାଇ ଆସିବାରୁ ସେ ପଡି ଯାଇଥିଲେ। ରାସ୍ତାରେ ମୁଣ୍ଡ ପିଟି ହୋଇଯିବାରୁ ସେ ଗୁରୁତର ହୋଇପଡିଛନ୍ତି।

### ୨ ବାଲି ବୋଝେଇ ଟ୍ରାକ୍ଟର ଜବତ

ରଣପୁର,୧୮।୧୦(ସ୍ୱ.ପ୍ର.)-ରଣପୁର ନିକଟସ୍ଥ ମଲାଗୁଣୀ ନଦୀରୁ ବେଆଇନ ଭାବେ ଚାଲାଣ ହେଉଥିବା ୨ ବାଲି ବୋଝଇ ଟ୍ରାକ୍ଟର ଶୁକ୍ରବାର ଜବତ ହୋଇଛି। ରଣପୁର ତହସିଲଦାର ସୁଶାନ୍ତ ପତି ଏହି ଦୁଇ ଟ୍ରାକ୍ଟରକୁ ଜବତ କରି ନିଜ ହେପାଜତକୁ ଆଣିଛନ୍ତି।

# ଜାତୀୟ ରାଜପଥ କାର୍ଯ୍ୟରେ ମନ୍ଥରତା



ନିର୍ମାଣାଧୀନ ପୋଲଠାରେ ପାଣି ଜମି ରହିଛି।



ନିର୍ମାଣ କରାଯାଉଥିବା ଜାତୀୟ ରାଜପଥ।

ନୟାଗଡ଼ ଅଫିସ,୧୮।୧୦

- ଅବଧି ଶେଷ ହେବାର ୫ ମାସ ବିତିଲାଣି
- ପୋଲ କାମ ୧୦ ପ୍ରତିଶତ ସରିନାହିଁ

ନୟାଗଡ଼ ମଧ୍ୟ ଦେଇ ଯାଇଛି ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥ। ଏହି ରାଜପଥର ଶିମିଳିସାହିଠାରୁ କିରିଆଲାଞ୍ଜି ପର୍ଯ୍ୟନ୍ତ ୭ କିଲୋମିଟର ରାସ୍ତା ପ୍ରଶସ୍ତୀକରଣ ଓ ଉନ୍ନତୀକରଣ ପାଇଁ ଯୋଜନା କରାଯାଇ କାମ ଆରମ୍ଭ କରାଯାଇଥିଲା। ହେଲେ କାମର ମନ୍ଥରତା ଯୋଗୁ ଅବଧି ସରିବାର ୫ମାସ ପରେ ବି ଏହା ଶେଷ ହୋଇପାରି ନାହିଁ। ଏପରି କି ରାସ୍ତାରେ ହେବାକୁ ଥିବା ୨ଟି ପୋଲର ନିର୍ମାଣ କାର୍ଯ୍ୟ ୧୦ ପ୍ରତିଶତ ମଧ୍ୟ ହୋଇନାହିଁ। ଫଳରେ କେବେ ରାସ୍ତା କାର୍ଯ୍ୟ ସରିବ ତାହାକୁ ନେଇ ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି।

ପ୍ରକାଶ ଯେ ଉକ୍ତ ୭ କିଲୋମିଟର ରାସ୍ତା ପାଇଁ ୨୧ କୋଟି ୯୦ ଲକ୍ଷ ୧୦ ହଜାର ୯୪୬ ଟଙ୍କା ଆକଳନ ହୋଇଥିଲା। ପରେ ଭଗବତୀ ବିଲ୍ଡିଂ ଆଣ୍ଡ କନଷ୍ଟ୍ରକସନ୍ ନାମକ ଠିକାସଂସ୍ଥା ଉକ୍ତ ରାସ୍ତା କାର୍ଯ୍ୟ ପାଇଁ ୧୬ କୋଟି ୭୭ ଲକ୍ଷ ୭୭ ହଜାର ୭୦୩ ଟଙ୍କାରେ ଏଗ୍ରିମେଣ୍ଟ କରିଥିଲା। ୫ ମେ ୨୦୧୮ରୁ କାମ ଆରମ୍ଭ ହୋଇ ଏକବର୍ଷ ଭିତରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ରାସ୍ତା ଉନ୍ନତୀକରଣ ସହ ଦୁର୍ଦ୍ଧୁରା ଛକ ନିକଟରେ ବଡ଼ ପୋଲ ଓ ଡିମିରିଝରି ନିକଟରେ ମଧ୍ୟମ ପୋଲ ହେବା ନେଇ ଏଗ୍ରିମେଣ୍ଟରେ ଦର୍ଶାଯାଇଛି। ହେଲେ ଅବଧି ସରିବାର ୫ମାସ ବିତିଯାଇଥିଲେ ମଧ୍ୟ ୨ଟି ପୋଲର ୧୦ ପ୍ରତିଶତ ନିର୍ମାଣ କାର୍ଯ୍ୟ ସରିନାହିଁ। ନିର୍ମାଣ ହେବାକୁ ଥିବା ୨ଟି ପୋଲର କେବଳ ରଡ୍ ବନ୍ଧା କାର୍ଯ୍ୟ ସରିଛି। ରାସ୍ତା ଅଧାପନ୍ତରିଆ ହୋଇ ପଡ଼ିଥିବାରୁ ଲୋକମାନେ ଯାତାୟାତ ବେଳେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପୋଲ ନିକଟରେ ଅସ୍ଥାୟୀ ରାସ୍ତା କରାଯାଇଥିଲେ ମଧ୍ୟ ପ୍ରବଳ ଧୂଳି ଉଡୁଥିବାରୁ ତାହା ଚାଳକଙ୍କୁ ଅଡୁଆରେ ପକାଉଛି। ଏଥିଯୋଗୁ ଯାତ୍ରୀମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ନିକଟରେ ଏକ ଦୁର୍ଘଟଣା ଘଟି ଦୁଇ ଯୁବକ ଆହତ ହୋଇଥିବା ଦେଖିବାକୁ ମିଳିଥିଲା। ଠିକା ସଂସ୍ଥା ପକ୍ଷରୁ ରାସ୍ତାରେ ପାଣି ପକାଯିବା ପାଇଁ ନିୟମ ଥିବାବେଳେ ତାହା କରାଯାଉ ନାହିଁ। ଏହାଛଡା ଖୋର୍ଦ୍ଧା ବଲାଙ୍ଗୀର ଏହି ଜାତୀୟ ରାଜପଥ ଦେଇ ପ୍ରତିଦିନ ଫୁଲବାଣୀ, ବୌଦ୍ଧ, ବଲାଙ୍ଗୀରକୁ ଶହ ଶହ ଯାନବାହନ ଚଳାଚଳ କରୁଛି। ଜଣେ ଚାଳକଙ୍କ କହିବା କଥା ଉକ୍ତ ରାସ୍ତାରେ ଗଲା ବେଳେ ଜଗିରଖି ଗାଡ଼ି ଚଳାଉଛୁ। ନ ହେଲେ କେତେବେଳେ ଯେ ଦୁର୍ଘଟଣା ଘଟିବ ତାହା କହିବା ମୁସ୍କିଲ। ତୁରନ୍ତ ରାସ୍ତା କାର୍ଯ୍ୟ ଶେଷ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ନୟାଗଡ଼ ଏନ୍ଏଚ୍ ବିଭାଗର ଏସ୍‌ଡ଼ିଓ ଚନ୍ଦନ କୁମାର ରଥଙ୍କୁ ପଚାରିବାରୁ ସେ କହିଥିଲେ, ଉକ୍ତ ଠିକା ସଂସ୍ଥାକୁ କାର୍ଯ୍ୟ କରିବା ପାଇଁ ଅଧିକ ୬ ମାସ ଦିଆଯାଇଛି। ପୋଲ ହୋଇଥିବା ସ୍ଥାନରେ ପାଣି ଜମି ରହିଥିବାରୁ କାର୍ଯ୍ୟ ଆଗେଇପାରୁ ନାହିଁ। ଆଗାମୀ ମାସେ ଭିତରେ କାମ ଆରମ୍ଭ କରାଯାଇ ଜାନୁୟାରୀ ସୁଦ୍ଧା ଶେଷ କରାଯିବ ବୋଲି ସେ ପ୍ରକାଶ କରିଥିଲେ। ଜାନୁୟାରୀ ସୁଦ୍ଧା କାମ ଶେଷ ହେଉଛି କି ନାହିଁ ତାହା ଦେଖିବାକୁ ବାକି ରହିଲା ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।

## ପଟା ସହ ବାଇକ୍ ଜବତ, ଜଣେ ଗିରଫ

ଦଶପଲ୍ଲା,୧୮।୧୦(ଡି.ଏନ.ଏ.)

ଦଶପଲ୍ଲା ବ୍ଲକ ଓଡ଼ଶର ଗ୍ରାମ ନିକଟ ରାସ୍ତାରେ ଗୁରୁବାର ରାତିରେ ବନ ବିଭାଗ ତରଫରୁ ଚଢ଼ାଉ କରାଯାଇ ଚୋରା ପଟା ସହ ଏକ ନମ୍ବର ବିହୀନ ବାଇକ୍ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଥିବା ପ୍ରକାଶ ସାହୁ (୩୫)ଙ୍କୁ ଗିରଫ କରାଯାଇଛି। ମହୁଲିଆ ଗ୍ରାମର ପ୍ରକାଶ ବାଇକ୍‌ରେ ୮ଟି ପିଆଶାଳ ପଟା ଧରି ଆସୁଥିବାବେଳେ ବନପାଳ ରାକେଶ କୁମାର ସାହୁ, ମନୋଜ କୁମାର ସେଠୀ ଓ ବନରକ୍ଷୀ ସନ୍ତୋଷ କୁମାର ଦୋରା ପ୍ରମୁଖ ଚଢ଼ାଉ କରି ଏହାକୁ ଜବତ କରିଥିଲେ। ଜବତ କାଠର ମୂଲ୍ୟ ୧୫ ହଜାର ଟଙ୍କା ହେବ। ଗିରଫ ଅଭିଯୁକ୍ତଙ୍କୁ ଦଶପଲ୍ଲା କୋର୍ଟ ଚାଲାଣ କରାଯାଇଥିବା ବନପାଳ ସାହୁଙ୍କଠାରୁ ପ୍ରକାଶ।



ଜବତ ବାଇକ୍ ଓ ପଟା।

■ ଦଶପଲ୍ଲା ଏନ୍ଏସିରେ ପ୍ରଧାନମନ୍ତ୍ରୀ ଆବାସରେ ଦୁର୍ନୀତି

## ତଦନ୍ତ କଲେ ବିଡିଓ

ନୟାଗଡ଼ ଅଫିସ,୧୮।୧୦

ନୟାଗଡ଼ ଜିଲା ଦଶପଲ୍ଲା ଏନ୍ଏସିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ)ରେ ଦୁର୍ନୀତି ହୋଇଥିବା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଶୁକ୍ରବାର ଦଶପଲ୍ଲା ବିଡିଓ ଦେବୀପ୍ରସାଦ ମହାନ୍ତି ଦଶପଲ୍ଲା ଏନ୍ଏସି ଅନ୍ତର୍ଗତ ୧୬ନଂ. ୱାର୍ଡ ଖଣ୍ଡପଡ଼ାରେ ପହଞ୍ଚି ଏହାର ତଦନ୍ତ କରିଥିଲେ। ମଙ୍ଗଳବାର ପୁନର୍ବାର ବଳକା ରହିଥିବା ଘରର ତଦନ୍ତ କରାଯିବ ବୋଲି ବିଡିଓ ମହାନ୍ତି ସୂଚନା ଦେଇଛନ୍ତି। ଶୁକ୍ରବାର ପାଖାପାଖି ୬୦ଟି ଘରର ତଦନ୍ତ କରାଯାଇଥିବା ବେଳେ ସେଥିରୁ ଏକାଧିକ ଅଯୋଗ୍ୟ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘର ହାତେଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ଗତ ସୋମବାର ଦଶପଲ୍ଲା ଏନ୍ଏସିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ହୋଇଥିବା ନେଇ ବିଭୂତି ଭୂଷଣ ବରାଡ଼ ନାମକ ଜଣେ ଯୁବକ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ସରକାରୀ କର୍ମଚାରୀଙ୍କଠାରୁ ଆରମ୍ଭ କରି ଅଯୋଗ୍ୟ ହିତାଧିକାରୀ ଏପରି କି ଯେଉଁମାନେ ପୂର୍ବରୁ ଘର ପାଇଛନ୍ତି ସେମାନେ ପକ୍କା ଘର ପାଇଥିବା ଅଭିଯୋଗ ହୋଇଥିଲା। ତଦନ୍ତ ପରେ ଉକ୍ତ ୱାର୍ଡ଼ର କିଛି ବ୍ୟକ୍ତି ବିଭୂତିଙ୍କୁ ଧମକ ଦେଇଥିବା ବେଳେ ସେ ଶନିବାର ନିଜର ସୁରକ୍ଷା ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ ହେବେ ବୋଲି ପ୍ରକାଶ କରିଛନ୍ତି।

# ୨ ପୋଲିସ କର୍ମଚାରୀ ନିଲମ୍ବିତ

ନୟାଗଡ଼ ଅଫିସ,୧୮।୧୦



ଭାପୁର ବିଟ୍ ହାଉସ୍

ଦୁର୍ଘଟଣା ଘଟାଇଥିବା ଗାଡ଼ି ପରିବର୍ତ୍ତେ ଅନ୍ୟ ଏକ ଗାଡ଼ି ନାମରେ ମାମଲା ରୁଜୁ କରିବା ଏବଂ ଜଣେ ବ୍ୟକ୍ତିଙ୍କଠାରୁ ଟଙ୍କା ମାଗିବା ନୟାଗଡ଼ ଜିଲାର ଦୁଇଜଣ ପୋଲିସ କର୍ମଚାରୀଙ୍କୁ ମହଙ୍ଗା ପଡ଼ିଛି। ଏସ୍‌ପି ଶଶିଭୂଷଣ ଶତପଥୀ ଉଭୟଙ୍କୁ ନିଲମ୍ବିତ କରିଛନ୍ତି। ସେମାନେ ହେଲେ ଫତେଗଡ଼ ଥାନା ଭାପୁର ବିଟ୍ ହାଉସର ଏଏସ୍ଆଇ ଅପର୍ତ୍ତି ସାହୁ ଓ ରଣପୁର ଥାନା ଦର୍ପନାରାୟଣପୁର ଫାଣ୍ଡି କନଷ୍ଟେବଳ ଅଚ୍ୟୁତାନନ୍ଦ ପ୍ରଧାନ। ମିଳିଥିବା ସୂଚନା ଅନୁସାରେ ଏଏସ୍ଆଇ ସାହୁ ୨୦୧୫ରେ ନୟାଗଡ଼ ଟାଉନ ଥାନାରେ କାର୍ଯ୍ୟରତ ଥିବା ସମୟରେ ଏକ ମାମଲାରେ ଦୁର୍ଘଟଣା ଘଟାଇଥିବା ଗାଡ଼ି ପରିବର୍ତ୍ତେ ଅନ୍ୟ ଏକ ଗାଡ଼ି ନାମରେ କେସ କରିଥିଲେ। ଏ ନେଇ କ୍ରାଇମ୍‌ବ୍ରାଞ୍ଚରେ ଅଭିଯୋଗ ହୋଇଥିଲା। ଏହି ଆଧାରରେ ତାଙ୍କୁ ନିଲମ୍ବିତ କରାଯାଇଛି। ସେହଭଳି କନଷ୍ଟେବଳ ପ୍ରଧାନ ୩ଦିନ ତଳେ ଫାଣ୍ଡିକୁ ଅଭିଯୋଗ କରିବାକୁ ଆସିଥିବା ଜଣେ ବ୍ୟକ୍ତିଙ୍କଠାରୁ କିଛି ଟଙ୍କା ମାଗିଥିଲେ। ଏ ନେଇ ବ୍ୟକ୍ତି ଜଣକ ମୋ ସରକାରରେ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଗତ ୧ ତାରିଖରେ ଏକ ମାମଲାର ତଦନ୍ତରେ ବିଳମ୍ବ କରିବାରୁ ଓଡ଼ଗାଁ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡାଙ୍କୁ ଜିଲା ମୁଖ୍ୟାଳୟଙ୍କୁ ବଦଳି କରାଯାଇଥିବା ବେଳେ ଏଏସ୍ଆଇ ଶରତ ଚନ୍ଦ୍ର ମିଶ୍ରଙ୍କୁ ନିଲମ୍ବିତ କରାଯାଇଥିଲା। ୫ ଟି ପ୍ରଭାବରେ ବଦଳି ଓ ନିଲମ୍ବନ ଜିଲା ପୋଲିସ କର୍ମଚାରୀଙ୍କ ମନରେ କୋକୁଆ ଭୟ ସୃଷ୍ଟି କରିଛି।

### ପଡ଼ିବ କି ୫-ଟିର ପ୍ରଭାବ

ଗୁରୁବାର ଖୋର୍ଦ୍ଧା ଜିଲା ପୋଲିସ ପକ୍ଷରୁ ଭିଜିଲାନ୍ସ ଜାଲରେ ଦୁଇଥର ପଡ଼ିଥିବା ଏସ୍ଆଇ ବନମାଳୀ ନାୟକଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଥିଲା। ନୟାଗଡ଼ ଜିଲାରେ ଏହିଭଳି ଜଣେ ପୋଲିସ କର୍ମଚାରୀଙ୍କୁ ସୁନା ପୁଅ ଭାବେ ରଖାଯାଇଛି। ତାଙ୍କ ଉପରେ ଦୁଇଥର ଭିଜିଲାନ୍ସ ଚଢ଼ାଉ କରିଥିବା ବେଳେ ତାଙ୍କୁ ଅବସର ଦେବା ବଦଳରେ ପୁରସ୍କାର ଦିଆଯାଇ ବର୍ତ୍ତମାନ ଏକ ଫାଣ୍ଡିରେ ରଖାଯାଇଛି। ଉକ୍ତ ପୋଲିସ କର୍ମଚାରୀ ଜଣକ ୯ ଏପ୍ରିଲ ୨୦୧୮ରେ ଏକ ମାମଲାର ରଫାଦଫା କରିବା ପାଇଁ ୨୦୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ନୟାଗଡ଼ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ସେହିଭଳି ୨୦୧୪ରେ ଶରଣକୁଳ ଥାନାରେ କାର୍ଯ୍ୟରତ ଥିବାବେଳେ ମଧ୍ୟ ଏକ ମାମଲାର ରଫାଦଫା ପାଇଁ ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଉକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସେ ନେଇ ଜିଲାର ଜଣେ ଅଧିକାରୀଙ୍କୁ ପଚାରିବାରୁ ସେ କହିଲେ, କିଛିଦିନ ଅପେକ୍ଷା କରନ୍ତୁ। ଆଗାମୀ ଦିନରେ ଉକ୍ତ ପୋଲିସ କର୍ମଚାରୀଙ୍କ ଉପରେ ୫-ଟିର ପ୍ରଭାବ ଦେଖିବାକୁ ମିଳୁଛି ନା ପ୍ରଭାବହୀନ ହେଉଛି ତାହାକୁ ନେଇ ଏବେ ସାଧାରଣରେ ଚର୍ଚ୍ଚା ହେଉଛି।

## ସଂପୁର ପ୍ରାଥମିକ ସେବା ସମବାୟ ସମିତି ସଭା ନ ହେବାରୁ ଚାଷୀ ଅସନ୍ତୋଷ

ବୋଲଗଡ଼,୧୮।୧୦(ଡି.ଏନ.ଏ.)

ବୋଲଗଡ଼ ବ୍ଲକ ସଂପୁର ପ୍ରାଥମିକ ସେବା ସମବାୟ ସମିତିର ସାଧାରଣ ସଭା ହୋଇ ନ ପାରିବାରୁ ଚାଷୀ ଅସନ୍ତୋଷ ପ୍ରକାଶ ପାଇଛି। ଶୁକ୍ରବାର ସମିତି କାର୍ଯ୍ୟାଳୟଠାରେ ସଭା କରାଯିବା ପାଇଁ ସଭ୍ୟମାନଙ୍କୁ ନୋଟିସ ଦିଆଯାଇଥିଲା। ତେଣୁ ଠିକ୍ ସମୟରେ ସଭ୍ୟମାନେ ସମିତି କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ହେଲେ ମଧ୍ୟାହ୍ନ ୧୨ଟା ସୁଦ୍ଧା ସମବାୟ ବ୍ୟାଙ୍କ ଶାଖା ସମ୍ପାଦକ କିମ୍ବା କର୍ମଚାରୀଙ୍କ ଦେଖା ନ ଥିଲା। ଫଳରେ ଯୋଗଦେବାକୁ ଆସିଥିବା ସଭ୍ୟମାନେ ବିରକ୍ତି ପ୍ରକାଶ କରିଥିଲେ। ପରେ ସମ୍ପାଦକ ଆସି ପହଞ୍ଚିଥିଲେ। ଏପରି ସମୟରେ ବିବରଣୀ ଲେଖା ନ ଥିବା ସଭା ବହିରେ ଦସ୍ତଖତ କରାଇବାକୁ ଉପସ୍ଥିତ ସଭ୍ୟମାନେ ବିରୋଧ କରିଥିଲେ। ସୂଚନାଯୋଗ୍ୟ ମଣ୍ଡିରେ ଧାନ ବିକ୍ରିକରି ନ ପାରିବା, କ୍ଷୟକ୍ଷତି ଜନିତ ଶସ୍ୟବୀମା ସହାୟତା ନ ପାଇବା ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଲାଗିରହିଛି। ବିଗତ ବର୍ଷ ୯୦ଜଣ ଚାଷୀ ଶସ୍ୟବୀମା ସହାୟତା ପାଇପାରି ନ ଥିବା ଅଭିଯୋଗ ହେଉଥିଲେ ମଧ୍ୟ ସୁଫଳ ମିଳିପାରି ନାହିଁ।

■ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ପ୍ରସ୍ତୁତି ବୈଠକ

## ନଭେମ୍ବର ୮ରେ ଶିବିର

ଗଣିଆ,୧୮।୧୦(ଡି.ଏନ.ଏ.)

ଗଣିଆ ପଞ୍ଚାୟତ ସମିତି ସଭାଗୃହ ପରିସରରେ ଶୁକ୍ରବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ନିମିତ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ମାନସ ରଞ୍ଜନ ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଏବିଡିଓ ସରୋଜ କୁମାର ନାୟକ, ଜିଲା ପରିଷଦ ସଭ୍ୟ ମହେଶ୍ୱର ମହାରଣା, ପିଇଓ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଓ ଅଗ୍ନିଶମ ବିଭାଗ ଅଧିକାରୀମାନେ ଯୋଗଦେଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରିୟରଞ୍ଜନ ସାହୁଙ୍କ ସୂଚନା ଅନୁଯାୟୀ ଆସନ୍ତା ନଭେମ୍ବର ୮ରେ ଅନ୍ତିମ ପର୍ଯ୍ୟାୟ ଏହି ଶିବିର ଆୟୋଜିତ ହେବ। ବ୍ଲକର କୌଣସି ଦିବ୍ୟାଙ୍ଗ ଯେପରି ବାଦ୍ ନ ପଡନ୍ତି ସେଥିପ୍ରତି ସମସ୍ତେ ଗୁରୁତ୍ୱ ଦେବାପାଇଁ ଅନୁରୋଧ କରିଥିଲେ। ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ୨୧ ପ୍ରକାର ଭିନ୍ନକ୍ଷମ ଲକ୍ଷଣ ମଧ୍ୟରୁ ଯେ କୌଣସି ଗୋଟିଏ ପ୍ରକାର ଥିଲେ ମଧ୍ୟ ତାଙ୍କୁ ଦିବ୍ୟାଙ୍ଗ ବୋଲି ଚିହ୍ନଟ କରାଯାଇ ପ୍ରମାଣପତ୍ର ଓ ପରିଚୟପତ୍ର ପ୍ରଦାନ କରାଯିବ। ଗୁରୁବାର ସ୍ୱାସ୍ଥ୍ୟକେନ୍ଦ୍ରରେ ପରୀକ୍ଷା କରାଯାଇ ଦିବ୍ୟାଙ୍ଗ ଚିହ୍ନଟ କରାଯିବା ପାଇଁ ଆଲୋଚନା କରାଯାଇଥିଲା। ଏଥିପାଇଁ ଅକ୍ଟୋବର ୨୫ ମଧ୍ୟରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କ ନିକଟରେ ସମସ୍ତ ଆବଶ୍ୟକ କାଗଜପତ୍ର ସହ ଆବେଦନ କରିପାରିବେ। ସେହିପରି ନଭେମ୍ବର ୫ତାରିଖ ପରେ ଆବେଦନ କରିବାକୁ ଥିବା ଲୋକମାନେ ଅନଲାଇନ ଯୋଗେ କରିପାରିବେ। ଜନ୍ମରୁ ୬ବର୍ଷ ପର୍ଯ୍ୟନ୍ତ ଦିବ୍ୟାଙ୍ଗ ଶିଶୁମାନଙ୍କୁ ଚିହ୍ନଟ କରିବା ପାଇଁ ବ୍ଲକ ମହିଳା ଓ ଶିଶୁ ବିକାଶ ଅଧିକାରୀ ଏବଂ ୭ରୁ ୧୪ବର୍ଷର ଦିବ୍ୟାଙ୍ଗ ଶିଶୁମାନଙ୍କୁ ଚିହ୍ନଟ କରାଯିବା ପାଇଁ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସହଯୋଗ କରିବା ନିମିତ୍ତ ମହିଳା ଓ ଶିଶୁ ବିକାଶ ବିଭାଗର ୨୦ଜଣ ଓ ଶିକ୍ଷା ବିଭାଗର ୨୦ଜଣ କର୍ମଚାରୀଙ୍କୁ ନିୟୋଜନ କରିବା ପାଇଁ ସାମାଜିକ ସୁରକ୍ଷା ଅଧିକାରୀ ନିବେଦନ କରିଥିଲେ।

### କ୍ଷୁଦ୍ର ଜଳସେଚନ ବିଭାଗ ନିର୍ବାହୀଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

## ୨.୫ କିଲୋ ସୁନା ଅଳଙ୍କାର ଜବତ

କଟକ ଅଫିସ, ୧୮।୧୦

**ଅଢ଼େଇ କୋଟି ଟଙ୍କାର ସମ୍ପତ୍ତି ଠାବ**

ନୟାଗଡ଼ ଜିଲା କ୍ଷୁଦ୍ର ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ବିନୟ କୁମାର ସୁବୁଦ୍ଧିଙ୍କ ଘରୁ ଶୁକ୍ରବାର କଟକ ଭିଜିଲାନ୍ସ ସେଲ୍ ୨କୋଟି ୫୮ଲକ୍ଷ ୧ହଜାର ୮ଶହ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ଭିଜିଲାନ୍ସର ସ୍ୱତନ୍ତ୍ର ଟିମ୍ ସୁବୁଦ୍ଧିଙ୍କର ଭୁବନେଶ୍ୱର, ନୟାଗଡ଼, ପୁରୀ, ବ୍ରହ୍ମପୁର ଆଦି ଅଞ୍ଚଳର ୮ଟି ସ୍ଥାନରେ ଚଢ଼ାଉ କରି ଏହି ସମ୍ପତ୍ତି ଠାବ କରିଥିବା ସୂଚନା ମିଳିଛି। ଭିଜିଲାନ୍ସ ବିଭାଗ ପକ୍ଷରୁ ସୁବୁଦ୍ଧିଙ୍କ ଭୁବନେଶ୍ୱର ଭୀମଟାଙ୍ଗୀରେ ରହିଥିବା ୨ମହଲା କୋଠା, ନୟାଗଡ଼ରେ ଥିବା ଅଫିସ୍ ଚାମ୍ବର ଓ କ୍ୱାର୍ଟର, ଭୁବନେଶ୍ୱର ଦାମୋଦରପୁରରେ ଥିବା ଫ୍ଲାଟ୍, ପୁରୀ ହରଚଣ୍ଡୀସାହି ଡିଭାଇନ୍ ମାନସିଅନରେ ଥିବା ଫ୍ଲାଟ୍, ଭୁବନେଶ୍ୱର ଜାଗମରାସ୍ଥିତ ଷ୍ଟଲୱାର୍ଟ ପାର୍ବତୀ ମାନିସନ, ବ୍ରହ୍ମପୁରସ୍ଥିତ ପୈତୃକ ବାସଭବନ ଓ ସମ୍ପର୍କୀୟଙ୍କ ଘରେ ଏକା ସଙ୍ଗରେ ଚଢ଼ାଉ କରାଯାଇଥିଲା। ଚଢ଼ାଉରେ ଭିଜିଲାନ୍ସ ଏକ ଦୁଇ ମହଲା କୋଠା, ୩ଟି ଫ୍ଲାଟ୍, ବିଭିନ୍ନ ସ୍ଥାନରେ ଥିବା ୭ଟି ପ୍ଲଟ୍, ଗୋଟିଏ କାର୍, ବିଭିନ୍ନ ବ୍ୟାଙ୍କରେ ଜମାଥିବା ଟଙ୍କା, ବୀମା, ମ୍ୟୁଚୁଆଲ୍ ଫଣ୍ଡ, ୨.୫ କିଲୋ ଓଜନର ସ୍ୱର୍ଣ୍ଣ ଅଳଙ୍କାର, ୩.୫ କିଲୋ ଓଜନର ରୁପା ଗହଣା, ୨ଲକ୍ଷ ୯୭ ହଜାର ୩୬୦ଟଙ୍କା, ୯,୯୮, ୮୮୭ଟଙ୍କାର ଗୃହୋପକରଣ ଆଦି ଠାବ କରିଛି। ଏହା ମଧ୍ୟରୁ ୧କୋଟି ୯୮ଲକ୍ଷ ଟଙ୍କାର ମୂଲ୍ୟର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଆୟବହିର୍ଭୂତ ବୋଲି ଭିଜିଲାନ୍ସ ବିଭାଗ ପକ୍ଷରୁ କୁହାଯାଇଛି। ଏହି ଘଟଣାରେ ସୁବୁଦ୍ଧିଙ୍କୁ ଗିରଫ କରି ଭୁବନେଶ୍ୱର ଭିଜିଲାନ୍ସ ଅଦାଲତକୁ ଚାଲାଣ କରାଯାଇଛି। ଏବେ ସୁବୁଦ୍ଧି ବିଚାରବିଭାଗୀୟ ଜେଲ୍‌ରେ ରହିଛନ୍ତି।

■ କୃଷ୍ଣ ଗୌରାଙ୍ଗ ମେମୋରିଆଲ ଉଚ୍ଚ ବିଦ୍ୟାଳୟ

# ଅସୁରକ୍ଷିତ ଶ୍ରେଣୀଗୃହରେ ଶିକ୍ଷାଦାନ

ଖଣ୍ଡପଡା,୧୮।୧୦(ସ୍ୱ.ପ୍ର.)

**ଉପରୁ ପଡୁଛି ଦଦରା କାଠ ଓ କଣ୍ଟା: ଆତଙ୍କରେ ଛାତ୍ରୀଛାତ୍ର, ଶିକ୍ଷକ**




ସ୍କୁଲର ମୁଖ୍ୟ ଫାଟକ।



ବିପଦସଙ୍କୁଳ ଶ୍ରେଣୀ ଗୃହ।

ଶିକ୍ଷାର ଉନ୍ନତି ପାଇଁ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ବ୍ୟୟ କରାଯାଉଛି। ମାତ୍ର ଅନେକ ସ୍ଥାନରେ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ବିପଦସଙ୍କୁଳ ଶ୍ରେଣୀ ଗୃହରେ ପାଠପଢା ହେଉଛି। ଯାହାର ଏକ ଉଦାହରଣ ସିଧାମୂଳା ପଞ୍ଚାୟତ ଅନ୍ତର୍ଗତ ବଳରାମ ପ୍ରସାଦ କୃଷ୍ଣ ଗୌରାଙ୍ଗ ମେମୋରିଆଲ ଉଚ୍ଚ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ଯେଉଁଠି ଛାତ୍ରୀଛାତ୍ରଙ୍କ ସହ ବିଦ୍ୟାଳୟର କର୍ତ୍ତୃପକ୍ଷ ମଧ୍ୟ ଆତଙ୍କିତ ଅବସ୍ଥାରେ ରହିଛନ୍ତି।

ପ୍ରକାଶ ଯେ, ଖଣ୍ଡପଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସିଧାମୂଳା ପଞ୍ଚାୟତ ବଳରାମପ୍ରସାଦ ଗ୍ରାମରେ ରହିଛି କୃଷ୍ଣ ଗୌରାଙ୍ଗ ମେମୋରିଆଲ ଉଚ୍ଚ ବିଦ୍ୟାଳୟ। ୧୯୭୭ ମସିହାରୁ ପ୍ରତିଷ୍ଠିତ ଏହି ଶିକ୍ଷାନୁଷ୍ଠାନରେ ୫ଟି ଟିଣଛପର ଗୃହ ମଧ୍ୟରୁ ଶିକ୍ଷକଙ୍କ ପାଇଁ ଗୋଟିଏ କମନରୁମ୍, ଅଫିସ ରୁମ୍ ବ୍ୟତୀତ ୩ଟି ଶ୍ରେଣୀ ଗୃହ ରହିଛି। ସମସ୍ତ ଟାଇଲ ଛପର ଗୃହ ଅସୁରକ୍ଷିତ ଥିବା ବେଳେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏହାର ମରାମତି ପାଇଁ କେହି ନଜର ଦେଉ ନାହାନ୍ତି।

ସୂଚନାଯୋଗ୍ୟ ଯେ,ଗତ ୨୦୦୯ ଜୁଲାଇ ୧୧ ତାରିଖରୁ ବର୍ଷା ଲାଗି ରହିଥିବା ବେଳେ ସେହି ମାସ ୧୩ ତାରିଖରେ ୯ମ ଶ୍ରେଣୀ ପିଲାମାନଙ୍କ ଶିକ୍ଷାଦାନ ଚାଲିଥିବା ସମୟରେ ହଠାତ୍ ଅସୁରକ୍ଷିତ ଶ୍ରେଣୀ ଗୃହ ଉପରୁ ଟାଇଲ ଖସି ୭ ଜଣ ଛାତ୍ରୀଛାତ୍ର ସମେତ ଜଣେ ଶିକ୍ଷକ ଆହତ ହୋଇଥିଲେ। ପରବର୍ତ୍ତୀ ସମୟରେ ବର୍ଷା ବାତ୍ୟା ବେଳେ ଏବଂ ମାଙ୍କଡମାନଙ୍କ ପ୍ରାଦୁର୍ଭାବରେ ଖଣ୍ଡ ଖଣ୍ଡ ଟାଇଲ ଖସି ଶ୍ରେଣୀ ଗୃହଗୁଡିକ ଅଧିକ ବିପଦସଙ୍କୁଳ ହୋଇ ପଡିଥିଲା। ସ୍ଥାନୀୟ ଜନସାଧାରଣ ଓ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବହୁ ଦାବି ତଥା ଅଭିଯୋଗ ପରେ ୨୦୧୪ ମସିହାରେ ୨ଟି ଶ୍ରେଣୀ ଗୃହର ଟାଇଲ ଛପରକୁ ବଦଳାଇ ଟିଣ ପକାଯାଇଥିଲା। ଟିଣ ପକାଯାଇଥିଲେ ମଧ୍ୟ ବର୍ଷା ସମୟରେ ଛାତ ଉପର ଖୋଲା ରହିଥିବାରୁ ସେଠାରେ ପିଲା ପାଠ ପଢିବା ସମ୍ଭବ ହେଉ ନ ଥିଲା। ଗତ ୨୦୧୪ ଅକ୍ଟୋବର ମାସ ଫାଇଲିନ ବାତ୍ୟାରେ ବିଦ୍ୟାଳୟ ଶ୍ରେଣୀ ଗୃହର ଟାଇଲ ଛପର ଓ କଡି ସମ୍ପୂର୍ଣ୍ଣ ଭାଙ୍ଗି ପଡିଥିଲା। ଏଥିସହ ବିଦ୍ୟାଳୟର ବାରଣ୍ଡା ଉପର ଟାଇଲ ଛପରର କାଠ କଡି ଖତରା ହୋଇ ଭାଙ୍ଗିବା ଅବସ୍ଥାରେ ଥିବାରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବିଦ୍ୟାଳୟର ସମସ୍ତ ଟାଇଲକୁ ବଦଳାଯାଇଥିଲା। ହେଲେ ପୁରୁଣା ଓରା ଓ ଦଦରା ଅବସ୍ଥାରେ ଥିବା କଡିକୁ ପରିବର୍ତ୍ତନ କରା ନ ଯାଇ ସେହି ପୁରୁଣା ସାମଗ୍ରୀ ଉପରେ ଟିଣ ଛପର କରାଯାଇଛି। ତେବେ କେତେବେଳେ ଯେ ସମସ୍ତ ଓରା, କଡି ସହ ଘର ଭୁଶୁଡି ପଡିବା ଆଶଙ୍କା ରହିଛି। ଗତ କିଛିଦିନ ତଳେ ଅସୁରକ୍ଷିତ ଶ୍ରେଣୀ ଗୃହରେ ୯ମ ଶ୍ରେଣୀ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବାବେଳେ ଦଦରା ଓରା ଓ କଡିରୁ କାଠଖଣ୍ଡ, ଲୁହା କଣ୍ଟା ପଡି ୨ ଜଣ ଛାତ୍ରୀଛାତ୍ର ଆହତ ହୋଇଥିଲେ। ସେମାନେ ହେଲେ ଜ୍ୟୋତିରାଣୀ ରାଉତ ଓ ବିଭୁଦତ୍ତ ରାଉତ। ସରକାରଙ୍କ ନୂତନ ଯୋଜନା କ୍ରମେ ଉକ୍ତ ବିଦ୍ୟାଳୟ ନିକଟରେ ଥିବା ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟକୁ ଏହି ହାଇସ୍କୁଲ ସହ ମିଶ୍ରଣ କରାଯାଇଛି। ଏହି ନୋଡାଲ ହାଇସ୍କୁଲରେ ବର୍ତ୍ତମାନ ୧ମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୨୩୯ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ସେମାନେ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି ବୋଲି ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୟାନିଧି ପ୍ରଧାନ ସୂଚନା ଦେଇଛନ୍ତି। ଅପରପକ୍ଷେ ଉକ୍ତ ହାଇସ୍କୁଲରେ ୧୩ ଜଣ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ଆବଶ୍ୟକ ଥିବା ବେଳେ ଏଠାରେ ମାତ୍ର ୫ଜଣ ଷ୍ଟାଫ ରହିଛନ୍ତି। ଜଣେ କଳା ଶିକ୍ଷକ, ଜଣେ କିରାଣି ଓ ପିଅନ ସହ ରାତ୍ର ଜଗୁଆଳି ପଦବୀ ଖାଲି ପଡିଛି। ଅପରପକ୍ଷେ ଉକ୍ତ ବିଦ୍ୟାଳୟର ସମ୍ମୁଖ ପ୍ରାଚୀର ଦୀର୍ଘ ବର୍ଷରୁ ଭାଙ୍ଗି ନଷ୍ଟ ହୋଇ ଯାଇଛି।



ଏ ମାଟିର ଶରୀର ଦିନେ ମାଟିରେ ମିଶିବ, ଅର୍ଥାତ୍ ଆମକୁ ମରିବାକୁ ହେବ। ସେଥିପାଇଁ ପୂର୍ବରୁ ଅକ୍ଷୟ କାର୍ତ୍ତି ଅର୍ଜନ, ସାଧୁସେବା ଏବଂ ଭଗବତ୍ ଭଜନ କରିବା ଉଚିତ।

- ସନ୍ଥ କବୀର

## ସଂକ୍ଷେପରେ

### ଟ୍ରେନ୍‌ରେ କଟିଥିବା ଅଚିହ୍ନା ଯୁବତୀଙ୍କ ପରିଚୟ ମିଳିଲା

ନିରାକାରପୁର,୧୮।୧୦(ଡି.ଏନ.ଏ.)- ଖୋର୍ଦ୍ଧା ରେଳ ଡିଭିଜନ ଅଧୀନରେ ଥିବା ନିରାକାରପୁର ଷ୍ଟେଶନରେ ଗୁରୁବାର ରାତି ୮ରେ ୧ ନମ୍ବର ପ୍ଲାଟଫର୍ମ ଉପରେ ଜଣେ ଯୁବତୀ ଆତ୍ମହତ୍ୟା କରିଥିଲେ । ଶୁକ୍ରବାର ତାଙ୍କ ପରିଚୟ ମିଳିଥିବା ଜଣାପଡିଛି। ନିରାକାରପୁର ରେଳବାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତାଙ୍କ ପାଖରେ ଥିବା ଏକ ବ୍ୟାଗରୁ ପରିଚୟପତ୍ର , କିଛି ଟଙ୍କା ଓ ମୋବାଇଲ ଫୋନ ପାଇଥିଲା। ସେହି ପରିଚୟପତ୍ରରୁ ପୋଲିସ ଯୁବତୀଙ୍କ ନାମ ମମିତା ପ୍ରଧାନ(୨୪) ବୋଲି ଜାଣିବାକୁ ପାଇଛି। ସେ ପୁରୀ ଜିଲା ରାମଚଣ୍ଡୀ ଥାନା ଅନ୍ତର୍ଗତ ବାଲିଘାଇ ପଞ୍ଚାୟତ ଛାତନା ପିତାପଲି ଗ୍ରାମର ଧନେଶ୍ୱର ପ୍ରଧାନଙ୍କ ଝିଅ । ପୋଲିସ ପରିବାର ଲୋକଙ୍କୁ ଖବର ଦେବାରେ ତାଙ୍କ ବାପା,ଭାଇ ଆସି ନିରାକାରପୁରରେ ପହଞ୍ଚିଥିଲେ । ଶୁକ୍ରବାର ଖୋର୍ଦ୍ଧା ଜିଲା ସରକାରୀ ମେଡିକାଲରେ ଯୁବତୀଙ୍କ ମୃତଦେହ ବ୍ୟବଚ୍ଛେଦ କରାଇ ପୋଲିସ ପରିବାରକୁ ହସ୍ତାନ୍ତର କରିଛି। ଯୁବତୀ ଜଣଙ୍କ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ନର୍ସ ଭାବରେ କାର୍ଯ୍ୟ କରୁଥିଲେ । ସେ କାହିଁକି ଏଠାକୁ ଆସିଲେ, ତାଙ୍କୁ କିଏ ଏଠାକୁ ଆଣିଲା ବୋଲି ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ସ୍ୱାସ୍ଥ୍ୟବୀମା କାର୍ଡ ଆଳରେ ଟଙ୍କା ଆଦାୟ, ୨ଅଟକ

ପୁରୀ ଅଫିସ,୧୮।୧୦-ପୁରୀ ଜିଲାରେ ଏକ ଘରୋଇ ଅନୁଷ୍ଠାନ ସ୍ୱାସ୍ଥ୍ୟବୀମା କାର୍ଡ କରିବା ଆଳରେ ଲକ୍ଷାଧିକ ଟଙ୍କା ହରିଲୁଟ୍ କରୁଥିବା ଅଭିଯୋଗ ହୋଇଛି। ତଳଜଙ୍ଗ ପଞ୍ଚାୟତରେ ଏହି ଅନୁଷ୍ଠାନର କର୍ମୀମାନେ ସ୍ୱାସ୍ଥ୍ୟବୀମା କରିବା ନେଇ ଲୋକଙ୍କଠୁ ଟଙ୍କା ଆଦାୟ କରୁଥିଲେ। କେତେଜଣ ଗ୍ରାମବାସୀଙ୍କ ସନ୍ଦେହ ହେବାରୁ ତାଙ୍କୁ ପଚରାଉଚୁରା କରିଥିଲେ। ଏନେଇ ସଂପୃକ୍ତ କର୍ମୀ ଏବଂ କେତେଜଣ ଗ୍ରାମବାସୀ ମୁହାଁମୁହିଁ ହୋଇଥିଲେ। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ଚନ୍ଦନପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ସମ୍ପୃକ୍ତ ସଂସ୍ଥାର ୨ଜଣ କର୍ମୀଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରିଥିଲେ। ସେମାନେ ସ୍ୱାସ୍ଥ୍ୟବୀମା ଲାଗି ପ୍ରଶାସନଠାରୁ ଅନୁମତି ଆଣିଛନ୍ତି। ଏନେଇ ତାଙ୍କ ନିକଟରେ ଯେଉଁ ପ୍ରମାଣପତ୍ର ରହିଛି ତାହା ଦେଖାଇବା ଲାଗି ପୋଲିସ ଅନୁଷ୍ଠାନର କର୍ମୀଙ୍କୁ କହିଛି।

### ବାଇକ୍ ଚୋରି ଅଭିଯୋଗ

ବେଗୁନିଆ,୧୮।୧୦(ଡି.ଏନ.ଏ.)- ବେଗୁନିଆ ଥାନା ନୂଆସାହିସ୍ଥିତ ଶଶିଭୂଷଣ ପଣ୍ଡାଙ୍କର ଘର ସମ୍ମୁଖରେ ଗୁରୁବାର ସନ୍ଧ୍ୟାରେ ଥୁଆ ହୋଇଥିବା ବାଇକ୍‌କୁ ଦୁର୍ବୃତ୍ତମାନେ ଚୋରାଇ ନେଇଛନ୍ତି। ଏନେଇ ଥାନାରେ ଅଭିଯୋଗ ହୋଇଛି।

# ଖଣ୍ଡପଡ଼ାରେ ଅଜଣା ରୋଗ ଆତଙ୍କ

## ଗାଇ,ବାଛୁରୀ ମୃତ
## ୨ ଶହରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

ଖଣ୍ଡପଡା,୧୮।୧୦(ସ୍ୱ.ପ୍ର.)


ଅଜଣା ରୋଗରେ ଆକ୍ରାନ୍ତ ଗୋରୁମାନେ।

ଖଣ୍ଡପଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତ ଅଞ୍ଚଳରେ ଗତ ୧୫ ଦିନ ମଧ୍ୟରେ ଅଜଣା ରୋଗରେ ୨ଶହରୁ ଊର୍ଦ୍ଧ୍ୱ ଗୋରୁ ଆକ୍ରାନ୍ତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୨ଟି ଗାଈବାଛୁରୀର ମୃତ୍ୟୁ ଘଟିଛି। ପ୍ରାଣୀଧନ ଚିକିତ୍ସା କର୍ମୀଙ୍କ ଅବହେଳା ଯୋଗୁ ଆବଶ୍ୟକ ଚିକିତ୍ସା ଅଭାବରୁ ଅଜଣା ରୋଗ ବ୍ୟାପୁଥିବା ଅଭିଯୋଗ ହୋଇଛି ।

ପ୍ରକାଶ ଯେ,ଖଣ୍ଡପଡା ବ୍ଲକ ଅନ୍ତର୍ଗତ ଖଳିସାହି, ଗଡିଆସାହି, କିଆଝର, କୁମ୍ଭାରପଡା, ବଳଭଦ୍ର ପ୍ରସାଦ ଆଦି ବିଭିନ୍ନ ପଞ୍ଚାୟତ ଅଞ୍ଚଳରେ ୨ଶହରୁ ଊର୍ଦ୍ଧ୍ୱ ଗୋରୁ ଗତ କିଛି ଦିନ ହେଲା ଅଜଣା ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଗୋରୁମାନଙ୍କ ଦେହ, ଗୋଡ ଓ ମୁହଁ ପ୍ରଥମେ ଫୁଲିଯାଉଛି। ଗୋରୁମାନେ ଶରୀରର ଆକ୍ରାନ୍ତ ସ୍ଥାନକୁ ଜିଭରେ ଚାଟିବା ପରେ କ୍ଷତାକ୍ତ ହୋଇ ଧୀରେ ଧୀରେ ସେଠାରେ ଘା ହୋଇଯାଉଛି। ଏହି ରୋଗ ସମ୍ପର୍କରେ ଚାଷୀମାନେ ସ୍ଥାନୀୟ ପ୍ରାଣୀ ଚିକିତ୍ସାଳୟ ସହାୟକ କେନ୍ଦ୍ରକୁ ଯାଇ କର୍ମଚାରୀମାନଙ୍କ ସହ ଯୋଗାଯୋଗ କରିବା ପରେ ମଧ୍ୟ ଏ ରୋଗ ସମ୍ପର୍କରେ କୌଣସି ଠିକ୍ ତଥ୍ୟ ଦେଉ ନ ଥିବା ଅଭିଯୋଗ ହେଉଛି । କେତେକ ଚାଷୀଙ୍କ ବାରମ୍ବାର ଅଭିଯୋଗ ପରେ ସହାୟକ କେନ୍ଦ୍ରର କର୍ମଚାରୀ ଆକ୍ରାନ୍ତ ହୋଇଥିବା ଗୋରୁଗାଈଙ୍କ ପାଖକୁ ଯାଇ ଯେଉଁ ଔଷଧ ବା ଟିକା ପାଇଁ ପରାମର୍ଶ ଦେଉଛନ୍ତି ସେଥିରେ ମଧ୍ୟ ଗୋରୁ ସୁସ୍ଥ ହେଉ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ତେବେ କିଆଝର ପଞ୍ଚାୟତ ଅନ୍ତର୍ଗତ ଗୋଛାବାରି ଗ୍ରାମର ଲଡୁ ପରିଡାଙ୍କ ୨୨ଟି ଗୋରୁ ଏହି ରୋଗରେ ଆକ୍ରାନ୍ତ ହୋଇଥିବା ବେଳେ ଅଧିକାରୀ ମହାକୁଡଙ୍କ ୬ଟି, ଅଲେଖ ବାହୁକଙ୍କ ୨ଟି, ସୁବାସ ବେହେରାଙ୍କ ୧୫, ଟିକିନା ବେହେରାଙ୍କ ୨୫, ଦେବରାଜ ବେହେରାଙ୍କ ୨୫, ହାଡିଆ ବେହେରାଙ୍କ ୩୫, ଭ୍ରମର ବାରିକଙ୍କ ୨, ଦାମୋଦର ବେହେରାଙ୍କ ୨, ନନ୍ଦ ମହାକୁଡଙ୍କ ୨, ବସନ୍ତ ବେହେରାଙ୍କ ୫ ଗୋରୁ ସହ ଗ୍ରାମର ପ୍ରାୟ ଶତାଧିକ ଗୋରୁ ଆକ୍ରାନ୍ତ ହୋଇଥିବା ଜଣାପଡିଛି । ସେହିପରି ବଳଭଦ୍ର ପ୍ରସାଦ ପଞ୍ଚାୟତ ଗଉଡପାଟଣା ଗ୍ରାମର ପଦ୍ମନାଭ ବେହେରାଙ୍କ ଠାରୁ ପ୍ରକାଶ ଯେ ତାଙ୍କ ଗାଁ ଆଖପାଖ ଜାକେଲା, ବଳଭଦ୍ରପ୍ରସାଦ ଆଦି ଗ୍ରାମରେ ବହୁ ଗୋରୁ ଏହି ରୋଗରେ ଆକ୍ରାନ୍ତ ହୋଇ ଅସୁସ୍ଥ ହୋଇ ପଡୁଛନ୍ତି। ଉପଯୁକ୍ତ ଚିକିତ୍ସା ଅଭାବରୁ ତଥା ପ୍ରାଣୀଧନ ଚିକିତ୍ସାଧିକାରୀଙ୍କ ଅବହେଳା ଯୋଗୁ ଏହି ରୋଗର ନିରାକରଣ ହୋଇ ପାରୁ ନାହିଁ ବୋଲି ସେ କହିଥିଲେ । ତେବେ ଗୋଛାବାରି ଗ୍ରାମର ଲଡୁ ପରିଡା ଓ ବସନ୍ତ ବେହେରାଙ୍କଠାରୁ ପ୍ରକାଶ ଯେ, ଗାଈ ଗୋରୁଙ୍କ ମୁହଁ, ପିଠି ଓ ପେଟରେ ଘା ହେବା ସହ ଚକଡା ଚକଡା ହୋଇ ଫୁଲି ଘା ହୋଇ ଗାତ ହୋଇଯାଉଛି। ଏହି ଚିକିତ୍ସା ପାଇଁ ପ୍ରାଣୀଧନ କର୍ମଚାରୀଙ୍କୁ ଡାକିବାରେ ଗୋଟିଏ ଗୋଟିଏ ଇଞ୍ଜେକଶନ ପାଇଁ ଶହେ ଟଙ୍କା ଲେଖାଏ ନେଉଛନ୍ତି । ୫ଟି ଟିକା ଦେଲା ପରେ ମଧ୍ୟ କୌଣସି ସୁଫଳ ମିଳୁନାହିଁ ବୋଲି କହିଥିଲେ । ଗୋଟିଏ ଗୋଟିଏ ଗାଈ, ବଳଦ ପିଛା ହଜାରେ ଦୁଇ ହଜାର ଟଙ୍କା ଖର୍ଚ୍ଚ କରି ଥକି ପଡିଲେଣି । ଗୋରୁମାନେ ମରି ଯାଉଥିବାରୁ ଗରିବ ଚାଷୀମାନେ ଏବେ ଆତଙ୍କିତ ହୋଇ ପଡିଛନ୍ତି। ଅପରପକ୍ଷେ ଗତ ୫ଦିନ ହେବ ଗଡିଆସାହି ଗ୍ରାମର ଚରଣ ଦଳାଇ ଓ କୋଟପୋଖରୀ ଗ୍ରାମର ଜଣେ ଚାଷୀଙ୍କ ୨ଟି ଗାଈ ବାଛୁରୀ ଏହି ରୋଗରେ ପ୍ରାଣ ହରାଇଥିବା ଅଭିଯୋଗ ହେଉଛି ।

■ ଆମ୍ବ ଡାଳ ପଡି ଛାତ୍ର ମୃତ୍ୟୁ ଘଟଣା

# ସ୍କୁଲକୁ ଆସିଲେନି ଅର୍ଦ୍ଧାଧିକ ଛାତ୍ରୀଛାତ୍ର

## ଅଗ୍ନି ସେବା ବାହିନୀଙ୍କ ଦ୍ୱାରା ଗଛରୁ ଡାଳ କଢାଗଲା

ନିରାକାରପୁର,୧୮।୧୦(ଡି.ଏନ.ଏ.)

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତସ୍ଥିତ କ୍ଷେତ୍ରବାସୀ ଏକାଡେମୀ ସ୍କୁଲ ପରିସରରେ ଗୁରୁବାର ଅପରାହ୍ନରେ ଆମ୍ବଡାଳ ପଡି ଜଣେ ୨ୟ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣା ନେଇ ଶୁକ୍ରବାର ଅର୍ଦ୍ଧାଧିକ ଛାତ୍ରୀଛାତ୍ର ସ୍କୁଲ ଆସି ନ ଥିବା ଜଣାପଡିଛି। ସ୍କୁଲର ୬୨୫ ପିଲାଙ୍କ ମଧ୍ୟରୁ ମାତ୍ର ୧୫୦ ମଧ୍ୟରେ ପିଲା ଆସିଥିଲେ। ଅଧିକାଂଶ ଶ୍ରେଣୀଗୁଡିକ ବନ୍ଦ ରହିଥିଲା। ଅନ୍ୟପକ୍ଷେ ଜିଲା ପ୍ରଶାସନ ନିର୍ଦ୍ଦେଶ କ୍ରମେ ଟାଙ୍ଗୀ ଦମକଳ ବାହିନୀ ଉକ୍ତ ସ୍କୁଲ ପରିସରରେ ପହଞ୍ଚି ସେଠାରେ ଥିବା ଆମ୍ବ ଗଛରୁ ଫନୀ ବାତ୍ୟା ବେଳୁ ଭାଙ୍ଗି ଲାଗି ରହିଥିବା ବିରାଟ ଡାଳ ଗୁଡିକୁ ତଳକୁ କାଢି ମେଶିନରେ କାଟି ସାଇଜ କରି ରଖିଥିଲେ।

ସୂଚନାଯୋଗ୍ୟ, ସ୍କୁଲର ମଧ୍ୟାହ୍ନଭୋଜନ ବେଳେ ପିଲାମାନେ ସ୍କୁଲ ପରିସରରେ ଥିବା ଆମ୍ବଗଛ ମୂଳେ ଖେଳୁଥିଲେ। ଦ୍ୱିତୀୟ ଶ୍ରେଣୀ ଛାତ୍ର ରିତେଶ ପ୍ରଧାନ(୭) ମଧ୍ୟ ସେଠାରେ ଖେଳୁଥିଲେ। ପରେ ଅନ୍ୟ ପିଲାମାନଙ୍କ ସହ ରିତେଶ ଶ୍ରେଣୀକୁ ଫେରି ଯାଉଥିବାବେଳେ ଆମ୍ବଗଛ ମୂଳେ ଚପଲ ଛାଡି ଯାଇଥିବାରୁ ଫେରି ଆସିଥିଲେ। ସେହି ସମୟରେ ଗଛରେ ଭାଙ୍ଗି ଲାଖି ରହିଥିବା ଶୁଖିଲା ଆମ୍ବ ଡାଳଟି ତାଙ୍କ ଉପରେ ପଡି ଯାଇଥିଲା। ଫଳରେ ରିତେଶଙ୍କ ମୃତ୍ୟୁ ଘଟିଥିଲା । ଏହାକୁ ନେଇ ସ୍କୁଲ ପରିସରରେ ଚାପା ଉତ୍ତେଜନା ଲାଗି ରହିବା ସହିତ ଅଭିଭାବକମାନେ ଶିକ୍ଷକମାନଙ୍କୁ ତାଲାପକାଇ ଅଟକ ରଖିଥିଲେ । ମୃତଦେହ ରଖି ସ୍କୁଲ ସମ୍ମୁଖରେ ଲୋକେ କ୍ଷତିପୂରଣ ଦାବିରେ ଧାରଣା ଦେଇଥିଲେ। ଏହି ଘଟଣାରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ଜିଲା ଶିକ୍ଷା ବିଭାଗ ପକ୍ଷରୁ ନିଲମ୍ବିତ କରାଯାଇଥିଲା। ଜିଲା ପ୍ରଶାସନ,ପୋଲିସ ପ୍ରଶାସନ, ଶିକ୍ଷା ବିଭାଗୀୟ ଅଧିକାରୀ, ବୁଦ୍ଧିଜୀବୀଙ୍କ ହସ୍ତକ୍ଷେପ ପରେ ଗୁରୁବାର ରାତି ପ୍ରାୟ ୯ଟା ୩୭ ମିନିଟରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ପ୍ରଶାସନ ପକ୍ଷରୁ କ୍ଷତିପୂରଣ ଦିଆଯିବାର ପ୍ରତିଶ୍ରୁତି ଦିଆଯାଇଥିଲା।


ଓଡ୍ରାଫ୍ ଟିମ୍ ଆମ୍ବ ଗଛରୁ ଫନୀରେ ଭାଙ୍ଗିପଡ଼ିଥିବା ଡାଳ କାଢ଼ି କାଟୁଛନ୍ତି।

■ ଜାଲ୍ ଦଲିଲରେ ପଟ୍ଟା ପ୍ରଦାନ ଘଟଣା

# ପଦୋନ୍ନତିରେ ଯିବେ ଅତିରିକ୍ତ ତହସିଲଦାର

ରଣପୁର,୧୮।୧୦(ସ୍ୱ.ପ୍ର.)


COLLECTORATE, NAYAGARH
(Establishment Section)

V(A)-73/2019 Office Order No. 1719 //Estt. Dt. 18-10-2019

In pursuance of Notification No.26039/R&DM dated 31.08.2019 of Government in Revenue and Disaster Management, Department Odisha, Bhubaneswar, Shri Manas Ray, ORS Addl. Tahasildar, Ranpur is hereby relieved of his duties with effect from 31.10.2019 (AN) in ordered to join at his new place of posting as Assistant Collector, Collectorate, Jharsuguda with immediate effect.

By Order of Collector, Nayagarh
Addl. District Magistrate
Nayagarh.

Memo No. 1720 //Estt. Dt. 18-10-2019.
Copy to person.. concerned for information and necessary action.

Addl. District Magistrate
Nayagarh.

Memo No. 1721 //Estt. Dt. 18-10-2019.
Copy to Sub-Collector, Nayagarh/ Tahasildar, Ranpur for information and necessary action.

Addl. District Magistrate
Nayagarh.

Memo No. 1722 //Estt. Dt. 18-10-2019.
Copy submitted to the Secretary to RDC (CD) Odisha, Cuttack/Board of Revenue, Odisha, Cuttack/ Joint Secretary to Govt. R & DM Department, Odisha, Bhubaneswar/ Collector, Jharsuguda for information and necessary action.

Addl. District Magistrate
Nayagarh.

ରଣପୁର ତହସିଲରେ ୫-ଟି ବାଟବଣା ହୋଇପଡିଥିବା ଅଭିଯୋଗ ହେଉଛି । ଏଠାରେ ଦୁର୍ନୀତି ମାମଲାରେ ଛନ୍ଦି ହୋଇଥିବା ଅଫିସରଙ୍କୁ ପଦୋନ୍ନତି ମିଳିଥିବାରୁ ସରକାରଙ୍କୁ ସମାଲୋଚନା କରାଯାଉଛି । ଜାଲ ଦଲିଲ୍‌ରେ ପଟ୍ଟା ପ୍ରଦାନ ଘଟଣାରେ ଛନ୍ଦି ହୋଇ ପଡିଥିବା ରଣପୁର ଅତିରିକ୍ତ ତହସିଲଦାର ମାନସ ରାୟଙ୍କୁ ଝାରସୁଗୁଡା ଜିଲାର ସହକାରୀ ଜିଲାପାଳ ଭାବେ ପଦୋନ୍ନତି ମିଳିଛି। ଏଥିନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

ସୂଚନାଯୋଗ୍ୟ, ରଣପୁର ତହସିଲ ବାଙ୍କପୁର ଗାଁର ଜଣେ ବ୍ୟକ୍ତିଙ୍କ ସମସ୍ତ ସମ୍ପତ୍ତିକୁ ତାଙ୍କ ବଡପୁଅ ବିପିନ କୁମାର ରାୟ ଜାଲିଆତି କରି ନିଜ ନାଁରେ କରାଇ ନେଇଥିଲେ । ଏହା ସାନ ପୁଅ ବିଜିନି କୁମାର ରାୟ ଜାଣିବା ପରେ ସେ ତଦନ୍ତ ପାଇଁ ଅଭିଯୋଗ କରିଥିଲେ। ଜମି ଜାଲିଆତିର ତଦନ୍ତ କରାଯାଇ ଜାଲିଆତି ଜମି ପଟ୍ଟା ଖାରଜ ହୋଇଥିଲା। ତହସିଲରେ ଜାଲ ଦଲିଲରେ ପଟ୍ଟା ପ୍ରଦାନ କରିଥିବା ପ୍ରମାଣ ମିଳିବା ପରେ ତହସିଲ ପକ୍ଷରୁ ଜମି ପଟ୍ଟା ଖାରଜ କରାଯାଇ ନୂଆ ପଟ୍ଟା ପ୍ରଦାନ କରାଗଲା । ହେଲେ ଜାଲ ଦଲିଲରେ ସଂପୃକ୍ତ ଥିବା ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। ଫଳରେ ଅଭିଯୋଗକାରୀ ହାଇକୋର୍ଟରେ ଆଶ୍ରୟ ନେଇଥିଲେ । ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ପୋଲିସ ଜାଲ ଦଲିଲରେ ପଟ୍ଟା କରିଥିବା ମୁଖ୍ୟ ଅଭିଯୁକ୍ତ ବାଙ୍କପୁରର ବିପିନ କୁମାର ରାୟ, ରଣପୁର ଅତିରିକ୍ତ ତହସିଲଦାର ମାନସ ରାୟଙ୍କ ସମେତ ରଣପୁର ତହସିଲର ଅନ୍ୟ ଜଣେ କର୍ମଚାରୀଙ୍କ ନାଁରେ ୪୬୫, ୪୬୭, ୪୬୮, ୪୭୭(ଏ), ୪୨୦, ୨୯୪, ୫୦୬, ୧୨୦(ବି) ଆଇପିସି ଦଫାରେ ଗତ ସେପ୍ଟେମ୍ବର ୫ତାରିଖରେ ୧୮୭/୧୯ରେ ମାମଲା ରୁଜୁ କରିଥିଲା । ଏହି ଘଟଣାରେ ଗତ ୧୧ ତାରିଖରେ ରଣପୁର ଅତିରିକ୍ତ ତହସିଲଦାର ମାନସଙ୍କୁ ଅଟକ ରଖିଥିଲା । ତେବେ ୪ ଘଣ୍ଟା ପଚରାଉଚୁରା ପରେ ବିଳମ୍ବିତ ରାତିରେ ଛାଡିଦେଇଥିଲା । ଅନ୍ୟପକ୍ଷେ ଜାଲ ଦଲିଲ୍‌ରେ ପଟ୍ଟା ପ୍ରଦାନ ଘଟଣାରେ ରଣପୁର ଥାନା ପୋଲିସ ଲୋଧାଚୁଆ ଆରଆଇ ବିରୂପାକ୍ଷ ବିଶ୍ୱାଳ ଓ ମୁଖ୍ୟ ଅଭିଯୁକ୍ତ ବିପିନଙ୍କୁ ଗତ ୧୧ ତାରିଖରେ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଅତିରିକ୍ତ ତହସିଲଦାରଙ୍କ ପଦୋନ୍ନତି ସମ୍ପର୍କରେ ନୟାଗଡ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ କୁହନ୍ତି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ୩୧ ତାରିଖ ସୁଦ୍ଧା ରଣପୁର ଅତିରିକ୍ତ ତହସିଲଦାରଙ୍କୁ ରିଲିଭ୍ କରାଯିବ । ଏନେଇ ଅତିରିକ୍ତ ତହସିଲଦାରଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି ।

### ଜାତୀୟ କୃଷି ବଜାର ପ୍ରଶିକ୍ଷଣ ଶିବିର

ଦାରିଙ୍ଗବାଡ଼ି,୧୮।୧୦(ଡି.ଏନ୍.ଏ.)

ଦାରିଙ୍ଗବାଡ଼ି ଉପବଜାର ପ୍ରାଙ୍ଗଣରେ ଟିକାବାଲି ନିୟନ୍ତ୍ରିତ ବଜାର କମିଟି ରାଇକିଆ, କନ୍ଧମାଳ ତରଫରୁ ଓ ଆଞ୍ଚଳିକ ହଳଦୀଚାଷୀ ମହାସଂଘ ସହଯୋଗରେ ଦାରିଙ୍ଗବାଡ଼ି ସମେତ ଅନ୍ୟାନ୍ୟ ବ୍ଲକର ହଳଦୀଚାଷୀଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ହଳଦୀଚାଷୀମାନେ କେମିତି ଉନ୍ନତ କିସମର ଚାଷ କରିବେ, ଆଧୁନିକ ପ୍ରଣାଳୀ ବ୍ୟବହାର କରିବା, ଅଧିକରୁ ଅଧିକ ହଳଦୀଚାଷ କରିବେ ଏବଂ ହଳଦୀ କିଲୋ ପ୍ରତି ୧୦୦ରୁ ୧୨୦ କରାଯିବା ଏବଂ ଆଞ୍ଚଳିକ ହଳଦୀଚାଷୀ ମହାସଂଘ ଜରିଆରେ କସମ୍‌ରେ ନାମ ପଞ୍ଜୀକରଣ କରିବେ, ହଳଦୀକୁ ଜିଆଇ ମାନ୍ୟତା ପ୍ରଦାନ କରାଯିବା ନେଇ ଆଲୋଚନା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଶିବିରରେ ପ୍ରତ୍ୟେକ ପଞ୍ଚାୟତରୁ ୨ରୁ ୩ଜଣ ଚାଷୀ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ରାଜେନ୍ଦ୍ର କୁମାର ରଣଜିତ, ଉପଜିଲାପାଳ ବାଲିଗୁଡ଼ା ସମ୍ମାନିତ ଅତିଥି ତହସିଲଦାର, ବାଲିଗୁଡ଼ା, ରାଜ୍ୟ ସଂଯୋଜିକା ପ୍ରଶନଜିତ୍ ଶାହା, ଉପାଧ୍ୟକ୍ଷ ପଦ୍ମଚରଣ ପଣ୍ଡା, ସମ୍ପାଦକ ସୁରେଶ ବେହେରା, ଆଞ୍ଚଳିକ ହଳଦୀଚାଷୀ ମହାସଂଘ ସମ୍ପାଦକ ବୁଲୁ ଡ଼ିଗଲ ପ୍ରମୁଖ ଯୋଗ ଦେଇଥିଲେ।

# ଚା' ଖଟିରେ କନ୍ଧମାଳ ଏମ୍‌ପି

## ମେଡିକାଲ୍ କଲେଜ ପ୍ରତିଷ୍ଠା ଘୋଷଣାନେଇ ମିଠା ବାଣ୍ଟିଲେ

ଦାରିଙ୍ଗବାଡ଼ି, ୧୮।୧୦(ଡି.ଏନ.ଏ.)

ଦାରିଙ୍ଗବାଡ଼ି ଚାରିଛକଠାରେ ଥିବା ଏକ ଚା' ଦୋକାନରେ ଶୁକ୍ରବାର ଅପରାହ୍ନରେ ପହଞ୍ଚିଥିଲେ କନ୍ଧମାଳ ଏମ୍‌ପି ଡ. ଅଚ୍ୟୁତ ସାମନ୍ତ। ଦାରିଙ୍ଗବାଡିରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ଭୁବନେଶ୍ୱର ଫେରିବାବେଳେ ସେ ଏଠାରେ ପହଞ୍ଚିଥିଲେ। ଏମ୍‌ପି ସାମନ୍ତ ରାଜ୍ୟ ସରକାର ଫୁଲବାଣୀଠାରେ ମେଡିକାଲ୍ କଲେଜ ପ୍ରତିଷ୍ଠା କରିବାକୁ ଘୋଷଣା କରିଥିବା ନେଇ ଉପସ୍ଥିତ ଲୋକଙ୍କୁ ଜଣାଇବା ସହ ସେହି ଖୁସିରେ ମିଠା ବାଣ୍ଟିଥିଲେ। କିଛି ସମୟ ସାଧାରଣ ଲୋକଙ୍କ ସହ ସେଠାରେ ବିଭିନ୍ନ ବିଷୟରେ ଆଲୋଚନା କରି ଭୁବନେଶ୍ୱର ଫେରିଯାଇଥିଲେ।

ପ୍ରକାଶ ଯେ, ଚା' ଦୋକାନ ମାଲିକ ଶ୍ରୀତମ ପ୍ରଧାନ ଜନଜାତି ସମ୍ପ୍ରଦାୟର। ପୂର୍ବରୁ ତତ୍କାଳୀନ କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡା ଏଠାରେ ଆସି ଚା' ପିଇବା ସହ ଲୋକଙ୍କ ସହ ଆଲୋଚନା କରିଥିଲେ।

■ ନଡ଼ିଆ ଚାଷୀଙ୍କ ଉଦ୍‌ବେଗ

# ସାର୍ବଜନୀନ କରାଯାଉ କ୍ଷତିଗ୍ରସ୍ତଙ୍କ ତାଲିକା

## ବାତ୍ୟାରେ ଭାଙ୍ଗିଥିଲା ୧୦ ଲକ୍ଷରୁ ଊର୍ଦ୍ଧ୍ୱ ନଡ଼ିଆ ଗଛ

ପୁରୀ ଅଫିସ, ୧୮।୧୦

ବାତ୍ୟା ଫନୀକୁ ୫ ମାସ ପୂରିଗଲାଣି। ହେଲେ ଏ ପର୍ଯ୍ୟନ୍ତ ପୁରୀ ଜିଲାର କ୍ଷତିଗ୍ରସ୍ତ ସମସ୍ତ ନଡ଼ିଆ ଚାଷୀଙ୍କୁ କ୍ଷତିପୂରଣ ସହାୟତା ମିଳିନାହିଁ। ଏବେ ବି ଲୋକେ ଉଦ୍ୟାନ ବିଭାଗର ଦ୍ୱାରସ୍ଥ ହେଉଛନ୍ତି। ସରକାରୀ ବ୍ୟବସ୍ଥାକୁ ନେଇ ସେମାନେ ଉଦ୍‌ବେଗ ପ୍ରକାଶ କରିବା ସହ କ୍ଷତିଗ୍ରସ୍ତଙ୍କ ତାଲିକା ସାର୍ବଜନୀନ କରିବାକୁ ଦାବି କରିଛନ୍ତି। ତାଲିକା ସାର୍ବଜନୀନ କରାଯାଇ ନ ଥିବାରୁ ଅନେକ କ୍ଷତିଗ୍ରସ୍ତ ଚାଷୀ ଉଦ୍ୟାନ ବିଭାଗ କାର୍ଯ୍ୟାଳୟକୁ ଆସି ଫେରିଯାଉଛନ୍ତି ବୋଲି ଅଭିଯୋଗ କରିଛନ୍ତି।

ବାତ୍ୟାରେ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା ପୁରୀ ଜିଲା। ଜିଲାରେ ପ୍ରାୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ନଡ଼ିଆ ଗଛ ଭାଙ୍ଗି ଯାଇଥିଲା। ସରକାରଙ୍କ ପକ୍ଷରୁ କ୍ଷତିଗ୍ରସ୍ତ ନଡ଼ିଆ ଚାଷୀଙ୍କୁ ସହାୟତା ରାଶି ପ୍ରଦାନ କରାଯିବା ପାଇଁ ସର୍ଭେ କରାଯାଇଥିଲା। ଗୋଟିଏ ନଡ଼ିଆ ଗଛ ପିଛା ୫୦୦ ଟଙ୍କା ଏବଂ ଜଣେ ଚାଷୀଙ୍କୁ ସର୍ବାଧିକ ୨୫ଟି ଗଛର ସହାୟତା ରାଶି ଦେବା ପାଇଁ ସରକାର ଘୋଷଣା କରିଥିଲେ। ଯଦିଓ ଅନେକ ଚାଷୀଙ୍କର ଶହ ଶହ ଗଛ ଭାଙ୍ଗିଥିଲା ତଥାପି ସେମାନେ ଏହାକୁ ଗ୍ରହଣ କରି ନେଇଥିଲେ। ସର୍ଭେ କରାଗଲା, କିନ୍ତୁ ଏ ପର୍ଯ୍ୟନ୍ତ ସମସ୍ତ ଚାଷୀଙ୍କୁ ସହାୟତା ରାଶି ପ୍ରଦାନ କରାଗଲା ନାହିଁ। ଏମିତି କି, କ୍ଷତିଗ୍ରସ୍ତଙ୍କ ତାଲିକା ସାର୍ବଜନୀନ କରାଯାଇ ନ ଥିବାରୁ ଚାଷୀଙ୍କୁ କାର୍ଯ୍ୟାଳୟକୁ ଆସି ଫେରିବାକୁ ପଡୁଛି ବୋଲି କହିଛନ୍ତି ସଦର ବ୍ଲକ ଭିକାରୀପଡ଼ାର ଗଗନ ବିହାରୀ ପ୍ରଧାନ। ତାଙ୍କ କହିବା କଥା ହେଉଛି, ସର୍ଭେ ସମୟରେ କ୍ଷତିଗ୍ରସ୍ତ ଚାଷୀଙ୍କ ଆଧାରକାର୍ଡ ଏବଂ ବ୍ୟାଙ୍କ ଆକାଉଣ୍ଟ ନମ୍ବର ଦିଆଯାଇଥିଲା। ପୁନଶ୍ଚ କ୍ଷତିଗ୍ରସ୍ତଙ୍କ ଡକ୍ୟୁମେଣ୍ଟ ଯାଞ୍ଚ କରାଯିବ ବୋଲି କୁହାଗଲା। ବାଲିଗୁଆଳିସ୍ଥିତ ଉଦ୍ୟାନ କୃଷି ବିଭାଗ ଫାର୍ମରେ ଏହି ଯାଞ୍ଚ କରାଯାଉଛି। ଶୁକ୍ରବାର ଶତାଧିକ ଲୋକ ଦୂରଦୂରାନ୍ତରୁ ଆସିଥିଲେ। କିନ୍ତୁ ଏଠାରେ ପହଞ୍ଚିବା ପରେ ତାଲିକାରେ ସେମାନଙ୍କ ନାଁ ନ ଥିବା ଜାଣିବା ପରେ ପୁଣି ଫେରୁଛନ୍ତି, ଯାହାକି ଠିକ୍ ନୁହେଁ। ଘରଭଙ୍ଗା କ୍ଷୟକ୍ଷତି ତାଲିକା ଯେଉଁଭଳି ପ୍ରତି ପଞ୍ଚାୟତରେ ମରାଗଲା କ୍ଷତିଗ୍ରସ୍ତ ନଡ଼ିଆ ଚାଷୀଙ୍କ ତାଲିକା ସେହିପରି ମରାଯାଇଥିଲେ ଲୋକେ ଆସି ଫେରିକି ଯାଇ ନ ଥାନ୍ତେ। କାହିଁକି ବିଭାଗ ପକ୍ଷରୁ ତାଲିକା ଲଗାଯାଇ ନାହିଁ, ଏଥିରେ କିଛି ମନ୍ଦ ଉଦ୍ଦେଶ୍ୟ ରହିଛି ବୋଲି ସେ କହିଛନ୍ତି। ଶୁକ୍ରବାର ଫାର୍ମରେ ରାତି ପର୍ଯ୍ୟନ୍ତ ପ୍ରାୟ ୪୦/୫୦ ଲୋକ ଡକ୍ୟୁମେଣ୍ଟ ଯାଞ୍ଚ ପାଇଁ ଅପେକ୍ଷା କରିଥିବା ଗଗନ ବିହାରୀ କହିଛନ୍ତି।

ତେବେ ଏ ସମ୍ପର୍କରେ ଉପ ଉଦ୍ୟାନ କୃଷି ନିର୍ଦ୍ଦେଶକ ନବକିଶୋର ତାଡ଼ଙ୍କୁ ପଚାରିବାରେ ତାଲିକା ଲଗାଇବାରେ କୌଣସି ଆପତ୍ତି ନାହିଁ। ତେବେ ସର୍ଭେ ସମୟରେ ଯେଉଁ ତଥ୍ୟ ସଂଗ୍ରହ କରାଯାଇଥିଲା ତାହାକୁ ପୁନଃ ଯାଞ୍ଚ କରିବା ଲାଗି କ୍ଷତିଗ୍ରସ୍ତ ଚାଷୀଙ୍କୁ ଡକାଯାଉଛି। କାହାର ଯଦି କୌଣସି ଅଭିଯୋଗ ଅଛି ସେମାନେ ଜଣାଇପାରିବେ।

# ଘରକୁ ଫେରିଗଲେଣି ୫ ହବିଷିଆଳି

ପୁରୀ ଅଫିସ, ୧୮।୧୦

ସରକାରଙ୍କ ପକ୍ଷରୁ ହବିଷିଆଳି ଯୋଜନାରେ ପ୍ରାୟ ଅଢେଇ ହଜାରରୁ ଊର୍ଦ୍ଧ୍ୱ ହବିଷିଆଳି ପୁରୀରେ ରହି କାର୍ତ୍ତିକ ବ୍ରତ ପାଳନ କରୁଛନ୍ତି। ସେମାନଙ୍କ ରହିବା, ଖାଇବା, ସ୍ୱାସ୍ଥ୍ୟ ସାଙ୍ଗକୁ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ତଥାପି ବ୍ୟକ୍ତିଗତ ସମସ୍ୟା ଯୋଗୁ ହେଉ ଅବା ସ୍ୱାସ୍ଥ୍ୟଜନିତ କାରଣରୁ ହବିଷିଆଳି ଘରକୁ ଯିବାକୁ ବାଧ୍ୟ ହେଉଛନ୍ତି। ଶୁକ୍ରବାର ଜଣେ ହବିଷିଆଳିଙ୍କ ସମେତ ମୋଟ ୫ ଜଣ ଆଶ୍ରୟସ୍ଥଳ ଛାଡି ଘରକୁ ଫେରିଗଲେଣି। ଅସୁସ୍ଥତା ଯୋଗୁ ସମସ୍ତେ ଘରକୁ ଫେରିଥିବା ଜଣାପଡିଛି।

ରେଳୱେ ଟୁରିଷ୍ଟ କମ୍ପ୍ଲେକ୍ସରୁ ଶନିବାର ଖୋର୍ଦ୍ଧାର ମାହାଲୀ ଦେଈ (୭୬) ଅସୁସ୍ଥତା ଯୋଗୁ ଘରକୁ ଫେରିଯାଇଛନ୍ତି। ତାଙ୍କ ସମ୍ପର୍କୀୟ ପହଞ୍ଚି ତାଙ୍କୁ ସାଥୀରେ ନେଇଯାଇଛନ୍ତି। ସେହିପରି ଏହି ଆଶ୍ରୟସ୍ଥଳୀରୁ ବ୍ରହ୍ମଗିରି ଭଣ୍ଡାରୀକୁଦାର ଆଶା ଦେଈ ଗତ ୧୬ ତାରିଖରେ ଏବଂ ବ୍ରହ୍ମଗିରି ନୂଆପଡ଼ାର କୁନ୍ତଳା ସାହୁ ଗୁରୁବାର ଅସୁସ୍ଥତା ଯୋଗୁ ଘରକୁ ଫେରିଯାଇଛନ୍ତି। କଲ୍ୟାଣମଣ୍ଡପ ଆଶ୍ରୟସ୍ଥଳୀରୁ ନୟାଗଡ଼ର ରେଣୁବାଳା ମହାପାତ୍ର (୬୨) ଏବଂ ପିପିଲି ଅଠରଭାଗର ରଙ୍ଗବତୀ ବେୱା (୯୦) ଗତ ୧୪ ତାରିଖରେ ଫେରିଯାଇଛନ୍ତି। ଅସୁସ୍ଥତା ପରେ ଏମାନଙ୍କ ମଧ୍ୟରୁ କେତେଜଣ ହସ୍ପିଟାଲକୁ ଯାଇ ଚିକିତ୍ସିତ ହେବା ପରେ ତାଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ସମ୍ପର୍କୀୟ ପହଞ୍ଚିବା ପରେ ସେମାନଙ୍କୁ ସାଥୀରେ ନେଇଛନ୍ତି।

### ଗୁଜବ ପାଇଁ ଅଧିକାରୀ ନାକେଦମ୍

ମୋଚିସାହି ଛକସ୍ଥିତ ପୌର କଲ୍ୟାଣ ମଣ୍ଡପ ଆଶ୍ରୟସ୍ଥଳୀରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଥିଲା। ହବିଷିଆଳିଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଗୁଜବ ପାଇଁ ନାକେଦମ୍ ହୋଇଥିଲେ ଦାୟିତ୍ୱରେ ଥିବା ଅଧିକାରୀ। ପ୍ରତ୍ୟେକ ହବିଷିଆଳିଙ୍କ ପାଇଁ ସରକାର ୨ ହଜାର ଟଙ୍କା ଏବଂ ଖଣ୍ଡିଏ ଶାଢି ଦେଇଛନ୍ତି। ଅନ୍ୟ ଦୁଇ ଆଶ୍ରୟସ୍ଥଳୀର ହବିଷିଆଳିଙ୍କୁ ଏହା ମିଳିସାରିଲାଣି। ହେଲେ ସେମାନଙ୍କୁ ଏ ପର୍ଯ୍ୟନ୍ତ ଏହା ମିଳିନାହିଁ। ଏମିତି ଏକ ଗୁଜବ କଲ୍ୟାଣମଣ୍ଡପ ଆଶ୍ରୟସ୍ଥଳୀରେ ସୃଷ୍ଟି ହୋଇଥିଲା। କାନକୁ କାନ ଡେଇଁ ଏହି ଗୁଜବ ସମସ୍ତଙ୍କ ପାଖରେ ପହଞ୍ଚି ଯାଇଥିଲା। ଏହାକୁ ନେଇ ମେଳି ବାନ୍ଧିଥିଲେ ହବିଷିଆଳି। କାହିଁକି ଆମକୁ ଦେବ ନାହିଁ କହି ଧାରଣାରେ ବସିଥିଲେ। ଏହା ଦେଖି ଦାୟିତ୍ୱରେ ଥିବା ଅଧିକାରୀ ସେମାନଙ୍କୁ ପଚାରିଥିଲେ। ଘଟଣା ବିଷୟରେ ଶୁଣିବା ପରେ ଏଥିରେ କୌଣସି ସତ୍ୟତା ନାହିଁ, କେହି ଆପଣମାନଙ୍କୁ ମିଛ କଥା କହିଛି ବୋଲି କହିଥିଲେ। କିଛି ସମୟ ପରେ ଧାରଣାରୁ ଉଠି ଯାଇଥିଲେ ହବିଷିଆଳି।

### ସବୁ ଭଲ, କେବଳ ମଶା ଚିନ୍ତା

ସରକାର ସବୁ ସୁବିଧା କରିଛନ୍ତି। ଭଲରେ ରହୁଛୁ। ଠାକୁରଙ୍କୁ ପୂଜା କରୁଛୁ ଆଉ ମହାପ୍ରସାଦ ବି ସେବନ କରୁଛୁ। ସନ୍ଧ୍ୟାରେ ଭାଗବତ, ପ୍ରବଚନ ବି ଶୁଣୁଛୁ। ହେଲେ ସଞ୍ଜ ନଇଁଲେ ଆରମ୍ଭ ହୋଇଯାଉଛି ମଶାଙ୍କ ପ୍ରାଦୁର୍ଭାବ। ରାତିରେ କେମିତି ଶୋଇବୁ ସେହି ଚିନ୍ତା ଘାରୁଛି। ନରେନ୍ଦ୍ରକୋଣ ଆଶ୍ରୟସ୍ଥଳୀରେ ରହୁଥିବା ହବିଷିଆଳି ଏହା କହିଛନ୍ତି। ଏହି ଆଶ୍ରୟସ୍ଥଳୀର ଚତୁଃପାର୍ଶ୍ୱ ସନ୍ତସନ୍ତିଆ ଏବଂ ପାଣି ରହିଥିବାରୁ ପ୍ରବଳ ମଶା ହେଉଛନ୍ତି। ଦିନବେଳା ଏଠି ସେଠି ବସି ଗପସପରେ ସମୟ କଟିଯାଉଛି। ହେଲେ ସଞ୍ଜ ନଇଁଲେ ହବିଷିଆଳି ରହୁଥିବା ୱାର୍ଡ ପରିସରରେ ମଶାଙ୍କ ପ୍ରାଦୁର୍ଭାବ ବଢୁଛି। ପ୍ରଶାସନ ପକ୍ଷରୁ ମଶାଧୂଆଁ ଛଡାଯାଉଛି, କିନ୍ତୁ ଏହାର କିଛି ସମୟ ପରେ ଯେଉଁ କଥାକୁ ସେଇ କଥା ବୋଲି ହବିଷିଆଳି କହିଛନ୍ତି।


ପ୍ରବଚନ କାର୍ଯ୍ୟକ୍ରମରେ ଉପସ୍ଥିତ ହବିଷିଆଳିମାନେ।

### ଦେଖିଲେ ଦାସକାଠିଆ, ଶୁଣିଲେ ପ୍ରବଚନ

ସଞ୍ଜ ନଇଁବା ପୂର୍ବରୁ ଆଶ୍ରୟସ୍ଥଳୀର ଠାଏଁ ଠାଏଁ ମେଳି ହୋଇ ବସୁଛନ୍ତି ହବିଷିଆଳି। ମଝିରେ ତୁଳସୀ ଚଉରା ମୂଳେ ପୂଜା କରୁଛନ୍ତି। ତୁଳସୀ ଚଉରା ମୂଳେ ଆକାଶ ଦୀପ ଟାଣି ଠାକୁରଙ୍କ ପାଖରେ ପ୍ରାର୍ଥନା କରୁଛନ୍ତି। ଏହାପରେ ଧାଡି ହୋଇ ବସି ମହାପ୍ରସାଦ ସେବନ କରୁଛନ୍ତି। ପ୍ରଶାସନ ପକ୍ଷରୁ ଆଶ୍ରୟସ୍ଥଳୀଗୁଡ଼ିକରେ ଭାଗବତ, ପୁରାଣ, ପ୍ରବଚନ ବ୍ୟବସ୍ଥା କରାଯାଇଛି। ଶୁକ୍ରବାର ସନ୍ଧ୍ୟାରେ ନରେନ୍ଦ୍ରକୋଣ ଆଶ୍ରୟସ୍ଥଳୀରେ ପ୍ରବଚନ କାର୍ଯ୍ୟକ୍ରମ କରାଯାଇଥିବା ବେଳେ କଲ୍ୟାଣମଣ୍ଡପ ଏବଂ ରେଳୱେ ଟୁରିଷ୍ଟ କମ୍ପ୍ଲେକ୍ସ ଆଶ୍ରୟସ୍ଥଳୀର ଦାସକାଠିଆ କରାଯାଇଛି।